# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, April 3/2026 | Page 14 | ₹ 7.00

୫୨ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 128 | ମୂଲ୍ୟ ₹୭/-







କାର୍‌ଗୁଡ଼ିକ ଟାଙ୍କିରେ ଗ୍ୟାସ୍ ଭରିବା ପାଇଁ ଲସ୍ ଏଞ୍ଜେଲ୍ସର କୋଷ୍ଟକୋ ଗ୍ୟାସ୍ ଷ୍ଟେଶନ ଆଗରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଲୋକ ସଭା ଆସନ ୮୧୬କୁ ବଢ଼ିବ

## ୧୬ରୁ ୩ ଦିନ ପାଇଁ ପୁଣି ବଜେଟ ଅଧିବେଶନ

ନୂଆଦିଲ୍ଲୀ,୨।୪(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ସ୍ୱଳ୍ପକାଳୀନ ଅବକାଶ ପରେ ଏପ୍ରିଲ ୧୬ରୁ ପୁଣି ଚାଲିବ। ବିଶେଷକରି ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବା ସଂକ୍ରାନ୍ତ ବିଧେୟକକୁ ଏହି ସମୟରେ ଗୃହୀତ କରାଇବା ପାଇଁ



ସରକାର ଉଦ୍ୟମ କରିବେ। ମହିଳା ସଂରକ୍ଷଣ ଆଇନକୁ ଯଥାଶୀଘ୍ର ସମ୍ଭବ କାର୍ଯ୍ୟକାରୀ କରାଇବା ପାଇଁ ଆସନ ସଂଖ୍ୟା ବଢ଼ାଯାଉଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ୪ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇପାରନ୍ତି।

ସରକାର ମହିଳା ସଂରକ୍ଷଣ ବିଲ୍ ବା ନାରୀ ବନ୍ଦନ ଅଧିନିୟମ, ୨୦୨୩ରେ ସଂଶୋଧନ ସମେତ କେତେକ ବିଲ୍‌କୁ ଗୃହୀତ କରାଇବା ପାଇଁ ଆଗ୍ରହୀ। ତେବେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ରାଜନୈତିକ ଫାଇଦା ହାସଲ ପାଇଁ ଅତି ତରବରିଆ ଭାବେ ସଂଶୋଧନଗୁଡ଼ିକୁ ପାରିତ କରାଇବାକୁ ଉଦ୍ୟମ ଚଳାଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ ପ୍ରସ୍ତାବିତ ଆଇନଗୁଡ଼ିକ ପାଇଁ ଏହି ଅଧିବେଶନ ୩ ଦିନ ଚାଲିବ। ଏନେଇ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ଜଣାଇ ଦିଆଯାଇଛି। ପ୍ରଥମେ ମହିଳା ସଂରକ୍ଷଣ ବିଧେୟକ ଆଗତ କରାଯିବ। ରାଜ୍ୟ ସଭାରେ ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମ୍ବୋଧନ ବେଳେ ଏ ସଂକ୍ରାନ୍ତରେ ସଙ୍କେତ ଦେଇଥିଲେ। ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ, ବିଧାନସଭା ନିର୍ବାଚନ ଶେଷ ହେବା ପରେ ଏପ୍ରିଲ ୨୯ରେ ଏକ ସର୍ବଦଳୀୟ ବୈଠକ କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଆଦର୍ଶ ଆଚରଣ ବିଧି ଲାଗୁହେବା ସତ୍ତ୍ୱେ ସରକାର ଏହି ବିଲ୍‌ଗୁଡ଼ିକୁ ଆଣୁଥିବା ସେ ଅଭିଯୋଗ କରିଥିଲେ।

# ୭ ନ୍ୟାୟିକ ଅଧିକାରୀଙ୍କୁ ୯ ଘଣ୍ଟା ପଣବନ୍ଦୀ

## ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବିଭ୍ରାଟ

କୋଲକାତା,୨।୪

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଜାରି ରହିଥିବାବେଳେ ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଯିବା ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଏସ୍‌ଆଇଆର୍ ଯୋଗୁ ମାଲଦା ଜିଲାରେ ଯେଉଁମାନଙ୍କ ନାମ କଟିଯାଇଛି, ସେମାନଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତି ବୁଧବାର ଅପରାହ୍ନରେ କାଲିଆଚକରେ ୭ ନ୍ୟାୟିକ ଅଧିକାରୀଙ୍କୁ ଦୀର୍ଘ ୯ ଘଣ୍ଟା ଧରି ପଣବନ୍ଦୀ ରଖିଥିଲେ। ପଣବନ୍ଦୀ ଥିବା ଅଫିସରଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଗୁରୁବାର ରାତି ପ୍ରାୟ ୧ଟାରେ ପୋଲିସ ଓ ଅର୍ଦ୍ଧସାମରିକ ବଳର ଏକ ବଡ଼ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ହଟାଇବା ସହ ଜୁଡିସିଆଲ ଅଫିସରମାନଙ୍କୁ ଉଦ୍ଧାର କରିଥିଲେ। ଏଥିସହ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ।

ପଶ୍ଚିମବଙ୍ଗ ବିଧାନସଭାର ୨୯୪ ଆସନ ପାଇଁ ଏପ୍ରିଲ ୨୩ ଓ ୨୯ରେ ନିର୍ବାଚନ ହେବାକୁ ଥିବାରୁ ଜୁଡିସିଆଲ ଅଫିସରମାନେ ବର୍ତ୍ତମାନ ବିବାଦୀୟ ପ୍ରସଙ୍ଗର ସମାଧାନ କାର୍ଯ୍ୟ ଶେଷ ପାଇଁ ତତ୍ପରତା ଦେଖାଉଛନ୍ତି। ମାଲଦାରେ ଅନେକ ଭୋଟରଙ୍କ ନାମ କଟିଯାଇଥିବାରୁ ବୁଧବାର ଏକ ବଡ଼ ବିକ୍ଷୋଭ କରାଯାଇଥିଲା। ଭୋଟରଙ୍କ ଏକ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଚାରବିଭାଗୀୟ ଅଧିକାରୀମାନଙ୍କୁ ପଣବନ୍ଦୀ କରି ରଖିଥିଲେ। ରିପୋର୍ଟ ଅନୁଯାୟୀ ନ୍ୟାୟିକ ଅଧିକାରୀମାନଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରି ଅନ୍ୟତ୍ର ନିଆଯାଉଥିବାବେଳେ ସେମାନଙ୍କ ଗାଡ଼ିକୁ ଆକ୍ରମଣ ଉଦ୍ୟମ ହୋଇଥିଲା। ଏପରି କି ଉତ୍ୟକ୍ତ ଲୋକଙ୍କ ଟେକାମାଡ଼ରେ ଏକ କାର୍‌ର କାଚ ଭାଙ୍ଗିଯାଇଥିବା ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳିଛି। ନିର୍ବାଚନ କମିଶନ (ଇସି) ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ଏହି ଅଭାବନୀୟ ଘଟଣା ପାଇଁ ବିରୋଧୀ ଭାଜପା ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରିଛି। କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗ ଭାଜପାର ପୂର୍ବତନ ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି, ଏସ୍‌ଆଇଆର୍ ବିବାଦ ଉପରେ ଇସିଙ୍କ ବିରୋଧରେ ଟିଏମ୍‌ସି ନେତାମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବାରୁ ଏହାର ଫଳସ୍ୱରୂପ ନ୍ୟାୟିକ ଅଧିକାରୀମାନଙ୍କୁ ଏପରି ହଇରାଣ ହେବାକୁ ପଡ଼ିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସୁକାନ୍ତ ଆହୁରି କହିଛନ୍ତି, ଏସ୍‌ଆଇଆର୍ ଏକ ସର୍ବଭାରତୀୟ ପ୍ରକ୍ରିୟା। କିନ୍ତୁ ଅନ୍ୟ ରାଜ୍ୟରେ ଏପରି କି ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ମଧ୍ୟ ଏଭଳି ଅରାଜକତା ଦେଖିବାକୁ ମିଳୁନାହିଁ। ପଶ୍ଚିମବଙ୍ଗରେ ଶାସକ ଦଳ ଓ ରାଜ୍ୟ ପ୍ରଶାସନ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଆରମ୍ଭରୁ ବିରୋଧ କରିଆସିଥିବାରୁ ଏଠାରେ ଏପରି ବ୍ୟତିକ୍ରମ ଘଟୁଛି। ଏହାର ଜବାବରେ ଟିଏମ୍‌ସି କହିଛି, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ନ୍ୟାୟିକ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ଇସିଙ୍କ ଦାୟିତ୍ୱ। ଶାସକ ଦଳ ଆଇନ ହାତକୁ ନେବାରେ ବିଶ୍ୱାସ କରେନାହିଁ। ତେବେ ଭୋଟର ତାଲିକାରୁ ବହୁସଂଖ୍ୟକ ମତଦାତାଙ୍କ ନାମ ବାଦ୍ ଦିଆଯାଇଥିବାରୁ ଆମେ ଏହାର ବିରୋଧ କରୁଛୁ ବୋଲି ଟିଏମ୍‌ସି ସାଧାରଣ ସମ୍ପାଦକ ତଥା ବେଲେଘାଟା ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ହୋଇଥିବା କୁନାଲ ଘୋଷ କହିଛନ୍ତି।



ମାଲଦାରେ ଲୋକେ ପଣବନ୍ଦୀ କରି ରଖିଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଅର୍ଦ୍ଧସାମରିକ ବଳ ଉଦ୍ଧାର କରି ନେଉଛି।

### ରାଷ୍ଟ୍ରପତି ଶାସନ ପାଇଁ ଷଡ଼ଯନ୍ତ୍ର କରୁଛି ଭାଜପା: ମମତା



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ମାଲଦା ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହ ଜୁଡିସିଆଲ ଅଫିସରଙ୍କୁ ଘେରାଉ ପାଇଁ ଭାଜପା ଏବଂ ନିର୍ବାଚନ କମିଶନଙ୍କୁ ଦାୟୀ କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ମୁର୍ଶିଦାବାଦର ସୁତି ଓ ସାଗରଡ଼ିହିରେ ପ୍ରଚାରବେଳେ କହିଛନ୍ତି, ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଅସମୟରେ ରାଷ୍ଟ୍ରପତି ଶାସନ ଜାରି କରାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଘଟଣାର ଷଡ଼ଯନ୍ତ୍ର ରଚିଥିଲେ। ତେବେ ଘଟଣା ଘଟିବାବେଳେ କେହି ତାଙ୍କୁ ଏନେଇ ଅବଗତ କରାଇ ନ ଥିବା ମମତା କହିଛନ୍ତି।

# ସିବିଆଇ/ଏନ୍‌ଆଇଏ ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୪(ପି.ଟି./ଲାଇଭ୍ ଲ)

ପଶ୍ଚିମବଙ୍ଗ ମାଲଦା ଜିଲାର ଏକ ସରକାରୀ ଅଫିସରେ ୭ ନ୍ୟାୟିକ ଅଧିକାରୀଙ୍କୁ କରାଯିବା ଉପରେ ଗୁରୁବାର ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା କେବଳ ଭୋଟର ତାଲିକାର ଏସ୍‌ଆଇଆର୍‌କୁ ଭଣ୍ଡୁର କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ସର୍ବୋଚ୍ଚ ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ସଦୃଶ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଆର୍ ସମ୍ପର୍କିତ ବିବାଦ ଏବଂ ଭୋଟରଙ୍କ ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରୂପେ ଅନେକ ଶହ ଜୁଡିସିଆଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଅଟକ ରଖାଯିବା ଘଟଣା ପୋଲିସ ପ୍ରଶାସନର ସମ୍ପୂର୍ଣ୍ଣ ବିଫଳତାକୁ ପଦାରେ ପକାଇଛି ବୋଲି ଅଦାଲତ ଭର୍ତ୍ସନା କରିଛନ୍ତି। ଏଥିସହ ଘଟଣାର ତଦନ୍ତ ସିବିଆଇ କିମ୍ବା ଏନ୍‌ଆଇଏ ଦ୍ୱାରା କରାଇବାକୁ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛନ୍ତି। ରାଜ୍ୟ ଗୃହ ସଚିବ, ଡିଜିପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ସେମାନଙ୍କ ନିଷ୍କ୍ରିୟତା ଉପରେ ଜବାବ ମାଗିଛନ୍ତି। ସିଜେଆଇ ସୂର୍ଯ୍ୟ କାନ୍ତ ଏହା ଉପରେ ଜରୁରୀ ଶୁଣାଣି ବେଳେ କହିଛନ୍ତି, ନ୍ୟାୟିକ ଅଧିକାରୀମାନଙ୍କୁ ଦୀର୍ଘ ସମୟ ଧରି ପଣବନ୍ଦୀ ରଖାଯିବାବେଳେ

### ଏସ୍‌ଆଇଆର୍‌କୁ ଭଣ୍ଡୁର, ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ଉଦ୍ୟମ: ସିଜେଆଇ



ରାଜନେତାମାନେ କ'ଣ କରୁଥିଲେ। ସେମାନେ କ'ଣ ଘଟଣାସ୍ଥଳକୁ ଯାଇ ସ୍ଥିତି ଶାନ୍ତ କରାଇପାରି ନ ଥାଆନ୍ତେ? ଅପରାହ୍ନ ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅଟକ ଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଶେଷରେ ପୋଲିସ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଥିବାବେଳେ ସେମାନଙ୍କ ଉପରକୁ ଟେକାମାଡ଼ କରାଯିବା ଏକ ଯୋଜନାବଦ୍ଧ ଓ ପ୍ରାୟୋଜିତ ଘଟଣା। ରାଜନେତାମାନେ ଶାସକ ଦଳର ହୁଅନ୍ତୁ କି ବିରୋଧୀ, ଏହି ଘଟଣାକୁ ଏକ ସ୍ୱରରେ ନିନ୍ଦା କରିବା ଜରୁରୀ। ଜୁଡିସିଆଲ ଅଫିସରମାନଙ୍କ ଅର୍ଡରକୁ ସୁପ୍ରିମକୋର୍ଟଙ୍କ ରାୟ ବୋଲି ଗ୍ରହଣ କରାଯିବା ଆବଶ୍ୟକ। ପଶ୍ଚିମବଙ୍ଗ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଜୁଡିସିଆଲ ଅଫିସରମାନଙ୍କ ଜୀବନ, ସ୍ୱାଧୀନତା ଓ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ବଳ ମଗାଇବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବା ଉଦ୍ୟମରେ ସାମିଲ ହେଲା ଭାରତ

ନୂଆଦିଲ୍ଲୀ,୨।୪

ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ପୁନର୍ବାର ଖୋଲିବା ଉଦ୍ୟମରେ ୬୦ରୁ ଊର୍ଦ୍ଧ୍ୱ ଦେଶ ଏକାଠି ହୋଇଥିବାବେଳେ ବ୍ରିଟେନ୍‌ର ଆମନ୍ତ୍ରଣକ୍ରମେ ଭାରତ ସେଥିରେ ସାମିଲ ହୋଇଛି। ବୈଠକରେ ଭାରତର ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ତ୍ରି ଯୋଗ ଦେଇଛନ୍ତି।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ସାରା ବିଶ୍ୱରେ ତୈଳ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଉକ୍ତ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ସୁନିଶ୍ଚିତ କରାଇବା ଉପରେ ଆଲୋଚନା ପାଇଁ ବ୍ରିଟେନ୍ ପକ୍ଷରୁ ଭାରତ ସମେତ ଅନେକ ଦେଶଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମିସ୍ତ୍ରି ଭର୍ଚୁଆଲ୍ ମୋଡ୍‌ରେ ଯୋଗଦେଇ ନୂଆଦିଲ୍ଲୀର ଆଭିମୁଖ୍ୟ ଉପସ୍ଥାପନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# କଂଗ୍ରେସ ଇସ୍ତାହାରରେ ୧୧ ସଂକଳ୍ପନାମା

### ଆସାମ ନିର୍ବାଚନ ପାଇଁ ଜାରିକଲେ ରାହୁଲ

ବୋକାଜାନ୍,୨।୪

ଆସାମ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଦଳର ଇସ୍ତାହାର ଜାରି କରିଛନ୍ତି। ସେଥିରେ ୧୧ଟି ସଂକଳ୍ପନାମା ରହିଛି। ଶାସନ, ପରିଚୟ, ଭିତ୍ତିଭୂମି ବିକାଶ, ଉଦ୍ୟୋଗୀକରଣ, କୃଷି, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବା ଏବଂ ଆସାମର ସୁରକ୍ଷା ଆଦି ୧୧ଟି ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଛି। ବୋକାଜାନ୍‌ଠାରେ ଏକ ନିର୍ବାଚନୀ ରାଲିରେ ରାହୁଲଙ୍କ ସହ ଦଳର ଆସାମ ସଭାପତି ଗୌରବ ଗୋଗୋଇ ଓ ଅନ୍ୟ ବରିଷ୍ଠ ନେତାମାନେ କଂଗ୍ରେସ ଇସ୍ତାହାର ଉନ୍ମୋଚନ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗତ ୨୯ ତାରିଖରେ ଆସାମ ଗସ୍ତରେ ଯାଇଥିବାବେଳେ ଦଳର ୫ଟି ଗ୍ୟାରେଣ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଉକ୍ତ ଗ୍ୟାରେଣ୍ଟି ମଧ୍ୟରେ ରହିଛି ମହିଳାଙ୍କ କଲ୍ୟାଣ, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଜମି ଅଧିକାର ଏବଂ ଜୁବିନ୍ ଗର୍ଗ ମୃତ୍ୟୁ ମାମଲାରେ ନ୍ୟାୟ ପ୍ରଦାନ। ମହିଳାଙ୍କୁ ଆର୍ଥିକ ସହାୟତା ସମେତ ଯେଉଁମାନେ ବ୍ୟବସାୟ ବଢ଼ାଇବାକୁ ଚାହିଁବେ ସେମାନଙ୍କୁ ଅତିରିକ୍ତ ୫୦,୦୦୦ ଟଙ୍କା ଯୋଗାଇ ଦିଆଯିବ ବୋଲି ଉକ୍ତ ଗ୍ୟାରେଣ୍ଟିରେ କୁହାଯାଇଥିଲା।

# ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଜନସେବାର ଅପ୍‌ଡେଟ୍ ଆବଶ୍ୟକ: ମୋଦି



ନୂଆଦିଲ୍ଲୀ,୨।୪(ପି.ଟି.)

ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଜନସେବାର ନିରନ୍ତର ଅପ୍‌ଡେଟ୍ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। 'ସାଧନା ସପ୍ତାହ' ଶୁଭାରମ୍ଭ ଅବସରରେ ଏକ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଶାସନ ଲୋକମାନଙ୍କ ଜୀବନଯାପନକୁ ସହଜ କରିବା ଏବଂ ଦୈନନ୍ଦିନ ଭିତ୍ତିରେ ନାଗରିକଙ୍କ ଜୀବନଧାରଣ ମାନ ବଢ଼ାଇବା ଆବଶ୍ୟକ। ଆମ ଦେଶରେ ଶାସନର ସିଦ୍ଧାନ୍ତ 'ନାଗରିକ ଦେବୋ ଭବଃ' ମନ୍ତ୍ର ଉପରେ ଆଧାରିତ। ଏହି ମନ୍ତ୍ର ସାମୂହିକ ମନୋଭାବ ସହିତ ଜନସେବାକୁ ଅଧିକ ସମର୍ଥ କରିବା ଏବଂ ନାଗରିକମାନଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ କରିବା ପାଇଁ ଉଦ୍ଦିଷ୍ଟ।

# ରାଜ୍ୟ ସଭା ଉପନେତା ପଦରୁ ରାଘବ ଚଡ଼ାଙ୍କୁ ବିଦାକଲା ଆପ୍

ନୂଆଦିଲ୍ଲୀ,୨।୪

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁରୁବାର ରାଜ୍ୟ ସଭା ସଚିବାଳୟକୁ ଏକ ପତ୍ର ଲେଖି ଏହାର ଏମ୍‌ପି ରାଘବ ଚଡ଼ାଙ୍କୁ ଗୃହରେ ଦଳର ଉପନେତା ପଦରୁ ବହିଷ୍କାର କରିବା ପାଇଁ କହିଛି। ତାଙ୍କ ସ୍ଥାନରେ ପଞ୍ଜାବ ଏମ୍‌ପି ଅଶୋକ ମିତ୍ତଲଙ୍କୁ ଦଳର ଉପନେତା କରାଯିବାକୁ ଆପ୍ ପ୍ରସ୍ତାବ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ଥିବା ଚଡ଼ାଙ୍କୁ ଦଳୀୟ କୋଟାରେ ଗୃହରେ କହିବା ପାଇଁ ସମୟ ନ ଦେବାକୁ ମଧ୍ୟ ଆପ୍ କହିଛି।

ଆପ୍ ସମ୍ପର୍କିତ ପ୍ରସଙ୍ଗରେ ଚଡ଼ା ଦୀର୍ଘଦିନ ହେଲା ନୀରବ ରହିଛନ୍ତି।



ଆପ୍ ନେତା ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱରେ ହେଉଥିବା ବିଭିନ୍ନ ଜନସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ସେ ଅନୁପସ୍ଥିତ ରହୁଛନ୍ତି। ତେଣୁ ତାଙ୍କୁ ଉଚ୍ଚ ସଦନରେ ଦଳୀୟ ଉପନେତା ପଦରୁ ହଟାଇବା ପାଇଁ ଆପ୍ ନିଷ୍ପତ୍ତି ନେଇଛି।

## ଜୁନ୍ ଯାଏ ପେଟ୍ରୋକେମିକାଲ୍ ଉତ୍ପାଦ ଉପରୁ ଆମଦାନୀ ଶୁଳ୍କ ଛାଡ଼

ନୂଆଦିଲ୍ଲୀ,୨।୪(ପି.ଟି.)

ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଥିବାବେଳେ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ପେଟ୍ରୋକେମିକାଲ୍ ଉତ୍ପାଦଗୁଡ଼ିକର ଆମଦାନୀ ଉପରୁ ଶୁଳ୍କ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜୁନ୍ ୩୦ ପର୍ଯ୍ୟନ୍ତ ୩ ମାସ ପାଇଁ ଆମଦାନୀ ଶୁଳ୍କ ଛାଡ଼ କରାଯିବ। ସରକାର ଗୁରୁବାର ଏହା ଘୋଷଣା କରିବା ପରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀ, ରାସାୟନିକ ଓ ପୋଷାକ ଶିଳ୍ପଗୁଡ଼ିକୁ ଆଶ୍ୱସ୍ତି ମିଳିଛି। ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଯୋଗାଣ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ୩ ମାସିଆ ରିହାତି ପାଇଁ ସରକାରଙ୍କୁ ୧,୮୦୦ କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡ଼ିବ।

# ବିଦେଶରେ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨।୪(ପି.ଟି.)

ବିଦେଶରେ ରହୁଥିବା ଭାରତୀୟ କର୍ମଚାରୀମାନଙ୍କ ଅବସ୍ଥା ସମ୍ପର୍କିତ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷ ହେଲା ବିଦେଶ ମାଟିରେ ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ଘଟୁଛି। ଅଧିକାଂଶ ମୃତ୍ୟୁ ଉପସାଗରୀୟ ଦେଶଗୁଡ଼ିକରେ ହେଉଥିବା ରାଜ୍ୟ ସଭାରେ ପୂର୍ବରୁ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ରଖିଥିବା ଲିଖିତ ଉତ୍ତରରୁ ଜଣାପଡ଼ିଛି। ସେ ଉପସ୍ଥାପନ କରିଥିବା ସରକାରୀ ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୫ ମଧ୍ୟରେ ବିଦେଶରେ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁସଂଖ୍ୟା ୩୭,୭୪୦। ତେବେ ମୃତ୍ୟୁର କାରଣ ସମ୍ପର୍କରେ ସବିଶେଷ ବିବରଣୀ ଦିଆଯାଇନାହିଁ।

ତଥ୍ୟ ଅନୁଯାୟୀ, ୨୦୨୧ରେ ବିଦେଶରେ ସର୍ବାଧିକ ୮,୨୩୪ ଜଣ ଭାରତୀୟ କର୍ମଚାରୀ ପ୍ରାଣ ହରାଇଥିଲେ। ୨୦୨୨ରେ ଏହି ସଂଖ୍ୟା ୬,୬୧୪କୁ ହ୍ରାସ ପାଇଥିଲା। ୨୦୨୩ରେ ବିଦେଶରେ ଭାରତୀୟଙ୍କ ମୃତ୍ୟୁସଂଖ୍ୟା ୭,୨୯୧, ୨୦୨୪ରେ ୭,୭୪୭ ଏବଂ ୨୦୨୫ରେ ୭,୮୫୪ ରହିଛି। ଉକ୍ତ ମୃତ୍ୟୁସଂଖ୍ୟାର ୮୬ ପ୍ରତିଶତରୁ ଅଧିକ ଉପସାଗରୀୟ ଦେଶଗୁଡ଼ିକରେ ବୋଲି ଜଣାପଡ଼ିଛି। ୫ ବର୍ଷରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ସର୍ବାଧିକ ୧୨,୩୮୦ ଜଣ ଏବଂ ସାଉଦି ଆରବରେ ୧୧,୭୫୭ ଜଣ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେହିପରି କୁଏତ୍‌ରେ ୩,୮୯୦, ଓମାନରେ ୨,୮୨୧, ମାଲେସିଆରେ ୧,୯୧୫ ଏବଂ କାତାରରେ ୧,୭୬୦ ଜଣ ଭାରତୀୟ ପ୍ରାଣ ହରାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଉକ୍ତ ସମୟ ମଧ୍ୟରେ ବିଦେଶରେ ଥିବା ଭାରତୀୟ ମିଶନଗୁଡ଼ିକୁ ଭାରତୀୟଙ୍କଠାରୁ ଆକ୍ରମଣ, ଶୋଷଣ ଏବଂ କାର୍ଯ୍ୟସ୍ଥଳରେ ହଇରାଣ ସମ୍ପର୍କିତ ୮୦,୯୮୫ଟି ଅଭିଯୋଗ ମିଳିଥିଲା। ୟୁଏଇରୁ ସର୍ବାଧିକ ୧୬,୯୬୫ ଅଭିଯୋଗ ଆସିଥିବାବେଳେ କୁଏତ୍‌ରୁ ୧୫,୨୩୪, ଓମାନ୍‌ରୁ ୧୩,୨୯୫ ଏବଂ ସାଉଦି ଆରବରୁ ୧୨,୯୮୮ଟି ଅଭିଯୋଗ ଆସିଥିଲା।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ | Bhubaneswar, Friday, April 3/2026




## କଙ୍ଗନାଙ୍କ କମ୍‌ବ୍ୟାକ୍

'କୁଇନ୍' ଚଳଚ୍ଚିତ୍ରର ୨ୟ ଭାଗ ମାଧମରେ କଙ୍ଗନା ରାଣାଓ୍ୱତ୍‌ଙ୍କର ଅଭିନୟ କ୍ଷେତ୍ରକୁ କମ୍‌ବ୍ୟାକ୍ ହେଉଥିବା ଚର୍ଚ୍ଚା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇଲାଣି।

୦୫

୧୨

## ରାହାନେଙ୍କ ୨୦୦ତମ ଆଇପିଏଲ୍ ମ୍ୟାଚ

କୋଲକାତା ନାଇଟ ରାଇଡର୍ସ ଅଧିନାୟକ ଅଜିଙ୍କ୍ୟ ରାହାନେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ତାଙ୍କ କ୍ୟାରିୟରର ୨୦୦ତମ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି।





ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଆୟୋଜିତ ଯୁବକ୍ରାନ୍ତି ସମାବେଶ ଅବସରରେ ଲୋକସେବା ଭବନ ଘେରାଉବେଳେ ଲୋୟର ପିଏମ୍‌ଜି ନିକଟରେ କର୍ମୀମାନେ ବ୍ୟାରିକେଡ ଡେଇଁବା ସମୟରେ ପୋଲିସ ସହ ଧସ୍ତାଧସ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର) (ରିପୋର୍ଟ ପୃଷ୍ଠା: ୨)**

# ସରିଲା ମାଟ୍ରିକ୍ ଖାତାଦେଖା: ମେ' ୨ୟ ସପ୍ତାହରେ ପରୀକ୍ଷାଫଳ

**କଟକ,୨।୪(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ୍) ପରୀକ୍ଷାର ଖାତାଦେଖା ଗୁରୁବାର ଶେଷ ହୋଇଛି। ମେ ୨ୟ ସପ୍ତାହରେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ତତ୍ପରତା ପ୍ରକାଶ ପାଉଥିବା ବୋର୍ଡ ସୂତ୍ରରୁ ଜଣାପଡ଼ିଛି। ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା। ଏକସଙ୍ଗେ ଅନୁଷ୍ଠିତ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୫ଲକ୍ଷ ୬୧ହଜାର ୯୭୯ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ରାଜ୍ୟର ମୋଟ ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ମାଟ୍ରିକ ପରୀକ୍ଷାର୍ଥୀଙ୍କ ସବ୍‌ଜେକ୍ଟିଭ ପରୀକ୍ଷା ଖାତା ମୂଲ୍ୟାୟନ ମାର୍ଚ୍ଚ ୧୯ରୁ ☞ପୃଷ୍ଠା-୨

# ସକାଳୁଆ ସ୍କୁଲ ଆରମ୍ଭ

**ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)**

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଖରାତାତି ସହ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଏପରି ସ୍ଥିତିରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ପାଠପଢ଼ାକୁ ଗୁରୁତ୍ୱ ଦେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଏବଂ ବେସରକାରୀ ସ୍କୁଲରେ ଏପ୍ରିଲ ୨ରୁ ଗ୍ରୀଷ୍ମ ଅବକାଶ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ଚାଲିବ। ଏନେଇ ବିଭାଗର କମିଶନର ତଥା ସଚିବ ଡ. ଏନ୍. ତିରୁମାଳା ନାଏକ ସମସ୍ତ ଜିଲାପାଳ ତଥା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ନିୟମାବଳୀ ଜାରି କରାଯାଇଛି। ସମସ୍ତ ସ୍କୁଲରେ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ହେବ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଆଣବିକ ପ୍ରତିରୋଧ ଓ ମହାଶକ୍ତି

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2025
- 15th Best in University Category
- 22nd Best in Engineering Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଶତ୍ରୁ ଆତ୍ମସମର୍ପଣ ନ କରିବା ଯାଏ ଯୁଦ୍ଧ: ଇରାନ

**ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଉ ଏକ ଭୟଙ୍କର ମୋଡ଼ରେ ପହଞ୍ଚିଛି। ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ଉପରେ ଜୋରଦାର ଆକ୍ରମଣ ହେବ ଓ ଆଗାମୀ ଦୁଇ-ତିନି ସପ୍ତାହ ମଧ୍ୟରେ ଇରାନକୁ 'ପ୍ରସ୍ତର ଯୁଗ'କୁ ଫେରାଇ ଦେବାକୁ ଯୋଜନା କରାଯାଇଛି। ଇରାନର ନୌସେନା ଧ୍ୱଂସ ହୋଇସାରିଛି ଓ ବାୟୁସେନା ଧ୍ୱଂସ ପ୍ରାୟ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଏହାର ଜବାବ ଦେବାକୁ ଯାଇ ଏଣିକି ଧ୍ୱଂସାତ୍ମକ ଆକ୍ରମଣ କରାଯିବ କହି ଆମେରିକାକୁ ଚେତାବନୀ ଦେଇଛି। ଇରାନ ପୁଣି କହିଛି, ଯୁଦ୍ଧ ଆମେରିକା ଓ ଇସ୍ରାଏଲର ଆତ୍ମସମର୍ପଣ ପର୍ଯ୍ୟନ୍ତ ଚାଲିବ। ଉଭୟ ପଟ ଜିଦିରେ ଅଟଳ ଥିବାରୁ ଯୁଦ୍ଧ ବ୍ୟାପକ ରୂପ ଧାରଣ କରିବାର ଆଶଙ୍କା ବଢ଼ିଲାଣି।**

## ଇରାନକୁ ପ୍ରସ୍ତର ଯୁଗକୁ ନେଇଯିବୁ: ଟ୍ରମ୍ପ୍



ଡୋନାଲ୍ଡ ଟ୍ରମ୍ପ୍



ଖାତମ୍ ଅଲ୍-ଅନବ୍ୟା

**ଓ୍ୱାଶିଂଟନ/ତେହରାନ୍,୨।୪**

ଇରାନର ସାମରିକ କ୍ଷମତାକୁ ଧ୍ୱଂସ କରିବା ଆମର ମୁଖ୍ୟ ରଣନୀତିକ ଲକ୍ଷ୍ୟ ଏବଂ ତାହା ସମ୍ପୂର୍ଣ୍ଣ ହେବାର ନିକଟତର ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ମଧ୍ୟପ୍ରାଚ୍ୟ ଯୋଜନା ସମ୍ପର୍କରେ ଗୁରୁବାର ରାଷ୍ଟ୍ରକୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆଗାମୀ ୨ରୁ ୩ ସପ୍ତାହ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବା ସହ ଏହାର ଶକ୍ତି ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିଦିଆଯିବ। ଆମେ ଆମ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବୁ ଏବଂ ମଧ୍ୟପ୍ରାଚ୍ୟ ସହଯୋଗୀମାନଙ୍କୁ କ୍ଷତି ହେବାକୁ ଦେବୁନାହିଁ। ଆମେ ଇରାନକୁ ପ୍ରସ୍ତର ଯୁଗକୁ ଫେରାଇନେବୁ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।

ଟ୍ରମ୍ପ୍‌ଙ୍କ ଚେତାବନୀର କଡ଼ା ଜବାବ ଦେଇଛି ଇରାନ। ଶତ୍ରୁପକ୍ଷ ଆତ୍ମସମର୍ପଣ ନ କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଇରାନ ସେନା ପକ୍ଷରୁ ଘୋଷଣା କରାଯାଇଛି। ଆମେରିକା ଏବଂ ଇସ୍ରାଏଲ୍‌କୁ କଡ଼ା ଚେତାବନୀ ଦେଇ ଇରାନ ସେନାର ଜଣେ ମୁଖପାତ୍ର ଅଧିକ ଧ୍ୱଂସାତ୍ମକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି। ଉଭୟ ପକ୍ଷଙ୍କ ପରସ୍ପର ପ୍ରତି କଠୋର ଆଭିମୁଖ୍ୟରୁ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେବାକୁ ଯାଉଥିବା ସୂଚନା ମିଳିଛି। ଏହାର ପ୍ରଭାବ ଅନ୍ତର୍ଜାତୀୟ ତୈଳ ବଜାର ଏବଂ ଷ୍ଟକ୍ ମାର୍କେଟ ଉପରେ ପଡ଼ିଛି।

ଟ୍ରମ୍ପ୍ ଆମେରିକାର ସହଯୋଗୀ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ଦେଶଙ୍କୁ ସାହସ ଦେଖାଇବା ସହ ଇରାନ ନିୟନ୍ତ୍ରଣରେ ଥିବା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ଆହ୍ୱାନ ☞ପୃଷ୍ଠା-୨

15001/2/2627





## ପବିତ୍ର ଗୁଡ଼୍ ଫ୍ରାଇଡ଼େ - ୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ଼୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ଼୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)



## ଗୁଡ୍ ଫ୍ରାଇଡେ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002

## ୧୬୧ ଗ୍ୟାସ୍ ସିଲିଣ୍ଡର ଜବତ

ରାଜ୍ୟରେ ରନ୍ଧନ ଗ୍ୟାସ୍ ଅଭାବର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ସିଲିଣ୍ଡର କଳାବଜାର କରୁଛନ୍ତି। ଏହି ଅଭିଯୋଗ ଆସିବା ପରେ ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉଛି। ଗୁରୁବାର ଗୋଟିଏ ଦିନରେ ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲାରୁ ୧୬୧ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ତେବେ ଗଜପତିରୁ ୯୦, ଗଞ୍ଜାମ ଜିଲା ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ୍ ଅଞ୍ଚଳରୁ ୩୯, ନୟାଗଡ଼ ଜିଲା ରଣପୁର ବ୍ଲକ ଅଞ୍ଚଳରୁ ୩୨ ସିଲିଣ୍ଡର ଜବତ ହୋଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଛାନ୍ଦ ଓ ଚମ୍ପୂ, ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ 'ଉତ୍କଳ ରଙ୍ଗମଞ୍ଚ', ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'ବିରାଧୁଧ ବଧ ଓ ସୂପନେଖା ନାସା କର୍ଣ୍ଣ ଛେଦନ', ସ୍ଥାନ: ବେଣ୍ଟପୁର ସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ପକ୍ଷରୁ ରାମଲୀଳାର ନାଟକ 'ଭରତ ମିଳନ', ସ୍ଥାନ: ଗୋଡ଼ଲିନ୍ଧା ସ୍ଥିତ ସୀତାରାମେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳା ନାଟକ ଶ୍ରୀରାମ ଓ ହନୁମାନ ଭେଟ, ସ୍ଥାନ: କାକରୁଦ୍ରପୁର ସ୍ଥିତ ଶ୍ରୀ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମଲୀଳା ପରିବେଷଣ, ସ୍ଥାନ: ବଇଁଚୁଆ ଗ୍ରାମ ଗାନ୍ଧୀ ଛକ ସ୍ଥିତ ରାଧା ଗୋବିନ୍ଦ ମନ୍ଦିର ପରିସର, ସମୟ: ରାତି ୧୧ଟା।

**କଟକ**
- କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ୭୫ତମ ଜୟନ୍ତୀ ଓ କର୍ମପ୍ରିୟ କୃଷ୍ଣଚନ୍ଦ୍ର ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ପ୍ରମିଳା ମଣ୍ଡପ, ମଧୁପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଜଷ୍ଟିସ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- କଟକ ବୈଶାଖୀ ବାଣିଜ୍ୟ ମେଳାର ନବମ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ଟ୍ରାଭେଲ୍ ଏଜେଣ୍ଟ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପୁରୀ ରେଲ୍‌ୱେ ପରିସର, ସମୟ: ସକାଳ ୮ଟା ୩୦।

**ଖୋର୍ଦ୍ଧା**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠ, କଣ୍ଟାବାଡ଼, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, କଣ୍ଟାବାଡ଼, ସମୟ: ସନ୍ଧ୍ୟା ୭ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳସାହି, ବାଘମାରୀ, ସମୟ: ରାତି ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ରାତି ୮ଟା।

**ବାଲେଶ୍ୱର**
- ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ : ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଶ୍ରୀକ୍ଷେତ୍ର ନଗର, ସମଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡକ ମେଳା ଶୁଭାରମ୍ଭ, ସ୍ଥାନ: ଚନ୍ଦନେଶ୍ୱରଜୀଉ ମନ୍ଦିର, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ନର୍ଥ ଓଡ଼ିଶା ମିଡିଆ କ୍ଲବର ବୈଠକ, ସ୍ଥାନ : ଶ୍ରୀହରି ହୋଟେଲ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଦିବସ ଉଦଯାପିତ, ସ୍ଥାନ: ଦେଉଳା ହାଟ ଓ ସାହାବାଜିପୁର ମଧୁମଣ୍ଡପ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଓଡ଼ିଆ ପକ୍ଷ ପାଳନ ଅବସରରେ ସହର ପରିକ୍ରମା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ ବେତଡ଼ା ବଜାର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ପୂଜାର ଉଦ୍ୟାପନୀ, ସ୍ଥାନ: ଏରଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଖଣ୍ଡଘର ପଞ୍ଚାୟତ ତଣ୍ଡିବେଡା ମହାନ୍ତ ସାହିରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ ଟା।
- ପାରମ୍ପରିକ ପରିଧାନ ଦିବସ, ସ୍ଥାନ: ପୌର କାର୍ଯ୍ୟାଳୟ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଳପାଳ, ବଡ଼ସାହି,ସମୟ:ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ଅଧିବାସ,ସ୍ଥାନ: ସିଂହଚିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଯୋଗ ଉତ୍ସବ, ସ୍ଥାନ: ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ସକାଳ ୬ ଟା ୪୫।

- ଆଇନଜୀବୀ ସଂଘର ଶପଥ ଗ୍ରହଣ, ସ୍ଥାନ: ବାର ଆଶୋସିଏଶନ୍ ହଲ, ସମୟ: ମଧ୍ୟାହ୍ନ ୧ଟା।

**ଗଞ୍ଜାମ**
- ନବ ନିର୍ବାଚିତ ଆଇନଜୀବୀଙ୍କ ଶପଥ ଗ୍ରହଣ, ସ୍ଥାନ: ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟ , ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପାଳିକା ପକ୍ଷରୁ ହସ୍ତତନ୍ତ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦ୍ରାପଡ଼ା**
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଚଣ୍ଡିଆଗଡ଼ି, ଆଳି, ସମୟ: ସକାଳ ୮ଟା।
- ଶ୍ରୀମୁକ୍ତେଶ୍ୱର ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀମୁକ୍ତେଶ୍ୱର ମନ୍ଦିର ପରିସର, ଜେନାଭଳି ଓ ଉଇବାଡ, କଳସପୁର, ଆଳି, ସମୟ: ସନ୍ଧ୍ୟା ୬ଟା
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥା ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମାଣିକପାଟଣା, ଆଳି, ସମୟ: ସନ୍ଧ୍ୟା ୭ଟା।
- ବାସୁଦେବ ମେଲଣ ମହୋତ୍ସବ ଉପଲକ୍ଷେ ବାସୁଦେବ ଯୁବ ପରିଷଦ ଡ୍ରାମାଟିକ କ୍ଲବ ପକ୍ଷରୁ ଏ କେମିତିକା ସମ୍ପର୍କ ନାଟକ ପରିବେଷଣ, ସ୍ଥାନ: କିଣିଲୋ, ପଦ୍ମପୁର, ଗରଦପୁର, ସମୟ: ସନ୍ଧ୍ୟା ୭ଟା।୦

**ଯାଜପୁର**
- ବିରଜା ହାଟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ : ବିରଜା ମନ୍ଦିର ନିକଟ ହାଟ ପରିସର, ସମୟ : ଅପରାହ୍ନ ୪ଟା।
- ଆହ୍ୱାନ ପକ୍ଷରୁ ରଙ୍ଗ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୧ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ: ସକାଳ ୭ଟାରୁ ଅପରାହ୍ନ ୨ଟା।
- ହାଣ୍ଡି ଭଙ୍ଗା ଯାତ୍ରାର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ମହୁଲପଡା, ସମୟ:ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ୨ୟ ଦିବସ, ସ୍ଥାନ: କଣ୍ଟିଲୋ ଫକୀରଅତବୁଦ୍ଧି ପାଟଣା, ସମୟ: ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ୨ୟ ଦିବସ, ସ୍ଥାନ: କଣ୍ଟିଲୋ କାଂସାରୀ ସାହିପାଟଣା, ସମୟ: ସକାଳ ୮ଟା ୩୦।
- ପାରମ୍ପରିକ ପୋଷାକ ଦିବସ, ସ୍ଥାନ: ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଅଷ୍ଟମ ଦିବସରେ ସୀତା ହରଣର ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା, କଣ୍ଟିଲୋ, ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ: ଅପରାହ୍ନ ୨ଟା।

**କୋରାପୁଟ**
- ଭାଜପା ପକ୍ଷରୁ ୨୪ଘଣ୍ଟିଆ ଦିନଦୟାଲ କର୍ମଶାଳା, ସ୍ଥାନ: ପୂର୍ତ୍ତବିଭାଗ ଡାକବଙ୍ଗଳା, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ଗ୍ରାମଦେବୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।

**ସମ୍ବଲପୁର**
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୮ଟା।
- ସେତୁ ଆୟୋଜନରେ ପଞ୍ଚମ ଇଞ୍ଜିନିୟର କରୁଣାକର ସୁପକାର ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ଜିଏମ୍‌ୟୁ ଅଧ୍ୟାପନା ପ୍ରକୋଷ୍ଠ–୧, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଠେମରା ଗ୍ରାମବାସୀ ଆୟୋଜିତ ରାମଲୀଳା ଉତ୍ସବ, ସ୍ଥାନ : ଠେମରା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଡୁଡୁକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସାଂସ୍କୃତିକ ସଭା, ସ୍ଥାନ: ଡୁଡୁକା, ଆଗଲପୁର ବ୍ଲକ, ସମୟ: ସନ୍ଧ୍ୟା ୮ଟା।

**ରାଉରକେଲା**
- ହନୁମାନ ଜନ୍ମୋତ୍ସବ ଓ ସୁନ୍ଦରାକାଣ୍ଡ ପାଠ, ସ୍ଥାନ: ବାସନ୍ତୀ କଲୋନୀ, କୁମ୍ଭାରପଡ଼ା ଛକ, ସମୟ: ସକାଳ ୮ଟା।
- ଗୁଡ୍ ଫ୍ରାଇଡେ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ଆର୍‌ସି ଚର୍ଚ୍ଚ, ସମୟ: ସକାଳ ୮ଟା।
- ଆମେ ଓଡ଼ିଆ ପକ୍ଷରୁ ଆମ ପୋଷାକ ଓ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣପୂର୍ବ ରେଲୱେ ଜିଏମ୍‌ଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗ୍ରୀଞ୍ଜାଲ ବଜାର ପ୍ରାଙ୍ଗଣ, ସୋହେଲା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ, ସ୍ଥାନ:ଛୁରିଆପାଲି, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଖାମୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ କର୍ଲାକୋଟ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବୌଦ୍ଧ ଗଡଜାତର ପବିତ୍ର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତ୍ର ୯ଟା।

**ଦେବଗଡ଼**
- ମା' ସରଣୀପାଟ ପୀଠ ଯାତ୍ରା ମହୋତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ୍ ପାଇକନଗର, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୁରୁବୁଡ଼ା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ଅଷ୍ଟମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାରରେ ରାମଲୀଳା ଅଷ୍ଟମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଶ୍ରୀରାମ ଲୀଳା ନାଟକର ସପ୍ତମ ସନ୍ଧ୍ୟା, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତି ୧୦ଟା।

**ନୂଆପଡ଼ା**
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପିପଲଛିଣ୍ଡି ଗାଁ, ସମୟ: ପ୍ରାତଃ ୫ଟା ଓ ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ ଫୁରସୁଣ୍ଡ ଗାଁ, ସମୟ: ସକାଳ ୭ଟା ୪୫।
- ଆଲୋଚନା ଚକ୍ର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା ସାଂସ୍କୃତିକ ସଭା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

**ଝାରସୁଗୁଡ଼ା**
- ଜଗନ୍ନାଥ ମନ୍ଦିରରେ ବିଷ୍ଣୁ ସହସ୍ର ନାମ ପଠନ, ସ୍ଥାନ: ଝାରସୁଗୁଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ରାମାୟଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ତିଳେଇ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।

# ଦେଶ ଉତ୍କଟ ବେକାରି ସମସ୍ୟା ସହ ଲଢୁଛି:ଚିବ୍

ଭୁବନେଶ୍ୱର,୨।୪(ରବିନାରାୟଣ ଜେନା)

ଦେଶ ଏବେ ଉତ୍କଟ ବେକାରି ସମସ୍ୟା ସହ ଲଢୁଛି ବୋଲି ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ କହିଛନ୍ତି। ରାଜ୍ୟରେ ଛାତ୍ର, ଯୁବକ, ନାରୀ, ଚାଷୀ, ଆଦିବାସୀ ଆଦି କାହାରିକୁ ନ୍ୟାୟ ମିଳୁ ନଥିବା ପ୍ରତିବାଦରେ ଯୁବକଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଛକଠାରେ ଗୁରୁବାର ଅନୁଷ୍ଠିତ ଯୁବକ୍ରାନ୍ତି ସମାବେଶରେ ଯୋଗଦେଇ ଚିବ୍ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୨କୋଟି ନିଯୁକ୍ତି ଦେବାପାଇଁ ଘୋଷଣା କରିଥିଲେ। ମାତ୍ର ୧୨ବର୍ଷରେ ୨୪କୋଟିରୁ ଏପର୍ଯ୍ୟନ୍ତ କେତେ ନିଯୁକ୍ତି ଦିଆଯାଇଛି ତା'ର ଜବାବ ଦେଉନାହାନ୍ତି। କିନ୍ତୁ ଦେଶରେ ବେକାରି ସମସ୍ୟା ଉତ୍କଟ ହୋଇଚାଲିଛି। ଅପରପକ୍ଷେ ଓଡ଼ିଶାରେ ବିନା ଦାୟିତ୍ୱବୋଧରେ ଶାସନ ଚାଲିଛି। କଟକ ବଡ଼ ଡାକ୍ତରଖାନାରେ ରୋଗୀ ମୃତ୍ୟୁ ଘଟଣା ସ୍ୱାସ୍ଥ୍ୟସେବାର ଦୁରବସ୍ଥାକୁ ସ୍ପଷ୍ଟ କରିଛି । ଏପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି କି ଏହି ବ୍ୟବସ୍ଥାକୃତ ଅଘଟଣ ପାଇଁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେମାନଙ୍କୁ ନରହତ୍ୟା ଅପରାଧରେ ଦଣ୍ଡିତ କରିବା କଥା। ସେହିପରି ରାଜ୍ୟରେ ନାରୀ ନିର୍ଯାତନା ସୀମା ଲଙ୍ଘିଛି। ସେ କହିଛନ୍ତି, ପଣ୍ଡିତ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଥିବା ବେଳେ ରୁଷିଆ ଓ ଆମେରିକା କାହାକୁ ଖାତିର ନ କରି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ଭାରତ ଏହାର ନେତୃତ୍ୱ ନେଉଥିଲା । ହେଲେ ଏବେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭୟ କରୁଛନ୍ତି। କାଳେ ଏପଷ୍ଟିନ୍ ଫାଇଲ ଖୋଲିଯିବ କିମ୍ବା ଆଦାନୀଙ୍କ ଫାଇଲ ଟ୍ରମ୍ପ ଖୋଲିଦେବେ ସେହି ଡର ପ୍ରଧାନମନ୍ତ୍ରୀଙ୍କୁ ଘାରିଛି। ବର୍ତ୍ତମାନ ସରକାର ଚାଷୀ ବିରୋଧୀ ବୋଲି 'ଭାରତ ଆମେରିକା ବାଣିଜ୍ୟ ଚୁକ୍ତି' ତାହାର ପ୍ରମାଣ। ଏହି ଚୁକ୍ତି ଦ୍ୱାରା ଭାରତୀୟ ଚାଷୀଙ୍କର ଘୋର କ୍ଷତି ହେଉଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ତାହାକୁ ଗ୍ରହଣ କରିଛନ୍ତି। ଏଥିପାଇଁ ଦେଶର ଯୁବବର୍ଗ 'ପ୍ରଧାନମନ୍ତ୍ରୀ କମ୍ପ୍ରମାଇଜ୍‌ଡ' ବୋଲି କହୁଛନ୍ତି। ତେଣୁ ଏହି ଡବଲ ଇଞ୍ଜିନ ସରକାର ବିରୋଧରେ ଯୁବ କଂଗ୍ରେସକୁ ଲଢ଼େଇ କରିବାକୁ ପଡ଼ିବ। ଏମାନଙ୍କୁ ଗାଦିଚ୍ୟୁତ ନ କଲା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଚିବ୍ କହିଛନ୍ତି।



ମାଷ୍ଟରକ୍ୟାଣ୍ଟିନ ଛକଠାରେ ଗୁରୁବାର ଅନୁଷ୍ଠିତ ଯୁବକ୍ରାନ୍ତି ସମାବେଶରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ ଉଦ୍‌ବୋଧନ ଦେଉଛନ୍ତି।

ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି,ଦେଶରେ ଲୋକଙ୍କୁ ଖାଇବାକୁ ଖାଦ୍ୟ ସାମଗ୍ରୀ ମିଳୁନାହିଁ। ଗ୍ୟାସ୍ ଅଭାବରୁ ହୋଟେଲରେ ଖାଦ୍ୟ ଦର ବହୁଗୁଣ ବଢ଼ିଯାଇଥିବାବେଳେ ପାରମ୍ପରିକ ଶ୍ରମିକମାନେ ଦୁଇମୁଠା ଖାଇବାକୁ ପାଉନାହାନ୍ତି। ଏହାକୁ କେବଳ କୃତ୍ରିମ ଅଭାବ କୁହାଯିବନି, ଦେଶରେ ସଂପ୍ରତି

## ଦେଶରେ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି: ଭକ୍ତ

ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି କହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ଏଥିସହ ସେ କହିଛନ୍ତି, ଏଠାରେ ଛାତ୍ର, ଯୁବକ, ନାରୀ, ଚାଷୀ ଓ ଆଦିବାସୀ କାହାରିକୁ ନ୍ୟାୟ ମିଳୁନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛନ୍ତି। ଓଡ଼ିଶାର ଯୁବକମାନଙ୍କ ଉପରେ ମୋର ଗଭୀର ଆସ୍ଥା ରହିଛି ଏବଂ ନିକଟ ଭବିଷ୍ୟତରେ ସେମାନେ ହିଁ ହେବେ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ଭକ୍ତ କହିଛନ୍ତି।

ସମାବେଶରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିଆନା ରାଜୁ, ସହ ପ୍ରଭାରୀ ଖୁସି ଟିଗା, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ସୁରେଶ କୁମାର ରାଉତରାୟ ପ୍ରମୁଖ ସରକାରଙ୍କ କୃଷକ, ନାରୀ ଓ ଯୁବ ବିରୋଧୀ ନୀତିର କଡ଼ା ସମାଲୋଚନା କରିଥିଲେ। ପ୍ରଥମେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଚିବ୍‌ଙ୍କୁ ଶ୍ରୀରାମ ମନ୍ଦିର ଛକଠାରୁ ମାଷ୍ଟରକ୍ୟାଣ୍ଟିନ ସମାବେଶ ପର୍ଯ୍ୟନ୍ତ ଏକ ବିଶାଳ ବାଇକ ରାଲି ଯୋଗେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ପାଛୋଟି ଆଣିଥିଲେ। ଏହି ଅବସରରେ ୫ ଦଫା ଦାବିରେ ଯୁବ କଂଗ୍ରେସ ଲୋକସେବା ଭବନ ଘେରାଉ ଉଦ୍ୟମ ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା । ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ କଂଗ୍ରେସ କର୍ମକର୍ତ୍ତାଙ୍କୁ ଗିରଫ କରି ପରେ ଛାଡ଼ି ଦେଇଛି। କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ମାଲକାନଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଯୁବକ୍ରାନ୍ତି ସମାବେଶ ଆୟୋଜିତ ହେବ ବୋଲି ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ବିଲେଇ କାହିଁକି ରୁଷୁ ?**
**ସେଇ ଭାଡ଼ି ତଳେ ପୁଣି ପଶୁ !**

ରାଗ, ରୁଷା ତଥା ଅଭିମାନର ମାତ୍ରା ଯେତେ କମ୍ ରହେ, ସମ୍ପର୍କର ସେତୁ ସେତେ ଦୃଢ଼ ଓ ମଧୁମୟ ହୋଇଥାଏ । ତେବେ ପରିସ୍ଥିତିରେ ପଡି ଯେଉଁଠି ଜଣେ ରୋଷ ଅଭିମାନରେ ପଳେଇ ଆସେ, ସେଇଠିକୁ ପୁଣି ପ୍ରତ୍ୟାବର୍ତ୍ତନ କରିବା ଉକ୍ତ ବ୍ୟକ୍ତି ପକ୍ଷେ ଗ୍ରହଣୀୟ ହୋଇନଥାଏ । ସେପରି ସ୍ଥଳେ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଇତଳିଆ ବେଉସା**
**ଛୋକାରୁଣୀ ମାଇପିଙ୍କ ଓଷା**
**ପାଣିବୁହାନ୍ତିଙ୍କ ମୁଣ୍ଡ ଖୋଷା**
**ସଖୀ ବଡ଼ ମନ୍ଦ ଏ।**

ଅନ୍ଧାରୁଆ ଜାଗାରେ ବେପାର ବଣିଜ କରିବା ସେତେଟା ଲାଭଜନକ ହୋଇ ନ ଥାଏ। ଆଚରଣରେ ତଥା ଉଚ୍ଚାରଣରେ ଅଶ୍ଳୀଳତା ପ୍ରଦର୍ଶନ କରୁଥିବା ମହିଳା ଓଷାବ୍ରତ କରିବାରେ ଲାଭ କିଛି ମିଳି ନ ଥାଏ । ସେହିପରି ମୁଣ୍ଡରେ ପାଣି ବୋହୁଥିବା ମହିଳାଙ୍କ ପକ୍ଷେ ମୁଣ୍ଡରେ ଖୋଷା ପାରିବାରେ କୌଣସି ଯଥାର୍ଥତା ରହି ନ ଥାଏ । ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଶତ୍ରୁ ଆତ୍ମସମର୍ପଣ...

ଦେଇଛନ୍ତି। ସେ କହିଛନ୍ତି, ଆତଙ୍କବାଦର ପ୍ରାୟୋଜକ ଭାବେ ବିଶ୍ୱର ୧ ନମ୍ବର ରାଷ୍ଟ୍ର ଇରାନ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେଶନ ଏପିକ୍ ଫ୍ୟୁରିକୁ ମାତ୍ର ଗୋଟିଏ ମାସ ହୋଇଛି। ଏହି ଯୁଦ୍ଧ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ଆମେରିକାର ବିଜୟ ସୁନିଶ୍ଚିତ ବୋଲି ସେ ଦାବି କରିଛନ୍ତି। ଇରାନର ନୌସେନା ଯାଇଛି, ଏହାର ବାୟୁସେନା ଧ୍ୱଂସ ହୋଇଛି ଏବଂ ଅଧିକାଂଶ ନେତା ନିହତ ହୋଇଛନ୍ତି। ସେମାନଙ୍କ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର କମାଣ୍ଡ ଏବଂ ନିୟନ୍ତ୍ରଣ ଭୟଙ୍କର ଭାବେ ନଷ୍ଟ ହୋଇଯାଇଛି। ସେମାନଙ୍କ ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରିବା ସାମର୍ଥ୍ୟ ନାଟକୀୟ ଭାବେ ହ୍ରାସ ପାଇଛି ଏବଂ ସେମାନଙ୍କ ଅସ୍ତ୍ରଶସ୍ତ୍ର, ଫ୍ୟାକ୍ଟ୍ରିଓ ରକେଟ ଲଞ୍ଚରଗୁଡ଼ିକୁ ଧ୍ୱଂସ କରିଦିଆଯାଇଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଆମ ଶତ୍ରୁପକ୍ଷ କ୍ଷତି ସହିଛନ୍ତି। ମୋ ରାଷ୍ଟ୍ରପତିତ୍ୱର ୫ ବର୍ଷରେ ଆମେରିକା ଜିତିଆସିଥିଲା ଏବଂ ଏବେ ସବୁଠୁ ବଡ଼ ବିଜୟ ହାସଲ କରିବ ବୋଲି ଟ୍ରମ୍ପ ରାଷ୍ଟ୍ରକୁ ସମ୍ବୋଧନ କରି କହିଛନ୍ତି। ଅନ୍ୟପକ୍ଷରେ ଇରାନ ସେନାର ଅପରେଶନାଲ କମାଣ୍ଡ ଖାତମ୍ ଅଲ୍-ଅନବିୟା ସରକାରୀ ଟିଭିକୁ ଏକ ବିବୃତି ଦେଇ କହିଛନ୍ତି, ସର୍ବଶକ୍ତିମାନ ଆଲ୍ଲାଙ୍କ ଉପରେ ଆସ୍ଥା ସହ ଏହି ଯୁଦ୍ଧ ଜାରି ରହିବ। ଶତ୍ରୁପକ୍ଷର ଅପମାନ, ଅପଯଶ, ସ୍ଥାୟୀ ତଥା ନିଶ୍ଚିତ ଅନୁଶୋଚନା ଏବଂ ଆତ୍ମସମର୍ପଣ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ। ଆମର ଆହୁରି ଧ୍ୱଂସକାରୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଅପେକ୍ଷା କର ବୋଲି ଆମେରିକା ଏବଂ ଇସ୍ରାଏଲକୁ ସେ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପଙ୍କ ଭାଷଣ ପରେ ଇରାନ ତେଲ୍ ଆଭିଭ୍ ଉପରେ ମିଶାଇଲ୍ ମାଡ଼ କରିଛି। ମାସେରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଇରାନ ଯୁଦ୍ଧ ମଧ୍ୟପ୍ରାଚ୍ୟକୁ ବ୍ୟାପିଛି ଓ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିଛି। ବିଶ୍ୱବ୍ୟାପୀ ବହୁ କୋଟି ଲୋକ ଯୁଦ୍ଧ ଯୋଗୁ ପ୍ରଭାବିତ ହୋଇଛନ୍ତି।

### ସରିଲା ମାଟ୍ରିକ୍...

ଆରମ୍ଭ ହୋଇଥିଲା। ରାଜ୍ୟରେ ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଥିଲା। ଖାତାଦେଖା କାର୍ଯ୍ୟରେ ପ୍ରାୟ ୧୫,୦୦୦ ପରୀକ୍ଷକ ନିଯୁକ୍ତ ହୋଇଥିଲେ। ଖାତାଦେଖା ସହିତ ମୂଲ୍ୟାୟନ କେନ୍ଦ୍ରରୁ ଅନ୍‌ଲାଇନ ଜରିଆରେ ପରୀକ୍ଷାର୍ଥୀମାନଙ୍କ ମାର୍କ ଅପଲୋଡ୍ କରାଯାଇଛି। ପରୀକ୍ଷାର୍ଥୀମାନଙ୍କ ବିଭିନ୍ନ ବିଷୟର ମାର୍କ ପ୍ରସେସିଂ ଫାର୍ମକୁ ସିଧାସଳଖ ଯିବା ପରେ ଏବେଠାରୁ ପରୀକ୍ଷାଫଳ ପ୍ରକାଶ ନେଇ ପ୍ରସ୍ତୁତି ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି।

### ସକାଳୁଆ ସ୍କୁଲ...

ସ୍କୁଲ୍ ଟ୍ୟୁବ୍‌ୱେଲ ମରାମତି କରାଯାଇ ପାନୀୟ ଜଳର ସୁବ୍ୟବସ୍ଥା ଉପଲବ୍ଧ ହେବ। ନିର୍ଦ୍ଦିଷ୍ଟ ସମୟରେ 'ୱାଟର ବେଲ୍' ଦ୍ୱାରା ପାଣି ପିଇବା ବିରତି ରହିବ। ଆବଶ୍ୟକ ହେଲେ ଓଆର୍‌ଏସ୍ ପ୍ୟାକେଟ ଯୋଗାଣ ଇତ୍ୟାଦି ନିଶ୍ଚିତ କରିବାକୁ ପଡିବ। ଛାତ୍ରୀଛାତ୍ରଙ୍କୁ ଖରାରୁ ସୁରକ୍ଷା ଦେବା ପାଇଁ ବାହାର କାର୍ଯ୍ୟକଳାପ କମାଇବା ଓ ପିଲାମାନେ ସ୍କୁଲକୁ ଯେପରି ପାଣି ବୋତଲ ଧରି ଆସିବେ, ସେଥିପାଇଁ ଅଭିଭାବକମାନଙ୍କୁ ଜଣାଇବାକୁ କୁହାଯାଇଛି। ଏଥିସହ ସ୍କୁଲ ସମୟରେ ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ଲହରି ସମ୍ବନ୍ଧୀୟ ସତର୍କତା ବିଷୟରେ ଜଣାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ଯାତ୍ରାକାଳରେ ସତର୍କତା ଅଭାବରୁ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ। ପୂର୍ବନିର୍ଦ୍ଧାରିତ ସମୟରେ ବନ୍ଧୁମିଳନଜନିତ ଖୁସିରେ ସମୟ କଟାଇବେ। ସାହିତ୍ୟକୃତିରୁ ପ୍ରଶଂସିତ ଓ ସନ୍ତାନଙ୍କ କୃତିତ୍ୱରୁ ଗୌରବାନ୍ୱିତ ହେବେ।

**ବୃଷ** – ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶରେ ସମସ୍ୟା ସମାଧାନ ପୂର୍ବକ ଅର୍ଥଲାଭର ମାର୍ଗ ଉନ୍ମୋଚନ ହେବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ପାଇଁ ବହୁତ ବିଳମ୍ବ ଘଟିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସିପରୁ ମନ ଖୁସି ରହିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ କିଛି ପରିମାଣରେ ଝମେଲା ଆସିପାରେ।

**ମିଥୁନ** – ଆଜିର ଗ୍ରହସ୍ଥିତି ଯାତ୍ରା, ବ୍ୟବସାୟ ଦିଗରେ ଅନୁପ୍ରେରିତ କରିପାରେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପ୍ରତିଯୋଗିତାରେ ପରାଜୟର ଗ୍ଲାନି ଭୋଗିବାକୁ ପଡ଼ିବ। ପ୍ରକୃତ ଘଟଣା ନ ବୁଝି କୌଣସି କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ଅଧିକାଂଶ ସମୟ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଜିନିଷ ହଜିଯିବାର ଆଶଙ୍କା ରହିଛି।

**କର୍କଟ** – ବିଭିନ୍ନ ସମସ୍ୟା ପ୍ରଶମିତ ହେବାର ଅନୁଭବ କରିବେ। ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ମନୋବଳ ବୃଦ୍ଧି ପାଇବ। ସଭାସମିତି, ଆନୁଷ୍ଠାନିକ କାମ, ମନୋରଞ୍ଜନ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବାର ସୂଚନା ରହିଛି।

**ସିଂହ** – ଆଜି ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ସହକର୍ମୀ ସହାୟକ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବେ। କଠିନ ଶ୍ରମ ଓ ଅନିଦ୍ରାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** – କାର୍ଯ୍ୟସିଦ୍ଧି, ପାରିବାରିକ ଶାନ୍ତି ଓ ସାମାଜିକ ସ୍ତରରେ ସମ୍ମାନ ପ୍ରାପ୍ତିରେ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ଉପଲବ୍ଧ ହେବ। ଆନୁଷ୍ଠାନିକ କାର୍ଯ୍ୟର ଶେଷପର୍ଯ୍ୟାୟରେ ବିବାଦୀୟ ବାତାବରଣ ସୃଷ୍ଟି ହେବ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ବିବାଦୀୟ ସ୍ଥିତିରେ ବିଜୟପ୍ରାପ୍ତ ହେବେ। ପାରିବାରିକ ଏବଂ ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାର ରହିବ।

**ତୁଳା** – ସାହାଯ୍ୟ, ସହଯୋଗ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ପାଇଁ ମାର୍ଗ ଉନ୍ମୁକ୍ତ କରିବ। ବିଭିନ୍ନ ଯୋଜନାର କାମ ହାତକୁ ନେବେ କିନ୍ତୁ ସାମୟିକ ଆର୍ଥିକସ୍ଥିତିକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ୍ୟ ଅଟକିବ ନାହିଁ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମିଳନରୁ ଉତ୍ସାହିତ ହେବାର ସୁଯୋଗ ପାଇବେ।

**ବିଛା** – କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସହ ସମ୍ବର୍ଦ୍ଧିତ ହେବେ। ପୁତ୍ର, କନ୍ୟାଙ୍କ ବିବାହ ନିମନ୍ତେ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ଜମିଜମା, କଳିତକରାଳ, ଗୃହସୀମା ପ୍ରଭୃତି ସମ୍ପର୍କିତ ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ସାମାଜିକ ସ୍ତରରେ ବିଜାତୀୟ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** – ଆଜିର ଗ୍ରହସ୍ଥିତି ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ କରାଇପାରିବ। ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ସଜାଗ ରହି ଚେଷ୍ଟା କଲେ ନିଶ୍ଚିତ ଉପକୃତ ହେବ। ଆଣ୍ଠୁଗଣ୍ଠି ବାତ, ଗ୍ୟାଷ୍ଟ୍ରିକ, ଭ୍ରମ କିମ୍ବା ଜ୍ୱରଜନିତ ରୋଗରେ କଷ୍ଟ ପାଇପାରନ୍ତି। କେତେକ କ୍ଷେତ୍ରରେ ଅବହେଳା ଯୋଗୁ କାର୍ଯ୍ୟ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡିପାରେ।

**ମକର** – ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ରର ପରିସ୍ଥିତି ସ୍ୱାଭାବିକ ରହିବ। ଅନ୍ୟର ପ୍ରରୋଚନାରେ ପଡି ଜଣାଶୁଣା ବ୍ୟକ୍ତି କାମ ହାସଲରେ ବିଘ୍ନ ଘଟାଇପାରନ୍ତି। ଆର୍ଥିକ ଦୁରାବସ୍ଥା ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସ୍ଥିତି ବିଗାଡ଼ିପାରେ। ତଥାପି ନିଜର କାର୍ଯ୍ୟଦକ୍ଷତା ହେତୁ ନିଜ ପରିସରରେ ପ୍ରଶଂସିତ ହେବେ।

**କୁମ୍ଭ** – ଅନୁକୂଳ ଗ୍ରହ ସମ୍ପର୍କରୁ ଆଜି ଯାହା ଇଚ୍ଛା କରୁଛନ୍ତି ତାହା ଅବିଳମ୍ବେ ପ୍ରାପ୍ତ ହେବ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରି ବନ୍ଧୁ,ପରିବାର ଓ ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମୀନ** – ସହୃଦୟତା ଅଭାବରୁ ପାରିବାରିକ ସ୍ଥିରତା ରକ୍ଷାରେ ଅସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ ଲଢ଼େଇ କଲେ ବାଦୀ ଓ ପ୍ରତିବାଦୀ ଉଭୟ କ୍ଷତିଗ୍ରସ୍ତ ହେବେ। କିନ୍ତୁ ସାମାଜିକ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ପ୍ରତିଷ୍ଠା ଓ ପ୍ରଶଂସା ଅକ୍ଷୁଣ୍ଣ ରହିବ। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭକରି ଖୁସି ହେବେ।

ଆଜି ଏପ୍ରିଲ ୩ ତାରିଖ, ଗୁଡ୍‌ଫ୍ରାଇଡେ/ଇଷ୍ଟର ଶୁକ୍ରବାର, ବୈଶାଖ କୃଷ୍ଣପ୍ରତିପଦା ଯୁକ୍ତ ଦ୍ୱିତୀୟା, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, କଳା ଶୁକ୍ରବାର। ରାଶିନକ୍ଷତ୍ର–ଚିତ୍ରା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୨ ଗତେ ଘ.୦୬।୩୧ ମଧ୍ୟେ, ଘ. ୦୭।୨୦ ଗତେ ଘ.୦୮।୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୮ ଗତେ ଘ. ୧୧।୫୦ ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ | Bhubaneswar, Friday, April 3/2026 | ପୃଷ୍ଠା-୩


ଆର୍ଟେମିସ୍-୨



ଆର୍ଟେମିସ୍-୨: ନାସାର କେନେଡି ସ୍ପେସ୍ ସେଣ୍ଟରରୁ ବିଶାଳ ରକେଟ ମହାକାଶଚାରୀମାନଙ୍କୁ ନେଇ ଚନ୍ଦ୍ର ଅଭିମୁଖେ ଯାତ୍ରା କରୁଛି।

# ଚନ୍ଦ୍ରକୁ ମହାକାଶଚାରୀ ପଠାଇଲା ନାସା

**କେପ୍ କାନାଭେରାଲ,୨।୪**

ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ପରେ ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ବୁଧବାର ଚନ୍ଦ୍ର ଅଭିମୁଖେ ୪ ଜଣ ମହାକାଶଚାରୀଙ୍କୁ ପଠାଇଛି। ଆର୍ଟେମିସ୍-୨ ନାମରେ ଏହି ଚନ୍ଦ୍ର ଅଭିଯାନ ୩ ଜଣ ଆମେରିକୀୟ ଏବଂ ଜଣେ କାନାଡୀୟ ମହାକାଶଚାରୀ ଯାଇଛନ୍ତି। ନାସାର କେନେଡି ସ୍ପେସ୍ ସେଣ୍ଟରରୁ ବିଶାଳ ରକେଟ ସେମାନଙ୍କୁ ନେଇ ମହାକାଶ ଅଭିମୁଖେ ଯାତ୍ରା କରିଛି। ରକେଟ ଉତ୍କ୍ଷେପଣ ବେଳେ ଏହାକୁ ଦେଖିବା ପାଇଁ ଆଖପାଖ ରାସ୍ତା ଓ ବେଳାଭୂମିରେ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା। ସୂଚନାଯୋଗ୍ୟ, ୬୦ ଦଶକରେ ନାସା ଚନ୍ଦ୍ରକୁ ଆପୋଲୋ ମହାକାଶ ଯାନ ସହାୟତାରେ ମହାକାଶଚାରୀଙ୍କୁ ପଠାଇଥିଲା। ଚନ୍ଦ୍ରରେ ମାନବ ଉପସ୍ଥିତି ଦିଗରେ ଏହା ନାସାର ସବୁଠୁ ବଡ଼ ପଦକ୍ଷେପ ହୋଇ ରହିଛି। ଆର୍ଟେମିସ୍-୨ ମଧ୍ୟ ସେହି ଫ୍ଲୋରିଡା ଲଞ୍ଚ୍ ସାଇଟ୍‌ରୁ ଅଭିଯାନ ଆରମ୍ଭ ☞ପୃଷ୍ଠା-୫

# ରିଲ୍ସ: ନଦୀକୁ ଡେଇଁ ଜୀବନ ଗଲା

**ସୋସିଆଲ ମିଡିଆରେ ରିଲ୍ସ ଓ ଭାଇରାଲ ଭିଡିଓ ପାଇଁ ଯୁବତୀଯୁବକମାନେ ବିପଦଜନକ ଷ୍ଟଣ୍ଟ କରି ଜୀବନ ହରାଉଛନ୍ତି। ଲାଇକ୍ସ, କମେଣ୍ଟ୍ସ ଓ ଶେୟାର ବଢ଼ାଇବା ପାଇଁ ଜୀବନକୁ ବାଜି ଲଗାଇବା ଏବେ ଏକ ବଡ଼ ସାମାଜିକ ସମସ୍ୟା ହୋଇପଡ଼ିଛି। ଗୁରୁବାର ଭଦ୍ରକରେ ଏଭଳି ଏକ ଅଘଟଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ବଞ୍ଚି ଯାଇଛନ୍ତି। ଗତ ୨ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରିଲ୍ସ କରୁଥିବା ସମୟରେ ୭ଜଣଙ୍କ ପ୍ରାଣହାନୀ ଘଟିଲାଣି। ବିପଦପୂର୍ଣ୍ଣ ଅବସ୍ଥାରେ ରିଲ୍ସ କରି ନିଜ ଜୀବନକୁ ବିପଦରେ ନ ପକାଇବାକୁ ସଚେତନତା ସୃଷ୍ଟି କରାଯାଉଥିଲେ ହେଁ ଯୁବପିଢ଼ି ଅମାନିଆ ହେବାରୁ ଏଭଳି ଗୋଟେ ପରେ ଗୋଟେ ଅକାଳରେ ଜୀବନ ଚାଲିଯାଉଛି।**

**ଭଦ୍ରକ/ପାଟଣା,୨।୪ (ସନାତନ ରାଉତ/ବୀରକିଶୋର ଦାଶ)**

ଭଦ୍ରକ ଜିଲା ଟାଉନ ଥାନା ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ପୋଲ ଉପରୁ ସାଳନ୍ଦୀ ନଦୀକୁ ଡେଇଁ ରିଲ୍ସ କରିବା ଜଣେ ଯୁବକଙ୍କ ପାଇଁ କାଳ ସାଜିଛି। ନଦୀରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅଧୀନ ବାଉଁଶୁଳି ପଞ୍ଚାୟତ ଭୁଲୁଦା ରାଜବନ୍ଧ ସାହିର ମିଥୁନ ନାଏକ(୨୫)। ସୂଚନା ଅନୁଯାୟୀ, ମିଥୁନ ଏବଂ ତୁରୁମୁଙ୍ଗା ଥାନା ଅଞ୍ଚଳର ଅନ୍ୟ ୨ଯୁବକ ଭଦ୍ରକର ପୁରୁଣାବଜାର ଥାନା ଅଧୀନ ସନ୍ଥିଆ ଅଞ୍ଚଳରେ ରହି ଦିନମଜୁରିଆ ଭାବେ କାମ କରୁଥିଲେ। ଗୁରୁବାର କୌଣସି କାମ ନ ମିଳିବାରୁ ପୂର୍ବାହ୍ନ ୧୧ଟା ବେଳେ ରିଲ୍ସ କରିବାକୁ ସାଳନ୍ଦୀ ନଦୀ ପୋଲକୁ ଆସିଥିଲେ। ୨ଜଣ ପୋଲ ଉପରୁ ନଦୀକୁ ଡେଉଁଥିବା ବେଳେ ଆଉ ଜଣେ ସାଥୀ ଯୁବକ ମୋବାଇଲରେ ଭିଡିଓ ଶୁଟିଂ କରିଥିଲେ। ଜଣେ ଯୁବକ ଡେଇଁବା ପରେ ଆଉ ଜଣେ ଯୁବକ ଡିଆଁ ମାରିଥିଲେ। ତେବେ ପ୍ରଥମ ଯୁବକ ଜଣକ ଉପରକୁ ଉଠି ଆସିଥିବାବେଳେ ମିଥୁନ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପର୍ଯ୍ୟନ୍ତ ପାଣିରୁ ଉପରକୁ ନ ଆସିବାରୁ ସାଥୀ ୨ ଯୁବକ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବରପାଇ ପୁରୁଣାବଜାର ପୋଲିସ ଓ ଭଦ୍ରକ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ନିଶାସକ୍ତ ଅବସ୍ଥାରେ ୨ ଯୁବକ ପୋଲ ଉପରୁ ନଦୀକୁ ଡେଇଁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏବେ ଉକ୍ତ ରିଲ୍ସ ଭାଇରାଲ ☞ପୃଷ୍ଠା-୫

### ୨ବର୍ଷରେ ଗଲାଣି ୭ ଜୀବନ

ଗତ ଦୁଇ ବର୍ଷ (ଏପ୍ରିଲ ୨୦୨୪ରୁ ୨ ଏପ୍ରିଲ ୨୦୨୬) ମଧ୍ୟରେ ଓଡ଼ିଶାରେ ସୋସିଆଲ ମିଡିଆ 'ରିଲ୍' ଶୁଟିଂ ସମୟରେ ଅତିକମ୍‌ରେ ୬ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କିତ ତଥ୍ୟ ରହିଛି। ଯଦିଓ ସରକାରୀ ଭାବେ 'ରିଲ୍‌ଜନିତ ମୃତ୍ୟୁ' ପାଇଁ କୌଣସି ସ୍ୱତନ୍ତ୍ର ବିଭାଗ ନାହିଁ, ତଥାପି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ପୋଲିସ ଏହି 'ରିଲ୍ ନିଶା'କୁ ଅଘଟଣର ଏକ ପ୍ରମୁଖ କାରଣ ଭାବେ ଚିହ୍ନଟ କରିଛନ୍ତି। ଏଭଳି ମୃତ୍ୟୁ ସଂଖ୍ୟାରେ ଓଡ଼ିଶା ଭାରତରେ ୮ମ ସ୍ଥାନରେ ରହିଛି। ମିଳିଥିବା ତଥ୍ୟ ଅନୁସାରେ, ୨୦୨୪ ଅକ୍ଟୋବର ୧୪ରେ ବାଲେଶ୍ୱର ଜିଲା ସୋରୋ ନିକଟ ଅମ୍ୱାହଟା କେନାଲରେ ରିଲ୍ସ କରିବା ସମୟରେ ଦୁଇ ନାବାଳକ ଦୀପୁ ନାୟକ ଏବଂ ଅଶୋକ ଦାସ ବୁଡ଼ି ଯାଇଥିଲେ। ଜଣଙ୍କର ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିବାବେଳେ ଅନ୍ୟଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପ୍ରାଣ ହରାଇଥିଲେ। ☞ପୃଷ୍ଠା-୫

# ସବୁ ସହରାଞ୍ଚଳରେ ଖୁବ୍‌ଶୀଘ୍ର ପିଏନ୍‌ଜି

**ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)**

- **ସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନରେ ପିଏନ୍‌ଜି ସଂଯୋଗ ବାଧ୍ୟତାମୂଳକ: ନଗର ଉନ୍ନୟନ ମନ୍ତ୍ରୀ**
- **ବିଦ୍ୟାଳୟ, ଅଙ୍ଗନୱାଡି, ଆହାରକେନ୍ଦ୍ର, ଡାକ୍ତରଖାନାକୁ ଅଗ୍ରାଧିକାର**

ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ସହରାଞ୍ଚଳଗୁଡ଼ିକରେ ପାଇପ୍ଡ ନ୍ୟାଚୁରାଲ ଗ୍ୟାସ (ପିଏନ୍‌ଜି) ସଂଯୋଗୀକରଣକୁ ପ୍ରାଥମିକତା ଦିଆଯିବ। ସହରାଞ୍ଚଳରେ ଏଲ୍‌ପିଜି ଉପରେ ନିର୍ଭରଶୀଳତା କମାଇବା ପାଇଁ ସମସ୍ତ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ତୁରନ୍ତ ପିଏନ୍‌ଜି ସଂଯୋଗ କରାଯିବ ବୋଲି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରାଜ୍ୟରେ ଏଲ୍‌ପିଜି ଓ ପେଟ୍ରୋଲିୟମଜାତ ଦ୍ରବ୍ୟର ସୁଗମ ଯୋଗାଣ ସୁନିଶ୍ଚିତ କରିବା ନେଇ ଗୁରୁବାର ଲୋକସେବାଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ କହିଛନ୍ତି, ପିଏନ୍‌ଜି ସଂଯୋଗ ପାଇଁ ଯେଉଁମାନେ ଆବେଦନ କରିବେ ବିଭାଗ ତାକୁ ଦ୍ରୁତ୍ ଭିତ୍ତିରେ ଅନୁମତି ଦେବ। ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ସହରରେ ପିଏନ୍‌ଜି ସଂଯୋଗ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ଗ୍ୟାସ୍ କଳାବଜାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗ୍ୟାସ୍ ଯୋଗାଣ ଅନିୟମିତତା ରୋକିବାକୁ ଗ୍ରାହକଙ୍କ ନିମନ୍ତେ ବାୟୋମେଟ୍ରିକ(ଆଙ୍ଗୁଠି ଚିହ୍ନ ଓ ଆଇରିଶ ସ୍କାନ୍) ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି ସଂଯୋଗ ପାଇବେ ସେମାନଙ୍କୁ ଏଲ୍‌ପିଜି ସଂଯୋଗୀକରଣରୁ ବାଦ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଏନ୍‌ଜି ଗ୍ୟାସ୍ ଯୋଗାଣ ନିମନ୍ତେ ପାଇପ୍ ଲାଇନ ସଂଯୋଗ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ଏବଂ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କୁ ସହଯୋଗ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଏଜେନ୍ସିଗୁଡ଼ିକୁ ଡିଏସି(ଡେଲିଭରି ଅଥେଣ୍ଟିକେଶନ କୋଡ୍) ବ୍ୟବସ୍ଥାକୁ ଶତପ୍ରତିଶତ କଡ଼ାକଡ଼ି କରିବା ଏବଂ ବାୟୋମେଟ୍ରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା କି ଗ୍ରାହକମାନେ ଭୂତ ଡେଲିଭରି (ମିଥ୍ୟା ମେସେଜ୍)ର ଶିକାର ହେବେ ନାହିଁ। ସେହିପରି ପାଇପ୍ ଲାଇନ ଯୋଗେ ସହରର ବିଭିନ୍ନ ଗୃହ, ଶିଳ୍ପାଞ୍ଚଳ ଓ ପ୍ରତିଷ୍ଠାନକୁ ବାଣିଜ୍ୟିକ ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଜନସାଧାରଣ ଆଦୌ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଜରିଆରେ ସ୍ଥିତି ଉପରେ ନଜର ରଖିଥିବା ସେ କହିଛନ୍ତି। ତୈଳ ଓ ଗ୍ୟାସ୍ କମ୍ପାନୀ ଅଧିକାରୀମାନେ ଜଣାଇଛନ୍ତି, ୫ଦିନର ଗ୍ୟାସ୍ ଷ୍ଟକ୍ ରହୁଛି। ବିଦ୍ୟାଳୟ, ଅଙ୍ଗନୱାଡି, ଆହାରକେନ୍ଦ୍ର ଓ ଡାକ୍ତରଖାନା ପରି ସରକାରୀ ଅନୁଷ୍ଠାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ୟାସ୍ ଯୋଗାଇ ଦିଆଯାଉଛି ବୋଲି ସିଂ କହିଛନ୍ତି।

### ଖୋର୍ଦ୍ଧା ଡିଭିଜନରୁ ହଟିଲା ପଲାସା-ଇଚ୍ଛାପୁରମ୍ ସେକ୍ସନ୍

**ନୂଆଦିଲ୍ଲୀ, ୨।୪**

ପୂର୍ବତଟ ରେଳପଥର ଖୋର୍ଦ୍ଧା ଡିଭିଜନ୍‌ରେ ରହିଥିବା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲାର ପଲାସା-ଇଚ୍ଛାପୁରମ୍ ସେକ୍ସନ ହଟିଛି। ବର୍ତ୍ତମାନ ଏହି ସେକ୍ସନକୁ ନୂତନ ଭାବେ ଗଠନ କରାଯାଇଥିବା ସାଉଥ୍ କୋଷ୍ଟ ରେଳଜୋନ୍ ଅନ୍ତର୍ଗତ ବିଶାଖାପାଟଣା ଡିଭିଜନରେ ସାମିଲ କରାଯିବ ବୋଲି ଗୁରୁବାର ରେଳବାଇ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଶାଖାପାଟଣା ଜୋନ୍ ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ରେଳବାଇ ବୋର୍ଡ ଏହି ନିଷ୍ପତ୍ତି ନେଇଥିଲାବେଳେ ପୂର୍ବତଟ ଏବଂ ସାଉଥ୍ କୋଷ୍ଟ ରେଳପଥର ଜେନେରାଲ ମ୍ୟାନେଜର ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି।

# ୧,୮୮୯ ନୂଆ ଅଙ୍ଗନୱାଡ଼ି କେନ୍ଦ୍ର ଲୋକାର୍ପିତ



ଅଙ୍ଗନୱାଡି କେନ୍ଦ୍ରର ଲୋକାର୍ପଣ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସହ ଅଧିକାରୀମାନେ।

**ଭୁବନେଶ୍ୱର,୨।୪ (ସୁଚିସ୍ମିତା ସାହୁ)**

### ସୁନ୍ଦର, ସକ୍ଷମ, ସୁଦୃଢ଼ ଅଙ୍ଗନୱାଡ଼ି ଆମର ଲକ୍ଷ୍ୟ: ପ୍ରଭାତୀ

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ରାଜ୍ୟର ୩୦ ଜିଲାରେ ୧,୮୮୯ଟି ନୂଆ ଅଙ୍ଗନୱାଡି କେନ୍ଦ୍ର ଖୋଲିଛି। ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଭୁବନେଶ୍ୱରସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଏସବୁ ଅଙ୍ଗନୱାଡି କେନ୍ଦ୍ରକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡା କହିଛନ୍ତି, ସୁନ୍ଦର, ସକ୍ଷମ ଓ ସୁଦୃଢ଼ ଅଙ୍ଗନୱାଡ଼ି ଗଠନ ହିଁ ଆମର ମୂଳ ଲକ୍ଷ୍ୟ। ଏହି ଅବସରରେ ସେ ବାଲେଶ୍ୱର, ଗଞ୍ଜାମ, କଟକ, ଅନୁଗୋଳ ଏବଂ ଦେବଗଡ଼ ଭଳି ବିଭିନ୍ନ ଜିଲାର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ଆଜିର ଶିଶୁମାନେ ହିଁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ତେଣୁ ଏସବୁ ନୂଆ ଅଙ୍ଗନୱାଡି କେନ୍ଦ୍ର ଶିଶୁ, ଗର୍ଭବତୀ ଏବଂ ପ୍ରସୂତି ମା'ମାନଙ୍କ ପାଇଁ ପୁଷ୍ଟିସାଧନ, ପ୍ରାରମ୍ଭିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତାର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଏବଂ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ୩୦ ଜିଲାର ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଡିଏସ୍‌ଡବ୍ଲୁଓ, ସିଡିପିଓ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ୨ ନିର୍ମାଣକାରୀ ସଂସ୍ଥା ଉପରେ ୨୦୫ କୋଟିର ଜରିମାନା



**ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ**

### ନିର୍ମାଣ କାର୍ଯ୍ୟରେ ବିଳମ୍ବ: ଜରିମାନା ଲଦିଲା ଓବିସିସି

**କଟକ,୨।୪(କୁମାରଶ୍ରୀ)**

ଏମ୍ସ ପ୍ଲସର ସ୍ୱପ୍ନ ନେଇ ରାଜ୍ୟ ସରକାର କଟକ ବଡ଼ ମେଡିକାଲର ନବକଳେବର ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୪ ହଜାର ୪୭୪ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ହେଲେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ବାରମ୍ବାର ନିର୍ମାଣ ସମୟ ଅବଧି ଘୁଞ୍ଚି ଚାଲିଛି। ଇତିମଧ୍ୟରେ ନିର୍ମାଣ କାର୍ଯ୍ୟରେ ବିଳମ୍ବ ପାଇଁ ୨ ନିର୍ମାଣକାରୀ ସଂସ୍ଥା ଏଲ୍‌ଆଣ୍ଡଟି ଏବଂ ନାଗାର୍ଜୁନ କନଷ୍ଟ୍ରକଶନ(ଏନ୍‌ସିସି) ଉପରେ ଜରିମାନା ଲଦି ଦିଆଯାଇଛି। ଏଲ୍‌ଆଣ୍ଡଟି ଉପରେ ୧୧୮.୧୪ କୋଟି ଏବଂ ଏନ୍‌ସିସି ଉପରେ ୮୬.୪ କୋଟି ଟଙ୍କାର ଜରିମାନା ହୋଇଛି ବୋଲି ଓଡ଼ିଶା ବ୍ରିଜ ଆଣ୍ଡ କନ୍‌ଷ୍ଟ୍ରକଶନ କର୍ପୋରେଶନ (ଓବିସିସି) ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୦ରୁ ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଆରମ୍ଭ ହେଲାଣି। ଏଠାରେ ୯ ମହଲା ବିଶିଷ୍ଟ ୪ଟି ନୂତନ କ୍ଲିନିକାଲ କୋଠା ନିର୍ମାଣ ହେଉଛି। କ୍ଲିନିକାଲ କୋଠା ନିର୍ମାଣ ଦାୟିତ୍ୱ ନେଇଛି ଏଲଆଣ୍ଡଟି। କ୍ଲିନିକାଲ କୋଠା-୧ରେ ମେଡିସିନ, କୋଠା-୨ରେ ସ୍ପେଶିଆଲାଇଜ ମେଡିସିନ, କୋଠା-୩ରେ ସ୍ପେଶିଆଲାଇଜ ସର୍ଜରି ଏବଂ କୋଠା-୪ରେ ସର୍ଜରି ବିଭାଗ କାର୍ଯ୍ୟ କରିବ। ମିଳିଥିବା ରିପୋର୍ଟ ମୁତାବକ ୪ଟି କୋଠାର ଢାଞ୍ଚା ନିର୍ମାଣ ଶେଷ ହୋଇଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ ଆଭ୍ୟନ୍ତରୀଣ କାମ ଯୁଦ୍ଧକାଳୀନ ଗତିରେ ଆଗେଇ ଚାଲିଛି। କ୍ଲିନିକାଲ କୋଠା ସମ୍ପୂର୍ଣ୍ଣ ହେବା ବେଳକୁ ଡିସେମ୍ବର ମାସ ହୋଇଯିବ। ତେବେ ନିର୍ଦ୍ଧାରିତ ସମୟ ସୁଦ୍ଧା କାମ ଶେଷ କରି ପାରି ନ ଥିବାରୁ ନିର୍ମାଣକାରୀ ସଂସ୍ଥା ଏଲ୍‌ଆଣ୍ଡଟି ଉପରେ ୧୧୮.୧୪ କୋଟି ଟଙ୍କାର ଜରିମାନା ପଡ଼ିଛି। ସେହିପରି ମେଡିକାଲର ସମସ୍ତ ଡାକ୍ତର, ପାରାମେଡିକାଲ ଷ୍ଟାଫ୍ ଏବଂ ଅନ୍ୟ କର୍ମଚାରୀମାନେ ରହିବା ନିମନ୍ତେ ୧୩ଟି ଆବାସିକ କୋଠା ନିର୍ମାଣ ହେଉଛି। ସମସ୍ତ କୋଠା ୧୩ ମହଲା ବିଶିଷ୍ଟ। ଆବାସିକ କୋଠା ନିର୍ମାଣର ଦାୟିତ୍ୱ ନାଗାର୍ଜୁନ କନଷ୍ଟ୍ରକଶନ ହାତରେ ରହିଛି। ଏହି ନିର୍ମାଣକାରୀ ସଂସ୍ଥା ମଧ୍ୟ କାର୍ଯ୍ୟରେ ବିଳମ୍ବ କରୁଥିବା ହେତୁ ଏହା ଉପରେ ୮୬.୪ କୋଟି ଟଙ୍କାର ଜରିମାନା ପକାଇଛି ଓବିସିସି। ପ୍ରକାଶଯୋଗ୍ୟ, ବଡ ମେଡିକାଲରେ ଶଯ୍ୟା ସଙ୍କଟ ଦୂର ହେବାର ଏକମାତ୍ର ବିକଳ୍ପ ସମ୍ପ୍ରସାରଣ ପ୍ରକଳ୍ପ। ଦିନକୁ ଦିନ ରୋଗୀସଂଖ୍ୟା ବୃଦ୍ଧି ପାଉଥିବା ବେଳେ ନୂତନ କୋଠା କାର୍ଯ୍ୟକାରୀ ହେଲେ ହିଁ ଏହି ସମସ୍ୟା ଦୂର ହୋଇପାରିବ। ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଏପରିକି କିଛି ଦିନ ପୂର୍ବେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ପ୍ରସାରଣ ପ୍ରକଳ୍ପ ପରିଦର୍ଶନ କରି ଫେରିଥିଲେ।




ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା

-ଗୁଡ୍ ଫ୍ରାଇଡେ
ଓ ଲଙ୍କା ପୋଡ଼ି



# ଆଣବିକ ପ୍ରତିରୋଧ ଓ ମହାଶକ୍ତି



ଆଣ୍ଟୋନି ଡାବିଲା

ଆଣବିକ ଅସ୍ତ୍ରଶସ୍ତ୍ର ଯୋଗୁ ମହାଶକ୍ତିଙ୍କ ମଧ୍ୟରେ ଯୁଦ୍ଧର ବିଜୟ ଅସମ୍ଭବ ହୋଇଯାଇଛି। ଅର୍ଥାତ୍ ମହାଶକ୍ତିଙ୍କ ନିକଟରେ ଏତେ ଅଣୁ ଅସ୍ତ୍ରଶସ୍ତ୍ର ରହିଛି ଯେ, ଯଦି ସେମାନଙ୍କ ମଧ୍ୟରେ ଯୁଦ୍ଧ ହୁଏ; ତେବେ ବିଜୟ ପରିବର୍ତ୍ତେ ବିନାଶ ସୁନିଶ୍ଚିତ। ତଥାପି ୧୯୪୫ ପରେ ଆଣବିକ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ପରୋକ୍ଷ ଭାବେ ଛାୟାଯୁଦ୍ଧ ଏବଂ ଆଞ୍ଚଳିକ କ୍ଷେତ୍ରରେ ଆର୍ଥିକ, ରାଜନୈତିକ ଓ ସାମାଜିକ ଅସ୍ଥିରତା ସୃଷ୍ଟି କରି ଏହା କରିପାରୁଥିଲେ। ଯେତେ ହିଂସାତ୍ମକ ହେଲେ ବି ଏହିସବୁ ସଂଘର୍ଷ ବିଂଶ ଶତାବ୍ଦୀର ଦୁଇ ବିଶ୍ୱଯୁଦ୍ଧର ହିଂସାତ୍ମକ ସ୍ଥିତି ଆଡ଼କୁ ବଢ଼ିବ ବୋଲି ଆଶା କରାଯାଉ ନ ଥିଲା। ହେଲେ ୨୦୨୨ରୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ସେହି ବିଶ୍ୱାସକୁ ଧୂଳିସାତ୍ କରିଦେଇଛି। ୧୯୯୪ ବୁଦାପେଷ୍ଟ ମେମୋରାଣ୍ଡମ ଅନୁଯାୟୀ ଯେଉଁ ସ୍ୱାଧୀନ ଦେଶର ସୁରକ୍ଷାକୁ ରୁଷିଆ ନିଶ୍ଚିତ କରିଥିଲା, ତାହା ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇ ଭ୍ଲାଡିମୀର ପୁଟିନ୍ ବିଶ୍ୱ ବ୍ୟବସ୍ଥାର ମୌଳିକ ମାନ୍ୟତାକୁ ଅଣଦେଖା କରିଛନ୍ତି। ୟୁକ୍ରେନ୍ ଯୁଦ୍ଧ ଦର୍ଶାଇଛି, ଆଣବିକ ଅସ୍ତ୍ର ବଳରେ ଏକ ମହାଶକ୍ତି ପରମାଣୁ ଯୁଦ୍ଧକୁ ଅଗ୍ରାଧିକାର ନ ଦେଇ ଏକ ପୂର୍ଣ୍ଣ ପାରମ୍ପରିକ ଯୁଦ୍ଧ କରିପାରେ। ଏହାସହ ପରମାଣୁ ଯୁଦ୍ଧ ଆରମ୍ଭ ନ କରି ପ୍ରତିରୋଧୀ କାର୍ଯ୍ୟ କରାଯାଉଛି। ତେବେ ଆଣବିକ ପ୍ରତିରୋଧ ଅସ୍ତ୍ରଶସ୍ତ୍ରଗୁଡ଼ିକ ଉପରେ ନୁହେଁ, ବରଂ ସେସବୁର ବ୍ୟବହାର ସମ୍ପର୍କିତ ପ୍ରତ୍ୟାଶା ଉପରେ ନିର୍ଭର କରେ। ଅପରପକ୍ଷରେ, ଏହି ପଦକ୍ଷେପ ନୀତି ବଦଳାଇଥିବା ଦେଶଗୁଡ଼ିକୁ ସେମାନଙ୍କ ସ୍ୱାର୍ଥ ପାଇଁ ଅନ୍ତର୍ଜାତୀୟ ବ୍ୟବସ୍ଥାର ନିୟମଗୁଡ଼ିକର ପୁନର୍ଗଠନ କରିବା ସକାଶେ ଏକ ସୁଯୋଗ ସୃଷ୍ଟି କରିଛି। ସେମାନେ ବଳ ପ୍ରୟୋଗ କରି ଏହା କରିବାକୁ ଚାହୁଁଛନ୍ତି। କୌଣସି ଦେଶ ଅନ୍ୟର ସୀମା ଉଲ୍ଲଂଘନ କରିବା ଅନୁଚିତ, ଯାହା ଜାତିସଂଘ ବ୍ୟବସ୍ଥାର ଏକ ଆଧାରଶିଳା। କିନ୍ତୁ ଏହାକୁ ଏବେ ଏକ ସର୍ତ୍ତଗତ ନୀତି ଭାବେ ବିଚାର କରିବା ଛାଡ଼ ବରଂ ଏକ ନିୟମ ଭାବେ ବି ଗ୍ରହଣ କରାଯାଉନାହିଁ। ଏହାକୁ କେହି ଲାଗୁ କରିବାକୁ ଇଚ୍ଛୁକ ହେଲେ ହିଁ ଏହା ବୈଧ ହେବ। ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ବିବାଦ ଆଣବିକ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ତରଫରୁ ଆରମ୍ଭ ହୋଇଛି। ୟୁକ୍ରେନ୍‌କୁ ଅଧୀନକୁ ନେବା ଲାଗି ରୁଷିଆ ଚେଷ୍ଟା କଲା। ୭ ଅକ୍ଟୋବର ୨୦୨୩ରେ ହମାସ୍ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଇସ୍ରାଏଲ ଗାଜା, ଲେବାନନ୍, ସିରିଆ, ୟେମେନ୍ ଓ ପରେ ଇରାନ୍ ଉପରେ ସାମରିକ ଆକ୍ରମଣ ଆରମ୍ଭ କରିଦେଲା।

ଆମେରିକା ବୈଶ୍ୱିକ ବ୍ୟବସ୍ଥା ଗଠନ କରିବାରେ ସାହାଯ୍ୟ କରିଥିଲା। ହେଲେ ସେହି ବ୍ୟବସ୍ଥାର ଗ୍ୟାରେଣ୍ଟର ନ ହୋଇ ତାହାର ଅଧିକ କ୍ଷତି କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବାକୁ ଧମକ ଦେଇଛନ୍ତି। ଏହାସହ ଭେନେଜୁଏଲାରେ ହସ୍ତକ୍ଷେପ କରି ତାହାର ରାଷ୍ଟ୍ରପତିଙ୍କୁ ଅପହରଣ କଲେ। ଏହା ପରେ ଏବେ ଇରାନ୍ ସହ ଯୁଦ୍ଧ କରିଛନ୍ତି। ଆମେରିକା କଂଗ୍ରେସର ବିନା ଅନୁମତି କିମ୍ବା ଉପରେ ଜାତିସଂଘର ସ୍ୱୀକୃତି ନଥାଇ ଏହା କରାଯାଇଛି। ବିଗତ ୪ ବର୍ଷ ମଧ୍ୟରେ ରୁଷିଆ ଦର୍ଶାଇଛି ଯେ, ଆର୍ଥିକ କଟକଣାକୁ ମୁକାବିଲା କିମ୍ବା ସହ୍ୟ କରାଯାଇପାରେ। ଆଉ ମଧ୍ୟ ଦର୍ଶାଇଛି ଯେ, ପାଶ୍ଚାତ୍ୟ ଯୁଦ୍ଧ ପଦକ୍ଷେପଗୁଡ଼ିକ ଶିଳ୍ପ ଓ ରାଜନୈତିକ କଟକଣାର ସମ୍ମୁଖୀନ ହୋଇଛି ଏବଂ ଆଣବିକ ସୁରକ୍ଷା ପୂର୍ବ ବିଶ୍ୱାସ ତୁଳନାରେ ଏବେ ଅଧିକ ଭୂଖଣ୍ଡ ଦଖଲ କରିବା ପାଇଁ ଅନୁମତି ଦେଉଛି। ପରିଣାମ ସ୍ୱରୂପ ସ୍ଥାନୀୟ ସଂଘର୍ଷ ବୃଦ୍ଧି ହେଉଛି, ଯାହା ସେହି ଅଞ୍ଚଳରେ ସୀମିତ ନ ରହି ବ୍ୟାପୁଛି। ଯଦି ଲଗାତର ପାରମ୍ପରିକ ହିଂସା ଜାରି ରହେ, ତେବେ ତାହା ତୃତୀୟ ବିଶ୍ୱଯୁଦ୍ଧ ଘଟିପାରେ।

ଏବେ ସଂଘର୍ଷଗୁଡ଼ିକ ସାମଗ୍ରିକ ଭାବେ ବିଶ୍ୱ ବ୍ୟବସ୍ଥାକୁ ଅଧିକ ଚାପଗ୍ରସ୍ତ କରୁଛି। ଏଭଳି ସ୍ଥିତିରେ ଯୁଦ୍ଧଗୁଡ଼ିକ ଏକ ରଣନୀତିକ ସଙ୍କଟ ଭାବେ କେନ୍ଦ୍ରିତ ହୋଇପାରେ। ଫ୍ରାନ୍ସର ସମାଜ ବିଜ୍ଞାନୀ ରେମଣ୍ଡ ଆରୋନ ଏହି ସମସ୍ୟାକୁ ଏକ ଦଶନ୍ଧି ପୂର୍ବରୁ ସୂଚିତ କରିଥିଲେ। ସେ ତାଙ୍କ ପୁସ୍ତକ 'ଦି ସେଞ୍ଚୁରୀ ଅଫ୍ ଟୋଟାଲ ୱାର୍ସ'ରେ ଯୁକ୍ତି ବାଢ଼ିଥିଲେ ଯେ, ଆମେରିକୀୟ ରଣନୀତିଜ୍ଞମାନେ ଦୁଇଟି ଭବିଷ୍ୟତ କଥା ଭାବିଛନ୍ତି। ଗୋଟିଏ ହେଉଛି ପ୍ରତ୍ୟକ୍ଷ ସଂଘର୍ଷ ବିନା ସାମରିକ ବଳରେ ଶାନ୍ତି କିମ୍ବା ପରମାଣୁ ବିନିମୟରେ ଯୁଦ୍ଧ ଶେଷ। ଶୀତଳଯୁଦ୍ଧର ଉଗ୍ର ସଂଘର୍ଷଗୁଡ଼ିକ ନିୟନ୍ତ୍ରିତ ହୋଇଥିଲେ ମଧ୍ୟ ପରମାଣୁ ଅସ୍ତ୍ରର ଶକ୍ତି ହିଂସାକୁ ସୀମିତ ରଖିବାରେ ସଫଳ ହୋଇଥିଲା। କିନ୍ତୁ ହିଂସାକୁ ସୀମିତ ରଖିବାର ସେହି କ୍ଷମତା ଏବେ କ୍ଷୀଣ ହେବାରେ ଲାଗିଛି। କାରଣ କୌଣସି ଗୋଟିଏ ବି ଶକ୍ତି ସ୍ଥାନୀୟ ସଂଘର୍ଷକୁ ନିୟନ୍ତ୍ରଣ କରିପାରୁ ନାହିଁ।

ଏଠାରେ ରହିଛି ଆଧିପତ୍ୟର ରହସ୍ୟ। ଆମେରିକାର ପ୍ରତିଦ୍ୱନ୍ଦ୍ୱୀମାନେ କେବଳ ସେମାନଙ୍କ ନିଜ ଅଞ୍ଚଳରେ ପ୍ରଭୁତ୍ୱ ବିସ୍ତାର କରୁଥିବାବେଳେ ଆମେରିକା ସବୁଠି ଆଧିପତ୍ୟ ରଖିବାକୁ ଚାହୁଁଛି। ତାଇୱାନ କିମ୍ବା ଅନ୍ୟତ୍ର ଦେଖାଯାଇଥିବା ସଙ୍କଟ ରଣନୀତିକ ଚାପ ସୃଷ୍ଟି କରିବା ପାଇଁ ଯଥେଷ୍ଟ ହୋଇପାରେ। ୟୁରୋପ ଏଯାବତ୍ ରାଜନୈତିକ ଦୃଷ୍ଟିରୁ ଏକାଠି ହୋଇନାହାନ୍ତି। ଚାଇନାର ପ୍ରଭାବ ବଢୁଥିଲେ ସୁଦ୍ଧା ଏହା ତାହା ସାମ୍ପ୍ରତିକ ସ୍ୱାର୍ଥକୁ ଦେଖି ବୈଶ୍ୱିକ ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହିଁ।

ଏହି ସ୍ଥିତିରେ କେବଳ ଆଣବିକ ଅସ୍ତ୍ରଶସ୍ତ୍ର ଏବଂ ପ୍ରତିରକ୍ଷାତ୍ମକ ମେଣ୍ଟ ଉପରେ ଆଧାରିତ ଏକ ଅପ୍ରତିରୋଧୀ ସୁରକ୍ଷା ନୀତି ଯଥେଷ୍ଟ ହେବ ନାହିଁ। ଆଣବିକ ପ୍ରତିରୋଧର ପୁନଃ ପ୍ରତିଷ୍ଠା ପାଇଁ ଉଦାରବାଦୀ ଗଣତନ୍ତ୍ରଗୁଡ଼ିକ ସେମାନଙ୍କର ସମ୍ମିଳିତ ପ୍ରତିରକ୍ଷା ବ୍ୟବସ୍ଥାଗୁଡ଼ିକୁ ପୁନର୍ଗଠନ କରିବା ଦରକାର। ନୀତିଗୁଡ଼ିକ ପୁନରୁଦ୍ଧାର, ଶକ୍ତି ବ୍ୟବହାରର ପରିଚାଳନା ଏବଂ ଆଞ୍ଚଳିକ ସମନ୍ୱୟ ଉପରେ ଆଧାରିତ ଏକ ନୂଆ ସୁରକ୍ଷା ବଳୟ ଗଢ଼ି ଏହା କରିବା ଉଚିତ। ଆର୍ଥିକ ଶକ୍ତି ବ୍ୟାପକ ଭାବେ ଅବ୍ୟବସ୍ଥିତ ହୋଇଯାଇଥିବାରୁ ଏକ 'ଅପରିହାର୍ଯ୍ୟ ଦେଶ' ଭାବେ ଗଣାଯାଉଥିବା ଆମେରିକା ଯୁଗର ଶେଷ ହେବାକୁ ଯାଉଛି। ତେବେ ଫ୍ରାନ୍ସର ସମାଜବିଜ୍ଞାନୀ ଜିନ ବେଚଲରଙ୍କ ମତରେ କେତେକ ହାତଗଣତି ଦେଶର ପ୍ରାଧାନ୍ୟ ରହୁଥିବା ଏକ ସମନ୍ୱିତ ବ୍ୟବସ୍ଥା କିମ୍ବା ଚାଇନା ଓ ଆମେରିକାର ପ୍ରଭାବ ରହୁଥିବା ଏକ ନୂତନ ବ୍ୟବସ୍ଥା ବୈଶ୍ୱିକ ବ୍ୟବସ୍ଥା ଆଡ଼କୁ ଗତିକରୁଛି। ଆଣବିକ ପ୍ରତିରୋଧ ଯଦି ଜାରି ରହେ, ତେବେ ଆଗକୁ କିଛି ପରିବର୍ତ୍ତନ ଘଟିପାରେ। ଯଦି ଏହା ବିଫଳ ହୁଏ, ତେବେ ପ୍ରକୃତ ବିପଦ ମହାଯୁଦ୍ଧ ନୁହେଁ, ବରଂ ନିରନ୍ତର ହିଂସା ବଢ଼ିଚାଲିବ, ଯାହାକୁ କେହି ବି ନିୟନ୍ତ୍ରଣ କରିପାରିବେ ନାହିଁ।

**ରିସର୍ଚ୍ଚ ଫେଲୋ, ପ୍ୟାରିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପଲିଟିକାଲ ଷ୍ଟଡିଜ୍**

# ଜନଜାତୀୟ ଖେଳ ପ୍ରତିଭା: ଆମ ଜାତୀୟ ଗୌରବ



ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ଭାରତର ରାଷ୍ଟ୍ରପତି

ମୁଁ ଦେଖିଛି ଯେ ଆମ ଦେଶର ଗ୍ରାମାଞ୍ଚଳ ଓ ବନାଞ୍ଚଳରେ ପିଲାମାନେ ସେମାନଙ୍କ ଦୈନନ୍ଦିନ ଜୀବନର ଅଧିକାଂଶ ସମୟ ପ୍ରକୃତି କୋଳରେ ଅତିବାହିତ କରିଥା'ନ୍ତି। ସେମାନେ ପ୍ରାକୃତିକ ପରିବେଶରୁ ହିଁ ଖେଳକୁଦର ସହଜ ଉପାୟମାନ ଖୋଜି ନିଅନ୍ତି। ଭୂଇଁରେ ଗାର କାଟି, ଭଳିକି ଭଳି ଚିହ୍ନ ଆଙ୍କି ନିଜ ପାଇଁ କ୍ରୀଡ଼ାସ୍ଥଳୀ ପ୍ରସ୍ତୁତ କରିଥା'ନ୍ତି। ସେମାନେ ଫଳର ଶୁଖିଲା ମଞ୍ଜିକୁ ଖେଳର ଗୋଟି ଭାବରେ ବ୍ୟବହାର କରି ନିଅନ୍ତି। ଶୁଖିଲା ପତ୍ର, ଗଛର ଚେର ଏବଂ ପୁରୁଣା ଅବ୍ୟବହୃତ ପୋଷାକପତ୍ରରୁ ପେଣ୍ଡୁ ତିଆରି କରି ଖେଳନ୍ତି। ବାଉଁଶରେ ହକି ଓ ଫୁଟବଲ ଖେଳର ଗୋଲ ପୋଷ୍ଟ ତିଆରି କରନ୍ତି। ଏହିପରି ଭାବରେ ବିଭିନ୍ନ ପ୍ରାକୃତିକ ଉପାଦାନକୁ ଉପଯୋଗ କରି ସେମାନେ ନିଜନିଜର ଖେଳଦୁନିଆର ସର୍ଜନା କରିଥା'ନ୍ତି। ଅନେକ ପିଲା ବିନା ଜୋତା ଓ ଜର୍ସିରେ ବି ପ୍ରବଳ ଉତ୍ସାହର ସହ ଖେଳିଥାନ୍ତି। ଗାଡ଼ିଆପୋଖରୀରେ ପିଲାମାନେ ଖୁବ୍ ପହଁରନ୍ତି। ବର୍ତ୍ତମାନ ଉପଲବ୍ଧ ହେଉଥିବା ସମ୍ବଳ ଓ ପ୍ରଶିକ୍ଷଣ ସହାୟତାରେ ସନ୍ତରଣର ଏହି ପ୍ରକୃତିଦତ୍ତ ପ୍ରତିଭାର ବିକାଶ କରି ଯାଜପୁର ଝିଅ ଅଞ୍ଜଳି ମୁଣ୍ଡା ମାତ୍ର ୧୫ ବର୍ଷ ବୟସରେ ପ୍ରଥମ 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬'ର ପ୍ରଥମ ଦିବସରେ ହିଁ ତିନୋଟି ସ୍ୱର୍ଣ୍ଣ ପଦକ ଜିଣି ସାରା ଦେଶର ଯୁବାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ତୀରଚାଳନା ପ୍ରତି ଜନଜାତୀୟ ଲୋକଙ୍କର ଏକ ସ୍ୱତଃସ୍ଫୂର୍ତ୍ତ ଆକର୍ଷଣ ରହିଆସିଛି। ୧୮୫୫ ମସିହାରେ ଶୋଷଣ ବିରୁଦ୍ଧରେ ଭୀଷଣ ସଂଗ୍ରାମ କରିଥିଲା ସାନ୍ତାଳ ସମ୍ପ୍ରଦାୟ, ଯାହା 'ସାନ୍ତାଳ ହୁଲ' ନାମରେ ପରିଚିତ। ଯଦିଓ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ବ୍ରିଟିଶ ବାହିନୀ ଏହି ବିଦ୍ରୋହକୁ ଦମନ କରିବାରେ ସମର୍ଥ ହୋଇଥିଲା, ତେବେ ନିଜ ନିଜ ବିବରଣୀରେ ଇଂରେଜମାନେ ସାନ୍ତାଳ ବୀରମାନଙ୍କର ରଣକୌଶଳ, ବିଶେଷତଃ ତୀରଚାଳନା ଦକ୍ଷତା ବିଷୟରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରିଛନ୍ତି। ମୁଁ ରାଜ୍ୟପାଳ ଥିବା ସମୟରେ ସାନ୍ତାଳ ହୁଲ୍‌ର ନେତୃତ୍ୱ ନେଇଥିବା ବୀରପୁତ୍ର ସିଦ୍ଧ-କାହ୍ନୁ ଓ ଚାନ୍ଦ-ଭୈରବ ଏବଂ ବୀରାଙ୍ଗନା ଭଉଣୀ ଦ୍ୱୟ ଫୁଲ-ଝାନୋଙ୍କ ଗାଁ ଉରି-ମାରିକୁ ଯାଇ ସେମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର ସୌଭାଗ୍ୟ ଲାଭ କରିଥିଲି। ତୀରଚାଳନାରେ ଏକଲବ୍ୟଙ୍କ ମହାନତା କଥା ପ୍ରତ୍ୟେକ ଦେଶବାସୀଙ୍କୁ ଜଣା। ସେ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ରୂପେ ବିଖ୍ୟାତ। ଦେଶବାସୀଙ୍କ ପାଇଁ, ବିଶେଷତଃ ଜନଜାତୀୟ ସମାଜ ଲାଗି ଏକଲବ୍ୟ ହେଉଛନ୍ତି ପ୍ରେରଣାର ଉତ୍ସ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଗୁଡ଼ିକରେ ପ୍ରତିଷ୍ଠା କରାଯାଇଥିବା 'ଖେଳ ଉତ୍କୃଷ୍ଟତା କେନ୍ଦ୍ର' ଆଧୁନିକ କ୍ରୀଡ଼ା ଉପକରଣ ଓ ପ୍ରଣାଳୀ ମାଧ୍ୟମରେ ପିଲାମାନଙ୍କର ସାମର୍ଥ୍ୟ ବୃଦ୍ଧି କରୁଅଛି। ଏହିପରି ଭାବରେ ବିଦ୍ୟାଳୟର ଖେଳ-ବ୍ୟବସ୍ଥା ସଙ୍ଗେ ସଙ୍ଗେ ଅନ୍ୟତ୍ର ଥିବା ଖେଳ-ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଶିକ୍ଷିତ କରିବା କାର୍ଯ୍ୟକ୍ରମ ମଧ୍ୟ ଚାଲୁ ରହିଛି।

ମୋର ବ୍ୟକ୍ତିଗତ ପ୍ରଚେଷ୍ଟାରେ ମୋ ଗାଁର ବଞ୍ଚିତ ବର୍ଗର ପିଲାମାନଙ୍କ ନିମନ୍ତେ ଏକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏହି ବିନମ୍ର ପ୍ରଚେଷ୍ଟା କ୍ରମରେ ବିଦ୍ୟାଳୟ ପରିସରରେ ତୀରଚାଳନା ପ୍ରଶିକ୍ଷଣର ବ୍ୟବସ୍ଥା ମଧ୍ୟ କରାଯାଇଛି। ସରକାରୀ ଉଦ୍ୟମ ସାଙ୍ଗକୁ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଛୋଟ ଛୋଟ ପ୍ରୟାସ ମଧ୍ୟ ଜନଜାତୀୟ ପିଲାମାନଙ୍କ ଭିତରେ ଥିବା କ୍ରୀଡ଼ା ପ୍ରତିଭାର ବିକାଶ ଦିଗରେ ସହାୟକ ହେବ।

ମୋ ଗାଁର ଜନଜାତୀୟ ସମାଜର ଅନ୍ୟମାନଙ୍କ ପରି ମୋ ଭିତରେ ମଧ୍ୟ ସନ୍ତରଣ ସାଙ୍ଗକୁ କ୍ରୀଡ଼ା ଓ ବ୍ୟାୟାମ ପ୍ରତି ବେଶ୍ ଆଗ୍ରହ ଥିଲା। ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ମୁଁ ପ୍ରାୟତଃ ପ୍ରଥମ ହେଉଥିଲି। ଥରେ ପ୍ରତିଯୋଗିତାରେ ମୋ ସାଙ୍ଗ କିପରି ପ୍ରଥମ ହେବ, ସେଥିପାଇଁ ମୁଁ ଜାଣିଜାଣି ପଛେଇ ଯାଇଥିଲି। ଖେଳକୁଦରେ ଟିମ୍-ସ୍ପିରିଟର ଉନ୍ମେଷ ଘଟିଥାଏ ଏବଂ ସାମାଜିକ ସମ୍ପର୍କ ସୁଦୃଢ଼ ହୋଇଥାଏ। ସାଧାରଣତଃ ଖେଳାଳିମାନଙ୍କ ମଧ୍ୟରେ ଖେଳପଡ଼ିଆରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏବଂ ଖେଳପଡ଼ିଆ ବାହାରେ ଗଭୀର ବନ୍ଧୁତା ଦେଖିବାକୁ ମିଳିଥାଏ।

ମୋ ଭାଇ ଜଣେ ବହୁତ ଭଲ ଫୁଟବଲ ଖେଳାଳି ଥିଲେ କିନ୍ତୁ ଗଭୀର ଆଘାତ ଯୋଗୁ ଆଉ ଖେଳିପାରିଲେ ନାହିଁ। ମୋ ପରିବାରର ଅନ୍ୟ କେତେଜଣ ମଧ୍ୟ ବିଭିନ୍ନ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ବ୍ୟକ୍ତିଗତ ଆଲେଖ୍ୟରେ ମୁଁ କହିବାକୁ ଚାହେଁ ଯେ ଜନଜାତୀୟ ପରିବାରଗୁଡ଼ିକରେ କ୍ରୀଡ଼ାର ଏକ ଜୀବନ୍ତ ପରମ୍ପରା ବିଦ୍ୟମାନ। ସେମାନଙ୍କ ଭିତରେ କ୍ରୀଡ଼ାର ଅସରନ୍ତି ପ୍ରତିଭା ରହିଛି, ଉତ୍ସାହ ରହିଛି, ରୁଚି ରହିଛି ଏବଂ ଆଗକୁ ବଢ଼ିବାର ଆଗ୍ରହ ବି ରହିଛି। ସୁବିଧାସୁଯୋଗ ଓ ପ୍ରଶିକ୍ଷଣ ମାଧ୍ୟମରେ ଏପରି ପ୍ରତିଭାମାନଙ୍କର ଉପଯୁକ୍ତ ବିକାଶ କରାଯାଇପାରିଲେ କ୍ରୀଡ଼ା, ସେମାନଙ୍କ ପାଇଁ କେବଳ ମନୋରଞ୍ଜନ ଓ ସାମାଜିକ ମିଳାମିଶାର ମାଧ୍ୟମ ନ ହୋଇ ସେମାନଙ୍କର ଉନ୍ନତି ଓ ଆର୍ଥିକ ସ୍ୱାବଲମ୍ବନ ତଥା ସାମାଜିକ ପ୍ରତିଷ୍ଠାର ମାଧ୍ୟମ ହୋଇପାରିବ। ଏ ପରିପ୍ରେକ୍ଷୀରେ ୨୦୧୮ ମସିହାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ରାଜ୍ୟ ସରକାର ଓ କ୍ରୀଡ଼ା ପ୍ରତିଷ୍ଠାନର ସହଭାଗିତାରେ ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା 'ଖେଲୋ ଇଣ୍ଡିଆ' ଅଭିଯାନ ଦେଶର କ୍ରୀଡ଼ା ବିକାଶ କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ଆଣିଛି।

କିଛିବର୍ଷ ତଳେ ଆମ ଦେଶରେ କ୍ରୀଡ଼ାର ଉତ୍ତମ ସୁବିଧାସୁଯୋଗ କେବଳ ମହାନଗରଗୁଡ଼ିକ ଭିତରେ ସୀମିତ ଥିଲା। ଅଥଚ ଅନେକ ପ୍ରତିଭାବାନ ଖେଳାଳି ଆମ ଗ୍ରାମାଞ୍ଚଳ ଓ ବନାଞ୍ଚଳରେ ରହିଛନ୍ତି। ଜନଜାତି ଅଧ୍ୟୁଷିତ ଅଞ୍ଚଳରେ କ୍ରୀଡ଼ା ଏକାଡେମୀ ଏବଂ ପ୍ରଶିକ୍ଷଣ ସୁବିଧାମାନ ପୂର୍ବେ ସୁଲଭ ନ ଥିଲା। ଅଧୁନା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କର ଖେଳକୁଦ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବାଠାରୁ ଆରମ୍ଭ କରି 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ' ପରି ପ୍ରୟାସ ବଳରେ ଜନଜାତୀୟ ପ୍ରତିଭାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳୁଛି।

ମୋର ମନେଅଛି ଯେ ମୋର ଛାତ୍ରୀ ଜୀବନରେ ଗ୍ରାମ୍ୟ ସ୍ତରରେ ପାଞ୍ଚ-ସାତ ଖଣ୍ଡ ଗାଁର ଲୋକେ ମିଶି ଖେଳ ପ୍ରତିଯୋଗିତା ଆୟୋଜନ କରୁଥିଲେ। କେତେକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟ ଜନଜାତୀୟ ଅଞ୍ଚଳରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇଆସିଛନ୍ତି। ତେବେ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଉଥିବା ଭଲ ଭଲ ଖେଳାଳିମାନେ ଗ୍ରାମ୍ୟ ସ୍ତରରୁ ଉପରକୁ ଉଠି ପାରୁ ନ ଥିଲେ। ବିଗତ କିଛି ବର୍ଷ ହେବ ଏହି ସ୍ଥିତିରେ ସୁଧାର ଆଣିବା ପାଇଁ ଅନେକ ପ୍ରଶଂସନୀୟ ଉଦ୍ୟମ କରାଯାଇଅଛି। ଏହି ଉଦ୍ୟମକୁ ଆଗକୁ ନେଇ 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬'ର ଆୟୋଜନ କରାଯାଇଛି। ଏହାଦ୍ୱାରା ତୃଣମୂଳ ସ୍ତରର ଜନଜାତୀୟ ଖେଳାଳିମାନଙ୍କୁ ପରିଚୟ ମିଳିପାରିଛି ଏବଂ ସେମାନଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ଓ ପ୍ରଶିକ୍ଷଣ ଉପଲବ୍ଧ କରାଯାଇଛି। ଏହି ରାଷ୍ଟ୍ରୀୟ କ୍ରୀଡ଼ାରେ ପ୍ରାୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ନିଜନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି।

ଆମ ଖେଳାଳିମାନଙ୍କର ସ୍ୱାଭାବିକ ପ୍ରତିଭା ବଳରେ ଭାରତ ୧୯୨୮ ମସିହାରେ ଆୟୋଜିତ ଅଲିମ୍ପିକ୍ସ କ୍ରୀଡ଼ାରେ ହକିରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିଣିଥିଲା। ଭାରତର ସେହି ଐତିହାସିକ ବିଜୟରେ ଜନଜାତୀୟ ଖେଳାଳିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେବେଠାରୁ ଏ ପର୍ଯ୍ୟନ୍ତ ଦିଲୀପ ତିର୍କୀ, ସୁବୋଧ ଲାକ୍ରା ଓ ସଲିମା ଟେଟେଙ୍କ ପରି ହକି-ତାରକା ଖେଳାଳିମାନେ ଭାରତର ପୁରୁଷ ଓ ମହିଳା ଟିମ୍‌କୁ ନିଜ ପ୍ରତିଭା ଦ୍ୱାରା ସମୃଦ୍ଧ କରିଆସିଛନ୍ତି।

ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ହୋଇଆସୁଥିବା 'ଖେଲୋ ଇଣ୍ଡିଆ' ନାମକ ରାଷ୍ଟ୍ରୀୟ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସବୁ ଭୌଗୋଳିକ କ୍ଷେତ୍ର, ସାମାଜିକ ବର୍ଗ ଓ ଅନୁଷ୍ଠାନଗୁଡ଼ିକ ନିମନ୍ତେ ଏକ ସମୁଚିତ କ୍ରୀଡ଼ା ଇକୋ-ସିଷ୍ଟମ ଉପଲବ୍ଧ କରାଯିବା ନେଇ ସମାବେଶୀ ପ୍ରୟାସ କରାଯାଉଅଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ାରେ ଝିଅମାନଙ୍କର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜାରି ରହିଥିବା 'ଅସ୍ମିତା' ଯୋଜନା ବଳରେ ଜନଜାତୀୟ ଝିଅମାନଙ୍କର କ୍ଷମତା ମଧ୍ୟ ବିକଶିତ ହେଉଛି। 'ଖେଲୋ ଇଣ୍ଡିଆ ଜନଜାତୀୟ ଖେଳ ୨୦୨୬' ମାଧ୍ୟମରେ ଆରମ୍ଭ କରାଯାଇଥିବା ପ୍ରୟାସଗୁଡ଼ିକ ସୁଦୃଢ଼ କରି ଜନଜାତୀୟ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେଲେ ଖେଳାଳିମାନଙ୍କର ଏପରି ଗୋଷ୍ଠୀ ଗଢ଼ାଯାଇପାରିବ, ଯାହାଦ୍ୱାରା ବିଶ୍ୱ ଦରବାରରେ ଭାରତ କ୍ରୀଡ଼ା-ମହାଶକ୍ତି ରୂପେ ପ୍ରତିଷ୍ଠିତ ହୋଇପାରିବ।

କିଛି ମାସ ତଳେ ଆୟୋଜିତ ବସ୍ତର ଓ ସରଗୁଜା ଅଲିମ୍ପିକ୍‌ରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଏପରି କେତେକ ଖେଳାଳି ଥିଲେ ଯେଉଁମାନେ ନକ୍ସଲବାଦର ପଥ ପରିତ୍ୟାଗ କରି କ୍ରୀଡ଼ାର ସତ୍‌ପଥରେ ଅଗ୍ରସର ହୋଇଛନ୍ତି। ଖେଳକୁଦ ଯୁବଶକ୍ତିକୁ ସକାରାତ୍ମକ ଅଭିବ୍ୟକ୍ତି ପ୍ରଦାନ କରିଥାଏ। ଯୁବାଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରି ତାହାର ବିକାଶ କରିବା ଦିଗରେ ସରକାରଙ୍କ ପ୍ରଚେଷ୍ଟାର ସୁପରିଣାମ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାଗୁଡ଼ିକରେ ପରିଦୃଷ୍ଟ ହେବା ଆରମ୍ଭ ହୋଇଛି।

ଜନଜାତୀୟ ଯୁବତୀଯୁବକଙ୍କ ସମେତ ଆମ ଯୁବବର୍ଗଙ୍କ କ୍ରୀଡ଼ା ପ୍ରତିଭା ଆମର ଅମୂଲ୍ୟ ରାଷ୍ଟ୍ରୀୟ ପୁଞ୍ଜି। ମୋର ବିଶ୍ୱାସ, ଏହି ଅମୂଲ୍ୟ ସମ୍ବଳର ସଦୁପଯୋଗ କରି ଆମ ଦେଶ କ୍ରୀଡ଼ା ଉତ୍କୃଷ୍ଟତାର ଅନେକ ଗୌରବଶାଳୀ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିବ। ଏହି ବିଶ୍ୱାସ ସହିତ ମୋର ବାର୍ତ୍ତା ଏହି ଯେ, ଖେଲୋ ଇଣ୍ଡିଆ! ଖୁବ୍ ଖେଲୋ ଇଣ୍ଡିଆ!

# ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମା



ହରିଶ୍ଚନ୍ଦ୍ର ଅରିଶଲ୍ୟ

ପ୍ରଭୁ ଯିଶୁଖ୍ରୀଷ୍ଟ ଦୁଇ ହଜାରରୁ ଅଧିକ ବର୍ଷ ତଳେ, ରୋମୀୟ ସାମ୍ରାଜ୍ୟ ସମୟରେ, ନିଜର ପରିଚୟ ଓ ବ୍ୟକ୍ତିତ୍ୱକୁ ଖୋଲାଖୋଲି ଭାବେ ପ୍ରକାଶ କରିଥିଲେ। ତାଙ୍କ ବିରୋଧରେ ରାଜଦ୍ରୋହର ମିଥ୍ୟା ଅଭିଯୋଗ ଆଣି କ୍ରୁଶବିଦ୍ଧ କରାଗଲା। କିନ୍ତୁ ବିଚାରପତିମାନେ ତାଙ୍କଠାରେ କୌଣସି ଦୋଷ ପାଇ ନ ଥିଲେ। ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ହୋଇ ମଧ୍ୟ ଆମ୍ଭମାନଙ୍କ ପାପ ପାଇଁ ପ୍ରଭୁଯିଶୁ ମୃତ୍ୟୁଦଣ୍ଡ ଭୋଗ କଲେ। ବାଇବେଲ କହେ, 'ସମସ୍ତେ ପାପ କରି ଈଶ୍ୱରଙ୍କ ମହିମାରୁ ଊଣା ପଡ଼ିଅଛନ୍ତି'। 'ପାପର ବେତନ ମୃତ୍ୟୁ'। ପ୍ରଭୁ ଯିଶୁ ଶାରୀରିକ ମୃତ୍ୟୁର ଅଳ୍ପ ସମୟ ପୂର୍ବରୁ କ୍ରୁଶ ଉପରୁ ୭ଟି ନିଗୂଢ଼ ବାକ୍ୟ ଉଚ୍ଚାରଣ କରିଥିଲେ। ୧) ହେ ପିତା ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ, ୨) ମୁଁ ତୁମକୁ ସତ୍ୟ କହୁଛି, ଆଜି ତୁମେ ମୋ ସହିତ ପାରଦୀଶରେ ରହିବ, ୩) ହେ ମୋହର ଈଶ୍ୱର ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ, ୪) ହେ ପିତା ତୁମ ହସ୍ତରେ ମୋର ଆତ୍ମାକୁ ସମର୍ପଣ କରୁଛି, ୫) ଗୋନାରୀ, ଏଠାରେ ତୁମ୍ଭର ପୁତ୍ର, ତୁମ୍ଭର ମା, ୬) ମୋତେ ତୃଷା ଲାଗୁଛି, ୭) ଏହା ସମାପ୍ତ ହେଲା।

ହେ ପିତା, ଏମାନଙ୍କୁ କ୍ଷମାକର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ। ଏହାଥିଲା ଏକ ଦୁର୍ଲଭ ବାକ୍ୟ। ନିର୍ଦ୍ଦୋଷରେ ଦଣ୍ଡ ପାଇବା ଅବସରରେ କ୍ଷମାଦେବା ଇତିହାସରେ ଏକ ବିରଳ ଘଟଣା। ପ୍ରଭୁ ଯିଶୁ କ୍ଷମାର ସାଗର। କେବଳ ସେ ହିଁ କ୍ଷମା ଦେଇପାରନ୍ତି। ମନୁଷ୍ୟ ସମାଜର ପାପ କ୍ଷମା ନିମନ୍ତେ ପବିତ୍ର ନରବଳିକୁ ପ୍ରଭୁ ଯିଶୁ ସମ୍ପୂର୍ଣ୍ଣ କରିଥିଲେ। ବାଇବେଲ କହେ, ପ୍ରଭୁଯିଶୁ ଆମ୍ଭମାନଙ୍କ ପିତା ଈଶ୍ୱରଙ୍କ ଇଚ୍ଛାନୁସାରେ ଏହି ବର୍ତ୍ତମାନ ପାପର କ୍ରୀତଦାସରୁ ଉଦ୍ଧାର କରିବା ପାଇଁ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ପ୍ରଦାନ କଲେ। ପବିତ୍ର ଓ ନ୍ୟାୟବାନ ଈଶ୍ୱର କାହାରି ମୁଖା ପେକ୍ଷା କରନ୍ତି ନାହିଁ। ଦୋଷୀକୁ ଦଣ୍ଡ ଦେଇ ନ୍ୟାୟ ବିଚାର କରନ୍ତି। ଯେଣୁ ଆମ୍ଭମାନଙ୍କୁ ଈଶ୍ୱର ନିକଟକୁ ଆଣିବା ନିମନ୍ତେ ଯିଶୁଖ୍ରୀଷ୍ଟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ବଳିକୃତ ହେଲେ ଓ ମୃତ୍ୟୁ ଭୋଗ କଲେ। ସେ ଶରୀରରେ ମୃତ୍ୟୁ ଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ। ପ୍ରଭୁ ଯିଶୁ ମନୁଷ୍ୟ ସମାଜ ପାଇଁ 'କ୍ଷମା'ର ଦ୍ୱାର ଖୋଲିଦେଲେ। ପ୍ରଭୁଯିଶୁଙ୍କ ଦ୍ୱାରା ଓ ତାଙ୍କ ଦେଇ ସମସ୍ତେ ଈଶ୍ୱରଙ୍କ ନିକଟକୁ ଯାଇପାରିବେ। ପ୍ରଭୁଯିଶୁ କ୍ରୁଶାର୍ପିତ ଅବସ୍ଥାରେ ସମସ୍ତଙ୍କ କ୍ଷମା ପାଇଁ ପିତା ଈଶ୍ୱରଙ୍କୁ ନିବେଦନ କଲେ। ବର୍ତ୍ତମାନ ପ୍ରଭୁଯିଶୁ ଆହ୍ୱାନ କରୁଛନ୍ତି, ''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି।'' ବାଇବେଲ କହେ, ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ।



କ୍ଷମା କରିବା କ୍ଷମା ଦେବା ଏକ ସାଧାରଣ ବିଷୟ ନୁହେଁ। ଯେଉଁମାନେ କ୍ଷମା ଦିଅନ୍ତି ଏବଂ କ୍ଷମା ପାଆନ୍ତି ସେମାନେ ଏହାର ଗୁରୁତ୍ୱ ଅନୁଭବ କରନ୍ତି। ବାଇବେଲ କହେ, ଯାହାଙ୍କଠାରେ ପାପର ଲେଶ ମାତ୍ର ନ ଥିଲା ତାହାଙ୍କୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପେ କଲେ, ଯେପରି ଆମ୍ଭେମାନେ ପ୍ରଭୁଯିଶୁଙ୍କ ଦ୍ୱାରା ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେଉ। ଜଣେ ମଣିଷ(ଆଦମ)ର ପାପରେ ମନୁଷ୍ୟ ଜାତି ପାପୀ ହେଲା ଏବଂ ଜଣେ ମଣିଷ (ମନୁଷ୍ୟ ଅବତାର ପ୍ରଭୁଯିଶୁଙ୍କ) ବଳିଦାନରେ ମନୁଷ୍ୟ ସମାଜ କ୍ଷମା, ମୁକ୍ତି ଓ ପରିତ୍ରାଣ ମୋକ୍ଷର ଅଧିକାରୀ ହେଲେ। ପ୍ରଭୁଯିଶୁ ସମସ୍ତଙ୍କ ପାପକ୍ଷମା ପାଇଁ ବଳିଦାନ ଦେଇ କ୍ରୁଶ ଉପରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଏହା ହିଁ ଶୁଭ ଶୁକ୍ରବାରର ମହାନ୍ ବାର୍ତ୍ତା।

ବାଇବେଲ ପ୍ରମାଣିତ, ପ୍ରଭୁଯିଶୁ ତିନିଦିନ ପରେ କବରରୁ ପୁନରୁତ୍ଥିତ ହେଲେ। ଏହା ପୃଥିବୀ ଇତିହାସରେ ପ୍ରଥମ ଓ ଶେଷ ଘଟଣା। ପୁଣି ୪୦ ଦିନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କୁ ଦେଖାଦେଇଥିଲେ। ନିଜକୁ ସ୍ପର୍ଶ କରିବାକୁ ସୁଯୋଗ ଦେଲେ ଏବଂ ସମସ୍ତଙ୍କ ଗୋଚରରେ ସ୍ୱର୍ଗାରୋହଣ କଲେ। ତାହାଙ୍କ ସ୍ୱର୍ଗାରୋହଣ ସମୟରେ ଆକାଶରୁ ଦୂତଙ୍କ ବାଣୀ ଥିଲା, ପ୍ରଭୁ ଯିଶୁ ଯେପରି ସ୍ୱର୍ଗାରୋହଣ କଲେ ଠିକ୍ ସେହିପରି ଦ୍ୱିତୀୟ ଥର ପୃଥିବୀକୁ ବିଚାର କରିବା ପାଇଁ ଦ୍ୱିତୀୟ ଆଗମନ କରିବେ। ପ୍ରଭୁଯିଶୁଙ୍କ ଦ୍ୱିତୀୟ ଆଗମନ ପୂର୍ବରୁ ଯାହା ସବୁ ଲକ୍ଷଣ ବାଇବେଲରେ ଉଲ୍ଲେଖ ଅଛି, ତାହାସବୁ ଆଜି ପୃଥିବୀରେ ଦେଖାଯାଉଛି।

ପ୍ରଭୁଯିଶୁ କହିଥିଲେ, କେହି ମୋଠାରୁ ମୋର ଜୀବନ ନେଇଯାଇ ନାହିଁ, ମାତ୍ର ମୁଁ ଆପେ ତାହା ଦାନ କରେ। ଜୀବନଦାନ କରିବାକୁ ଓ ସେହି ଜୀବନକୁ ପୁନର୍ବାର ଗ୍ରହଣ କରିବାକୁ ମୋର ଅଧିକାର ଅଛି। ମୁଁ ମୋର ପିତାଙ୍କଠାରୁ ଏହି ଆଜ୍ଞା ପାଇଛି। ପ୍ରଭୁଯିଶୁ ସମସ୍ତଙ୍କୁ ଜାତି, ଧର୍ମ, ବର୍ଣ୍ଣ ଓ ଭାଷା ଓ ଭୌଗୋଳିକ ସୀମା ନିର୍ବିଶେଷରେ ଆହ୍ୱାନ ଦେଇଛନ୍ତି– 'ମୁଁ ପଥ, ସତ୍ୟ ଓ ଜୀବନ। ମୋ ଦେଇ ନ ଗଲେ କେହି ପରମ ପିତାଙ୍କ ନିକଟକୁ ଯାଇପାରିବ ନାହିଁ।' ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ପ୍ରଭୁ ଯିଶୁଖ୍ରୀଷ୍ଟ ଏକମାତ୍ର ମଧ୍ୟସ୍ଥ। ପ୍ରଭୁ ଯିଶୁ ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମା। କ୍ଷମାର ଆବଶ୍ୟକତା ଅତି ଜରୁରୀ ଥିଲା ଏବଂ ବର୍ତ୍ତମାନ ମଧ୍ୟ ଅଛି। ଆମ ପରିବାରରେ ସମାଜରେ ରାଜ୍ୟରେ ଦେଶରେ ଏବଂ ପୃଥିବୀରେ ପରସ୍ପର କ୍ଷମା କରିଦେଲେ, ଅନେକ ଜଟିଳ ସମସ୍ୟା ଦୂରେଇ ଯିବ। କ୍ଷମା କରିଦେଲେ ମଣିଷ ଓ ମଣିଷ ମଧ୍ୟରେ ଦୂରତା କମିଯିବ। ଘନିଷ୍ଠତା ବଢ଼ିଯିବ। ସୁସ୍ଥ ମାନବ ସମାଜ ଗଢ଼ି ଉଠିବ।

**ଅହମଦାବାଦ, ଗୁଜରାଟ**
**ମୋ:୯୪୯୪୭୮୨୭୭୭**

## ଏଇ ଭାରତରେ

ଅସହାୟ ପିଲାଙ୍କ ଆଶାବାଡ଼ି ପୋର୍ଡିଆ ପୁଟାଟୁଣ୍ଡା। ସେ ତାଙ୍କ ପିତାଙ୍କ ସ୍ମୃତିରେ ଏକ ଆବାସିକ ସ୍କୁଲ ଖୋଲି ମାଗଣାରେ ପିଲାମାନଙ୍କୁ ପଢାଉଛନ୍ତି। ସେମାନଙ୍କୁ ଖାଦ୍ୟ, ଚିକିତ୍ସା, ପୋଷାକ ମାଗଣାରେ ଯୋଗାଉଛନ୍ତି। ପୋର୍ଡିକା ଭାରତର ସବୁଠୁ ଉଚ୍ଚ ଗାଁ ହିମାଚଳ ପ୍ରଦେଶର କୋମିକରେ ଏହି ସ୍କୁଲ ଖୋଲିଛନ୍ତି। ସେ ପ୍ଲାନେଟ ସ୍ପିତି ଫାଉଣ୍ଡେଶନ ପ୍ରତିଷ୍ଠା କରି ତା' ମାଧ୍ୟମରେ ଉକ୍ତ ସ୍କୁଲ ପରିଚାଳନା କରୁଛନ୍ତି। ପୋର୍ଡିକା ସେହି ପିଲାମାନଙ୍କ ପାଇଁ ମା'ପାଲଟିଯାଇଛନ୍ତି। ସ୍କୁଲରେ ୮ରୁ ୧୦ ବର୍ଷ ବୟସର ପିଲା ରହୁଛନ୍ତି। ପିଲାମାନଙ୍କ ମଧ୍ୟରୁ ଅର୍ଦ୍ଧେକ ସେମାନଙ୍କ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ଆଉ ଯେଉଁମାନେ ରହିଲେ ଅଭିଭାବକ ସେମାନଙ୍କ ଯତ୍ନ ନେବାରେ ଅକ୍ଷମ। ଏହି ସ୍କୁଲରେ ପିଲାମାନଙ୍କ ପାଇଁ ଏକ ପାଠାଗାର ଓ ଖେଳିବାର ବ୍ୟବସ୍ଥା କରାଯାଇଛି। ପୋର୍ଡିକା ପେସାରେ ଜଣେ ସାମ୍ବାଦିକ। ସେ ସିଏନ୍‌ଏନ୍‌ରୁ ୨୦୨୦ରେ ଚାକିରି ଛାଡ଼ି ଏହି କାର୍ଯ୍ୟ କରୁଛନ୍ତି। ସାମ୍ବାଦିକ ଥିବାବେଳେ ସେ କୋମିକ୍‌କୁ ବହୁବାର ଯିବାର ସୁଯୋଗ ପାଇଥିଲେ ଓ ସେଠାରେ ପିଲାଙ୍କ ଦୁର୍ଦ୍ଦଶାକୁ ଦେଖିଥିଲେ। ଏଣୁ ତାଙ୍କ ପିତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତିରେ ସେଠାରେ ଏହି ସ୍କୁଲ ଖୋଲିବାର ନିଷ୍ପତ୍ତି ନେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଏପ୍ରିଲ ୧୯୭୭

- ପଶ୍ଚିମବଙ୍ଗ ବିଧାନସଭା ସଭ୍ୟା ଭବାନୀ ଶଙ୍କର ମୁଖାର୍ଜୀ କଂଗ୍ରେସ ଦଳ ତ୍ୟାଗ କରି ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।
- ଏସ୍.ଭି. ଗୁପ୍ତେଙ୍କୁ ଭାରତର ନୂଆ ଆଟର୍ଣ୍ଣି ଜେନେରାଲ ରୂପେ ନିଯୁକ୍ତି ପ୍ରଦାନ।
- ତ୍ରିପୁରାରେ ଗଣତାନ୍ତ୍ରିକ କଂଗ୍ରେସ ଦଳ ଓ ମାର୍କ୍ସପନ୍ଥୀ କମ୍ୟୁନିଷ୍ଟ ପାର୍ଟିର ଏକ ମିଳିତ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| 5 | 9 | | | | 6 | | 3 | |
| | | | | 1 | | 9 | | |
| | | | | 5 | | 6 | | 8 |
| | | 3 | | | 1 | | | 5 |
| | 2 | | | | | | 7 | |
| 1 | | 2 | | | | 8 | | 3 |
| | | | 8 | | | | | |
| | | 7 | | | | | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 8 | 6 | 1 | 3 | 7 | 2 |
| 6 | 1 | 2 | 7 | 3 | 5 | 8 | 4 | 9 |
| 3 | 8 | 7 | 2 | 9 | 4 | 1 | 6 | 5 |
| 9 | 4 | 5 | 6 | 8 | 7 | 2 | 3 | 1 |
| 1 | 2 | 6 | 3 | 5 | 9 | 4 | 8 | 7 |
| 8 | 7 | 3 | 4 | 1 | 2 | 9 | 5 | 6 |
| 2 | 3 | 1 | 5 | 4 | 6 | 7 | 9 | 8 |
| 5 | 9 | 4 | 1 | 7 | 8 | 6 | 2 | 3 |
| 7 | 6 | 8 | 9 | 2 | 3 | 5 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳା ଏବଂ ଶିଶୁ ହେଲ୍‌ପ ଲାଇନ୍ ଡେସ୍କ ପୁନଃ ପ୍ରଚଳନ ହେଉ

ମହାଶୟ,

ରାଜଧାନୀ ଭୁବନେଶ୍ୱର ସମେତ ପ୍ରାୟ ଅନେକ ବଡ଼ ସହରରେ ଅତୀତ ସରକାରଙ୍କ ଅମଳରେ ଶିଶୁ ଏବଂ ମହିଳା ହେଲ୍ପ ଡେସ୍କ ପରିଚାଳିତ ହେଉଥିଲା। ଏହି ସବୁ ଡେସ୍କଗୁଡ଼ିକ ମହିଳା ଏବଂ ଶିଶୁମାନଙ୍କର ଆପଦ ଓ ବିପଦକାଳୀନ ସହାୟତା ଯୋଗାଇ ଆସୁଥିଲା। ତଦନୁଯାୟୀ ନିୟମିତ ସହରରେ ମହିଳା ଓ ଶିଶୁମାନେ ସେମାନଙ୍କ କ୍ଷେତ୍ରରେ ଦୈନନ୍ଦିନ ବ୍ୟବଧାନରେ ଘଟୁଥିବା ସମସ୍ୟାଗୁଡ଼ିକର ଅଭିଯୋଗ କରିପାରୁଥିଲେ। ରାସ୍ତାଘାଟରେ କୌଣସି ଅଘଟଣ ଏବଂ ସମସ୍ୟା ପ୍ରତି ଏହି ଡେସ୍କଗୁଡ଼ିକ ସଫଳତାର ସହ ପରିଚାଳିତ ହୋଇ ଆସୁଥିଲା। ସମୟର ବ୍ୟବଧାନ ଅନୁଯାୟୀ ବର୍ତ୍ତମାନ ଏଗୁଡ଼ିକ ପ୍ରାୟ ଅକାମୀ ହୋଇ ପଡିରହିଥିବାର ରାଜଧାନୀରେ ଦେଖିବାକୁ ମିଳୁଛି। ପରିବର୍ତ୍ତିତ ସରକାରଙ୍କର କ'ଣ ଏହା ନାରୀ ଏବଂ ଶିଶୁମାନଙ୍କର ବିକାଶ ଦିଗରେ ଉପଯୁକ୍ତ ପରିପନ୍ଥା କୁହାଯିବ କି ? ତେଣୁ ପୂର୍ବବତ୍ ଏହି ହେଲ୍ପ ଡେସ୍କଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ସରକାରଙ୍କୁ ଅନୁରୋଧ ଏବଂ ଏଗୁଡ଼ିକର ଉପଯୁକ୍ତ ପରିଚାଳନା ମଧ୍ୟ କରାଯିବା ଅତ୍ୟନ୍ତ ଜରୁରୀ ମନେହୁଏ।

**–ଧର୍ମରାଜ ପଟ୍ଟନାୟକ, ସହୀଦନଗର, ଭୁବନେଶ୍ୱର**

## ଚିରନ୍ତନୀ

ସନ୍ଧ୍ୟା–ରାଗିଣୀ ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଓଡ଼ିଆ ଦିବସ ପାଳନ

ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)

ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ 'ଓଡ଼ିଆ ଦିବସ' ପାଳନ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଡ଼ିଶାର ବିକାଶ ଦିଗରେ ମତ ପ୍ରଦାନ କରିଥିଲେ। ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡଃ ଭାଗିରଥ ପାଢୀ, ସମାଜସେବୀ ସୁଜାତା ସିଂହ, ଜ୍ୟୋତିର୍ବିଦ ଡଃ ସୁମିତ ସାହୁ, ସାହିତ୍ୟକ ମନୋରଞ୍ଜନ ଷଡଙ୍ଗୀ, ପରିବେଶ ବିଜ୍ଞାନୀ ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ, ଭୂବିଜ୍ଞାନୀ କାରକ ମହାନ୍ତି, ଶିକ୍ଷାବିତ ଡ. ପ୍ରୀତିପ୍ରତିଭା ଭୋଳ, ଯୋଗାଯୋଗ ବିଶେଷଜ୍ଞ ଡ. ରବି ଶର୍ମା, ଯୁବ ସମାଜ ସେବୀ ରାଜେନ୍ଦ୍ର ପଣ୍ଡା ଓ ସୌମେନ୍ଦ୍ର ପ୍ରକାଶ ରାୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ୧୮ ଦଫା ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ

**ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ**

ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)




ଆଶାକର୍ମୀଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ସହ ମାସିକ ଦରମା ୨୬,୦୦୦ ଟଙ୍କା କରାଯାଉ। ୧୦ ହଜାର ଟଙ୍କା ପେନ୍‌ସନ, ଅବସର ଓ ମୃତ୍ୟୁକାଳୀନ ୧୦ ଲକ୍ଷ ଟଙ୍କା ପ୍ରଦାନ ଆଦି ୧୮ ଦଫା ଦାବି ନେଇ ହଜାର ହଜାର ଆଶାକର୍ମୀ ଗୁରୁବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସିଆଇଟିୟୁ ନେତୃତ୍ୱରେ ଓଡ଼ିଶା ଆଶା କର୍ମୀ ଆସୋସିଏଶନ ପକ୍ଷରୁ ଆଶାକର୍ମୀଙ୍କ ବିଶାଳ ପାଟୁଆର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ବିଧାନସଭା ସମ୍ମୁଖରେ ପହଞ୍ଚିଥିଲା। ସାଥୀ ଲୋଭାକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବକ୍ତାମାନେ ମୋଦି ସରକାରର ଶ୍ରମିକ ବିରୋଧ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଲାଗୁ କରିଥିବା ୪ ଶ୍ରମ କୋଡ୍‌କୁ ନିନ୍ଦାକରି କଳାଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଦୀର୍ଘ ୨୦ ବର୍ଷ ହେଲା ଦମକଳ ବାହିନୀ ଭଳି କାର୍ଯ୍ୟ କରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅପହଞ୍ଚ ସ୍ଥାନରେ ପହଞ୍ଚାଇଥିବା, ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କରିଥିବା ଆଶାକର୍ମୀ ଆଜି ସ୍ଥାୟୀ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ଦରମା ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଦାୟୀ। ସରକାର ଆଶାକର୍ମୀଙ୍କୁ ଅଣଦେଖା କଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭ ସମାବେଶରେ ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ପୁଷ୍ପା ଦାସ, ସମ୍ପାଦିକା ଶକୁନ୍ତଳା ମହାକୁଡ଼, ଏଚ୍. ଏନ୍. ଯାଦବ, ସୁରେଶ ସ୍ୱାଇଁ, ପ୍ରଦୀପ ନାୟକ, ରମେଶ ଜେନା, ମଙ୍ଗୁଳି ରାଉତ, ଲକ୍ଷ୍ମୀ ପ୍ରିୟା ମହାପାତ୍ର, ମୀନା ବେହେରା,ନଳିନୀ ସାହୁ,ରୀନା ନାୟକ, ସନ୍ତୋଷ ଦାସ, ସଂଯୁକ୍ତା ସେଠୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨।୪ (ସୌମ୍ୟରଞ୍ଜନ ରାଉତ)

ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୋଗ୍ରାମ କୋଅର୍ଡିନେଟର ଗଙ୍ଗାଧର ମଲ୍ଲିକ, ପେଷ୍ଟିଂ କ୍ଲର୍କ କବିରାଜ ପଣ୍ଡା ଓ ଡ୍ରାଇଭର ରମେଶ ମଲ୍ଲିକଙ୍କୁ ଗୁରୁବାର ବିଭାଗ ପକ୍ଷରୁ ବିଭାଗୀୟ ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଅଧ୍ୟକ୍ଷତା କରି ୩ ଅବସରପ୍ରାପ୍ତ କର୍ମଚାରୀଙ୍କ ସହ ଅନୁଭୂତିର ସ୍ମୃତିଚାରଣ କରିଥିଲେ। ସେମାନଙ୍କ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧକୁ ପ୍ରଶଂସା କରିବା ସହ ସେମାନେ ବିଭାଗ ପାଇଁ ଆଦର୍ଶ ବୋଲି ଉଲ୍ଲେଖ କରିଥିଲେ। ଏଥିସହ ସେ ସେମାନଙ୍କ ଦୀର୍ଘ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ। ଉପଶାସନ ସଚିବ ପ୍ରଣବ କୁମାର ଦାସ ଅବସରପ୍ରାପ୍ତ କର୍ମଚାରୀଙ୍କ ଦୀର୍ଘବର୍ଷର କାର୍ଯ୍ୟାନୁଭବ ଓ ବିଭାଗ ପ୍ରତି ସେମାନଙ୍କର ଅବଦାନକୁ ଉଲ୍ଲେଖ କରିଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅନୁଶାସନ ସଚିବ ମୌସୁମୀ ଦାସ ଓ ଲୋକସମ୍ପର୍କ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ସେବାନିବୃତ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇ ସୁଖମୟ ଅବସରଜୀବନ କାମନା କରିଥିଲେ। ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କରଙ୍କ ସମେତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱ-ଗଣନାରେ ସାମିଲ ହେଲେଣି ୧୭ ହଜାର ଲୋକ

ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)

ରାଜ୍ୟରେ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ସ୍ୱ-ଗଣନାରେ ସାମିଲ ହେବା ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଲୋକସେବାଭବନରେ ଗୁରୁବାର ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ମୁଖ୍ୟ ସଚିବ ଗଣମାଧ୍ୟମକୁ କହିଛନ୍ତି, ପ୍ରଥମ ଦିନରେ ୧୭ ହଜାର ଲୋକ ସ୍ୱ-ଗଣନାରେ ସାମିଲ ହୋଇଛନ୍ତି। ବୁଧବାର ବିଭିନ୍ନ ଜିଲାର ଜିଲାପାଳ, ଅଧିକାରୀମାନେ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜ ନିଜର ତଥ୍ୟ ଦାଖଲ ସହିତ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ଜନଗଣନା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓ ଗୃହ ସୂଚୀକରଣ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ସଫଳତାର ସହିତ ସମାପ୍ତ କରିବାନେଇ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ସଂଗ୍ରହ ପ୍ରକ୍ରିୟାର ସଠିକତା, ପ୍ରଶିକ୍ଷଣ ବ୍ୟବସ୍ଥା, ଡିଜିଟାଲ ଉପକରଣର ବ୍ୟବହାର ଏବଂ ମାନବ ସମ୍ବଳ ନିୟୋଜନ ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ସୂଚନା ଦେଇଥିଲେ। ବୈଠକର ପ୍ରାରମ୍ଭରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜନଗଣନା ୨୦୨୭ ଏବଂ ଗୃହ ଗଣନା ୨୦୨୬ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ।

# ବିନ୍ଦୁସାଗରରେ ଆଳତି



ପୁରୁଣା ଭୁବନେଶ୍ୱର,୨।୪(ସୁବାସ ଚନ୍ଦ୍ର ପ୍ରଧାନ)

ଚୈତ୍ର ପୂର୍ଣ୍ଣିମା ଅବସରରେ ଗୁରୁବାର ଭୁବନେଶ୍ୱର ଶାନ୍ତି କମିଟି ପକ୍ଷରୁ ବିନ୍ଦୁସାଗରରେ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କରାଯାଇ ଶଙ୍ଖ, ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ସହ ନାମ ସଂକୀର୍ତ୍ତନ ମଧ୍ୟରେ ସୂର୍ଯ୍ୟାସ୍ତ ସମୟରେ ବାବା ରାମ ନାରାୟଣଜୀ ମହାରାଜଙ୍କ ଦ୍ୱାରା ଆଳତି କରାଯାଇଥିଲା। ପଣ୍ଡିତ ସୂର୍ଯ୍ୟ ନାରାୟଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ରହୁଥିବା ଅଧିବାସୀଙ୍କ ମଙ୍ଗଳ କାମନା କରାଯିବା ସହ ଏହି ଜଳକୁ ଦୂଷିତ ନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏଥିସହ ବିନ୍ଦୁସାଗର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ନିବେଦନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ.ମଧୁମାଧବ ଜେନା, ଉପସଭାପତି ରାଜେନ୍ଦ୍ର ସମର୍ଥା, ଉପଦେଷ୍ଟା ଡ.ନାରାୟଣ ମହାପାତ୍ର, ସମ୍ପାଦକ ନବକିଶୋର ବେହେରା, ସହ ସମ୍ପାଦକ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାତ୍ର, ଶୀଳଭଦ୍ର ଶାସ୍ତ୍ରୀ, ଦିଲୀପ ରାଓ, ବିଜୟ ମୋହନ ପଣ୍ଡା, ବିଜୟ ମାର୍ଥା, ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ବର୍ଷର ସର୍ବୋଚ୍ଚ ସ୍ତରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବିକାଶ ଖର୍ଚ୍ଚ

ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)

ଓଡ଼ିଶାର ସହରାଞ୍ଚଳ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଗତ ୫ ବର୍ଷ ମଧ୍ୟରେ ଏହାର ସର୍ବୋଚ୍ଚ ବିକାଶ ଖର୍ଚ୍ଚ ରେକର୍ଡ କରିଛି, ଯାହା ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ୮୫୭୫.୬୧ କୋଟି ଟଙ୍କାରେ ପହଞ୍ଚିଛି। ଏହା ୨୦୨୨-୨୩ରେ ୬୯୯୬.୯୨ କୋଟି ଟଙ୍କାରୁ ଏକ ସ୍ଥିର ଏବଂ ଉତ୍ସାହଜନକ ବୃଦ୍ଧିକୁ ଦର୍ଶାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ଆର୍ଥିକ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ପ୍ରଦର୍ଶନକରି ସାମଗ୍ରିକ ଉପଯୋଗ ହାର ୮୬.୫୦% ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ୭୩.୪୭%ଠାରୁ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ବଜେଟ ଆବଣ୍ଟନକୁ ପ୍ରଭାବଶାଳୀ ଢଙ୍ଗରେ ବାସ୍ତବ ଫଳାଫଳରେ ପରିଣତ କରିବା ଦିଗରେ ଏହା ଏକ ସ୍ପଷ୍ଟ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଏହି ପ୍ରଦର୍ଶନର ଏକ ପ୍ରମୁଖ ବାହକ ହେଉଛି ରାଜ୍ୟ କ୍ଷେତ୍ର ଯୋଜନା ଅଧୀନରେ ଉଲ୍ଲେଖନୀୟ ଅଗ୍ରଗତି। ବିଭିନ୍ନ ଯୋଜନାଗୁଡିକ ଅଧୀନରେ ଖର୍ଚ୍ଚ ୨୦୨୨-୨୩ରେ ୨୬୭୬. ୧୫ କୋଟି ଟଙ୍କାରୁ ଚଳିତ ଆର୍ଥିକ ବର୍ଷରେ ୪୨୮୫.୪୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହାର ଉପଯୋଗ ହାର ୯୮.୧୮% ରହିଛି। ବିଗତବର୍ଷ ଏହା ୯୨.୮୨% ଥିଲା। ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡିକୁ ପାଣ୍ଠି ବଣ୍ଟନ କରିବାରେ ମଧ୍ୟ ବିଭାଗ ଅନୁକରଣୀୟ ପ୍ରଦର୍ଶନ କରିଛି। ରାଜ୍ୟ ଅର୍ଥ ଆୟୋଗଙ୍କ ଆବଣ୍ଟନ କ୍ରମାଗତ ୪ର୍ଥ ବର୍ଷ ପାଇଁ ୯୯.୭୦ % ସମୁଦାୟ ଉପଯୋଗ ହାସଲ କରିଛି, ଯାହା ୧୪୮୯.୫୧ କୋଟି ଟଙ୍କା ରହିଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବିଭାଗ ଦୃଢ଼ ପୁନରୁଦ୍ଧାର ପ୍ରଦର୍ଶନ କରିଛି, ଯେଉଁଥିରେ ଖର୍ଚ୍ଚ ପୂର୍ବବର୍ଷର ୫୯୫.୯୫ କୋଟି ଟଙ୍କା ତୁଳନାରେ ୧୧୪୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭବିଷ୍ୟତରେ ବିଭାଗ ଆହୁରି ଅଧିକ ମହତ୍ତ୍ୱାକାଂକ୍ଷୀ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ, ଯାହାର ବଜେଟ୍ ଆକଳନ ୨୦୨୬-୨୭ ପାଇଁ ୧୦୭୬୨.୮୭ କୋଟି ଟଙ୍କା ରହିଛି। ଏହା ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶା ଏଜି କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଓଡ଼ିଶା ଦିବସ

ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)

ଓଡ଼ିଶା ଏଜି କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୯୧ତମ ଉତ୍କଳ ଦିବସ ନୂଆ ଏଜି କଲୋନୀ ଦୁର୍ଗା ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ସମନ୍ୱୟ ସମିତିର ସଭାପତି ଶାରଦା ପ୍ରସନ୍ନ ମହାପାତ୍ର ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଉପ ମହାଲେଖାକାର ଭରତ ଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ଉପମହାଲେଖାକାର ମହାଲେଖାକାର ମନୋଜ ଏକ୍କା ଯୋଗଦେଇ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ଐତିହ୍ୟ, ଇତିହାସ, ଓଡିଶୀ ନୃତ୍ୟ ଏବଂ ସଂଗୀତ, ସାଂସ୍କୃତିକ ଏତିହ୍ୟ ଓ ପରମ୍ପରା ବିଶ୍ୱରେ ଅନନ୍ୟ ବୋଲି ପ୍ରକାଶ କରିଥିଲେ ।

ଏହି ଅବସରରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ,ଗାଳ୍ପିକ ଓ ସ୍ତମ୍ଭକାର ଗୌରହରି ଦାସ ଯୋଗ ଦେଇ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଉତ୍କଳମଣି ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି ମାନଙ୍କର ସ୍ମୃତିଚାରଣ କରିଥିଲେ। ଓଡିଶାର ଅନୁକୂଳ ଜଳବାୟୁ, ଉର୍ବର ମୃତ୍ତିକା, ଖଣିଜ ସମ୍ପଦ, ସାମୁଦ୍ରିକ ବେଳାଭୂମି, ପର୍ଯ୍ୟଟନ କ୍ଷେତ୍ର, କୁଶଳୀ ଓ ପରିଶ୍ରମୀ ଜନଗଣ ଆଗାମୀ ଦିନରେ ଓଡିଶାକୁ ଏକ ଅଗ୍ରଣୀ ରାଜ୍ୟରୂପେ ଗଢି ତୋଳିବେ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆବାହକ କାଶୀନାଥ ମହାପାତ୍ର ଓଡିଶା ଏକତ୍ରିକରଣ ପାଇଁ ଓଡିଶାର ବରପୁତ୍ରମାନେ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ସେମାନଙ୍କର ସ୍ମୃତି ଚାରଣ କରିଥିଲେ । ଗାଳ୍ପିକ କ୍ଷୀରୋଦ ଦାସ ଏବଂ ନାଟ୍ୟ ନିର୍ଦ୍ଦେଶକ ମହେନ୍ଦ୍ର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଜି କର୍ମଚାରୀଙ୍କ ଦ୍ୱାରା ନାଟକ 'କିଏ କାହାର' ପରିବେଷଣ କରିଥିଲେ। ଭୂମିକାରେ ତାପସ ଦାସ, ବ୍ୟାସଦେବ ଚୌହାନ, ସୁରେଶ ଚନ୍ଦ୍ର ମହାନ୍ତି, ବିଷ୍ଣୁ ଦାଶ, ପ୍ରଭାସିନୀ ସିଂହ ଅଭିନୟ ଅତ୍ୟନ୍ତ ମନଛୁଆଁ ହୋଇ ପାରିଥିଲା । ଏହି କାର୍ଯ୍ୟକ୍ରମକୁ ସିଟିଜେନ କମିଟିର ସମ୍ପାଦକ ଦୀପ୍ତି ଅଶୋକ କୁମାର ପଟ୍ଟନାୟକ, ବାସୁଦେବ ଜେନା, ସୁଶାନ୍ତ ରଥ ପରିଚାଳନା କରିଥିଲେ । ସହକାରୀ ଲେଖାପରୀକ୍ଷା ଅଧିକାରୀ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ସାଧନା ସପ୍ତାହ-୨୦୨୬ ପ୍ରଶିକ୍ଷଣର ଶୁଭାରମ୍ଭ

**ଦକ୍ଷତା ବିକାଶ ପରିଚାଳନାରେ ସହାୟକ ହେବ**

ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)

ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ମିଶନ କର୍ମଯୋଗୀ ଦୃଷ୍ଟିକୋଣ ସହିତ ସଂଯୋଜିତ ଦେଶବ୍ୟାପୀ ନିଆଯାଇଥିବା ପ୍ରଶିକ୍ଷଣ ପଦକ୍ଷେପ ସାଧନା ସପ୍ତାହ-୨୦୨୬ ଗୁରୁବାର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହାକୁ ଉଦ୍‌ଘାଟନ କରି କହିଲେ, ଆଇ-ଜିଓଟି ଡିଜିଟାଲ ପ୍ଲାଟଫର୍ମ ସରକାରୀ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଶିକ୍ଷା, ଅଭିନବ ଓ କାର୍ଯ୍ୟଦକ୍ଷତା-ଆଧାରିତ ଦକ୍ଷତା ବିକାଶ ସଂସ୍କୃତିକୁ ପ୍ରୋତ୍ସାହିତ କରିବ। ଏପ୍ରିଲ ୨ରୁ ୮ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ଅଭିଯାନକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଗୋପବନ୍ଧୁ ପ୍ରଶିକ୍ଷଣ ଏକାଡେମୀ ଦ୍ୱାରା ସମନ୍ୱୟ ଓ ତଦାରଖ କରାଯାଉଛି। କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ ସହିତ ଆଇ-ଜିଓଟି ପ୍ଲାଟଫର୍ମ ସହ ସଂଯୋଜିତ କରାଯାଇଛି। ପ୍ରଶିକ୍ଷଣଗୁଡ଼ିକରେ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପାଠ୍ୟକ୍ରମ ସଂକଳିତ ହୋଇଛି। ସାଧନା ସପ୍ତାହ ଭାରତ ସରକାରଙ୍କ କର୍ମଚାରୀ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ଦକ୍ଷତା ବୃଦ୍ଧି ଆୟୋଗ(ସିବିସି) ଓ କର୍ମଯୋଗୀ ଭାରତ (କେବି) ମାଧ୍ୟମରେ ପରିଚାଳିତ ଏକ ଜାତୀୟ ଉଦ୍ୟମର ଅଂଶ ବିଶେଷ, ଯାହା ଆଗାମୀ ଭବିଷ୍ୟତ ପାଇଁ ପ୍ରସ୍ତୁତ, ନିରନ୍ତର ଶିକ୍ଷା ପ୍ରୋତ୍ସାହିତ କରିବା ଏବଂ ସମଗ୍ର ରାଜ୍ୟ ଓ ବିଭାଗ ଗୁଡିକ ନାଗରିକ କୈନ୍ଦ୍ରିକ ଶାସନ ପରିଚାଳନା ଦକ୍ଷତା ବୃଦ୍ଧି ପାଇଁ ଉଦ୍ଦିଷ୍ଟ। ଆଇ-ଜିଓଟିରେ ଓଡ଼ିଆ ଭାଷାରେ ପାଠ୍ୟକ୍ରମମାନ ଉପଲବ୍ଧ ରହିଛି। ସପ୍ତାହ ମଧ୍ୟରେ ସମସ୍ତ କର୍ମଚାରୀଙ୍କୁ ଅତି କମରେ ଚାରି ଘଣ୍ଟାର ଶିକ୍ଷା ସମ୍ପୂର୍ଣ୍ଣ କରିବାକୁ ଉତ୍ସାହିତ କରାଯାଇଛି । କର୍ମଚାରୀଙ୍କୁ ଅତି କମ୍‌ରେ ଗୋଟିଏ ଏଆଇ ଦକ୍ଷ ପାଠ୍ୟକ୍ରମ ଶେଷ କରିବାକୁ ହେବ। ଏହାଦ୍ୱାରା ସେମାନେ ଏଆଇ ଦକ୍ଷ ବ୍ୟାଚ ପାଇବା ସହିତ ଏହି କୋର୍ସ ସମାପ୍ତିର ସ୍ୱୀକୃତି ପାଇପାରିବେ। ମିଶନ କର୍ମଯୋଗୀ ପ୍ଲାଟଫର୍ମରେ ଉପଲବ୍ଧ ଥିବା ଗୋଟିଏ ମାର୍କେଟପ୍ଲେସ କୋର୍ସ ସମାପ୍ତ କରି 'କର୍ମଯୋଗୀ ଉତ୍କର୍ଷ' ପ୍ରମାଣପତ୍ର ହାସଲ କରିବାକୁ ପରାମର୍ଶ ଦିଆଯାଇଛି। ସରକାରୀ ବିଷୟ ଭିତ୍ତିକ ପ୍ରସଙ୍ଗରେ ସାମୂହିକ ଆଲୋଚନାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ମିଶ୍ର ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ପ୍ରଶିକ୍ଷଣ ସଂସ୍ଥାମାନଙ୍କ ଦ୍ୱାରା କ୍ଷମତା-ବୃଦ୍ଧି କାର୍ଯ୍ୟକ୍ରମରେ ସାମିଲ ହେବାକୁ ପରାମର୍ଶ ରହିଛି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ସଚିବ ଦେଓରଞ୍ଜନ କୁମାର ସିଂ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଚିତ୍ରା ଆରୁମୁଗମଙ୍କ ସହିତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗ ଏବଂ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭଞ୍ଜକଳା ମଣ୍ଡପରେ ପରିବେଷିତ ନାଟ୍ୟଧାରର ନାଟକ 'ଏନ୍ତା ଏନ୍ତା କଥା'ର ଏକ ଦୃଶ୍ୟ। (ଫଟୋ: ବିକାଶ ନାୟକ)

**ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବ**

# ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା



ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର।

ଭୁବନେଶ୍ୱର,୨।୪ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ସରକାରଙ୍କ ସହଯୋଗରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଚାଲିଥିବା ୪ଦିନିଆ ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନକରି ଦଳଗତ ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାରେ ପ୍ରାୟ ୮ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସର୍ବାଧିକ ପୁରସ୍କାର ଲାଭ କରିଛନ୍ତି। ସାଇସ୍ୱରୂପ ଦେ କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ପ୍ରଥମ, ଆନନ୍ଦ ନାରାୟଣ ମାହାତୋ ଚିତ୍ରକଳାରେ ପ୍ରଥମ, ବୈଷ୍ଣବୀ ଘୋଷ ଏକକ ଶାସ୍ତ୍ରୀୟ କଣ୍ଠସଙ୍ଗୀତରେ ପ୍ରଥମ, ପ୍ରଦ୍ୟୁମ୍ନ ରଞ୍ଜନ ସାହୁ ଏକକ ବେହେଲା ବାଦନରେ ପ୍ରଥମ, ପଦ୍ମିନୀ ପଟ୍ଟନାୟକ ସମସାମୟିକ ନୃତ୍ୟରେ ପ୍ରଥମ, ଦିବ୍ୟଜ୍ୟୋତି ରାଉତ ଫଟୋଗ୍ରାଫିରେ ପ୍ରଥମ, ବିଷ୍ଣୁ ପଣ୍ଡା ଏକକ ଅଭିନୟରେ ପ୍ରଥମ, ଟି. ତୁଲିକା ଓଡ଼ିଶୀ ନୃତ୍ୟରେ ଦ୍ୱିତୀୟ, ଏକକ ଲଘୁ ସଙ୍ଗୀତରେ ପାୟଲ ମହାନ୍ତି ଓ ଦଳଗତ ନୃତ୍ୟରେ ଚିନ୍ତାମଣି ଲୁହା, ଅଭିଜିତା ଜେନା, ବିଶ୍ୱଜିତ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନକରି ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ଲାଗି କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

# ଶହୀଦନଗର ହାଟରେ ନୂଆ ଦୋକାନ ଗୃହ, ପିଣ୍ଡି ହସ୍ତାନ୍ତର

ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)



**■ସ୍ମାର୍ଟ ଜନପଥରେ କିଓସ୍କ ଚାବି ପ୍ରଦାନ, ବଜାର ସେବା ଆପ୍ ଉଦଘାଟିତ**

**■ପରିମଳ କର୍ମଚାରୀଙ୍କୁ ମୋବାଇଲ୍ ଫୋନ୍ ଦେଲେ ମନ୍ତ୍ରୀ**

ବିଏମ୍‌ସି ପକ୍ଷରୁ ଶହୀଦନଗର ହାଟର ୮୧ଟି ନୂତନ ଦୋକାନ ଗୃହ ଓ ୨୧୮ଟି ପିଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭବାନୀମଲ୍‌ଠାରେ ଥିବା ହାଟର ଉଦ୍‌ଘାଟନ କରିବା ସହ ଲଟେରି ମାଧ୍ୟମରେ ହିତାଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଷ୍ଟାଣ୍ଡିଂ କମିଟି (ଲାଇସେନ୍ସ) ପ୍ରେମାନନ୍ଦ ଜେନା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଏମସି ବଜାର ସେବା-ମାର୍କେଟ୍ ଏବଂ ଭେଣ୍ଡିଂ ଜୋନ୍ ଅଟୋମେଶନ ସିଷ୍ଟମର ଉଦ୍‌ଘାଟନ ହୋଇଥିଲା। ବିଏମ୍‌ସି ବଜାର ଏବଂ ଭେଣ୍ଡିଂ ଜୋନଗୁଡ଼ିକରେ ରାଜସ୍ୱ ସଂଗ୍ରହ, ଭେଣ୍ଡର ପରିଚାଳନା ଏବଂ କାର୍ଯ୍ୟାନୁପାଳନ ତନଖି ଦେଖିବାକୁ ସ୍ୱୟଂଚାଳିତ କରିଛି। ପ୍ରତ୍ୟେକ ଦୋକାନୀଙ୍କୁ ତାଙ୍କ ଦୋକାନର ସମସ୍ତ ତଥ୍ୟ ସହିତ ସଂଯୁକ୍ତ ଏକ ୟୁନିକ୍ କ୍ୟୁଆର୍ କୋଡ୍ ଦିଆଯିବ। ଏହାଦ୍ୱାରା ସେମାନେ ବିଲ୍ ଯାଞ୍ଚ କରି ଭଡା, ସାମୂହିକ ସ୍ଥାନ ପରିଚାଳନା (ସିଏଏମ୍) ଶୁଳ୍କ, କର ଏବଂ ବକେୟାକୁ ୟୁପିଆଇ, ନେଟ୍ ବ୍ୟାଙ୍କିଙ୍ଗ୍, ଚାଲାଣ ଆଦି ୩୨ ପ୍ରକାର ନେଟ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ପରିଶୋଧ କରିପାରିବେ। ଏହି ପ୍ଲାଟଫର୍ମ ସ୍ମାର୍ଟ ଏନାଲିଟିକ୍ସ, ଜୋନ୍‌ଭିତ୍ତିକ ନିରୀକ୍ଷଣ ଏବଂ ଟ୍ରେଡ୍ ଲାଇସେନ୍ସ, ଆଧାର ଏବଂ ଜିଏସ୍‌ଟି ପାଇଁ ଅନୁପାଳନ ଅନୁସନ୍ଧାନ ସୁବିଧା ଯୋଗାଇଦେବ।

ସେହିପରି ୩ଟି ଜୋନର ୬୭ ୱାର୍ଡରେ ଜନସାଧାରଣଙ୍କୁ ସେବା ଯୋଗାଇବା ପାଇଁ ସମ୍ପ୍ରତି ୬୮୪ଟି ୪ ଚକିଆ ଓ ୧୪୪ଟି ଯନ୍ତ୍ର ଚାଳିତ ଯାନ ରହିଛି। ଏହାର ସୁପରିଚାଳନା ପାଇଁ ବିଏମ୍‌ସି, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଏବଂ ଅତୁଲ୍ୟ ଅଭିନବ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ସହଭାଗିତାରେ ଏହି ଆପ୍ ପ୍ରସ୍ତୁତ କରାଯାଇଛି। ଗରିମା ଯୋଜନା ଅଧୀନରେ ୧୦ ଜଣ ଗ୍ରେଡ୍-୧ ପ୍ରମୁଖ ପରିମଳ କର୍ମଚାରୀଙ୍କୁ ମୋବାଇଲ୍ ଫୋନ୍ ଓ ପିପିଇ କିଟ୍ ମନ୍ତ୍ରୀ ମହାପାତ୍ର ପ୍ରଦାନ କରିଥିଲେ। ଏଥିସହ ଲଟେରୀ ମାଧ୍ୟମରେ ସ୍ମାର୍ଟଜନପଥରେ ୫୨ଜଣ ଭେଣ୍ଡର ଓ ୩ ଜଣ ଦିବ୍ୟାଙ୍ଗଙ୍କୁ ସ୍ମାର୍ଟ କିଓସ୍କ ପ୍ରଦାନ କରାଯାଇଛି। ଅବଶିଷ୍ଟ ଭେଣ୍ଡରମାନଙ୍କୁ ପର୍ଯ୍ୟାୟକ୍ରମେ କିଓସ୍କ ପ୍ରଦାନ କରାଯିବ ବୋଲି ମେୟର ଦାସ ଓ କମିଶନର ରାଣା କହିଛନ୍ତି।

**ସୁବର୍ଣ୍ଣପୁରରେ ଦୟଣା ଚୋରି ପର୍ବ ପାଳନ**

ବାଙ୍କୀ, ( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ୍ ଅଧୀନ ସୁବର୍ଣ୍ଣପୁର ଗ୍ରାମରେ ବିଜେ ଆରାଧ ଦେବତା ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉଙ୍କ ପୀଠରେ ଦୟଣା ଚୋରି ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ରୀତିନୀତି ଅନୁସାରେ ସନ୍ଧ୍ୟା ଆଳତି ପରେ ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉଙ୍କ ପ୍ରତିମା ଘଣ୍ଟ ଘଣ୍ଟା, କାହାଳୀ, ମୃଦଙ୍ଗ, ବାଜା ବାଣ ଫୁଟାଇ ହାତୀରେ ବସି ଭ୍ରମଣରେ ବାହାରିଥିଲେ। ଦୋଳ ମେଲଣ ମଣ୍ଡପ ନିକଟରେ ଥିବା ଶ୍ରୀ ଜୀଉଙ୍କ ଫୁଲ ବଗିଚାରେ ଜଣେ ମାଳକାର ଫୁଲ ଚୋରି କରୁଥିବା ବେଳେ ଧରା ପଡ଼ିଥିଲେ। ଶ୍ରୀ ଶ୍ରୀ ଜିଉ ବିହାର ସାରି ଚୋରକୁ ଧରି ଶ୍ରୀ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଗ୍ରାମର ଶ୍ରୀ ଜିଉଙ୍କ ବିହାର ସମୟରେ ସ୍ଥାନୀୟ ଯୁବକମାନେ ବନାଣ୍ଟି ଖେଳ ସହ ନାଚ ଗୀତ କରି ଏହାକୁ ଉପଭୋଗ କରିଥିଲେ।



## ସଂକ୍ଷେପରେ

### ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ

ତିଗିରିଆ,୨।୪(ଜାଫର ଖାଁ): ତିଗିରିଆ ଓକିଲ ସଂଘର ଚଳିତ ବର୍ଷ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ନବ ନିର୍ବାଚିତ ସଦସ୍ୟଙ୍କର ଶପଥ ପାଠ ଉତ୍ସବ ଗୁରୁବାର ତିଗିରିଆ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ସୁରେଶ ଚନ୍ଦ୍ର ସାହୁ ଓକିଲ ସଂଘର ସଭାଗୃହରେ ସମସ୍ତ ନବ ନିର୍ବାଚିତ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଚଳିତ ବର୍ଷ ତିଗିରିଆ ଓକିଲ ସଂଘ ନିର୍ବାଚନରେ ସମସ୍ତ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟ ଲାଭ କରିଥିଲେ। ସଭାପତି ଭାବେ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ଆଇନଜୀବୀ ତନ୍ମୟ କୁମାର ମିଶ୍ର, ଉପ ସଭାପତି ଆଇନଜୀବୀ ଶ୍ରୀକାନ୍ତ କୁମାର ସାହୁ, ସହ ସମ୍ପାଦକ ଭାବେ ଆଇନଜୀବୀ ଅର୍ଚ୍ଚନା ସିଂହ ସାମନ୍ତ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଆଇନଜୀବୀ ଇଭ ପଣ୍ଡା, ଆଇନଜୀବୀ ଗିରିଜା ପ୍ରସାଦ ପଟ୍ଟନାୟକ, ଆଇନଜୀବୀ ସଞ୍ଜୟ କୁମାର ଦାସ ନିର୍ବାଚିତ ହୋଇଥିଲେ। ଏଥିରେ ଅତିଥି ଭାବେ ଆଠଗଡ଼, ତିଗିରିଆ, ବଡମ୍ବା, ନରସିଂହପୁରର ଆଇନଜୀବୀମାନଙ୍କୁ ନେଇ ଗଠିତ ଏଟିବିଏନର ସମ୍ପାଦକ ତଥା ହାଇକୋର୍ଟ ଆଇନଜୀବୀ ବିଜୟ କୁମାର ବେହେରା, ତିଗିରିଆ ଆଇନଜୀବୀ ସଂଘର ପୂର୍ବତନ ସଭାପତି ଆଇନଜୀବୀ ମଙ୍ଗଳ କୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ନିର୍ବାଚନ ଅଧିକାରୀ ଆଇନଜୀବୀ ଆଶୁତୋଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ତୋଟାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଙ୍କୀ,୨।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ହରିରାଜପୁର ପଞ୍ଚାୟତ ଅନ୍ତର୍ଗତ ତୋଟାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଉତ୍ତମ ମଣିଷ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ତ୍ତିକ ବେହେରା, ମଣ୍ଡଳ ସାଧନା କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ବେହେରା, ସରପଞ୍ଚ ଅଦ୍ୱୈତ୍ୟ ବେହେରା, ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ସ୍ୱାଇଁ, ସମାଜସେବୀ ଦେବୀ ପ୍ରସାଦ ମହାପାତ୍ର, ପରିଚାଳନା କମିଟି ସଭାପତି ରାଧେଶ୍ୟାମ ସ୍ୱାଇଁ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ବାର୍ଷିକ ଉତ୍ସବ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସେଠୀ ପୁରସ୍କୃତ କରିଥିଲେ। ୨୦୨୫ ଶିକ୍ଷା ବର୍ଷରେ ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିବା ପ୍ରଭୁ ପ୍ରସାଦ ରାଉତ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ଛାତ୍ରୀ ସଂସ୍କୃତି ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ମାନପତ୍ର ସହ ପୁରସ୍କାର ଦିଆଯାଇଥିଲା। ଶିକ୍ଷକ ଦୁର୍ଯ୍ୟୋଧନ ଗୋଛାୟତ, ଗୀତାରାଣୀ ପଣ୍ଡା, ନମିତା ସ୍ୱାଇଁ ଓ ପ୍ରତିମା ସାହୁ ସହଯୋଗ କରିଥିଲେ।

# ମାଂସ ବୋଝେଇ କଣ୍ଟେନରକୁ ନେଇ ଉତ୍ତେଜନା, ରାଜପଥ ବନ୍ଦ

### ହେଲ୍‌ପରକୁ ନିସ୍ତୁକ ମାଡ଼

**ତିଗିରିଆ,୨।୪(ଜାଫର ଖାଁ )**



କଣ୍ଟେନରରୁ ମିଳିଥିବା ମାଂସ ପ୍ୟାକେଟ୍।

ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତସ୍ଥିତ ରାଜ୍ୟ ରାଜପଥ ନଂ.୬୫ ହନୁମାନ ମନ୍ଦିର ଛକରେ ବଡ଼ମ୍ବାର କେତେଜଣ ଯୁବକ ଏକ ମାଂସ ବୋଝେଇ କଣ୍ଟେନରକୁ ନେଇ ହୋହଲ୍ଲା କରିଛନ୍ତି। ସେମାନେ କଣ୍ଟେନରକୁ ଭଙ୍ଗାରୁଜା କରି ଓଲଟାଇ ଦେବା ସହ ହେଲପରକୁ ନିସ୍ତୁକ ମାଡ଼ ମାରିଛନ୍ତି। ଫଳରେ ୬ ଘଣ୍ଟା ଧରି ଖୁଣ୍ଟୁଣୀ ନରସିଂହପୁର ରାସ୍ତା ବନ୍ଦ ଯୋଗୁ ଶତାଧିକ ଗାଡି ଉଭୟ ପଟରେ ଅଟକି ଯାଇଥିଲା।

ଖବରପାଇ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ସାହୁ, ଆଠଗଡ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ତିଗିରିଆ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଈପ୍ସିତା, ତହସିଲଦାର ଧର୍ମ ରଞ୍ଜନ ପଣ୍ଡା,ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକଙ୍କ ସମେତ ଅନ୍ୟାନ୍ୟ ଥାନାର ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମାଂସ ଜବତ କରିବା ସହ ଯୁବଗୋଷ୍ଠୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ଓ ଯୁବଗୋଷ୍ଠୀଙ୍କ ମଧ୍ୟରେ ଟଣା ଓଟରା ହୋଇଥିବା ଜଣାପଡ଼ିଛି। ନରସିଂହପୁର ଜଙ୍ଗଲରୁ ଗୋ ମାଂସ ଧରି ଏକ କଣ୍ଟେନର ତିଗିରିଆ ଆଡେ ଆସୁଥିଲା। ବଡ଼ମ୍ବାର ଯୁବଗୋଷ୍ଠୀ ଏସମ୍ପର୍କରେ ସୂଚନାପାଇ ଉକ୍ତ ଗାଡ଼ିର ପିଛା କରିଥିଲେ। ବିନ୍ଧାଣିମା ହନୁମାନ ମନ୍ଦିର ସମ୍ମୁଖରେ ଥିବା ରାସ୍ତାରେ ନୂତନ ଭାବେ ନିର୍ମିତ ହମ୍ପସ ପାଖରେ କଣ୍ଟେନରଟି ଧୀର ହୋଇଯିବାରୁ ପିଛା କରୁଥିବା ଯୁବକମାନେ ଗାଡିକୁ ଧରିବା ପାଇଁ ସମର୍ଥ ହୋଇଥିଲେ। ସେଠାରେ ଉତ୍ତ୍ୟକ୍ତ ଯୁବକମାନେ ଗାଡିର ଡ୍ରାଇଭର ଓ ହେଲ୍ପରକୁ ନିସ୍ତୁକ ମାଡ଼ ମାରିବା ସହ ବିଭିନ୍ନ ତଥ୍ୟ ପଚାରିଥିଲେ। ପରେ ଯୁବକ ମାନେ ଏକତ୍ରିତ ହୋଇ ଗାଡିକୁ ଲେଉଟାଇ ଦେବାସହ ଗାଡ଼ିରେ ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଯୁବକମାନଙ୍କୁ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।ପରେ ପୋଲିସ ପକ୍ଷରୁ ଯୁବକମାନଙ୍କୁ ବୁଝାଶୁଝା କରାଯିବା ପରେ ପରିସ୍ଥିତି ଶାନ୍ତପଡ଼ିଛି। ତିଗିରିଆ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ରାଜେଶ୍ୱରୀ ଦାସ ଓ ଅନ୍ୟ କର୍ମଚାରୀ ସେଠାରେ ମାଂସର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ରାଜ୍ୟ ଲାବ୍‌ରେଟୋରିକୁ ପଠାଇଛନ୍ତି।

ଏ ସମ୍ପର୍କରେ ତହସିଲଦାର ଧର୍ମ ରଞ୍ଜନ ପଣ୍ଡା କହିଛନ୍ତି, ଜବତ ମାଂସ କେଉଁ ପ୍ରାଣୀ କି ପକ୍ଷୀର ତାହା ନିଶ୍ଚିତ ହୋଇନଥିବାରୁ ସମସ୍ତ ପ୍ୟାକେଟରୁ ନମୁନା ସଂଗ୍ରହ କରାଯାଇ ଫୋରେନ୍ସିକ୍ ଲ୍ୟାବ୍‌କୁ ପଠାଯାଇଛି। ଥାନା ଅଧିକାରୀ ପ୍ରିୟଦର୍ଶିନୀ କହିଛନ୍ତି, ଏବେ ସୁଦ୍ଧା ଜବତ ମାଂସ ପୋତାଯାଇ ନଥିବା ବେଳେ ତିଗିରିଆ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ସ୍ୱ-ଗଣନାରେ ସାମିଲ ହେଲେଣି ୧୭ ହଜାର

**ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)**

ରାଜ୍ୟରେ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ସ୍ୱ-ଗଣନାରେ ସାମିଲ ହେବା ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଲୋକସେବାଭବନରେ ଗୁରୁବାର ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ମୁଖ୍ୟ ସଚିବ ଗଣମାଧ୍ୟମକୁ କହିଛନ୍ତି, ପ୍ରଥମ ଦିନରେ ୧୭ ହଜାର ଲୋକ ସ୍ୱ-ଗଣନାରେ ସାମିଲ ହୋଇଛନ୍ତି। ବୁଧବାର ବିଭିନ୍ନ ଜିଲାର ଜିଲାପାଳ, ଅଧିକାରୀମାନେ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜ ନିଜର ତଥ୍ୟ ଦାଖଲ ସହିତ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ଜନଗଣନା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓ ଗୃହ ସୂଚୀକରଣ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ସଫଳତାର ସହିତ ସମାପ୍ତ କରିବାନେଇ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ସଂଗ୍ରହ ପ୍ରକ୍ରିୟାର ସଠିକତା, ପ୍ରଶିକ୍ଷଣ ବ୍ୟବସ୍ଥା, ଡିଜିଟାଲ ଉପକରଣର ବ୍ୟବହାର ଏବଂ ମାନବ ସମ୍ବଳ ନିୟୋଜନ ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ସୂଚନା ଦେଇଥିଲେ। ବୈଠକର ପ୍ରାରମ୍ଭରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜନଗଣନା ୨୦୨୭ ଏବଂ ଗୃହ ଗଣନା ୨୦୨୬ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ।

# ମାରୁଗୋଠ-ବଡ଼ଭୂଇଁ ରାସ୍ତା କାମ ନିମ୍ନମାନର ଅଭିଯୋଗ

**ଆଠଗଡ,୨।୪( ସତ୍ୟ ପ୍ରସାଦ ରଥ)**

### ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ

ଆଠଗଡ ବ୍ଲକର ମାରୁଗୋଠ ଛକରୁ ବଡଭୂଇଁ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଆଠଗଡ-ନରସିଂହପୁର ରାଜ୍ୟ ରାଜପଥର ମାରୁଗୋଠ ଛକରୁ ବଡ଼ଭୂଇଁ ଗ୍ରାମକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାଟି ଏବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନବୀକରଣ କରାଯାଉଛି। ଉକ୍ତ ରାସ୍ତା କାମରେ ଆବଶ୍ୟକ ପରିମାଣର ମେଟାଲ ଓ ଚିପ୍ସ ବ୍ୟବହାର କରା ନଯାଇ ଅଧିକ ପରିମାଣର କ୍ରସ୍‌ର ଗୁଣ୍ଡ ଦିଆଯାଇ କାମ କରାଯାଉଛି। ଏପରିକି ପିଚୁ କରିବା ପରେ ଉକ୍ତ ରାସ୍ତାରୁ ହାତ ମାରିଲେ ପିଚୁ ଉଠିଯାଉଥିବା ବଡ଼ଭୂଇଁ ଦଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଏ ସମ୍ପର୍କରେ ଅଭିଯୋଗ କରିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଯାଞ୍ଚ କରି କାମ ନିମ୍ନମାନର ହୋଇ ନ ଥିବା ସ୍ୱୀକାର କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ବଡଭୂଇଁ ଗ୍ରାମର ବହୁ ଅଧିବାସୀ ଗୁରୁବାର ଆଠଗଡ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ସାକ୍ଷାତ କରି ନିମ୍ନମାନର ରାସ୍ତା କାମ କରାଯାଉଥିବା ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗ ଆଧାରରେ ବିଭାଗୀୟ ଯାଞ୍ଚ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଶର୍ମା ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ ।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ବଡ଼ଭୂଇଁ ଗ୍ରାମବାସୀ ।

# ‘ମଧୁବାବୁଙ୍କ ଜୀବନୀ ଓଡ଼ିଶାବାସୀଙ୍କ ପଥ ପ୍ରଦର୍ଶକ ହେଉ’

**ସାଲେପୁର,୨।୪ (ଅରବିନ୍ଦ ଭୂୟାଁ):** ସାଲେପୁର ମଧୁସ୍ମୃତି ପରିଷଦ ପକ୍ଷରୁ ସାଲେପୁର ମହୋତ୍ସବ ୨୦୨୬ ମହା ସମାରୋହରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବ୍ୟାରେଜ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲରପୁର ବିଧାୟକ ପ୍ରଶାନ୍ତ ବେହେରା ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସନ୍ଧ୍ୟାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ବିଶିଷ୍ଟ ଅତିଥି ଭାବେ ଭାରତ ମସଲାର ଏମ୍‌ଡି. ସୁଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଓଡ଼ିଶା ବାସୀଙ୍କ ପଥ ପ୍ରଦର୍ଶକ ହେଇ ବୋଲି ମତ ପ୍ରକାଶ କରିଥିଲେ। ପରିଷଦର ସମ୍ପାଦକ ଦିଲୀପ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଚୌଦ୍ୱାରର ତ୍ରିନେତ୍ର କଳା ନିକେତନ, ସାଲେପୁର ଏଲ୍‌ଏନ. ପାଠଶାଳା ଓ କଟକ ପୂଜା ଡ୍ୟାନ୍ସଗ୍ରୁପ ପକ୍ଷରୁ ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା।

### ଜନଶିକ୍ଷଣ ସଂସ୍ଥାନ ସମ୍ମାନିତ



**କଟକ,୨।୪(କାର୍ତ୍ତିକ ସାହୁ)**

ନେତାଜୀ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅବସରରେ କଟକସ୍ଥିତ ଜନଶିକ୍ଷଣ ସଂସ୍ଥାନକୁ ସମ୍ମାନିତ କରାଯାଇଛି। କଟକ ବାଲିଯାତ୍ରାର ଐତିହ୍ୟକୁ ୟୁନେସ୍କୋ ମାନ୍ୟତା ପ୍ରଦାନ ପାଇଁ ସଂସ୍ଥାନର ଉଲ୍ଲେଖନୀୟ ଅବଦାନ ଲାଗି ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ସରକାରଙ୍କ ସମବାୟ, ହସ୍ତତନ୍ତ୍ର ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କଠାରୁ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ଏହି ସମ୍ମାନ ଗ୍ରହଣ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ, ସିଏମ୍‌ସି କମିଶନର କୀରନଦୀପ କୌରସହୋତା ଓ କଟକ ସଦର ବିଧାୟକ ଇଂ. ପ୍ରକାଶ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚୌଦ୍ୱାର-କଟକ ବିଜେଡି କାର୍ଯ୍ୟାଳୟରେ ଯୁବ, ଛାତ୍ର ନେତାଙ୍କ ମେଳି



ବିଜେଡି କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିବା ଯୁବଗୋଷ୍ଠୀ।

**କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)**

### ଇସ୍ତଫା ଦେଇଥିବା କର୍ମୀଙ୍କୁ ସିଧାସଳଖ ଟାର୍ଗେଟ

ଚୌଦ୍ୱାର-କଟକରେ ବିଜେଡିର ସ୍ଥିତି ଏବେ ଧୀରେଧୀରେ ଜଟିଳ ହେବାକୁ ଲାଗିଲାଣି। ଦଳରୁ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ବହିଷ୍କାର ଓ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ନିଲମ୍ବନ କରାଯିବା ପରେ ଏବେ ରାଜନୀତି ସରଗରମ ହୋଇଉଠିଛି। ଏପରିକି ଚୌଦ୍ୱାର-କଟକରେ ବିଜେଡି ବନାମ ପ୍ରଭାତ ବିଶ୍ୱାଳ ଦୁଇଟି ଚିତ୍ର ସାମ୍ନାକୁ ଆସୁଛି। ବୁଧବାର ପ୍ରଭାତଙ୍କ ସମର୍ଥକ ତଥା ଚୌଦ୍ୱାର-କଟକର ବିଜୁ ଯୁବ ଓ ଛାତ୍ର ନେତାମାନେ ସମୂହ ଇସ୍ତଫା ଦେଇଥିଲେ। ହେଲେ ଏହି ଇସ୍ତଫା ନେଇ ଏବେ ପ୍ରଶ୍ନ ଉଠାଇଛନ୍ତି ଦଳର ଅନ୍ୟ ଯୁବ ଓ ଛାତ୍ର ନେତାମାନେ। ଗୁରୁବାର ସନ୍ଧ୍ୟାରେ ଚୌଦ୍ୱାର-କଟକ ଜିଲା ବିଜେଡି କାର୍ଯ୍ୟାଳୟରେ ବିଜେଡି କର୍ମୀ ତଥା ବିଜୁ ଯୁବ ଓ ଛାତ୍ର ନେତାମାନେ ମେଳି ହୋଇଥିଲେ। କର୍ମୀମାନେ ଏକାଠି ହୋଇ ନବୀନ ପଟ୍ଟନାୟକ ଜିନ୍ଦାବାଦର ନାରା ଦେବା ସହ ଯୁବ ଓ ଛାତ୍ର ନେତା ପରିଚୟ ଦେଇ ସମୂହ ଇସ୍ତଫା ଦେଇଥିବା କର୍ମୀଙ୍କୁ ନକଲି ବୋଲି କହିଛନ୍ତି। ଏନେଇ ରାଜ୍ୟ ଉପସଭାପତି ଶୁଭ୍ରାଂଶୁ ନାରାୟଣ ମିଶ୍ର କହିଛନ୍ତି, ଚୌଦ୍ୱାର-କଟକ ଅଞ୍ଚଳରେ ବିଜୁ ଯୁବ ଓ ଛାତ୍ର ନେତୃତ୍ୱ ନେଉଥିବା କୌଣସି ନେତା ସମୂହ ଇସ୍ତଫାରେ ସାମିଲ ନ ଥିଲେ ବରଂ ବାହାର ଅଞ୍ଚଳର ଲୋକ ସେଠାରେ ଉପସ୍ଥିତ ରହିଥିଲେ। ଏପରିକି ବହୁ ଛାତ୍ର ନେତାଙ୍କ ବିନା ମତରେ ଏହି ଇସ୍ତଫା ପତ୍ରରେ ତାଙ୍କ ନାମ ଯୋଡ଼ାଯାଇଛି। ପ୍ରାୟୋଜିତ ଭାବେ ଏହି ଇସ୍ତଫା କାର୍ଯ୍ୟକ୍ରମ କରାଯାଇଥିଲା। ଚୌଦ୍ୱାର-କଟକରେ ଆତ୍ମଘୋଷିତ ଭାବେ ନିଜକୁ କର୍ମୀ ବୋଲାଉଥିବା ନେତାମାନେ ଗଲେ ଏହା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ପୂର୍ବତନ ସଭାପତି ସ୍ମୃତି ରଞ୍ଜନ ନାୟକ କହିଛନ୍ତି, ଯେଉଁମାନେ ଇସ୍ତଫା ଦେଇଛନ୍ତି, ସେମାନଙ୍କ ମଧ୍ୟରେ କୌଣସି ପଦାଧିକାରୀ ନାହାନ୍ତି। ଏଭଳି ସମୂହ ଇସ୍ତଫା ଦେବା ଏକ ଉଦ୍ଦେଶ୍ୟମୂଳକ କାର୍ଯ୍ୟକ୍ରମ। ଆମେ ସଦାସର୍ବଦା ବିଜେଡି ସହ ରହିବୁ ବୋଲି ସେ କହିଛନ୍ତି। ତେବେ ଚୌଦ୍ୱାର-କଟକରେ ଏବେ ଛାତ୍ର ନେତା ପରସ୍ପରକୁ ଅସଲି-ନକଲି ବୋଲି ଆକ୍ଷେପ କରିବା ଆରମ୍ଭ କରିଥିବାବେଳେ ଏବେ ବିଜେଡିର ସ୍ଥିତି ଟଳମଳ ହେବାକୁ ଲାଗିଥିବା ସ୍ପଷ୍ଟ ହେବାରେ ଲାଗିଛି।

### ବୈଶାଖୀ ମେଳାରେ ଆଶୀର୍ବାଦଙ୍କୁ ସମ୍ବର୍ଦ୍ଧନା

**କଟକ,୨।୪(କୁମାରଶ୍ରୀ):** ପର ବାଲିଯାତ୍ରା ପଡ଼ିଆରେ ବୈଶାଖୀ ବାଣିଜ୍ୟ ମେଳା ଉତ୍ସାହପୂର୍ଣ୍ଣ ପରିବେଶରେ ଜାରି ରହିଛି। ଏହି ଅବସରରେ ମେଳାର ଆବାହକ ତଥା ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସହର କଟକରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦିଗରେ ଆଶୀର୍ବାଦଙ୍କ ଭୂମିକାକୁ ପ୍ରଶଂସା କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ଦାସ, ଦିଲ୍ଲୀପ କୁମାର ସାହୁ, ସଞ୍ଜୀବ ବେହେରା, ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଚୂଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ

**ତ୍ରିଶୂଳିଆ,୨।୪(ତୁଷାରକାନ୍ତ ବେହେରା):** ଉତ୍କଳ ଦିବସ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଚୁଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦ, ବାରଙ୍ଗର ମିଳିତ ଆନୁକୂଲ୍ୟରେ ବାରଙ୍ଗ ଚୁଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦର ୯ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେଏମ୍‌ବି.ବି ବିଜ୍ଞାନ ମହାବିଦ୍ୟାଳୟ ପରିସରସ୍ଥ ମଞ୍ଜରୀ ହଲରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଟକ ଡ଼େପୁଟି କଲେକ୍ଟର ସୁଶ୍ରୀ ଊର୍ମିଳା ପ୍ରଧାନ ଉଦଘାଟନ କରିଥିଲେ। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିସହ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ସଂଘମିତ୍ରା ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା କଟକ ଜିଲା ଶିକ୍ଷା ଅଧିକାରୀ, ନିତ୍ୟାନନ୍ଦ ବାରିକ, ବିଶିଷ୍ଟ ଅତିଥି ମନୀଷା ବିଶ୍ୱାଳ, ସମ୍ମାନିତ ଅତିଥି ଡ. ବିଜୁନି ଚରଣ ସୂତାର, ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ଚୁଡ଼ଙ୍ଗକଳିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ସଂସଦର ମୁଖପତ୍ର ଚୁଡଙ୍ଗକଳିକା ପତ୍ରିକା ଉନ୍ମୋଚିତ ହୋଇଥିଲା।

# ଆମ ବସ୍ ପ୍ରଚଳନ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର



ସ୍ୱେଚ୍ଛାସେବୀ ସଙ୍ଗଠନ ଅଭିନବ ଭାରତ ପକ୍ଷରୁ ଦାବିପତ୍ର ଦିଆଯାଉଛି।

**ଆଠଗଡ଼,୨।୪(ସତ୍ୟ ପ୍ରସାଦ ରଥ):**

ଆଠଗଡ଼ରୁ କଟକ, ଭୁବନେଶ୍ୱର ଓ ଢେଙ୍କାନାଳକୁ ଆମ ବସ୍ ପ୍ରଚଳନ ଦାବିରେ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସମ୍ପାଦିକା ଅସୀମା ପଟ୍ଟନାୟକଙ୍କ ନେତୃତ୍ୱରେ ଆଠଗଡ ଉପ-ଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ କାର୍ଯ୍ୟାଳୟସ୍ଥିତ ପ୍ରକୋଷ୍ଠରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ପଟ୍ଟନାୟକ ଅଭିଯୋଗ କରିଛନ୍ତି କି ଦୈନିକ ବହୁ ଛାତ୍ରୀଛାତ୍ର, କର୍ମଜୀବୀ, ମହିଳା, ବୃଦ୍ଧାବୃଦ୍ଧ, ରୁଗଣ ଆଦି ଆଠଗଡ଼ ବସଷ୍ଟାଣ୍ଡରୁ କଟକ, ଭୁବନେଶ୍ୱର ଆଦିକୁ ଯିବା ଆସିବା କରୁଥିବା ବେଳେ କୌଣସି ଗୋଟିଏ ଦିଗକୁ ଆଠଗଡ଼ରୁ ବସ୍ ଛାଡେ ନାହିଁ। ବିଭିନ୍ନ ସ୍ଥାନରୁ ଆସୁଥିବା ବସ୍‌ଗୁଡିକ ଭରା ରହୁଥିବାରୁ ବସ୍ ଉପରେ ନିର୍ଭର କରୁଥିବା ଯାତ୍ରୀ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଗୋଟିଏ ଆମ ବସ୍ ଧବଳେଶ୍ୱର ଦେଇ କଟକରୁ ଆଠଗଡ ପର୍ଯ୍ୟନ୍ତ ଆସୁଥିଲା। ମାତ୍ର ଉକ୍ତ ବସ୍‌ଟିର ରୁଟ୍ ପରିବର୍ତ୍ତନ କରାଯାଇ ଧଳେଶ୍ୱର ନିକଟସ୍ଥ ମଞ୍ଜେଶ୍ୱର ଗ୍ରାମ ପର୍ଯ୍ୟନ୍ତ କରିଦିଆଯାଇଛି। ଫଳରେ ଜନ ସାଧାରଣ ଯାତାୟାତରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗମନାଗମନ ସୁବିଧା ଦୃଷ୍ଟିରୁ ଆଠଗଡ଼କୁ ତୁରନ୍ତ ଏହି ସୁବିଧା ଯୋଗାଇ ଦିଆଯିବା ଜରୁରୀ ବୋଲି ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ଅଶୋକ କୁମାର ଦାଶ, ହୃଦାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ମା’ ବାଉତୀ, ମା’ ମଙ୍ଗଳା ପୀଠରେ ଝାମୁଯାତ୍ରା

**ଆଠଗଡ଼/ବାଙ୍କୀ/ତାଳବସ୍ତ,୨।୪(ସତ୍ୟ ପ୍ରସାଦ ରଥ/ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସୁବ୍ରତ କୁମାର ନାୟକ):**



ଆଠଗଡ଼ରେ ଦଣ୍ଡପାଟୁଆ ନିଆଁରେ ଚାଲୁଛନ୍ତି।

ଆଠଗଡ଼ ଗଡ଼ଜାତ ଅଧିଷ୍ଠାତ୍ରୀ ଦେବୀ ତଥା ନିଜିଗଡ଼ର ଗ୍ରାମଦେବତୀ ମା’ ବାଉତୀ ଦେବୀ ଓ ଏନଏସି ଅନ୍ତର୍ଗତ ୧୬ନଂ ୱାର୍ଡରେ ମା’ ମଙ୍ଗଳା ପୀଠରେ ବାର୍ଷିକ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନସିକଧାରୀ, ଦଣ୍ଡପାଟୁଆମାନେ ନିଆଁରେ ଚାଲି ମା’ଙ୍କ ପ୍ରତି ନିଷ୍ଠା ଓ ଭକ୍ତି ପ୍ରଦର୍ଶନ କରିଥିଲେ। ବୁଧବାରୁ ଦଣ୍ଡପାଟୁଆ ଓ ମାନସିକ ଧାରୀମାନେ ଏକବ୍ରତ ନିର୍ଜଳା ଉପବାସ ପାଳନ କରି ମା’ଙ୍କ ମନ୍ଦିରରେ ଅଧା ପଡିଥିଲେ। ଗୁରୁବାର ସକାଳୁ ମା’ଙ୍କର ନିତିଆନି ନିତି ସମ୍ପାଦନା ପରେ ମାଜେଣା ଆରତି ବାଲଧୂପ ମଇଲମ, ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ମା’ଙ୍କ ଠାରୁ ଆଜ୍ଞାମାଳ ପାଇବାପରେ ମାଆ ବାଉତୀ ମନ୍ଦିର ପକ୍ଷରୁ ବଡ଼ପଣ୍ଡା ଶରତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଣ୍ଡ ପାଟୁଆ ଓ ମାନସିକ ଧାରୀମାନେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ନିକଟସ୍ଥ ଗଦାସାହି ଭାଗିରଥି ସାଗର(ବଡ଼ ପୋଖରୀ)ରେ ସ୍ନାନ ସାରି ଆଠଗଡ଼ ଦୁର୍ଗା ବଜାର ସ୍ଥିତ ଝାମୁଯାତ୍ରା ସ୍ଥାନକୁ ଆସିଥିଲେ। ସେଠାରେ ଭକ୍ତମାନଙ୍କ ହରିବୋଲ ହୁଳହୁଳି ମଧ୍ୟରେ ଝାମୁଯାତ୍ରା ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସ୍ଥାନୀୟ କୈବର୍ତ୍ତ ସମାଜ, ଦୁର୍ଗା ବଜାର କମିଟି, ବହୁ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ପଣା ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଆଠଗଡ଼ ନିଆଳି କୈବର୍ତ୍ତ ସମାଜ ପକ୍ଷରୁ ଆଠଗଡ଼ ସହର ଦୁର୍ଗା ବଜାର ମଣ୍ଡପରେ ପାରମ୍ପରିକ ଘୋଡା ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ବୀର କିଶୋର ପୁର ମାଆ ମଙ୍ଗଳା ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି।

ସେହିପରି ବାଙ୍କୀ ଉପଖଣ୍ଡସ୍ଥ ଶିମିଳିପୁର-ହରିରାଜପୁର କଇଁଆନାଳ ସେତୁ ଏବଂ ବିଲିପଡ଼ା ରାସ୍ତା ମଧ୍ୟରେ ଅବସ୍ଥିତ ମା’ତାରେଣୀ ଦେବୀଙ୍କ ସପ୍ତମ ବାର୍ଷିକ ଉତ୍ସବ ସହ ଶୁକ୍ରବାର ମା’ଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ ଜଣ ଝାମୁଆ ମହାନଦୀରୁ ସ୍ନାନ କରି ମା’ଙ୍କ ନିକଟରେ ପହଞ୍ଚି ୨୧ ହାତ ଝାମୁ ଚାଲିଥିଲେ। ଏହି କାର୍ଯ୍ୟକ୍ରମରେ ଶିମିଳିପୁର, ହରିରାଜପୁର, ବିଲିପଡ଼ା ପଞ୍ଚାୟତର ଭକ୍ତମାନେ ପହଞ୍ଚି ଏଥିରେ ସାମିଲ ହେବା ସହ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଖଗେଶ୍ୱର ପ୍ରଧାନ, ପୂଜକ ତପନ ନାୟକଙ୍କ ସମେତ ଅନେକ ଭକ୍ତ ସାମିଲ ହୋଇଥିଲେ। ସେହିପରି ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଜାତମୁଣ୍ଡିଆ ମା’ ପୋଟେଳେଇଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଝାମୁଆମାନେ ମହାନଦୀରେ ସ୍ନାନ କରି ଏକ ବିରାଟ ପଟୁଆରରେ ମା’ଙ୍କ ନିକଟରେ ପହଞ୍ଚି ୧୨୦ହାତ, ୬୦ହାତ ମାନସିକ ଧାରୀ ଝାମୁଆମାନେ ଝାମୁ ଚାଲିଥିଲେ। ସେହିପରି ବେଦପୁର ମା’ମଙ୍ଗଳାଙ୍କ ପୀଠ, ଚକାପଦା, ଦୁର୍ଗାପୁର ନୂଆସାହି, ଶିମିଳିପୁର ସିଦ୍ଧେଶ୍ୱରଙ୍କ ପୀଠ ଏବଂ ପାଟପୁରସ୍ଥ ଷଠୀ ଠାକୁରାଣୀଙ୍କ ପୀଠରେ ମାନସିକଧାରୀମାନେ ଝାମୁ ଚାଲିଥିଲେ।

ସେହିପରି ପବିତ୍ର ଚୈତ୍ର ପୂର୍ଣ୍ଣମା ଉପଲକ୍ଷେ ଡମପଡା ବ୍ଲକର ବିଭିନ୍ନ ଗ୍ରାମର ଠାକୁରାଣୀଙ୍କ ପାଖରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତମୁଣ୍ଡିଆର ପ୍ରସିଦ୍ଧ ମା’ ପୋଟାଳାଇ ଦେବୀଙ୍କ ଝାମୁଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା ପୂର୍ବ ପରମ୍ପରାରେ ଚାଲି ଆସିଥିବା ଶହେ ଆଠ ହାତ ଝାମୁରେ ଶ୍ରଦ୍ଧାଳୁ ମାନସିକଧାରୀ ଭକ୍ତମାନେ ମନ୍ଦିର କାଳେସୀଙ୍କ ସହାୟତାରେ ନିଆଁରେ ଚାଲିଥିଲେ। ଏନେଇ ସ୍ଥାନୀୟ ଯୁବକ ସଂଘ ଏବଂ ତାଳବସ୍ତ ଫାଣ୍ଡି ତରଫରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ତାଳବସ୍ତ ପାଟଣାସାହି, ନାଏକ ହାଡ଼ିସାହି, ଅରପୁର ଗ୍ରାମର ମା କଳାପାଟ, ମା ମଙ୍ଗଳା ମନ୍ଦିର ପରିସରରେ ଚୈତ୍ର ଝାମୁଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

# ୨୨ ୱାର୍ଡର ୯୪୫୦ ଘରକୁ ପହଞ୍ଚିବ ବିଶୁଦ୍ଧ ପାନୀୟଜଳ

## ପାନୀୟଜଳ ପ୍ରକଳ୍ପ, ନୂତନ ପୌର ପରିଷଦ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ଖୋର୍ଦ୍ଧା,୨।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରାଞ୍ଚଳରେ ଆଉ ପାନୀୟଜଳ ସମସ୍ୟା ରହିବ ନାହିଁ। ରାଜ୍ୟ ସରକାରଙ୍କ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାରେ ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ପାଇବେ ସହରବାସୀ। ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅନ୍ତର୍ଗତ କାର୍ଯ୍ୟନିର୍ବାହୀ ସଂସ୍ଥା ୱାଟ୍‌କୋ କାର୍ଯ୍ୟାଳୟ ପରିସରରେ ୨୭କୋଟି ୭୬ଲକ୍ଷ ୮୧ହଜାର ୫୩୩ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପର ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଏକ ବର୍ଷ ମଧ୍ୟରେ ଶେଷ ହେବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ୨୨ଟି ୱାର୍ଡର ୬୦ହଜାରରୁ ଊର୍ଦ୍ଧ୍ୱ


ନୂତନ ପୌର ପରିଷଦ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ।

ଲୋକେ ଉପକୃତ ହେବା ସହ ୯୪୫୦ ଗୃହକୁ ବିଶୁଦ୍ଧ ପାନୀୟଜଳ ପହଞ୍ଚିବ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ଅଧୀନରେ ୩୧୨୯୮ ମିଟର ପାଇପ୍ ବିଛାଯିବାର କାର୍ଯ୍ୟକ୍ରମ ରହିଛି। ୱାଟ୍‌କୋ କାର୍ଯ୍ୟାଳୟ ପରିସରରେ ୬୦ଲକ୍ଷ ମିଟର ମୁଖ୍ୟ ଜଳଭଣ୍ଡାର ଏବଂ ଭାଲିଆବାଡ଼ି ଓ ଜେମାଦେଇଠାରେ ଜଳ ସଞ୍ଚୟ ନିମିତ୍ତ ୧୫ଲକ୍ଷ ମିଟ କ୍ଷମତା ବିଶିଷ୍ଟ ଦୁଇଟି ପାଣିଟାଙ୍କି ସ୍ଥାପନ କରାଯିବ। ଏହାର ସୁପରିଚାଳନା ନିମନ୍ତେ ୪ଟି ଜେନେରେଟର ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପ ଦ୍ୱାରା ସହରବାସୀଙ୍କ ପାନୀୟଜଳ ସମସ୍ୟା ଦୂର ହେବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି। ସେହିପରି ୬କୋଟି ୩୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖୋର୍ଦ୍ଧା ପୌର ପରିଷଦର ନୂତନ ଦ୍ୱି ମହଲା ପ୍ରାସାଦ ବିଶିଷ୍ଟ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏମ୍‌ପି ଷଡ଼ଙ୍ଗୀ ଏବଂ ବିଧାୟକ ଜଗଦ୍ଦେବ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ୱାଟ୍‌କୋ ମହା ପ୍ରବନ୍ଧକ ରାଜେନ୍ଦ୍ର ସେଠୀ, ବିଡିଓ ତଥା ପୌରାଞ୍ଚଳ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ଏକାଧିକ କାଉନ୍‌ସିଲର ଉପସ୍ଥିତ ଥିଲେ।

# ଭାଜପା ନେତା ରାଜୀବଙ୍କୁ ଧକ୍କାମାରିଲେ ବିଧାୟକ



## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଖୋର୍ଦ୍ଧା,୨।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଗୁରୁବାର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାରେ ୨୪ଘଣ୍ଟିଆ ପାନୀୟଜଳ ପ୍ରକଳ୍ପ ଏବଂ ପୌର ପରିଷଦ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇଥିଲେ। ଏହି ସମୟରେ ଖୋର୍ଦ୍ଧାର ବରିଷ୍ଠ ଭାଜପା ନେତା ରାଜୀବ ଲୋଚନ ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ। ତେବେ କୌଣସି କାରଣକୁ ନେଇ ବିଧାୟକ ଏବଂ ଭାଜପା ନେତା ରାଜୀବଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏଥିରେ ବିଧାୟକ ଉତ୍କ୍ଷିପ୍ତ ହୋଇ କ'ଣ ବଡ଼ ନେତା ଦେଖାଇ ହେଉଛ କହି ଧକ୍କାମାରି କାର୍ଯ୍ୟକ୍ରମ ସ୍ଥଳରୁ ବାହାର କରିଦେଇଥିଲେ ବୋଲି ରାଜୀବ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏମ୍‌ପିଙ୍କୁ ଏକ ଅଭିଯୋଗ ଜଣାଇବାକୁ ଉପସ୍ଥିତ ଥିବା ବେଳେ ବିଧାୟକ ହଠାତ୍ ତାଙ୍କୁ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ ବୋଲି ରାଜୀବ କହିଛନ୍ତି। ଦୀର୍ଘ ୪୦ବର୍ଷ ହେବ ଭାଜପାରେ କାମ କରୁଛି। ଏମ୍‌ପି ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଅସମ୍ମାନ କରାଯିବା ସତ୍ତ୍ୱେ ଏମ୍‌ପି କିଛି ନ କହି ନୀରବ ରହିବା ସ୍ୱାଭିମାନକୁ ବାଧା ଦେଇଛି। ଏ ସମ୍ପର୍କରେ ଭାଜପା ରାଜ୍ୟ ସଭାପତିଙ୍କୁ ଲିଖିତ ଭାବେ ଜଣାଇବି। କାର୍ଯ୍ୟକ୍ରମସ୍ଥଳରେ ବିଧାୟକ ଧକ୍କା ମାରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ବୋଲି ରାଜୀବ କହିଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ବିଧାୟକ ଜଗଦ୍ଦେବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କାଇପଦରରେ ବାଦୀପାଲା ଆରମ୍ଭ

ଖୋର୍ଦ୍ଧା,୨।୪(ପ୍ରଭାତ ପାଣିଗ୍ରାହୀ)

କାଇପଦରଠାରେ ବାଦୀପାଲା ଆରମ୍ଭ ହୋଇଯାଇଛି। ଏପ୍ରିଲ ପହିଲାରୁ ୫ଦିନ ବ୍ୟାପୀ ଏହି ପାଲା ପରିବେଷଣ ହେବ। ୧୮୭୨ ମସିହାରୁ ଏଠାରେ ବାଦୀପାଲା ହୋଇଆସୁଛି। ଗ୍ରାମ୍ୟ ପାଲା କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ଚଳିତବର୍ଷ ୧୫୫ତମ ସତ୍ୟ ନାରାୟଣ ଦେବଙ୍କ ବାଦୀପାଲା ଅନୁଷ୍ଠିତ ହେଉଛି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ରାତି ୧୦ଟାରୁ ୧ଟା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପାଲା ପରିବେଷଣ ହେଉଛି। ପୂର୍ବରୁ ୨୧ଦିନ ବ୍ୟାପୀ ପାଲା ଅନୁଷ୍ଠିତ ହେଉଥିବା ବେଳେ ସମୟକ୍ରମେ ଏହାକୁ କମାଇ ଦିଆଯାଇଛି। ଗାୟକ ଜ୍ଞାନପ୍ରଦୀପ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ ଏବଂ ଗାୟକ ପ୍ରଦୀପ କୁମାର ଅତିବୁଦ୍ଧି ଯୋଗଦେଇଛନ୍ତି। ଅନୁଷ୍ଠାନର ସଭାପତି ତପନ କୁମାର ପାତ୍ର, ସମ୍ପାଦକ ନରେନ୍ଦ୍ର କୁମାର ଜେନା, ସଭ୍ୟ ବିଜୟ କୁମାର ଅରିସଲ, ତପନ ରଣସିଂହ, ଭିକାରୀ ବଳିଆରସିଂହ, କବି ପାଇକରାୟ, ରାଧେଶ୍ୟାମ ପାଇକରାୟ, ବିଜୁ ବଳିଆରସିଂହ, ସୁଶାନ୍ତ ସାହୁ, ପ୍ରଶାନ୍ତ ସ୍ୱାଇଁ, ଦିପକ ରାଉତରାୟ, ରବୀନ୍ଦ୍ର ଗଡ଼ନାୟକ, ଭଗବାନ ବେହେରା, ଅମୂଲ୍ୟ ଛୋଟରାୟ, ମୁନା ରାଉତରାୟ, ବାଙ୍କନିଧି ପାଇକରାୟ, ଈଶ୍ୱର ମଙ୍ଗରାଜ, ଶରତ ମାର୍ଥା ପ୍ରମୁଖ ପାଲା ପରିଚାଳନା ଦାୟିତ୍ୱରେ ରହିଛନ୍ତି। ପ୍ରଥମ ଦିନରେ ଗାୟକ ରବୀନ୍ଦ୍ର କୁମାର ଷଡ଼ଙ୍ଗୀ ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା ପରେ ଜନ୍ମପାଲା କରିଥିଲେ। ଏହି ପାଲା ଗ୍ରାମର ଭାଇଚାରା, ମୈତ୍ରୀର ପ୍ରତୀକ।

# ଜିଲା ବରିଷ୍ଠ ନାଗରିକ ମହାସଂଘ ଗଠିତ


ବୈଠକରେ ମଞ୍ଚାସୀନ ବରିଷ୍ଠ ନାଗରିକ ମହାସଂଘର କର୍ମକର୍ତ୍ତା।

ଖୋର୍ଦ୍ଧା,୨।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ସହରାଞ୍ଚଳ ଏବଂ ବ୍ଲକସ୍ତରରେ କାର୍ଯ୍ୟ କରୁଥିବା ଆଞ୍ଚଳିକ ବରିଷ୍ଠ ନାଗରିକ ଅନୁଷ୍ଠାନକୁ ନେଇ ଗୁରୁବାର ଜିଲାସ୍ତରୀୟ ବରିଷ୍ଠ ନାଗରିକ ମହାସଂଘ ଗଠନ କରାଯାଇଛି। ଏନେଇ ଶ୍ରୀରାମ ନଗରସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ. ଚିନ୍ତାମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାଣପୁର, ବାଲୁଗାଁ, ନାରୁଣୀ, ଟାଙ୍ଗୀ, ନିରାକାରପୁର, ବାଜପୁର, ଜଟଣୀ, ବେଗୁନିଆ, ବୋଲଗଡ଼ ଆଦି ଅଞ୍ଚଳରେ କାର୍ଯ୍ୟରତ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଅନୁଷ୍ଠାନଗୁଡ଼ିକୁ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସରକାରୀ ଜମି, ଆର୍ଥିକ ସହଯୋଗ, ପଞ୍ଜୀକରଣ, ଥାନା ପକ୍ଷରୁ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏ ଦିଗରେ ଜିଲା ପ୍ରଶାସନ, ପୋଲିସ ସହ ଆଲୋଚନା ପାଇଁ ଜିଲା କାର୍ଯ୍ୟକାରୀ ପରିଷଦ ଗଠନ କରାଯାଇଛି। ଏଥିରେ ବାଣପୁରରୁ ଡ. ଚିନ୍ତାମଣି ମିଶ୍ର ସଭାପତି, ଖୋର୍ଦ୍ଧାରୁ ରାମଶଙ୍କର ସମ୍ପାଦକ, ବୋଲଗଡ଼ରୁ ଗୋପୀନାଥ ଖାଡ଼ଙ୍ଗା, ଜଟଣୀରୁ ଅରୁଣ କୁମାର ମହାନ୍ତି ଉପସଭାପତି, ବେଗୁନିଆରୁ ଦିଲୀପ କୁମାର ସାହୁ, ନାରୁଣୀରୁ ହାଡ଼ିବନ୍ଧୁ ମିଶ୍ର ସହସମ୍ପାଦକ, ଖୋର୍ଦ୍ଧାରୁ ହରମୋହନ ମହାପାତ୍ର କୋଷାଧ୍ୟକ୍ଷ, ଜଟଣୀରୁ ସଚ୍ଚିଦାନନ୍ଦ ପଟ୍ଟନାୟକ ଅଡିଟର, ଡ. ଯୁଗଳ କିଶୋର ସାହୁ, ବିଧାନଚନ୍ଦ୍ର ମହାନ୍ତି ଓ ରବୀନ୍ଦ୍ର ନାଥ ପଟ୍ଟନାୟକ ଉପଦେଷ୍ଟା ମଣ୍ଡଳୀ ଏବଂ ସଦସ୍ୟ ଭାବେ ଜବାହରଲାଲ ସୁବୁଦ୍ଧି (ଜଟଣୀ), ଡ. ମୁରଲୀଧର ସାମନ୍ତସିଂହାର (ବାଲୁଗାଁ), ବିଜୟ କୁମାର ମହାପାତ୍ର (ଗେଡିଆପଲ୍ଲୀ), ନାରାୟଣ ମହାପାତ୍ର (ଟାଙ୍ଗୀ), ହରିବନ୍ଧୁ ତ୍ରିପାଠୀ (ବେଗୁନିଆ) କାର୍ଯ୍ୟକାରୀ ପରିଷଦ ସଦସ୍ୟଭାବେ ଆଗାମୀ ଦୁଇ ବର୍ଷ ନିମନ୍ତେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଜିଲାରେ କାର୍ଯ୍ୟ କରୁଥିବା ବରିଷ୍ଠ ନାଗରିକ ଅନୁଷ୍ଠାନ ଏଥିରେ ସାମିଲ ହେବା ପାଇଁ ଜିଲା ସଭାପତି ମୋବାଇଲ ନଂ.୯୮୬୧୦୧୪୮୪୫ ଏବଂ ସମ୍ପାଦକଙ୍କ ମୋବାଇଲ ନଂ.୯୩୩୭୬୨୧୪୫୫ କୁ ଯୋଗାଯୋଗ କରିବା ନିମନ୍ତେ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି।

# ଡ. ପୂର୍ଣ୍ଣିମା ନାୟକ ହେଲେ ପ୍ରାଣନାଥ କଲେଜର ଅଧ୍ୟକ୍ଷା



ଖୋର୍ଦ୍ଧା,୨।୪(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ବିଦ୍ୟୁଶ୍ରୀ ମିଶ୍ର ଗତ ମାର୍ଚ୍ଚ ୩୧ରେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ କଲେଜର ନୂତନ ଅଧ୍ୟକ୍ଷା ଭାବେ ଡ. ପୂର୍ଣ୍ଣିମା ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟି, ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ପ୍ରାଧ୍ୟାପକ ପ୍ରମୁଖ ବିଦ୍ୟୁଶ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହ ନୂତନ ଅଧ୍ୟକ୍ଷାଙ୍କୁ ସ୍ୱାଗତ ଜଣାଇଥିଲେ। ବିଦାୟକାଳୀନ ସଭାରେ କଲେଜ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, କଲେଜର ଅଧ୍ୟାପକ, ପ୍ରାଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। କଲେଜ ପରିସରରେ ଥିବା ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଦାୟୀ ଏବଂ ନୂତନ ଅଧ୍ୟକ୍ଷା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଲେଜର ଏନ୍‌ସିସି, ବିଭିନ୍ନ ବିଭାଗ ଛାତ୍ରୀଛାତ୍ର, କର୍ମଚାରୀ ନୂତନ ଅଧ୍ୟକ୍ଷା ନାୟକଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ




ଜଟଣୀ,୨।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ନିକଟରେ ଗୁରୁବାର ଗୋପୀନାଥ ସେବା ସମିତି ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆୟୋଜକ ଅନୁଷ୍ଠାନର ସଭାପତି ଜୟପ୍ରକାଶ ଶର୍ମା, ରତନ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ମୋହିତ ଅଗ୍ରୱାଲ, ନରେଶ ଅଗ୍ରୱାଲ,ରାହୁଲ ଗୁପ୍ତା, ରାଧେଶ୍ୟାମ ଅଗ୍ରୱାଲ, ଜଗଦୀଶ ଅଗ୍ରୱାଲ, ଶାବରମଲ ଶର୍ମା, ରାଜେଶ ଗୋୟଲ, ଗୋବିନ୍ଦ ଅଗ୍ରୱାଲଙ୍କ ସହ ଶ୍ରୀଗୋପୀନାଥ ଦେବ ମନ୍ଦିର କମିଟି ସଭାପତି ମହେଶ ଅଗ୍ରୱାଲ, ସମ୍ପାଦକ ପ୍ରଦୀପ ଅଗ୍ରୱାଲ, ଉପସଭାପତି ଶଙ୍କର ପ୍ରସାଦ ଅଗ୍ରୱାଲ, ଖବରଦାତା ସଜନ ଧରୁସୁୱାଲା, ବିଶ୍ୱନାଥ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଥଚାରୀଙ୍କୁ ତରବୁଜ, ଦହି ପଣା ବଣ୍ଟନ କରାଯାଇଥିଲା।

# ଡିଏଭି ଗୁରୁକୁଳ ବିଦ୍ୟାଳୟର ବାର୍ଷିକୋତ୍ସବ

ବାଲୁଗାଁ,୨।୪(ସଂଗ୍ରାମ ପାଇକରାୟ)

ଗୋପୀନାଥପୁର ଛକ ନିକଟସ୍ଥ ଡିଏଭି ଗୁରୁକୁଳ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସହକାରୀ ସରକାରୀ ଓକିଲ ପ୍ରଭୁ ପ୍ରସନ୍ନ ବେହେରା, ମୁଖ୍ୟବକ୍ତା ପ୍ର. ଆଦିତ୍ୟ କେଶରୀ ମିଶ୍ର, ଅନ୍ୟତମ ଅତିଥି ଚିଲିକା ବ୍ଲକର ସିଆର୍‌ସିସି ପ୍ରଶାନ୍ତ କୁମାର ସାହୁ, ଆଇନଜୀବୀ ଲକ୍ଷ୍ମୀ ନୃସିଂହ ସାହୁ, ଏକାଡେମୀ ଆଡଭାଇଜର ଜ୍ୟୋତିପ୍ରକାଶ ତ୍ରିପାଠୀ, ବିଦ୍ୟାଳୟର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର, ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ବର୍ତ୍ତମାନର ଶିକ୍ଷାକ୍ଷେତ୍ରରେ ଇଂଲିଶ୍ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ବିଦ୍ୟାଳୟର ସମ୍ପାଦିକା ମିତା ମହାପାତ୍ର ବାର୍ଷିକ ବିବରଣୀ ପାଠକରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି।

# ଭାଇଚାରା ବଜାୟ ରହିଲେ ଗ୍ରାମର ବିକାଶ ହେବ

ବୋଲଗଡ଼,୨।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମର ଗୋବିନ୍ଦପୁର ଓ ଗୋପାଳପୁର ମୌଜା ବାସିନ୍ଦାଙ୍କ ପକ୍ଷରୁ ତଳସାହି ସ୍ଥିତ ମା'ମଙ୍ଗଳାଙ୍କ ବିଜେସ୍ଥଳୀରେ ଚୈତ୍ର ଶେଷ ମଙ୍ଗଳବାର ବାର୍ଷିକ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମ ଯୁବଗୋଷ୍ଠୀଙ୍କ ଦାରା ସାମାଜିକ ନାଟକ'ଅଦିନ ଝଡ଼ର ଦୁଃଖ କାହାଣୀ' ମଞ୍ଚସ୍ଥ ହୋଇଥିଲା। ଏହା ପୂର୍ବରୁ ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଜ୍ୟ ଆଇଟି ସେଲ୍ ଅଧ୍ୟକ୍ଷ ମାନସ ବେହେରା ଯୋଗଦେଇ ଭାଇଚାରା ବଜାୟ ରହିଲେ ଗ୍ରାମର ନିଶ୍ଚିତ ବିକାଶ ହେବ ବୋଲି କହିଥିଲେ। ଖବରଦାତା ନିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ବକ୍ତାଭାବେ ବୋଲଗଡ ଅଗ୍ନିଶମ ମୁଖ୍ୟ ଅଧିକାରୀ ବିବେକାନନ୍ଦ ଦାସ, ସନମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ଶ୍ରୀଧର ଦଉ, ହେମନ୍ତ କୁମାର ଦେଓ, ଅଭିନାଶ ମହାନ୍ତି, ଅବିନାଶ ମହାପାତ୍ର, ସୁଧୀର ସାହୁ, ରଞ୍ଜନ କୁମାର ଦେଓ ପ୍ରମୁଖ ଯୋଗଦେଇ ନାଟକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖବରଦାତା ଦେବବ୍ରତ ହୋତା, ସତ୍ୟନାରାୟଣ ବାରିକ, ନିରଞ୍ଜନ ସେଠୀ, ବିଶ୍ୱଜିତ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କମିଟି ସଦସ୍ୟ ସତ୍ୟଜିତ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଯଜ୍ଞ ଓ ନାଟକ କାର୍ଯ୍ୟକ୍ରମରେ ପବିତ୍ର ନାୟକ, ରାମଚନ୍ଦ୍ର ସାହୁ, ଲକ୍ଷ୍ମୀଧର ଦେଓ, କାଳିଆ ମହାନ୍ତି, ପ୍ରଶାନ୍ତ କୁମାର, ବଗୁଲି ପ୍ରମୁଖ ସହଯୋଗ କରିଥିଲେ।

# 'ଆମ ପୋଷାକ ଆମ ପରିଚୟ'

ଟାଙ୍ଗୀ,୨।୪(ରଘୁନାଥ ସାହୁ)

ଉତ୍କଳୀୟ ପରମ୍ପରାର ପ୍ରତୀକ, ସମୃଦ୍ଧ ଓଡ଼ିଆ ଅସ୍ମିତାର ପରିଚୟ 'ଆମ ପୋଷାକ ଆମ ପରିଚୟ' ପାରମ୍ପରିକ ପୋଷାକ ପରିଧାନ ଦିବସ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୃତ୍ତିକା ସଂରକ୍ଷଣ ବିଭାଗ ଜଳଛାୟା ଜୀବିକା ଅଧିକାରୀ ଦେବାଶିଷ ସାହୁ, ରିଙ୍କି ବୈରାଗୀ, ସ୍ୱାଗତିକା ରାଜ, ବୀଣାପାଣି ମଣ୍ଡଳ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଓଡ଼ିଶାର ହସ୍ତତନ୍ତ ଏକ ସାଂସ୍କୃତିକ ବିବିଧତା ଓ ଐତିହ୍ୟର ପ୍ରତୀକ ଏହାକୁ ପରିଧାନ କରି ଆମ ପୋଷାକ ଆମ ପରିଚୟ ଅଭିଯାନରେ ସାମିଲ ହେବା ଆବଶ୍ୟକ। ଶିକ୍ଷୟିତ୍ରୀ ସ୍ୱାଗତିକାରାଜ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ପାରମ୍ପରିକ ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିଲେ।


ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଗଣବେଶରେ ପିଲାମାନେ।

# ମା'ମଙ୍ଗଳା କ୍ଲବ୍ କଟକ ସେମିଫାଇନାଲରେ

## କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବେଗୁନିଆ,୨।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କୁଶପଲ୍ଲା ଗ୍ରାମସ୍ଥିତ ମିନି ଷ୍ଟାଡିୟମ ପରିସରରେ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର କଟକର ମା'ମଙ୍ଗଳା କ୍ଲବ ଏବଂ ବିହାର ରାଜ୍ୟର ବକ୍ସରସ୍ଥିତ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ମା'ମଙ୍ଗଳା କ୍ଲବ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆଉ ୫ଟି ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ ଗୋଲ ଦେଇପାରି ନ ଥିଲା। ଫଳରେ ୬–୦ଗୋଲରେ ମା' ମଙ୍ଗଳା କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ପରିଚାଳକ ଅବଦୁଲ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସକ୍କାବତ ଅଲ୍ଲିଖାନ, ପ୍ରଫୁଲ୍ଲ କୁମାର ବେହେରା, ପ୍ରିୟବ୍ରତ ବାହିନୀପତି ଏବଂ ସଗିର ଅହମ୍ମଦ ମ୍ୟାଚ ପରିଚାଳନା କରିଥିଲେ। ଫୈଜଲ ହୁସେନ ଖାନ୍ ଓ ଅମଜାଦ ଖାନ୍ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ବିଜୟୀ ଟିମର ୨୩ନଂ. ଖେଳାଳି ଭିକି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ଶିଶିର କୁମାର ଛୁଆଳସିଂହ, ଅଶୋକ ମହାନ୍ତି, ଗିରିଶ ଚନ୍ଦ୍ର ଦୀକ୍ଷିତ, ଅବସରପ୍ରାପ୍ତ ଖେଳ ଶିକ୍ଷକ ନୀଳମଣି ମାଝୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଭିକାରୀ ଖଣ୍ଡାୟତ, ମୌଲାନା ମୁଜବିର ରେହେମାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ହାଓଡା ଫୁଟ୍‌ବଲ କ୍ଲବ ଏବଂ ଆକ୍ୱା ଫୁଟ୍‌ବଲ କ୍ଲବ ରାଞ୍ଚି ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ଥିବା ମା' ମଙ୍ଗଳାଙ୍କ ମାତୃଶକ୍ତି ପୀଠରେ ଆରମ୍ଭ ହୋଇଥିବା ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଅଙ୍କୁରାରୋପଣ, ମଣ୍ଡଳକରଣ, ଜଳଯାତ୍ରା, ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଅଭିଷେକ, ଯଜ୍ଞାହୁତି, ଆଳତି ସେବା ଓ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କଳସ ଯାତ୍ରାରେ ରାଜ୍ୟରୁ ବିଭିନ୍ନ ସ୍ଥାନରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ପ୍ରତ୍ୟହ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ମା'ଙ୍କ କାଳିଶି ସୁରେନ୍ଦ୍ର ପଣ୍ଡା ସ୍ଥାନୀୟ ଯୁବକ, ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଣାସ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୪।୨୦୨୬

| | |
|---|---|
| ୭,୦୮,୭୭୧ ଟଙ୍କା | |
| ସୁନା | ୧.୭୦୦ ଗ୍ରାମ |
| ରୁପା | ୪୬.୩୦୦ ଗ୍ରାମ |

# ଟେଲିକମ୍ ସେବାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)



ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ।

ରଥଯାତ୍ରା ସମୟରେ ଟେଲିକମ୍ ସେବାର ଗୁରୁତ୍ୱ ଅଧିକ। ବିଏସ୍‌ଏନ୍‌ଏଲ୍ ସହ ବିଭିନ୍ନ ଟେଲିକମ୍ କମ୍ପାନୀମାନେ ସେମାନଙ୍କ ସେବା ପ୍ରଦାନକୁ ଅଧିକ କ୍ରିୟାଶୀଳ କରିବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ସର୍କିଟ ହାଉସଠାରେ ଆଗାମୀ ରଥଯାତ୍ରା ସମୟରେ ଟେଲିକମ୍ ସେବା ପ୍ରଦାନ ଉପରେ ଏକ ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ରଥଯାତ୍ରା ସମୟରେ ପୁରୀରେ ଲକ୍ଷାଧିକ ଲୋକଙ୍କର ସମାଗମ ହୋଇଥାଏ। ଆଜିର ସମୟରେ ପ୍ରାୟ ସମସ୍ତେ ମୋବାଇଲ୍ ବିଶେଷକରି ସ୍ମାର୍ଟଫୋନ୍ ବ୍ୟବହାର କରୁଥିବାରୁ ସେଥିପାଇଁ ଇଣ୍ଟରନେଟ୍‌ର ସୁବିଧା ଅତ୍ୟନ୍ତ ଜରୁରୀ ବୋଲି ଜିଲାପାଳ କହିଛନ୍ତି। ବିଗତବର୍ଷ ରଥଯାତ୍ରା ସମୟରେ ପ୍ରାୟ ସମସ୍ତ ଟେଲିକମ୍ ସେବାର ନେଟ୍‌ୱର୍କର ସମସ୍ୟା ଦେଖାଦେଇଥାଏ। ଏପରିକି ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ୍ୟ ଅତ୍ୟାବଶ୍ୟକ ସମୟରେ ଯୋଗାଯୋଗରେ ବ୍ୟାଘାତ ସୃଷ୍ଟି ହେବାରୁ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ। ଏ ସବୁର ସମାଧାନ ପାଇଁ ସମସ୍ତ ଟେଲିକମ୍ ସେବାକୁ ଅଧିକ କ୍ରିୟାଶୀଳ କରାଯିବ। ଅଧିକ ଶକ୍ତିସମ୍ପନ୍ନ ଟାୱାର ବ୍ୟବସ୍ଥା, ଅତ୍ୟାଧୁନିକ ଯନ୍ତ୍ରପାତି ଲଗାଇବା ଓ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଟେଲିକମ ସଂସ୍ଥାର ସମସ୍ୟା ଓ ସମାଧାନ ପାଇଁ ବିବିଧ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଅତ୍ୟାଧୁନିକ ବୈଷୟିକ ଜ୍ଞାନ ସହଯୋଗରେ ରଥଯାତ୍ରା ସମୟରେ ପୁରୀକୁ କେତେ ଶ୍ରଦ୍ଧାଳୁ ଆସୁଛନ୍ତି, ଶ୍ରଦ୍ଧାଳୁମାନଙ୍କୁ ବିବିଧ ସୂଚନା ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରଦାନ, ଗତବର୍ଷ କେଉଁ କେଉଁ ସ୍ଥାନରେ ନେଟ୍‌ୱର୍କର ସମସ୍ୟା ରହୁଥିଲା ତାହାର ଚିହ୍ନଟ ସହ ନିରାକରଣ ବ୍ୟବସ୍ଥା, ବଡ଼ଦାଣ୍ଡରେ ଅଧିକ ଟାୱାର ବ୍ୟବସ୍ଥା ଓ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ଜିଲାପାଳ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ଅନ୍ୟାନ୍ୟ ଅଧିକାରୀ, ବିଭିନ୍ନ ଟେଲିକମ ସେବାର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସମୁଦ୍ରରେ ଭାସିଯାଉଥିବା ୪ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)

ସମୁଦ୍ରରେ ସ୍ନାନ କରୁଥିବା ବେଳେ ଭାସି ଯାଉଥିବା ୪ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡମାନେ ଗୁରୁବାର ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ଯୁବକମାନେ ହେଲେ, ସୋନୁ ତିୱାରୀ (୪୧), ଅରମାନ ଚକ୍ରବର୍ତ୍ତୀ (୧୨), ଆର୍ଗା ଚକ୍ରବର୍ତ୍ତୀ(୭) ଓ ଗଞ୍ଜାମ ଜିଲାର ନାରାୟଣ ସାହୁ।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନରେ ସେକ୍ଟର ୯ ବେଳାଭୂମିରେ ସ୍ନାନ କରୁଥିବା ବେଳେ ସମୁଦ୍ର ମଧ୍ୟକୁ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଚିତ୍କାର କରିବା ପରେ ତାଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରି କୂଳକୁ ଆଣିଥିଲେ। ସେହିପରି ସେକ୍ଟର ୧୩ ହୋଟେଲ କାମେଲିଆ ସମ୍ମୁଖ ବେଳାଭୂମିରେ ଅରମାନ ଓ ଆର୍ଗା ସ୍ନାନ କରୁଥିବା ସମୟରେ ଲହଡ଼ି ମାଡ଼ରେ ସମୁଦ୍ରକୁ ଭାସି ଯାଉଥିବା ସମୟରେ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ଅପରପକ୍ଷରେ ସେକ୍ଟର ୯ ଚୈତନ୍ୟ ଛକ ସମ୍ମୁଖ ବେଳାଭୂମିରେ ଗଞ୍ଜାମ ଜିଲାରୁ ଆସିଥିବା ନାରାୟଣ ସାହୁ ଗାଧୋଉଥିବା ବେଳେ ତାଙ୍କୁ ହଠାତ୍ ବାତ ମାରିଥିଲା। ଯାହାଫଳରେ ସମୁଦ୍ର ମଧ୍ୟକୁ ଭାସି ଯାଇଥିଲେ। ତାଙ୍କୁ ସେଠାରେ ନିୟୋଜିତ ଥିବା ଲାଇଫଗାର୍ଡ ଉଦ୍ଧାର କରିଥିବା ସୂଚନା ମିଳିଛି।

## ପୁରୀରେ ପହଞ୍ଚିଲା ୬ଷ୍ଠ ପର୍ଯ୍ୟାୟ ରଥକାଠ

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୧୬ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେଣୁ ଅକ୍ଷୟ ତୃତୀୟ ତିଥିରୁ ରାଜନହର ସମ୍ମୁଖସ୍ଥ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ଗୁରୁବାର ଚଳିତବର୍ଷର ୬ଷ୍ଠ ପର୍ଯ୍ୟାୟ ରଥ କାଠ ପୁରୀରେ ପହଞ୍ଚିଛି। ଟ୍ରକ୍ ଯୋଗେ ୩୦ ଖଣ୍ଡ ରଥ କାଠ ବୌଦ୍ଧ ଜିଲା ବନଖଣ୍ଡର କଣ୍ଟାମାଳ ଓ ନୂଆପଡ଼ା ରେଞ୍ଜରୁ ଆସି ପୁରୀରେ ପହଞ୍ଚିଛି। ଟ୍ରକ୍‌ରେ ୨୦ ଫୁଟିଆ ୧୩ ଖଣ୍ଡ ଓ ୪୦ ଫୁଟିଆ ୧୬ ଖଣ୍ଡ ଅସନ ଏବଂ ୪୦ଫୁଟିଆ ଗୋଟିଏ ଧଉରା କାଠ ରହିଛି।

## ମନ୍ଦିର ହୁଣ୍ଡିରୁ ଚୋରି, ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ,୨।୪(ଭରତ ରାଉତ)

୨୦୨୫ ନଭେମ୍ବର ୧୧ ତାରିଖ ବିଳମ୍ବିତ ରାତିରେ ସତ୍ୟବାଦୀ ଥାନା ଅନ୍ତର୍ଗତ ସିଦ୍ଧବକୁଳ ପଞ୍ଚସଖା ଗେଟ ନିକଟରେ ଥିବା ସିଦ୍ଧମହାବୀର ମନ୍ଦିରର ହୁଣ୍ଡି ବାକ୍ସ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଟଙ୍କା ଚୋରି କରି ନେଇଥିଲେ। ଏ ସମ୍ପର୍କରେ ସେ ସମୟରେ ଅଭିଯୋଗକାରୀ ରବିନାରାୟଣ ପତ୍ରି ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସତ୍ୟବାଦୀ ଥାନା ପକ୍ଷରୁ ତଦନ୍ତ ଜାରି ରହିଥିଲା। ତଦନ୍ତ ପରେ ଅଭିଯୁକ୍ତ ସ୍ଥାନୀୟ ବିଶ୍ୱନାଥପୁର ଗ୍ରାମର କଳାକାହ୍ନୁ ମିଶ୍ରଙ୍କ ପୁତ୍ର ଶ୍ରୀଧର ମିଶ୍ର ଓରଫ ଲିପା (୩୨)କୁ ସତ୍ୟବାଦୀ ଥାନା ପୋଲିସ ଗୁରୁବାର ଗିରଫ କରିଛି। ତାଙ୍କଠାରୁ ପୋଲିସ ୨ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ନାମରେ ପୂର୍ବରୁ ସତ୍ୟବାଦୀ ଓ କୁମ୍ଭାରପଡ଼ା ଥାନାରେ ଅନେକ ମାମଲା ରହିଛି। ତେବେ ଅଭିଯୋଗକୁ ଭିତ୍ତିକରି ସତ୍ୟବାଦୀ ଥାନା କେସ୍ ନମ୍ବର ୩୯୯/୨୫ରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ସତ୍ୟବାଦୀ ଥାନାଧିକାରୀ ସୌମ୍ୟରଞ୍ଜନ ମହାଳିକ ସୂଚନା ଦେଇଛନ୍ତି।

## ରାତିରେ ଉପମୁଖ୍ୟମନ୍ତ୍ରୀଙ୍କ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାତିରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

ନିମାପଡ଼ା,୨।୪(ବିଚିତ୍ରାନନ୍ଦ ସାହୁ)

- ରୋଗୀଙ୍କୁ ଭେଟିଲେ, ସମସ୍ୟା ପରଖିଲେ
- ରାତିରେ ନିରାମୟ ଔଷଧ କେନ୍ଦ୍ର ଖୋଲା ରଖିବାକୁ କଡ଼ା ନିର୍ଦ୍ଦେଶ ଦେଲେ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ରାତି ୧୦ଟାରେ ଅଚାନକ ନିମାପଡ଼ା ମେଡିକାଲ୍ ପରିଦର୍ଶନ କରି ରୋଗୀସେବାର ସ୍ଥିତି ପରଖିଥିଲେ। ଏହି ପରିଦର୍ଶନ ବେଳେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବିଭିନ୍ନ ୱାର୍ଡ ବୁଲି ଦେଖିବାସହ ରୋଗୀମାନଙ୍କୁ ସିଧାସଳଖ ଭେଟି ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ନିମାପଡ଼ା ଡାକ୍ତରଖାନାର ମହିଳା ଓ ପୁରୁଷ ରୋଗୀଙ୍କ ପାଇଁ ଦୁଇଟି ୱାର୍ଡରେ ତୁରନ୍ତ ଦୁଇଟି ଏସି ଲଗାଯିବା ସହ ରାତିରେ ମେଡିକାଲକୁ ଆସୁଥିବା ରୋଗୀମାନଙ୍କ ସୁବିଧା ପାଇଁ ନିରାମୟ ଔଷଧ କେନ୍ଦ୍ର ରାତିବେଳା ଖୋଲା ରଖାଯିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ମେଡିକାଲ୍‌ର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ବେଳେ ମେଡିକାଲ୍‌ର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସୁବ୍ରତ ମହାପାତ୍ର, ସ୍ଥାନୀୟ ତହସିଲଦାର ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାତିରେ ଉପମୁଖ୍ୟମନ୍ତ୍ରୀଙ୍କ ଅଚାନକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ମେଡିକାଲ୍ ଓ ରୋଗୀସେବାର ସ୍ଥିତି ପରଖିବା ଓ ରୋଗୀମାନଙ୍କୁ ଭେଟିବା ଘଟଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ମେଡିକାଲରେ ସମସ୍ତ ଡାକ୍ତର ଓ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିବା ସହ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପରାମର୍ଶ ଦେଇଥିଲେ।

## ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଓଡ଼ିଶା ଦିବସ

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)

ଜନଶିକ୍ଷଣ ସଂସ୍ଥାନ ପୁରୀ, ପକ୍ଷରୁ ୯୦ ତମ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଅଧିକାରୀ ଶଶିଭୂଷଣ ଦଉଙ୍କ ସଭାପତିତ୍ୱରେ କାଦୁଆସ୍ଥିତ କୋଠଘରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପକ ଡ. ପ୍ରଦୋଷ କୁମାର ପତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟପ୍ରେମୀ କୈଳାଶ ଚନ୍ଦ୍ର ଶତପଥୀ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ତତ୍କାଳୀନ ମୟୂରଭଞ୍ଜ ରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ସାନଖେମୁଣ୍ଡି ରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ସହିତ ମହାନ୍ ପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଆଦି ମହାପୁରୁଷଙ୍କ ପ୍ରଚେଷ୍ଟା ଉପରେ ଆଲୋକପାତ କରିଥିଲେ। ସଂସ୍ଥାନର ସହକର୍ଯ୍ୟକ୍ରମ ଅଧିକାରିଣୀ ନିକି ପ୍ରଧାନ ଆମ ଓଡ଼ିଆ ଭାଷା, ଚାଲିଚଳଣୀ, ସଂସ୍କୃତି ପରମ୍ପରା, ଖାଦ୍ୟ ବେଶଭୂଷା କିଭଳି ଉଚ୍ଚକୋଟିର ଏବଂ ଗୌରବସମ୍ପନ୍ନ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସଂସ୍ଥାନର କର୍ମଚାରୀ ପ୍ରସାଦ ଦ୍ୱିବେଦୀ, ଜୀବନଜିତା ଦାସ ଏବଂ ପ୍ରତାପ ବେହେରା ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।

## ବୀର କଳିଙ୍ଗ ପୁତ୍ର ଟାଇଟଲ ଜିତିଲେ ଜଗନ୍ନାଥ ଖୁଣ୍ଟିଆ

### ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର ରାଶି ସହ ଟ୍ରଫି ହାସଲ କଲେ

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)




ପୁରୀ ଜିଲା ଆମେଚର ବଡି ବିଲ୍ଡର୍ସ ଆସୋସିଏଶନ ଅନୁକୂଲ୍ୟରେ ୪ର୍ଥ ଥର ପାଇଁ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା 'ବୀର କଳିଙ୍ଗ ପୁତ୍ର ଅନୁଷ୍ଠିତ ହୋଇଯାଇଛି। ପୁରୀ ଟାଉନ୍ ହଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଓଡ଼ିଶା ରାଜ୍ୟ ବଡି ବିଲ୍ଡର୍ସ ଆସୋସିଏଶନର ଉପଦେଷ୍ଟା ମନୋଜ ରଥ, ସାମାଜିକ କର୍ମୀ ଡ. ଗୌରବ ରାଲହାନ, ପୁରୀ ଆସୋସିଏଶନର ସଭାପତି ସତ୍ୟନାରାୟଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ବିଭିନ୍ନ ୨୭ଟି ଜିଲାରୁ ୧୨୦ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗନେଇ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲେ। ୧୦ଟି ଓଜନ ବର୍ଗ ଏବଂ ମେନ୍ସ ଫିଜକ୍‌ର ୨ଟି ବର୍ଗରେ ପ୍ରତିଯୋଗିତା ହେବା ପରେ ଶୀର୍ଷ ଟାଇଟଲ ପାଇଁ ଲଢ଼େଇ ହୋଇଥିଲା। ଚିତ୍ତାକର୍ଷକ ପ୍ରଦର୍ଶନ ପରେ ବିଚାରକମାନେ ଭୁବନେଶ୍ୱରର ଜଗନ୍ନାଥ ଖୁଣ୍ଟିଆଙ୍କୁ ବିଜୟୀ ଘୋଷଣା କରିବା ସହ ଏକ ଲକ୍ଷ ଟଙ୍କା ନଗଦ ରାଶି, ଟ୍ରଫି, ପଦକ ପ୍ରଦାନ କରିଥିଲେ। ରନରଅପ୍ ରଶ୍ମିରଞ୍ଜନ ସାହୁଙ୍କୁ ନଗଦ ରାଶି ୫୦ ହଜାର ଟଙ୍କା, ଟ୍ରଫି, ପଦକ ପ୍ରଦାନ କରିଥିଲେ। ମେନ୍ସ ଫିଜକ୍ ବର୍ଗରେ ପୁରୀର ନରହରି ସାହୁ ବିଜେତା ହୋଇ ନଗଦ ୩୦ ହଜାର ଟଙ୍କା ଓ ଟ୍ରଫି ହାସଲ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, କ୍ରାଇମବ୍ରାଞ୍ଚ ଡିଆଇଜି ସତ୍ୟଜିତ ନାୟକ ଓ ପୁରୀ ସହରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପଦକ, ପ୍ରମାଣପତ୍ର, ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀମାନେ ମିଷ୍ଟର ଏସିଆ ଓ ମିଷ୍ଟର ୱାର୍ଲଡ ଖେଳିବା ପାଇଁ ବିବେଚିତ ହେବେ। ପୁରୀ ଆସୋସିଏଶନର ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରମୋଦ ସାହୁ, ଉପସଭାପତି ପଙ୍କଜ ପ୍ରତିହାରୀ, ଉପସଭାପତି ବାସୁଦେବ ପ୍ରତିହାରୀ, କୋଷାଧକ୍ଷ ଲକ୍ଷ୍ମୀନାରାୟଣ ପ୍ରତିହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଦ୍ୟପାନ କରି ସ୍ନାନ କରିବା ଘଟଣାକୁ ସମାଲୋଚନା

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)

**ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

ପୁରୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ସ୍ୱର୍ଗଦ୍ୱାର ବେଳାଭୂମିରେ ସ୍ନାନ କରିଥାନ୍ତି। ଅନେକ ସମୟରେ ବେଳାଭୂମିରେ ପର୍ଯ୍ୟଟକଙ୍କ ସ୍ନାନ ସମୟରେ ଅଘଟଣ ଦେଖିବାକୁ ମିଳୁଛି। ଯାହା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ପର୍ଯ୍ୟଟକମାନେ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କରୁଛନ୍ତି। ପର୍ଯ୍ୟଟକ ଅସାବଧାନ କାରଣରୁ ଦୁର୍ଘଟଣାର ଶିକାର ହେଉଥିବା ବେଳେ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ସ୍ନାନ କରି ବିପଦକୁ ଡାକି ଆଣୁଛନ୍ତି। ଅନେକ ପର୍ଯ୍ୟଟକ ଏଥିରୁ କିଛି ଶିକ୍ଷାଲାଭ କରୁ ନ ଥିବା ଜଣାପଡୁଛି। ଗୁରୁବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହାକୁ ନେଇ ଅମାନିଆ ତଥା ନିଶାସକ୍ତ ହୋଇ ସମୁଦ୍ରରେ ସ୍ନାନ କରୁଥିବା ପର୍ଯ୍ୟଟକଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

ଭିଡିଓରେ ଦେଖିବାକୁ ମିଳୁଛି, ୪ ଜଣ ବ୍ୟକ୍ତି ହାତରେ ମଦ ବୋତଲ ଧରି ସମୁଦ୍ର ମଧ୍ୟରେ ପ୍ରବେଶ କରି ସ୍ନାନ କରୁଛନ୍ତି। ଏହି ସମୟରେ ସେଠାରେ ଥିବା ଲାଇଫଗାର୍ଡ ସେମାନଙ୍କୁ ମାଇକ୍ ଯୋଗେ ବାରଣ କରୁଛନ୍ତି। କିଛି ସମୟ ଧରି ବାରଣ କରିବା ପରେ ଉକ୍ତ ଚାରିଜଣ ବ୍ୟକ୍ତି ସେହିପରି ମଦ୍ୟପାନ କରି ସମୁଦ୍ର ପାଣିରୁ ବାହାରକୁ ବାହାରୁଛନ୍ତି। ପୁରୀରେ ସମୁଦ୍ରକୁ ତୀର୍ଥକ୍ଷେତ୍ର ଭାବେ ବିବେଚନା କରାଯାଏ। ତେଣୁ ଏଭଳି କାର୍ଯ୍ୟ ଅନେକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବନାକୁ ଆଘାତ ଦେଇଛି। ଏନେଇ ଯୁବ ବୁଦ୍ଧିଜୀବୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି, ପ୍ରତି ମାସରେ ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ଆହତ ହେବା ସହ ମୃତ୍ୟୁ ମଧ୍ୟ ଘଟୁଛି। କେବଳ ସରକାର ଓ ପ୍ରଶାସନକୁ ଦୋଷ ଦେଲେ ହେବନି, ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ରହିଛି। ଅନେକ ଲୋକ ନିଶା ସେବନ କରି ସମୁଦ୍ର ଭିତରେ ସ୍ନାନ କରୁଥିବାରୁ ନିଜ ଉପରୁ ନିୟନ୍ତ୍ରଣ ହରାଇ ସମୁଦ୍ରରେ ବୁଡ଼ି ପ୍ରାଣ ହରାଉଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ମୁତୟନ ହୋଇଥିବା ଲାଇଫଗାର୍ଡଙ୍କ କଥା ମାନୁନାହାନ୍ତି। ଲାଇଫଗାର୍ଡଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ମଧ୍ୟ କରୁଛନ୍ତି। ଲୋକମାନେ ସଚେତନ ହେବା ଆବଶ୍ୟକ ବୋଲି କହିଛନ୍ତି। ପୁରୀ ବାସିନ୍ଦା ମନୋରଞ୍ଜନ ଗୋଛାୟତ କହିଛନ୍ତି, ବେଳାଭୂମିରେ ପୋଲିସ ପକ୍ଷରୁ ମଦ୍ୟପାନ କରିଥିବା ପର୍ଯ୍ୟଟକଙ୍କୁ ଯାଞ୍ଚ କରାଯାଇ ଜରିମାନା ଲଗାଯିବା ଉଚିତ୍। କଡ଼ା କାର୍ଯ୍ୟାନୁଷ୍ଠାନ ହେଲେ ସମୁଦ୍ରରେ ଅଘଟଣକୁ ରୋକିହେବ।

ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି, ଆମର ପୂର୍ଣ୍ଣ ପ୍ରୟାସ ରହୁଛି, ପର୍ଯ୍ୟଟକମାନେ ଯେପରି ସୁରକ୍ଷିତ ଭାବେ ସମୁଦ୍ରରେ ସ୍ନାନ କରିବେ। ଅନେକ ସମୟରେ ଦେଖାଯାଉଛି ପର୍ଯ୍ୟଟକ ମାନେ ନିଶା ସେବନ କରି ସମୁଦ୍ର ରେ ସ୍ନାନ କରୁଛନ୍ତି। ଫଳରେ ଅନେକ ସମୟରେ ଅଘଟଣ ଘଟୁଛି। ଅଗ୍ନିଶମ ବିଭାଗ, ଲାଇଫଗାର୍ଡ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିବାରେ ବିଫଳ ହୁଅନ୍ତି। ତେଣୁ ବିଭିନ୍ନ ମହଲରେ ସମାଲୋଚନାର ଶିକାର ହୋଇଥାନ୍ତି ବୋଲି ରାଉତ କହିଛନ୍ତି।

## ୧୭ ଗ୍ୟାସ୍ ସିଲିଣ୍ଡର ଜବତ

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଗ୍ୟାସ ଯୋଗାଣକୁ ସୁନିୟନ୍ତ୍ରିତ କରିବା ସହ କଳାବଜାର କରୁଥିବା ଅସାଧୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯୋଗାଣ ବିଭାଗ ତତ୍ପରତା ପ୍ରକାଶ କରିଛି। ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ଗୁରୁବାର ପୁରୀ ପୌରାଞ୍ଚଳ, ସଦର ବ୍ଲକ, ବ୍ରହ୍ମଗିରି ବ୍ଲକ, କଣାସ ବ୍ଲକ ଓ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଚଢ଼ାଉ କରି ୧୭ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ପୂର୍ବରୁ ମଧ୍ୟ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୬ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିଲା ବୋଲି ସାହୁ ସୂଚନା ଦେଇଛନ୍ତି।

## ସାଇ ଗ୍ଲୋବାଲ କିଡ୍ସ ସ୍କୁଲର ପ୍ରତିଷ୍ଠା ଦିବସ

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ଭିଆଇପି ରୋଡ଼ସ୍ଥିତ ସାଇ ଗ୍ଲୋବାଲ କିଡ୍ସ ବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ସହିତ ବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର ଯୋଗଦେଇ କହିଛନ୍ତି, ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଅତ୍ୟନ୍ତ ଜରୁରି। ମୁଖ୍ୟବକ୍ତା ଭାବେ ପାତଞ୍ଜଳି ଯୋଗ ସମିତିର ପୁରୀ ଜିଲା ସଭାପତି ମହେଶ ପ୍ରସାଦ ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନରେ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବରେ ଫର୍ମାସୀ ମହାବିଦ୍ୟାଳୟର ଚେୟାରମ୍ୟାନ ଅନିମା ଦାଶ, ଚିନ୍ତନ ଚକ୍ରର ବରିଷ୍ଠ ସଭ୍ୟ ଡ. ହୃଷିକେଶ ପାଣି ଏହି ଉତ୍ସବରେ ଯୋଗଦେଇଥିଲେ। ଅଧ୍ୟକ୍ଷା ପ୍ରିୟଦର୍ଶିନୀ ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସ୍ନେହଲତା ଦାଶ ସ୍ୱାଗତ ଭାଷଣ ଦେଇଥିଲେ।

## ସ୍ୱ-ଗଣନାରେ ସାମିଲ ହେଲେଣି ୧୭ ହଜାର ଲୋକ

ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)

ରାଜ୍ୟରେ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ସ୍ୱ-ଗଣନାରେ ସାମିଲ ହେବା ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଲୋକସେବାଭବନରେ ଗୁରୁବାର ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ମୁଖ୍ୟ ସଚିବ ଗଣମାଧ୍ୟମକୁ କହିଛନ୍ତି, ପ୍ରଥମ ଦିନରେ ୧୭ ହଜାର ଲୋକ ସ୍ୱ-ଗଣନାରେ ସାମିଲ ହୋଇଛନ୍ତି। ବୁଧବାର ବିଭିନ୍ନ ଜିଲାର ଜିଲାପାଳ, ଅଧିକାରୀମାନେ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜ ନିଜର ତଥ୍ୟ ଦାଖଲ ସହିତ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ଜନଗଣନା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓ ଗୃହ ସୂଚୀକରଣ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ସଫଳତାର ସହିତ ସମାପ୍ତ କରିବାନେଇ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ସଂଗ୍ରହ ପ୍ରକ୍ରିୟାର ସଠିକତା, ପ୍ରଶିକ୍ଷଣ ବ୍ୟବସ୍ଥା, ଡିଜିଟାଲ ଉପକରଣର ବ୍ୟବହାର ଏବଂ ମାନବ ସମ୍ବଳ ନିୟୋଜନ ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ସୂଚନା ଦେଇଥିଲେ। ବୈଠକର ପ୍ରାରମ୍ଭରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜନଗଣନା ୨୦୨୭ ଏବଂ ଗୃହ ଗଣନା ୨୦୨୬ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ।

## ନରସିଂହପୁର ହାଟରେ ମା' ଚାଟଖାଇଙ୍କ ଝାମୁ ଯାତ୍ରା

ଯୋଗେଶ୍ୱରପୁର,୨।୪(ରଶ୍ମି ରଞ୍ଜନ ସାହୁ)

ଧୁମାଳ ପଞ୍ଚାୟତର ନରସିଂହପୁର ହାଟରେ ମା' ଚାଟଖାଇଙ୍କ ନିକଟରେ ଗୁରୁବାର ଝାମୁ ଯାତ୍ରା ଅନୁଷ୍ଠିତ ହୋଇଛି। ଘଣ୍ଟପାଟୁଆମାନେ ସ୍ଥାନୀୟ ପ୍ରାଚୀ ନଦୀରୁ କଳସରେ ପାଣି ତୋଳି ଖାଲିପାଦରେ ଖରାରେ ଚାଲି ଚାଲି ଆସି ଅଙ୍ଗାର ନିଆଁରେ ଚାଲିଥିଲେ। ଏଠାରେ ୧୨ ଗାଦି ଦୋଳ ରାତିରେ ଭୋଗ ଖାଇବା ସହିତ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମାଜସେବୀ ଅଭିମନ୍ୟୁ ସିଂହ ପ୍ରକାଶ କରିଛନ୍ତି। ଚାଟଖାଇ ଝାମୁ ଯାତ୍ରା ୫ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସେବକ ଲକ୍ଷ୍ମୀଧର ପାଢ଼ୀ ପ୍ରକାଶ କରିଛନ୍ତି।

## ଧ୍ୱଜା ବନ୍ଧା ପାଇଁ ଜାଲିଆତି କରି ଯାତ୍ରୀଙ୍କୁ ଠକେଇ ସେବକଙ୍କୁ କୈଫିୟତ ତଲବ

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)

ହାଇଦ୍ରାବାଦର ଯାତ୍ରୀ ଜଣେ ସେବକଙ୍କ ସହିତ ବୁଧବାର ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟକୁ ଆସି ଏକ ଜାଲ ରସିଦ ଦେଖାଇ ଶ୍ରୀମନ୍ଦିର ଚୂଡ଼ାରେ ଧ୍ୱଜା ବାନ୍ଧିବା ଦାବି କରିଥିଲେ। ଉକ୍ତ ରସିଦ୍ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ କଟା ଯାଇ ନ ଥିବା ଶ୍ରୀମନ୍ଦିର ସୁପରଭାଇଜର୍ ଯାଞ୍ଚ କରି ଜାଣିପାରିଥିଲେ। ଏ ସମ୍ପର୍କରେ ଜାଲିଆତି ଜଣାପଡ଼ିବା ପରେ, ସଂପୃକ୍ତ ସେବକ ଜଣଙ୍କୁ ୩ଦିନ ଭିତରେ କୈଫିୟତ ଦେବାପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସଂପୃକ୍ତ ଜାଲିଆତି କରିଥିବା ସେବକଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସିଂହଦ୍ୱାର ଥାନାରେ ଏତଲା ମଧ୍ୟ ଦିଆଯାଇଛି।

## ରାସବାଡ଼ି ମଠ ପକ୍ଷରୁ ପ୍ରସିଦ୍ଧ ବସନ୍ତରାସ ଯାତ୍ରା

ନିମାପଡ଼ା,୨।୪(ବିଚିତ୍ରାନନ୍ଦ ସାହୁ)



ନିମାପଡ଼ାର ପ୍ରସିଦ୍ଧ ରାସବାଡ଼ି ମଠର ବସନ୍ତରାସ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଛି। ରାସବାଡ଼ି ମଠରେ ଆରାଧ୍ୟ ଠାକୁର ଶ୍ରୀଚୈତନ୍ୟ, ନିତ୍ୟାନନ୍ଦ, ଗୋପୀନାଥ, ମଦନମୋହନ, ନୃସିଂହ, ଦାମୋଦର, ଶ୍ୟାମସୁନ୍ଦର ଆଦି ଠାକୁରମାନେ ରାସସ୍ଥଳୀ କୁଞ୍ଜମଣ୍ଡପରେ ବିଜେ କରିଥାନ୍ତି। ଏହି କୁଞ୍ଜ ମଣ୍ଡପରେ ହିଁ ସମସ୍ତ ଠାକୁରଙ୍କର ପ୍ରତ୍ୟହ ନୀତିକାନ୍ତି ପୂଜାଆଦି ଅନୁଷ୍ଠିତ ହୋଇଥାଏ। ମଣ୍ଡପଠାରେ ଦୈନିକ ନଦିଆ ସଂକୀର୍ତ୍ତନ, ଗୋଟିପୁଅ ନୃତ୍ୟ ଆଦି ଭକ୍ତି ସଂଗୀତ ପରିବେଷଣ ହୋଇଥାଏ। ୫ଦିନ ବ୍ୟାପୀ ଠାକୁରଙ୍କୁ କୁଞ୍ଜମଣ୍ଡପରେ ବିରଳ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଦୈନିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଭିଡ଼ ଜମିଥାଏ। ରାସଯାତ୍ରା ଶହ ଶହ ବର୍ଷର ଏକ ନିଆରା ପରମ୍ପରା ବୋଲି ରାସବାଡ଼ି ମଠର ମହନ୍ତ ଅନନ୍ତ ନାରାୟଣ ଦାଶ, ଅଧିକାରୀ ଦୀନବନ୍ଧୁ ଦାସ କହିଛନ୍ତି। ନିମାପଡ଼ା ଯୁବକ ସଂଘ ପକ୍ଷରୁ ଯାତ୍ରାସ୍ଥଳରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ, ସାଂସ୍କୃତିକ ସମାରୋହ ଓ ମେଲୋଡି ଧମାକା ପରିବେଷିତ ହୋଇଥିଲା। ଯୁବକ ସଂଘର ଗୟାଧର ବେହେରା, ପରିମିଷ୍ଟି ବେହେରା, ବିଶ୍ୱଜିତ ବେହେରା ପରିଚାଳନା କରିଥିଲେ।

## ଅଙ୍ଗନୱାଡି କର୍ମୀ ସଂଘର ପୁରୀ ଜିଲାପାଳ ଅଫିସ ଘେରାଉ

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)



ଅଙ୍ଗନୱାଡି କର୍ମୀମାନେ ପୁରୀ ଜିଲାପାଳଙ୍କ ଅଫିସ୍ ଘେରାଉ କରିଛନ୍ତି।

ସର୍ବଭାରତୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ତରଫରୁ ୧୨ଦଫା ଦାବି ନେଇ ଗୁରୁବାର ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଥିଲା। ଶ୍ରମିକ ବିରୋଧୀ କେନ୍ଦ୍ର ସରକାରଙ୍କ ୪ଟି ଶ୍ରମ୍ କୋଡ୍ ବାତିଲ କରିବା, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ଲେଖାଏଁ ଭତ୍ତା ଦେବା, ଅବସରକାଳୀନ ସହାୟତା ତୁରନ୍ତ ପ୍ରଦାନ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବୈଠକ ପାଇଁ ଭତ୍ତା ଦେବା, ସତ୍ୟବାଦୀ ବ୍ଲକର ବାଘସାହି ଓ ଗୋପ ବ୍ଲକର ତାଳକପା କର୍ମୀଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ବାତିଲ କରିବା ପ୍ରଭୃତି ୧୨ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା।

ସଂଘର ଶତାଧିକ କର୍ମୀ ଓ ସହାୟିକା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଛକରୁ ଏକ ବିଶାଳ ପଟୁଆରରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା କରିଥିଲେ। ପ୍ରତିବାଦ ସଭାରେ କର୍ମୀ ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଜିଲା ନେତା ଲକ୍ଷ୍ମୀପ୍ରିୟା ମହାପାତ୍ର, ସ୍ୱର୍ଣ୍ଣଲତା ପ୍ରଧାନ, ମାନସୀ ପ୍ରଧାନ, ଅହଲ୍ୟା କାଣ୍ଡି, କବିତା ବିଶ୍ୱାଳ, ସସ୍ମିତା ଶତପଥୀ, ରୋଜାଲିନ ମିଶ୍ର, ଜୟନ୍ତୀ ମଲ୍ଲିକ, ଏଆଇଟିୟୁସିର ଶ୍ରମିକ ନେତା ବ୍ରଜବନ୍ଧୁ ପ୍ରଧାନ, ମନୋରଞ୍ଜନ ପରିଡ଼ା, ହରିହର ସେନାପତି, ବନମାଳୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୨ ଦଫା ସମ୍ବଳିତ ଦାବିପତ୍ର ସଂଘ ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଚୈତ୍ରପୂର୍ଣ୍ଣିମା ପାଇଁ ଉତ୍ସବମୁଖର ଗାଁ ପରିବେଶ

**କାକଟପୁର/ଅସ୍ତରଙ୍ଗ,୨।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ):** ଚୈତ୍ର ପୂର୍ଣ୍ଣିମା ଓଡ଼ିଶାର ଏକ ଗଣପର୍ବ। ଚଇତି ପୁନେଇଁ ନାମରେ ଏହା ଖ୍ୟାତ। କୈବର୍ତ୍ତ ଜାତିର ଲୋକଙ୍କ ଦ୍ୱାରା ଚୈତ୍ରମାସର ପୂର୍ଣ୍ଣିମା ତିଥିରେ ଏହା ପାଳିତ ହୋଇଥାଏ। କୈବର୍ତ୍ତମାନେ ଘୋଡ଼ା ଏକ ଖୋଳ କରି ସେଥିରେ ପଶି ଘୋଡ଼ା ଚଢ଼ିବାର ଅଭିନୟ କରିଥାନ୍ତି। ଏହା ଚଇତି ଘୋଡ଼ା ନୃତ୍ୟ ନାମରେ ଜଣାଶୁଣା। ଏହି ପର୍ବରେ ଦିନରାତି ଭୋଜିଭାତ, ନୃତ୍ୟ, ଗୀତ ଆଦି କରିଥାନ୍ତି। ଘରର ପ୍ରତ୍ୟେକ ସଦସ୍ୟ ନୂଆବସ୍ତ୍ର ପରିଧାନ ପୂର୍ବକ ଏଥିରେ ଅଂଶଗ୍ରହଣ କରିଥାନ୍ତି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ନଗର ପଞ୍ଚାୟତ ବାଲିଡିଆ, କାଳିଆକଣ, ନଗର, ଦକ୍ଷିଣ ପନ୍ତାଳ, ବାଲିପନ୍ତାଳ, ଆଳସାହି ପଞ୍ଚାୟତର ପାଟସୁନ୍ଦରପୁର, ଅସନ, ଆଳସାହି, ଛୁରିଆନା ପଞ୍ଚାୟତର ସହନ ଓ ନୂଆଗଡ଼ ଅଞ୍ଚଳରେ ରହୁଥିବା କୈବର୍ତ୍ତମାନେ ଆନନ୍ଦ ଉଲ୍ଲାସ ସହ ପାଳନ କରୁଛନ୍ତି। ଏହାସହ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

### ଭାର୍ଗବୀ ସାହିତ୍ୟ ସଂସଦର ଓଡ଼ିଶା ଦିବସ

**ବଳଙ୍ଗା,୨।୪(କେଦାରେଶ୍ୱର ନନ୍ଦ):** ବଳଙ୍ଗା ନିକଟସ୍ଥ ନିଗମାନନ୍ଦ ବିଦ୍ୟାନିକେତନ ପରିସରରେ ଭାର୍ଗବୀ ସାହିତ୍ୟ ସଂସଦର ସଭାପତି କୃପାସିନ୍ଧୁ ଦଉଙ୍କ ଅଧକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଶିଶୁ କବି ସୁରେନ୍ଦ୍ର ନାଥ ପଣ୍ଡା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ଗଙ୍ଗାଧର ପ୍ରଧାନ, ପ୍ରସନ୍ନ କୁମାର ଶତପଥି, ଭରତ କୁମାର ମିଶ୍ର, କୈଳାସ ଚନ୍ଦ୍ର ଶତପଥୀ, ପ୍ରଦୋଷ କୁମାର ପତି, ସରୋଜ କୁମାର ଦେଓ, ଦୁର୍ଯ୍ୟୋଧନ ସ୍ୱାଇଁ, ଅଶୋକ କୁମାର ବେହେରା, ଶଙ୍କର ବିଶ୍ୱାଳ, କିରଣ ପ୍ରଜ୍ଞାଦେଓ, ସୁଷମା ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ଉପରେ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ହେମନ୍ତ ଦେଓ ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନ କୁମାର ନାୟକ କୋଣାର୍କ ନଗର କଂଗ୍ରେସ ସଭାପତି

**କୋଣାର୍କ,୨।୪(ଜ୍ୟୋତିରାଜ ମହାନ୍ତି):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଅନୁମୋଦନକ୍ରମେ କୋଣାର୍କ ନଗର କଂଗ୍ରେସ ସଭାପତି ଭାବେ ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ୱାଧୀନ କୁମାର ନାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଖବରରୁ ପ୍ରକାଶ ଯେ, ଯୁବନେତା ସ୍ୱାଧୀନ କୁମାର ନାୟକ ପୂର୍ବରୁ କୋଣାର୍କ ଯୁବ କଂଗ୍ରେସ ସଭାପତି ଭାବେ ଦଳ ପାଇଁ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ। କୋଣାର୍କ ତଥା କାକଟପୁର ନିର୍ବାଚନମଣ୍ଡଳୀରେ ଯୁବକଙ୍କୁ ସଂଗଠିତ କରି କଂଗ୍ରେସ ଦଳକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦଳ ପାଇଁ ଆନୁଗତ୍ୟ ଓ ନିଷ୍ଠାପର ତ୍ୟାଗ ଓ ଉତ୍ସର୍ଗୀକୃତ ଜନସେବାକୁ ପାଥେୟ କରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଚିଠିନଂ – ୨୫(୭) ଏଡିଏମ୍ ଏନ୍/୨୬ ଅନୁଯାୟୀ କୋଣାର୍କ ନଗର କଂଗ୍ରେସ ସଭାପତି ସ୍ୱାଧୀନ କୁମାର ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଗୋପ ବ୍ଲକ ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ଭାସ୍କର ସେଠ, ଜିଲା ସାଧାରଣ ସମ୍ପାଦକ ଭାବେ ସୁବାସ ନାୟକ, ଜିଲା ସମ୍ପାଦକ ଭାବେ ସୁବୋଧ ଖଟୁଆ ଓ ଉପେନ୍ଦ୍ର କାଣ୍ଡି ପ୍ରମୁଖଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପାଇବା ପରେ କୋଣାର୍କ ନଗର କଂଗ୍ରେସ ନୂତନ ସଭାପତି ସ୍ୱାଧୀନ କୁମାର ନାୟକଙ୍କ ସମେତ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଘୋରଡ଼ିଆ ଦୟଣା ଚୋରି ଯାତ୍ରା ଜମିଲା

**ଡେଲାଙ୍ଗ,୨।୪(ରଶ୍ମୀରଞ୍ଜନ ପ୍ରଧାନ)**



ଘୋରଡିଆର ପ୍ରସିଦ୍ଧ ଦୟଣା ଚୋରି ଯାତ୍ରାର ଜମାଣ ଉତ୍ସବ ବୁଧବାର ମଧ୍ୟରାତ୍ରରୁ ଆନନ୍ଦ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାଉରିଆରେ ବିଜେ ଶ୍ରୀରାଧାକାନ୍ତ ଦେବ ଓ ଘନିପୁରରେ ବିଜେ ଶ୍ରୀରାଧାମୋହନ ଦେବ ୨ଟି ପୃଥକ ସୁସଜ୍ଜିତକୁ ବିମାନରେ ନିଜ ନିଜ ଆସ୍ଥାନରୁ ସଲଟଣ ଶୋଭାଯାତ୍ରାରେ ଆସି ଘୋରଡିଆ ହାଟ ବଜାର ସ୍ଥିତ କଳ୍ପିତ ଦୟଣା ବାଡ଼ିରେ ପହଞ୍ଚିଥିଲେ। ପରେ ଶ୍ରୀଜୀଉଙ୍କ ଦୟଣା ଚୋରି ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜୀଉଙ୍କ ଅତ୍ୟନ୍ତ ପ୍ରିୟ ଦୟଣାପତ୍ର ଚୋରି ହୋଇଥିବା ଅଭିଯୋଗରେ ବଗିଚାର ମାଳି କଳ୍ପିତ କାରାରୁଦ୍ଧ ହୋଇଥିଲା ଓ ଶୂନ୍ୟବାଣୀରେ ମାଳିକୁ କାରାମୁକ୍ତ କରାଯିବା ପରମ୍ପରା ପ୍ରଦର୍ଶନ କରାଯାଇଥିଲା। ୧ ତାରିଖ ମଧ୍ୟରାତ୍ରରୁ ୪ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରସିଦ୍ଧ ଯାତ୍ରାର ପ୍ରତ୍ୟହ ଅପରାହ୍ନ ଓ ସନ୍ଧ୍ୟାର ଦୟଣାଚୋରି ଲୋକ ମହୋତ୍ସବ କମିଟି ପକ୍ଷରୁ ଆଧାତ୍ମିକ ସଙ୍ଗୀତ ଓ ଭଜନ କାର୍ଯ୍ୟକ୍ରମ କରାଯାଉଛି। ମେଳଣର ସ୍ଥାନାଧିପତି ଶ୍ରୀରାଧାମୋହନ ଦେବଙ୍କ ଆମନ୍ତ୍ରଣକ୍ରମେ ସାଉରିଆର ଶ୍ରୀରାଧାକାନ୍ତ ଦେବ ଏହି ମେଳଣରେ ମିଳିତ ହୋଇଥାନ୍ତି। ଏଥିପାଇଁ ପୁରୀ ଶ୍ରୀଜଗନ୍ନାଥବଲ୍ଲଭ ମଠ ପକ୍ଷରୁ ପ୍ରତିବର୍ଷ ଦୁର୍ଲଭ ଦୟଣା ଚାରା ଶ୍ରୀରାଧାକାନ୍ତଙ୍କ ମଠକୁ ଯୋଗାଇ ଦିଆଯାଇଥାଏ। ଶ୍ରୀରାଧାକାନ୍ତ ମଠର ଟ୍ରଷ୍ଟି ଦେବବ୍ରତ ପଟ୍ଟନାୟକ, ପରିଚାଳକ ଦୁଃଶାସନ ମଙ୍ଗରାଜ, ଶ୍ରୀ ରାଧାମୋହନ ମଠ ପରିଚାଳକ ପ୍ରହ୍ଲାଦ ବଳିୟାରସିଂହ ଓ ସଭାପତି ବିଧାନ ଚନ୍ଦ୍ର ରାୟ, ଦୟଣାଚୋରି ଲୋକ ମହୋତ୍ସବ ପରିଷଦର ସଭାପତି ଶଶିଶେଖର ରାୟ, ଦୁର୍ଯ୍ୟୋଧନ ସାହୁ, କମୁର ମହମ୍ମଦ, ଅବଦୁଲ୍ ୱାହିଦ ଖାଁ, ପ୍ରସନ୍ନ କୁମାର ସାହୁ, ରଙ୍କନିଧି ବେହେରା, ତ୍ରିନାଥ ସାମନ୍ତରାୟ, ଅର୍ଜୁନ ପାଲ, ରାଜକିଶୋର ବେହେରା ପ୍ରମୁଖ ମେଳଣ ଶୋଭାଯାତ୍ରା ପରିଚାଳନା କରିଥିଲେ।

## ପାଠପଢ଼ା, ପାନୀୟଜଳରୁ ବଞ୍ଚିତ ଛାତ୍ରୀଛାତ୍ର

**ଯୋଗେଶ୍ୱରପୁର,୨।୪(ରଶ୍ମିରଞ୍ଜନ ସାହୁ)**

**୨ ହାଇସ୍କୁଲରେ ବିଦ୍ୟୁତ୍ କାଟ୍**

ଖରାଦିନରେ ରାଜ୍ୟ ସରକାର ପାନୀୟଜଳ ଓ ବିଦ୍ୟୁତ୍ ଉପରେ ଗୁରୁତ୍ୱ ଦେଉଥିବା ବେଳେ ପ୍ରତିଗାଁରେ ପାଇପ୍ ଦ୍ୱାରା ପିଇବା ପାଣି ଘରେ ଘରେ ପହଞ୍ଚାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ୨ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ କାଟ ଯୋଗୁ ଶତାଧିକ ଛାତ୍ରୀଛାତ୍ର ପିଇବା ପାଣି ଓ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ନୟାହାଟ ଉଚ୍ଚ ବିଦ୍ୟାଳୟ ଓ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ କାଟ ଫଳରେ କମ୍ପ୍ୟୁଟର ସ୍ମାର୍ଟ ବୋର୍ଡରେ ପାଠପଢ଼ା ଠପ୍ ହୋଇଥିଲା। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସ୍ମୃତିରଞ୍ଜନ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ବକେୟା ଅର୍ଥ ପାଇଁ ବିଦ୍ୟୁତ୍ କଟାଯାଇଛି। ଏହିପରି ଅନେକ ଅଫିସରୁ ବିଦ୍ୟୁତ୍ ବକେୟା ପାଇଁ କାଟିଦେଉଛୁ। ଏ ସମ୍ପର୍କରେ ନୟାହାଟ ପ୍ରଧାନଶିକ୍ଷକ ଅଶୋକ ମହାନ୍ତି କହିଛନ୍ତି, ସ୍କୁଲ୍‌ର ବିଦ୍ୟୁତ୍ ବିଲ୍ ୪୦ ହଜାର ଟଙ୍କା ବାକିଥିଲା। ଫେବୃଆରୀରେ ୨୦ ହଜାର ଟଙ୍କା ଆମେ ଦେଇଥିଲୁ। ଆଉ ସରକାରୀ ଅର୍ଥ ଆସିଥିଲେ ଆମେ ଦେଇଥାନ୍ତୁ, କିନ୍ତୁ ବିନା ନୋଟିସ୍‌ରେ ହଠାତ୍ ବିଦ୍ୟୁତ୍ କାଟ ଯୋଗୁ ପାଠପଢ଼ାରେ ବାଧା ଉପୁଜିଛି। ଏନେଇ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯନ୍ତ୍ରୀଙ୍କୁ ଭେଟି କଥା ହେବାପରେ ବିଦ୍ୟୁତ୍ ସଂଯୋଗ କରିଥିଲେ। ଏ ସମ୍ପର୍କରେ ଅସ୍ତରଙ୍ଗ ଅଞ୍ଚଳର ଆମୟ ରଞ୍ଜନ ବାରିକ ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ଟୁଇଟ୍ କରିବା ଫଳରେ ଅପରାହ୍ନ ୪ଟାରେ ନୟାହାଟ ଉଚ୍ଚ ବିଦ୍ୟାଳୟରେ ଲାଇନ ଜଳିଥିଲା।

## ଓଡ଼ିଆତ୍ୱ ଆମ ଆଚରଣରେ ପ୍ରତିଫଳିତ ହେଉ



କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

**କୋଣାର୍କ,୨।୪ (ଜ୍ୟୋତିରାଜ ମହାନ୍ତି)**

ଓଡ଼ିଆ ଜାତିର ସ୍ୱାଭିମାନର ସୁରକ୍ଷା ପାଇଁ ଓଡ଼ିଆତ୍ୱ ଖାଲି ଉଚ୍ଚାରଣ ନୁହେଁ, ଆମ ଆଚରଣରେ ପ୍ରତିଫଳିତ ହେବା ଜରୁରୀ ବୋଲି ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବସନ୍ତମଞ୍ଜରୀ ପାଠାଗାରର ସମ୍ପାଦକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଅବଗତ କରିଥିଲେ। କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁଙ୍କ ସଂଯୋଜନା ଓ ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଦିବସକୁ ନେଇ କବିତା ପାଠ, ଆଲୋଚନାଚକ୍ର, ପଖାଳ ପଙ୍ଗତ ଆୟୋଜିତ ହୋଇଥିଲା।

# ନୈତିକ, ଗୁଣାତ୍ମକ ଶିକ୍ଷାଦାନକୁ ଗୁରୁତ୍ୱ

**ଦରଜୀସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

**ପିପିଲି,୨।୪(ପ୍ରଭାତ କୁମାର ମହାପାତ୍ର)**





ବାର୍ଷିକ ଉତ୍ସବରେ ଅତିଥିମାନେ କୁନି କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପିପିଲି ଦରଜୀସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଂସ୍କାର ସହ ସତ୍‌ମାର୍ଗରେ ଚାଲିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପିପିଲି ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ ଯୋଗଦେଇ ପିତାମାତାଙ୍କ ପ୍ରତି ଭକ୍ତି ଭାବ ସହ ସରକାରଙ୍କ ଉନ୍ନତ ଶିକ୍ଷା ପଦ୍ଧତି ପ୍ରତି ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ର ଦେଶର ଭବିଷ୍ୟତ, ସେମାନଙ୍କ ନୈତିକ ଓ ଗୁଣାତ୍ମକ ଶିକ୍ଷାଦାନର ମୂଲ୍ୟବୋଧକୁ ତ୍ୱରାନ୍ୱିତ କରିବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ଭଞ୍ଜ, କାଉନ୍‌ସିଲର ବଳରାମ ମହାପାତ୍ର, ପତିତପାବନ ଦେବ ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ମହାପାତ୍ର, ସମ୍ପାଦକ ଗୋପାଳ ମହାପାତ୍ର, ବଜାର ବ୍ୟବସାୟୀ ସଂଘ କାର୍ଯ୍ୟକାରୀ ସଭାପତି ରାକେଶ ମହାପାତ୍ର, ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ଦିନ ଆଲାଇ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ସଖାଓ୍ୱତ ଖାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେକ୍ କଲିମ ପ୍ରମୁଖ ଯୋଗ ଦେଇଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଖଡ଼ିଛୁଆଁ ଓ ମାତୃପୂଜନ

**କଣାସ,୨।୪(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅନ୍ତର୍ଗତ ଅଡାଳ ବଡ଼ାଳଠାରେ ଅବସ୍ଥିତ ଆଶୀର୍ବାଦ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରବେଶ ଉତ୍ସବ ଉପଲକ୍ଷେ ଖଡ଼ିଛୁଆଁ, ମାତୃପୂଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜମେଶ୍ୱର ରଣଜିତ୍‌ଙ୍କ ସଭାପତିତ୍ୱରେ ଏକ ସଭା ମଧ୍ୟରେ ବିଜୟ ପ୍ରଧାନ, ଅଜୟ କୁମାର ସେଠୀ, ସର୍ବେଶ୍ୱର ଜେନା, ଦିଲ୍ଲୀପ ଶ୍ରୀଚନ୍ଦନ, ଅଜୟ କୁମାର ବଳିଆରସିଂହ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଫୁଲ, ଚନ୍ଦନ, ଧୂପ ଦେଇ ମିଠା ଖୁଆଇ ମା'ମାନଙ୍କୁ ପୂଜା କରିଥିଲେ।

## ରାସ୍ତାରେ ମୋବିଲ୍ ପଡ଼ି ୮ ଗୁରୁତର

**ପିପିଲି,୨।୪(ଦୁର୍ଗାମାଧବ ମିଶ୍ର):** ପିପିଲି–ନିମାପଡ଼ା ମୁଖ୍ୟ ରାସ୍ତାରେ ମୋବିଲ୍ ପଡ଼ି ଏକ ବଡ଼ ଅଘଟଣ ଘଟିଥିବା ସୂଚନା ମିଳିଛି। ପିପିଲି ସେଲ୍‌ଫି ପଏଣ୍ଟଠାରୁ ନିମାପଡ଼ା ଛକ ପର୍ଯ୍ୟନ୍ତ ରାସ୍ତାରେ ବହୁ ପରିମାଣରେ ମୋବିଲ୍ ପଡ଼ିଥିବାରୁ ସମ୍ପୂର୍ଣ୍ଣ ରାସ୍ତା ଖସଡ଼ା ହୋଇଯାଇଥିଲା। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଦୁଇଚକିଆ ଓ ଅନ୍ୟାନ୍ୟ ଯାନବାହନ ଚାଳକମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହି ଅଘଟଣରେ ପ୍ରାୟ ୮ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଥିବା ସୂଚନା ମିଳିଛି। ଘଟଣା ପରେ କିଛି ସମୟ ପାଇଁ ଏହି ରାସ୍ତାରେ ଆତଙ୍କଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ରାସ୍ତାଦେଇ ଯାତାୟାତ କରୁଥିବା କୌଣସି ଗାଡ଼ିରୁ ମୋବିଲ ଲିକ୍ ହୋଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତା ଉପରେ ହଠାତ୍ ମୋବିଲ୍ ପଡ଼ିଯିବାରୁ ଚାଳକମାନେ କିଛି ବୁଝିପାରି ନ ଥିଲେ ଏବଂ ଖସଡ଼ା ରାସ୍ତାରେ ଗାଡ଼ି ସ୍ଲିପ୍ କରି ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ୨୨ତମ ବାର୍ଷିକୋତ୍ସବ

**ଖବରଦାତାଙ୍କୁ ବ୍ରିଗେଡ୍ ସମ୍ମାନ ପ୍ରଦାନ**

**ନିମାପଡ଼ା,୨।୪(ବିଚିତ୍ରାନନ୍ଦ ସାହୁ)**



ଅତିଥିମାନେ ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁଙ୍କୁ ବ୍ରିଗ୍ରେଡ୍ ସମ୍ମାନ ପ୍ରଦାନ କରୁଛନ୍ତି।

ନିମାପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ ଯୁବନେତା ପ୍ରଦୀପ୍ତ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ନିମାପଡ଼ା ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ବିକାଶ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଭାବେ ନିମାପଡ଼ା ପ୍ରେସ କ୍ଲବ ସଭାପତି ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗଦେଇ ସମଗ୍ର ପୁରୀ ଜିଲାର ଏକ ପ୍ରତିଷ୍ଠିତ ନିଆରା ଓ ସ୍ୱତନ୍ତ୍ର ଶିଶୁ ସୈନିକ ବିଦ୍ୟାଳୟ ବୋଲି ଅତିଥିମାନେ ଅଭିହିତ କରିଥିବାବେଳେ ଆଜିର ଶିଶୁସୈନିକମାନେ ଆଗାମୀକାଲିର ଦେଶ ସୁରକ୍ଷାର ରକ୍ଷାକବଚ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଖବରଦାତା ବିରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନକରି ସ୍ୱାଗତ ଭାଷଣ ଦେଇଥିଲେ। ଅଧକ୍ଷ ନିରଞ୍ଜନ ଖଟୋଇ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍ସବରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଜୀବନବ୍ୟାପୀ ସାଧନା ପାଇଁ ନିମାପଡ଼ାର ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ବ୍ରିଗେଡ୍ ସମ୍ମାନ ପ୍ରଦାନ କରାଯାଇ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ବରିଷ୍ଠ ଖବରଦାତା ବିକାଶଚନ୍ଦ୍ର ବାରିକଙ୍କ ସମେତ କେତେଜଣ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସକାଳୁ ବିଦ୍ୟାଳୟକୁ ଯାଇ ଫେରିଲେ ଛାତ୍ରୀଛାତ୍ର

**କଣାସ,୨।୪(ବିଭୂତି ଭୂଷଣ ତ୍ରିପାଠୀ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବବର୍ଷଗୁଡ଼ିକ ପରି ଏପ୍ରିଲ୍ ୧ରୁ ସକାଳ ୬ଟାରୁ ବିଦ୍ୟାଳୟଗୁଡ଼ିକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପ୍ରଧାନଶିକ୍ଷକମାନେ ମାର୍ଚ୍ଚ ୩୧ରେ ଛାତ୍ରୀଛାତ୍ରଙ୍କୁ ଏପ୍ରିଲ୍ ୧ ତାରିଖ ସକାଳୁ ବିଦ୍ୟାଳୟକୁ ଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୁରୁବାର ଛାତ୍ରୀଛାତ୍ରମାନେ ସକାଳୁ ବିଦ୍ୟାଳୟକୁ ଯାଇ ଦେଖିଥିଲେ ବିଦ୍ୟାଳୟ ବନ୍ଦ ରହିଛି। ଛାତ୍ରୀଛାତ୍ର ପୁନଶ୍ଚ ଘରକୁ ଫେରିଆସି ୧୦ଟାରେ ବିଦ୍ୟାଳୟକୁ ଯାଇଥିଲେ। ଏ ସମ୍ପର୍କରେ କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା କହିଛନ୍ତି, ବିଦ୍ୟାଳୟ ସକାଳୁ କରିବା ପାଇଁ ବର୍ତ୍ତମାନର ସରକାର କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ବିଦ୍ୟାଳୟଗୁଡ଼ିକ ୧୦ଟା ସମୟରେ ଖୋଲିବା ପାଇଁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବାରୁ ସକାଳୁ ନ ଖୋଲି ପୂର୍ବାହ୍ନ ୧୦ଟାରେ ଖୋଲା ଯାଇଥିଲା।

# ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀ ଗୀତାଞ୍ଜଳିଙ୍କ ଆକୁଳ ନିବେଦନ

**ସାକ୍ଷୀଗୋପାଳ,୨।୪ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

**୩ ବର୍ଷ ହେଲା କ୍ୟାନ୍‌ସର ସହ ସଂଘର୍ଷ କରୁଛନ୍ତି ଶ୍ରୀକାନ୍ତ**



ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ନାହଳା ଗ୍ରାମର ସ୍ୱର୍ଗତ ଦୁଃଖୀଶ୍ୟାମ ବେହେରାଙ୍କ ପୁଅ ଶ୍ରୀକାନ୍ତ ବେହେରା (୪୯)। କ୍ୟାନ୍‌ସର ଯୋଗୁ ସେ ଦୀର୍ଘ ୨୦୨୩ରୁ ଜୀବନ ଯୁଦ୍ଧରେ ସଂଘର୍ଷ କରୁଛନ୍ତି। ଜଣେ ରାଜମିସ୍ତ୍ରି ଭାବେ କାମ କରି ଉପାର୍ଜିତ ଅର୍ଥରୁ ପରିବାର ପୋଷଣ କରି ପିଲାଙ୍କ ପାଠପଢ଼ା ଓ ଝିଅବିବାହ ପାଇଁ ବଞ୍ଚାଇ ରଖିଥିବା ଅର୍ଥ ସରିଯିବା ପରେ ଧାର ଉଧାରରେ ଏପର୍ଯ୍ୟନ୍ତ ଚିକିତ୍ସା ବାବଦରେ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଲାଣି। ରୋଗ ବଢ଼ିଯିବାରୁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଚିକିତ୍ସା କରୁଥିବା ଡାକ୍ତର ଭଲ ହେବା ପାଇଁ ଆଉ ୧୦ ଲକ୍ଷ ଟଙ୍କା ଯୋଗାଡ଼ କରିବା ପାଇଁ କହିଛନ୍ତି। ସେପଟେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଆୟୁଷ୍ମାନ୍ କାର୍ଡରେ ମଧ୍ୟ ଆଉ ଚିକିତ୍ସା ପାଇଁ ଟଙ୍କା ନାହିଁ। ଏବେ ଏତେ ଟଙ୍କା ଯୋଗାଡ଼ କରିବା ପରିବାର ପକ୍ଷେ ସମ୍ଭବ ହେଉ ନ ଥିବାରୁ ଅଧିକ ଚିକିତ୍ସା ସମ୍ଭାବନା ଆଶଙ୍କା ସୃଷ୍ଟି ହୋଇଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜନୈତିକ ବ୍ୟକ୍ତି, ସହୃଦୟ, ବଦାନ୍ୟ ବ୍ୟକ୍ତି ଓ ବିଭିନ୍ନ ସଂଗଠନ ଏବଂ ସରକାରଙ୍କଠାରୁ ଚିକିତ୍ସା ପାଇଁ ସହଯୋଗ ମିଳିଲେ ମୋ ସ୍ୱାମୀଙ୍କ ଜୀବନ ରହିପାରିବ ବୋଲି କୋହଭରା କଣ୍ଠରେ କହିଛନ୍ତି ଶ୍ରୀକାନ୍ତଙ୍କ ପତ୍ନୀ ଗୀତାଞ୍ଜଳି। ପରିବାର କହିଲେ ସହଧର୍ମିଣୀ ଗୀତାଞ୍ଜଳି, ପୁଅ ସତ୍ୟନାରାୟଣ, ଝିଅ ସୁଚିସ୍ମିତା। ଶାନ୍ତି ଓ ଖୁସିବାସରେ ଚାଲୁଥିବା ପରିବାର ସଦସ୍ୟ ଏବେ ପୂରା ଭାଙ୍ଗି ପଡ଼ିଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ରୋଗଶଯ୍ୟାରେ ପଡ଼ିଛନ୍ତି ଶ୍ରୀକାନ୍ତ। ଶ୍ରୀକାନ୍ତଙ୍କ ପୁଅ ଓ ଝିଅ ମଧ୍ୟ ବାପାଙ୍କ ଜୀବନ ବଞ୍ଚାଇବା ନିମନ୍ତେ ସହଯୋଗ ପାଇଁ ଆକୁଳ ନିବେଦନ କରିଛନ୍ତି। ତେବେ ଶ୍ରୀକାନ୍ତଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହଯୋଗ ପାଇଁ ପତ୍ନୀ ଗୀତାଞ୍ଜଳିଙ୍କ ଫୋନ୍ ପେ (ନଂ. ୭୭୩୫୭୪୫୫୭୮) ଓ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୩୩୩୦୫୫୯୨୦୨୧ (ଆଇଏଫ୍‌ଏସ୍‌ସି କୋଡ୍– ଏସବିଆଇଏନ୦୦୦୨୧୧୮) ସହାୟତା ପାଇଁ ପତ୍ନୀ ଗୀତାଞ୍ଜଳି ନିବେଦନ କରିଛନ୍ତି।

**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -UDD/DNP/01/2026-27Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई0 अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | 30208200 | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

## ସଂକ୍ଷେପରେ

### ଦେଶୀମଦ ସହ ବାଇକ୍ ଜବତ, ବେପାରୀ ଗିରଫ

ବାଲୁଗାଁ/ବାଣପୁର,୨।୪
(ସଂଗ୍ରାମ ପାଇକାରୟ/ଦିଲୀପ କୁମାର ସ୍ୱାଇଁ)

ବାଣପୁର ଓ ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ କାରବାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଅଛି। ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ଦାୟିତ୍ୱରେ ଥିବା ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଗୁରୁବାର ବାଣପୁର ଥାନା ଅନ୍ତର୍ଗତ ହାତିମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇଥିଲା। ଜଣେ ବ୍ୟକ୍ତି ଏକ ବାଇକ୍‌ରେ ଆସୁଥିବା ବେଳେ ତାଙ୍କୁ ଅଟକାଇ ତଲାସିବାରେ ଦୁଇଟି ବସ୍ତାରେ ଦେଶୀ ମଦ ଥିବା ଜଣାପଡିଥିଲା। ଅବକାରୀ ଟିମ୍ ସମ୍ପୃକ୍ତ ମଦ ବେପାରୀ ବାଲୁଗାଁ ଥାନା ଅନ୍ତର୍ଗତ ସାନ୍ତରାପୁର ଗ୍ରାମର ଅକ୍ଷୟ ପରିଡାଙ୍କୁ ଗିରଫ କରି ତାଙ୍କ ନିକଟରୁ ୮୨ ଲିଟର ଦେଶୀ ମଦ ଏବଂ ଏକ ବାଇକ୍ ଜବତ କରିଥିଲେ। ଏନେଇ ଅବକାରୀ ବିଭାଗରେ ଏକ ମାମଲା (ନଂ.୧/୨୬-୨୭) ରୁଜୁ ପରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ବାଲୁଗାଁ ଅବକାରୀ ଏସ୍‌ଆଇ ରାମଚନ୍ଦ୍ର ଜେନା, କନଷ୍ଟେବଳ ଅଶେଷ କୁମାର ପ୍ରଧାନ, ରଞ୍ଜିତ୍ କୁମାର ପଟେଲ, ମନୋଜ ଜୟସିଂ, ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

### ଚିନ୍ମୟ ମିଶନ ପକ୍ଷରୁ ଶାନ୍ତି ମହାଯଜ୍ଞ

ଜଟଣୀ,୨।୪(ରବୀନ୍ଦ୍ରନାଥ ମହାକୁଡ଼)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବା ବେଳେ ଶାନ୍ତିଫେରିଆସିବା ପାଇଁ ଗୁରୁବାର ଜଟଣୀର ଚିନ୍ମୟ ମିଶନ ଆନୁକୂଲ୍ୟରେ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚିନ୍ମୟ ମିଶନ ପ୍ରମୁଖ ସ୍ୱାମୀ ଈଶାନନ୍ଦ ଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ ହୋଇଥିବା ବେଳେ ବହୁ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଆହୁତି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସାଭାପତି ଡ.ସୁକାନ୍ତି ମହାପାତ୍ର, ସମ୍ପାଦକ ଅଙ୍କିତା ଶର୍ମା, ଉପଦେଷ୍ଟା ସୀତାକାନ୍ତ ଶତପଥୀ, ପ୍ରିୟଙ୍କା ମହାନ୍ତି, ଅଶୋକ ଶତପଥୀ, ରଶିକ ପଟେଲ, ମଧୁସୂଦନ ଅଗ୍ରୱାଲ, ଆରତୀ ସେନ, ଓମ୍‌ପ୍ରକାଶ ଅଗ୍ରୱାଲ, ସସ୍ମିତା ମହାପାତ୍ର, ରଶ୍ମିମୟୀ ପଟ୍ଟନାୟକ ପ୍ରମୁଖ ସହୋଯାଗ କରିଥିଲେ।

### ୧୩ରେ ଷ୍ଟାର୍ ନାଇଟ୍ ମେଲୋଡି କାର୍ଯ୍ୟକ୍ରମ

ଯାଁଳା,୨।୪(ବୁଲା ବାରିକ)

ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଅରିସଲ ମୂର୍ଚ୍ଛନା କ୍ଲବ ପକ୍ଷରୁ ୨୧ତମ ଷ୍ଟାର ନାଇଟ୍ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ପ୍ରତିଷ୍ଠିତ କଳାକାର, କଣ୍ଠଶିଳ୍ପୀଙ୍କ ସହିତ ବଲିଉଡ୍ ଅଭିନେତା ଗୋବିନ୍ଦା ଯୋଗଦେବେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ମୁଖ୍ୟ ଆୟୋଜକ ସରୋଜ କୁମାର ନାୟକ ଖବରଦାତା ସମ୍ମିଳନୀରେ କହିଛନ୍ତି। କ୍ଲବର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହେବ। ଉକ୍ତ ଦିନ ବହୁ ଦର୍ଶକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

### ରାମଲୀଳା ନାଟକ ଉଦ୍‌ଯାପିତ

ବେଗୁନିଆ,୨।୪ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ସୁଆଁଳ ଗ୍ରାମରେ ରାମ ନବମୀଠାରୁ ରଘୁନାଥ ଜୀଉ ଗଣନାଟ୍ୟ ପକ୍ଷରୁ ରାମଲୀଳା ନାଟକ ଆରମ୍ଭ ହୋଇ ଗତ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମଙ୍କ ଜନ୍ମଠାରୁ ଆରମ୍ଭ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ଲଙ୍କାପୋଡ଼ି ସହ ରାଜ୍ୟ ଅଭିଷେକ ଆଦି ପରିବେଷଣ ହୋଇଥିଲା। ଗ୍ରାମର କଳାକାରମାନେ ପାରମ୍ପରିକ କାଠ ମୁଖା ପିନ୍ଧି ନାଚ ଓ ଗୀତ ପରିବେଷଣ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ବିଜୟ କେତନ ପଟ୍ଟନାୟକଙ୍କ ଆବାହକତ୍ୱରେ ଉପସଭାପତି ମନୋଜ କୁମାର ମଙ୍ଗରାଜ, ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ମହାରଣା, ସମ୍ପାଦକ ସନ୍ତୋଷ କୁମାର କର, କୋଷାଧ୍ୟକ୍ଷ ଅଶୋକ କୁମାର ମଙ୍ଗରାଜ, ନାଟ୍ୟ ନିର୍ଦ୍ଦେଶକ ଦୀନବନ୍ଧୁ ସାମନ୍ତରାୟଙ୍କ ସମେତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ ସାହୁ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଭାଜପା ନେତା ପ୍ରକାଶ ଚନ୍ଦ୍ର ବିଜୁଳି ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ।

# ବସୁନ୍ଧରା ଯୋଜନାରେ ୪୯ ଜଣଙ୍କୁ ପଟ୍ଟା ମିଳିଲା

ବେଗୁନିଆ,୨।୪
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ତହସିଲ କାର୍ଯ୍ୟାଳୟ ପକ୍ଷରୁ କଣ୍ଟାବାଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ବସୁନ୍ଧରା ଯୋଜନାରେ ଭୂମିହୀନ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗତ ନିର୍ବାଚନ ସମୟରେ ଭାଜପା ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ସରକାର ବଦ୍ଧପରିକର। ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ, ପାନୀୟଜଳ ଯୋଗାଣ, ରାସ୍ତାଘାଟ ନିର୍ମାଣ, ଲାଇବ୍ରେରି ନିର୍ମାଣ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରତି ଗାଁକୁ ସରସ ସୁନ୍ଦର କରିବା ଆଦି ଅନେକ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ବିକାଶର ଗତି ତ୍ୱରାନ୍ୱିତ କରିବାକୁ କୌଣସି ରାଜନୈତିକ ଦଳ ନ ଥାଏ। ବେଗୁନିଆ ବ୍ଲକ ବାସୀଙ୍କ ସହିତ ସଭିଏଁ ଏକତା ବଳରେ ଗାଁର ବିକାଶ କରିବାକୁ ଏମ୍‌ପି ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଉପଜିଲାପାଳ ସଂକଳ୍ପ ସସ୍ତିକ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କଣ୍ଟାବାଡ଼ ପଞ୍ଚାୟତର ଜେମାବନ୍ତଦେଇ ମୌଜାର ୪୯ଜଣ ଭୂମିହୀନ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି। ଆଗାମୀ ଦିନରେ ସମସ୍ତ ଭୂମିହୀନ ପରିବାରକୁ ଜମିପଟ୍ଟା ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପଞ୍ଚାୟତର ଯଦୁପୁର ଆଦିବାସୀ ସାହିର ଭୂମିହୀନ ପ୍ରଜାଙ୍କୁ ଜମିପଟ୍ଟା ଯୋଗାଇଦେବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲାପରିଷଦ ସଭ୍ୟ ପ୍ରକାଶ କୁମାର ସାହୁ, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ସମିତିସଭ୍ୟା ମାମା ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, ବରିଷ୍ଠ କିରାଣୀ ସନ୍ତୋଷ ସାହୁ, ସମସ୍ତ ରାଜସ୍ୱ ନିରୀକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

# କୂଅରୁ ଉଦ୍ଧାର ହାତୀକୁ ଗ୍ରହଣ କଲାନି ମା'

ଟାଙ୍ଗୀ,୨।୪(ରଘୁନାଥ ସାହୁ)



ଖୋର୍ଦ୍ଧା ବନଖଣ୍ଡ ଅଧୀନ ରଣପୁର ରେଞ୍ଜ୍ ପାଇକଭୂଇଁ ଜଙ୍ଗଲରେ ଥିବା ପରିତ୍ୟକ୍ତ କୂଅରୁ ବନ ବିଭାଗ କର୍ମଚାରୀମାନେ ଏକ ମାସର ହାତୀଛୁଆକୁ ଉଦ୍ଧାର କରିଛନ୍ତି। ବନ ବିଭାଗ କର୍ମଚାରୀମାନେ ଏକ୍ସପର୍ଟଙ୍କ ସହାୟତାରେ ହାତୀପଲ ସହ ଛାଡ଼ିବାକୁ ଚେଷ୍ଟା କରିଥିଲେ। ହେଲେ ହାତୀପଲ ମଧ୍ୟରେ ଥିବା ମା'ହାତୀ ଛୁଆଟିକୁ ଗ୍ରହଣ କରି ନ ଥିଲା। ଉଦ୍ଧାର ହାତୀର ଜୀବନ ପ୍ରତି ବିପଦ ଥିବାରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ନିଆଯାଇ ଗୁରୁବାର ଚନ୍ଦକା ଜଙ୍ଗଲ ଗୋଡ଼ିବାରିରେ ଛଡ଼ାଯାଇଛି। ହାତୀଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ରଣପୁର ରେଞ୍ଜ୍ ଅଫିସର ସିଧୁ ସିଂ କହିଛନ୍ତି।

ସୂଚନାଥାଉ କି, ରଣପୁର ରେଞ୍ଜ୍ ପାଇକଭୂଇଁ ଜଙ୍ଗଲରେ ୧୭ ଟିକିଆ ହାତୀପଲଙ୍କ ସହ ଛୁଆ ହାତୀଟି ବୁଲୁଥିବା ବେଳେ ଅସାବଧାନତାବଶତଃ କୂଅରେ ଖସିପଡ଼ିଥିଲା। ହାତୀପଲଙ୍କୁ ଡ୍ରୋନ୍ ସହାୟତାରେ ମନିଟରିଂ କରୁଥିବା ରେଞ୍ଜ୍ ଅଫିସର ସିଧୁ ସିଂ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ତୁରନ୍ତ ଆରମ୍ଭ ହୋଇଥିଲା ଗଜ ଉଦ୍ଧାର ଅପରେଶନ। କୂଅରେ ପାଣି ଭର୍ତ୍ତି କରାଯିବା ସହ ଜେସିବି ସହାୟତାରେ ହାତୀଛୁଆକୁ ଉଦ୍ଧାର କରାଯାଇଥିଲା।


ବାଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ଅନୁଷ୍ଠିତ ରାମଲୀଳା ନାଟକ ସୀତା ବିବାହର ପରିବେଷିତ ଏକ ଦୃଶ୍ୟ।

## ରାମଲୀଳାରେ 'ସୀତା ବିବାହ' ପରିବେଷିତ

ବୋଲଗଡ଼,୨।୪ (ଦେବବ୍ରତ ହୋତା)

ବାଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ରାମଲୀଳା ଅନୁଷ୍ଠିତ ହେଉଛି। 'ସୀତା ବିବାହ' ଉତ୍ସବକୁ ଗ୍ରାମବାସୀ ଏକ ବାସ୍ତବ ବିବାହର ରୂପ ଦେଇଥିବା ଦେଖିବାକୁ ମିଳିଥିଲା। ପ୍ରାରମ୍ଭରେ ଶିକ୍ଷାବିତ୍ ଅଇଁଠୁ ରଣଜିତସିଂହ ଏବଂ ସାଥିଙ୍କ ଦ୍ୱାରା ଅନଙ୍ଗ ନରେନ୍ଦ୍ର କୃତ ରାମାୟଣ ତାଳପତ୍ର ପୋଥିଗାନ କରାଯାଇଥିଲା। ଶ୍ରୀରାମଙ୍କ ଜନ୍ମ ବୃତ୍ତାନ୍ତ, ବିଶ୍ୱାମିତ୍ରଙ୍କ ସହ ଯାତ୍ରା, ତାଡକା ବଧ ଏବଂ ଶିବ ଧନୁ ଭଙ୍ଗ ପର୍ଯ୍ୟନ୍ତ କାହାଣୀକୁ ଗ୍ରାମର କଳାକାରମାନେ ପରିବେଷଣ କରିବା ପରେ ସୀତାବିବାହ କାର୍ଯ୍ୟକ୍ରମ ହୋଇଥିଲା। ମାତା ସୀତାଙ୍କୁ ନିଜ ଗ୍ରାମ ଝିଅ ଭାବେ ଗ୍ରହଣକରି ମହିଳାମାନେ ପାରମ୍ପରିକ ବନ୍ଦାପନା, କଉଡ଼ି ଖେଳ ଏବଂ ବିଦାକି ଭାର ପ୍ରଦାନ କରିଥିଲେ। ବରଯାତ୍ରୀ ଦଳରେ ପ୍ରଭୁ ରାମଙ୍କ ସହ ଭାଇ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ଉପସ୍ଥିତି ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସମସ୍ତ ଅତିଥି ଓ ବରଯାତ୍ରୀଙ୍କ ପାଇଁ ଭୋଜି ବ୍ୟବସ୍ଥା କରାଯାଇଥିଲା। ଗ୍ରାମ ପରିକ୍ରମା ବେଳେ ବୀର ବାଦ୍ୟ ଶୁଣି କ୍ରୋଧିତ ପର୍ଶୁରାମଙ୍କ ଆଗମନ ଦୃଶ୍ୟ ଆକର୍ଷଣ ସାଜିଥିଲା। ଏହି କାର୍ଯ୍ୟକ୍ରମର ବିଭିନ୍ନ ଭୂମିକାରେ ଗୋବିନ୍ଦ ଚମ୍ପତି, ବାବୁ ପାଲଟାସିଂହ, ଦୀପକ ଜେନା, ନକୁଳ ରଣସିଂହ, କୈଳାସ ଚମ୍ପତି, ରତିକାନ୍ତ ରାଉତରାୟ, ଜଗନ ସାମନ୍ତ, ବାସୁଦେବ ଜେନା, କେଦାର ବରାଡ, ବନ୍ଧୁଆ ଜେନା, ଅକ୍ଷୟ ରାଉତରାୟ ଅଭିନୟ କରିଥିଲେ। ବାନାମ୍ବର ଜଗଦ୍ଦେବ ଓ ସୁଶାନ୍ତ ମଙ୍ଗରାଜସିଂହ ସଂଯୋଜନା କରିଥିବା ବେଳେ ୱାର୍ଡସଭ୍ୟ ଆନନ୍ଦ ସାମନ୍ତରାୟ ଓ ଗୌତମ ଜେନା ପରିଚାଳନା କରିଥିଲେ। ଶେଷରେ ପୋଥି ଗାୟକଙ୍କ 'ନିଶି ପାଇ ହେଲା ସକାଳ ହେ ରଘୁମଣି' ମଙ୍ଗଳ ଆଳତି ସଙ୍ଗୀତ ଗାନ ସହ ଏହି ଆଦ୍ୟକାଣ୍ଡ ଆଧାତ୍ମିକ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଶୁକ୍ରବାର ଅଯୋଧ୍ୟାକାଣ୍ଡର ପ୍ରବେଶ ହେବ ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

## ସିଗ୍‌ମା ପବ୍ଲିକ ସ୍କୁଲରେ ଓଡ଼ିଶା ଦିବସ

ଖୋର୍ଦ୍ଧା,୨।୪(ପ୍ରଭାତ ପାଣିଗ୍ରାହୀ)

ସିଗ୍‌ମା ପବ୍ଲିକ ସ୍କୁଲରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଚେୟାରମ୍ୟାନ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇ ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଓଡ଼ିଶା ଦିବସର ମହତ୍ତ୍ୱ ଏବଂ ଭବିଷ୍ୟତରେ ମାତୃଭାଷାର ବ୍ୟବହାର ସୁରକ୍ଷା ଉପରେ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଓଡ଼ିଶା ରାଜ୍ୟ ଗଠନ ଦିଗରେ ଉଦ୍ୟମ କରିଥିବା ବରପୁତ୍ର ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ବୀର ସୁରେନ୍ଦ୍ର ସାଏ ପ୍ରମୁଖଙ୍କ ବେଶରେ ଛାତ୍ରୀଛାତ୍ରମାନେ ସଜ୍ଜିତ ହୋଇ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ଭାଗନେଇ ସହର ପରିକ୍ରମା କରିଥିଲେ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ସିଗ୍‌ମା ପବ୍ଲିକ୍ ସ୍କୁଲ୍‌ର ପିଲାମାନେ।

# ସ୍ୱ-ଗଣନାରେ ସାମିଲ ହେଲେଣି ୧୭ ହଜାର ଲୋକ

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

ରାଜ୍ୟରେ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ସ୍ୱ-ଗଣନାରେ ସାମିଲ ହେବା ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଲୋକସେବାଭବନରେ ଗୁରୁବାର ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ମୁଖ୍ୟ ସଚିବ ଗଣମାଧ୍ୟମକୁ କହିଛନ୍ତି, ପ୍ରଥମ ଦିନରେ ୧୭ ହଜାର ଲୋକ ସ୍ୱ-ଗଣନାରେ ସାମିଲ ହୋଇଛନ୍ତି। ବୁଧବାର ବିଭିନ୍ନ ଜିଲାର ଜିଲାପାଳ, ଅଧିକାରୀମାନେ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜ ନିଜର ତଥ୍ୟ ଦାଖଲ ସହିତ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ଜନଗଣନା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓ ଗୃହ ସୂଚୀକରଣ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ସଫଳତାର ସହିତ ସମାପ୍ତ କରିବାନେଇ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ସଂଗ୍ରହ ପ୍ରକ୍ରିୟାର ସଠିକତା, ପ୍ରଶିକ୍ଷଣ ବ୍ୟବସ୍ଥା, ଡିଜିଟାଲ ଉପକରଣର ବ୍ୟବହାର ଏବଂ ମାନବ ସମ୍ବଳ ନିୟୋଜନ ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ସୂଚନା ଦେଇଥିଲେ। ବୈଠକର ପ୍ରାରମ୍ଭରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜନଗଣନା ୨୦୨୭ ଏବଂ ଗୃହ ଗଣନା ୨୦୨୬ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ।

# ମା', ମାଟି, ମାତୃଭାଷାକୁ ଭଲପାଅ

ବାଣପୁର,୨।୪(ଦିଲୀପ କୁମାର ସ୍ୱାଇଁ)

ବାଣପୁର ପଲଟଣ ପଡ଼ିଆର ଛାୟାମଣ୍ଡପଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସକାଳ ୭ଟାରେ ପଣ୍ଡିତ ଗୋଦାବରୀଶ ମିଶ୍ର, କବି ଗୋଦାବରୀଶ ମହାପାତ୍ର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ବିପ୍ଲବୀ କୃତୀବାସ ପାଟ୍ଟଶାଣୀ, ଚିତ୍ରାଚାର୍ଯ୍ୟ ଉପେନ୍ଦ୍ର ମହାରଥୀ, ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ପାଲା, ଦାସକାଠିଆ, ଓଡ଼ିଶୀ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ଅପରାହ୍ନରେ ସାରସ୍ୱତ ସଭାରେ ସ୍ଥାନୀୟ ଅଞ୍ଚଳର କବିଙ୍କ ସ୍ୱରଚିତ କବିତା ଆବୃତି ସହିତ 'ଆମ ଅସ୍ମିତା ଆମର ଗର୍ବ' ଏହାର ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ଉପରେ ବକ୍ତାମାନଙ୍କ ଅଭିଭାଷଣ ପରେ ସମବେତ ସ୍ୱରରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିରେ ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳ ମୁକୁନ୍ଦ ଦାସ, ସମ୍ପାଦକ ଡ.ଲକ୍ଷ୍ମୀଧର ସୁବୁଦ୍ଧି, ବରିଷ୍ଠ କବି ପୁରୁଷୋତ୍ତମ ମହାପାତ୍ର, ଗାଳ୍ପିକ ଡ. କୈଳାସ ମହାରଣା, ଦୁଷ୍ମନ୍ତ ହରିଚନ୍ଦନ, କବି ଶଶିଭୂଷଣ ବରାଳ, କବି ରଙ୍ଗନାଥ ସେଠୀ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଗାଳ୍ପିକ ଭାଗୀରଥି ସ୍ୱାଇଁ, ନାରୀକବି ପ୍ରିୟଦର୍ଶିନୀ ମହାରଣା, ନଳିନୀକାନ୍ତ ପଟ୍ଟନାୟକ, ସଂଗ୍ରାମ କେଶରୀ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ବିରଞ୍ଚି ପରିଡ଼ା, ଓଡ଼ିଶୀ ନୃତ୍ୟଶିଳ୍ପୀ ସାଇସ୍ମିତା ସାହୁ ଓ ସାଥି ପ୍ରମୁଖ ଯୋଗଦେଇଥିଲେ। ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର, 'ବର୍ଣ୍ଣବୋଧ'ର ପୁନଃ ପ୍ରଚଳନ, ବିଷୁବକୁ ଓଡ଼ିଆ ନବବର୍ଷ ଭାବେ ସରକାରୀ ସ୍ତରରେ ଆଡମ୍ବରରେ ପାଳନ, ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟର ପଠନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ମା', ମାଟି, ମାତୃଭାଷାକୁ ଭଲପାଅ ବୋଲି ମତ ପ୍ରକାଶ ପାଇଥିଲା। ସହ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,୨।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ସାନତୁଳସୀପୁର ଗ୍ରାମର ସଂସ୍କୃତ ଶିକ୍ଷକ ବୀରେନ୍ଦ୍ର କୁମାର ନାୟକ, ହିନ୍ଦୀ ଶିକ୍ଷକ ଆଶିଷ କୁମାର ରାୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ କୃପାସିନ୍ଧୁ ପରିଡ଼ାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବଗିଦା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରେମମଞ୍ଜରୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷାବିତ୍ ବିରଞ୍ଚି କୁମାର ସାହୁଙ୍କ ସଂଯୋଜନାରେ ଶିକ୍ଷାବିତ୍ ବ୍ରଜ କିଶୋର ରାୟଗୁରୁ ମୁଖ୍ୟ ଅତିଥି, ଭୁଆସୁଣୀପାଟଣା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ.ଗଣେଶ୍ୱର ସାଇଁ ମୁଖ୍ୟ ବକ୍ତା, ବେଗୁନିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ ଦାଶ, ଶିକ୍ଷାବିତ୍ ଗୌର ହରି ମିଶ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ବଟକୃଷ୍ଣ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦାୟକାଳୀନ ସଙ୍ଗୀତ ଗାନ କରାଯାଇଥିବା ବେଳେ ଅଶୋକ ସାହୁ, ମନୋଜ ସାହୁ, ସୁଚିତ୍ରା ନାୟକ, ଲିପି ଶାଶ୍ୱତ ମିଶ୍ର, ବିରଞ୍ଚିପ୍ରସାଦ ସାହୁ, ସାଇମନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୧୮ ଦଫା ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ

## ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ

ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)

ଆଶାକର୍ମୀଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ସହ ମାସିକ ଦରମା ୨୬,୦୦୦ ଟଙ୍କା କରାଯାଉ। ୧୦ ହଜାର ଟଙ୍କା ପେନ୍‌ସନ, ଅବସର ଓ ମୃତ୍ୟୁକାଳୀନ ୧୦ ଲକ୍ଷ ଟଙ୍କା ପ୍ରଦାନ ଆଦି ୧୮ ଦଫା ଦାବି ନେଇ ହଜାର ହଜାର ଆଶାକର୍ମୀ ଗୁରୁବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସିଆଇଟିୟୁ ନେତୃତ୍ୱରେ ଓଡ଼ିଶା ଆଶା କର୍ମୀ ଆସୋସିଏଶନ ପକ୍ଷରୁ ଆଶାକର୍ମୀଙ୍କ ବିଶାଳ ପାଟୁଆର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ବିଧାନସଭା ସମ୍ମୁଖରେ ପହଞ୍ଚିଥିଲା। ସାଥୀ ଲୋଭାକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବକ୍ତାମାନେ ମୋଦି ସରକାରର ଶ୍ରମିକ ବିରୋଧ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଲାଗୁ କରିଥିବା ୪ ଶ୍ରମ କୋଡ୍‌କୁ ନିନ୍ଦାକରି କଳାଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଦୀର୍ଘ ୨୦ ବର୍ଷ ହେଲା ଦମକଳ ବାହିନୀ ଭଳି କାର୍ଯ୍ୟ କରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅପହଞ୍ଚ ସ୍ଥାନରେ ପହଞ୍ଚାଇଥିବା, ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କରିଥିବା ଆଶାକର୍ମୀ ଆଜି ସ୍ଥାୟୀ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ଦରମା ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଦାୟୀ। ସରକାର ଆଶାକର୍ମୀଙ୍କୁ ଅଣଦେଖା କଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭ ସମାବେଶରେ ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ପୁଷ୍ପା ଦାସ, ସମ୍ପାଦିକା ଶକୁନ୍ତଳା ମହାକୁଡ଼, ଏଚ୍. ଏନ୍. ଯାଦବ, ସୁରେଶ ସ୍ୱାଇଁ, ପ୍ରଦୀପ ନାୟକ, ରମେଶ ଜେନା, ମଙ୍ଗୁଳି ରାଉତ, ଲକ୍ଷ୍ମୀ ପ୍ରିୟା ମହାପାତ୍ର, ମୀନା ବେହେରା, ନଳିନୀ ସାହୁ, ରୀନା ନାୟକ, ସନ୍ତୋଷ ଦାସ, ସଂଯୁକ୍ତା ସେଠୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।


**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, - Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka



**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई0 अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | 30208200 | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

# ୨ଦିନ ପାଳନହେବ ରାଜଧାନୀ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)**

ରାଜଧାନୀ ଭୁବନେଶ୍ୱରର ୭୮ତମ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଗୁରୁବାର ଲୋକ ସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜଧାନୀ ପ୍ରତିଷ୍ଠା ଦିବସକୁ ଆନନ୍ଦ ଉଲ୍ଲାସରେ ପାଳନ କରିବା ସହ ସଂପୃକ୍ତ ବିଭିନ୍ନ ବିଭାଗ ଓ ଅନୁଷ୍ଠାନଗୁଡିକୁ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଏହି ଉତ୍ସବକୁ ଆସନ୍ତା ୧୩ରେ ସ୍ୱତନ୍ତ୍ର ଭାବେ ଏବଂ ୧୪ରେ ଓଡ଼ିଆ ପକ୍ଷ ସହ ମିଳିତ ସମନ୍ୱୟ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମହୋତ୍ସବର ଆୟୋଜନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣା ଉପସ୍ଥାପନ କରିଥିଲେ।

ଏପ୍ରିଲ ୧୩ ସକାଳେ ପିଏମ୍‌ଜି ଛକସ୍ଥିତ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ଉତ୍ସବର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ। ଏହାସହ ରବୀନ୍ଦ୍ର ମଣ୍ଡପରୁ ସୂଚନାଭବନ ପର୍ଯ୍ୟନ୍ତ ଆକର୍ଷଣୀୟ ବେସାମରିକ ପରେଡ୍ ଅନୁଷ୍ଠିତ ହେବ। ସେହିପରି ସୂଚନା ଭବନଠାରେ ରାଜଧାନୀର ଐତିହ୍ୟ ଓ ଗୌରବକୁ ନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଗର୍ଗ ପ୍ରାତଃକାଳୀନ ପରେଡ୍ କାର୍ଯ୍ୟକ୍ରମଗୁଡ଼ିକୁ ସକାଳେ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଯଥେଷ୍ଟ ପିଇବା ପାଣି, ଆବଶ୍ୟକ ଓଆର୍‌ଏସ୍ ଏବଂ ଆନୁଷଙ୍ଗିକ ସୁବିଧା କରିବାକୁ ପରାମର୍ଶ ଦିଆଯାଇଛି। ସେହିଦିନ ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଏଥିସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବର ୨ୟ ଦିନ ଏପ୍ରିଲ ୧୪ ତାରିଖ ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ପକ୍ଷ ସହ ସମନ୍ୱିତ କରାଯାଇ ଅନୁଷ୍ଠିତ ହେବ।

ବୈଠକରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ଭୂପେନ୍ଦ୍ର ସିଂ ପୁନିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ଡ. ଏନ୍. ତିରୁମାଲା ନାଏକ, ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ୱାଟ୍‌କୋ, କମିଶନରେଟ ପୋଲିସ ଏବଂ ଅଗ୍ନିସମ ସେବାର ପଦାଧିକାରୀ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇ ମତ ଉପସ୍ଥାପନ କରିଥିଲେ।


ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

# କନ୍ୟା ସୁମଙ୍ଗଳ ଯୋଜନା ଲାଗି ଏସ୍‌ଓପି ଜାରି ହେବ

**ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)**

କନ୍ୟା ସୁମଙ୍ଗଳ ପରି ସୁଭଦ୍ରା ୱେଲ୍‌ନେସ ଓ ସୁଭଦ୍ରା ସମ୍ବାଦ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଏସ୍‌ଓପି ଜାରି ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗୁରୁବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, କନ୍ୟା ସନ୍ତାନ ଜନ୍ମ ହେବାଠାରୁ ବିବାହ ପର୍ଯ୍ୟନ୍ତ ରାଜ୍ୟ ସରକାର ସେମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି। ସେମାନଙ୍କ ଶିକ୍ଷା କ୍ଷେତ୍ରରେ ଅନ୍ୟତମ ବଡ଼ ଯୋଜନା 'କନ୍ୟା ସୁମଙ୍ଗଳ' ଲାଗି ବଜେଟରେ ଘୋଷଣା ହୋଇଛି। ଗରିବ ତଥା ଆର୍ଥିକ ଦୁର୍ବଳ ବର୍ଗର ଝିଅଙ୍କ ଉଚ୍ଚଶିକ୍ଷା ପାଇଁ ଏହି ଯୋଜନା ବେଶ୍ ସହାୟକ ହେବ। ସେମାନଙ୍କ ନାମରେ ୨୦ ହଜାର ଟଙ୍କାର ସଞ୍ଚୟ ଉପକରଣ ସୃଷ୍ଟି ହେବ। ଝିଅ ଜନ୍ମ ହେବାର ବର୍ଷକ ମଧ୍ୟରେ ତାଙ୍କ ନାମରେ ଏହି ଟଙ୍କା ରଖାଯିବ। ଝିଅକୁ ୨୧ ବର୍ଷ ହେବା ପରେ ଅର୍ଥାତ୍ ସ୍ନାତକ ସମାପ୍ତ ପରେ ତାଙ୍କ ଆକାଉଣ୍ଟକୁ ୧ ଲକ୍ଷ ୧ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍ଥାପନା ଦିବସ ପାଳିତ


ବିଜିୟୁର ୧୦ମ ସ୍ଥାପନା ଦିବସରେ ଯୋଗଦେଇଥିବା ଅତିଥି।

**ଭୁବନେଶ୍ୱର,୨।୪ (ଅନୁରାଧା ମହାରଣା)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ୧୦ମ ସ୍ଥାପନା ଦିବସ ଓ ଓଡ଼ିଆ ଦିବସ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଜିୟୁ ରେଜିଷ୍ଟ୍ରାର ଡ. ବି. କେ. ଦାସ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ପୂର୍ବତନ ସଚିବ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ପି. କେ. ମିଶ୍ର ଯୋଗଦେଇ କହିଲେ, ଆମେ ନୂତନ ପିଢ଼ିକୁ ଠିକ୍ ଦିଗ୍‌ଦର୍ଶନ ଦେଇପାରିଲେ ଦେଶ ଉଚିତ ମାର୍ଗରେ ଅଗ୍ରସର ହୋଇପାରିବ। ସମ୍ମାନିତ ଅତିଥି ଭାବେ ଜୟଶ୍ରୀ ଟି ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଉପଦେଷ୍ଟା ତଥା ମାନବ ସମ୍ବଳ ମୁଖ୍ୟ ଅନିଲ କୁମାର ସିହ୍ନା ଓ ଏଡ୍‌ଷ୍ଟାର୍ଟସର ଫାଉଣ୍ଡର ସିଇଓ ତଥା ମଣିପାଲ ଏଜୁକେଶନ ଆଣ୍ଡ ମେଡିକାଲ୍ ଗ୍ରୁପ୍ ଇଣ୍ଡିଆର ଉପଦେଷ୍ଟା ଅର୍ଜୁନ ମୋହନ ଉପସ୍ଥିତ ଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ ବିଶ୍ୱବିଦ୍ୟାଳୟର ସଫଳତା ଓ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ।

# ବୀର କଳିଙ୍ଗ ପୁତ୍ର ଟାଇଟଲ ଜିତିଲେ ଜଗନ୍ନାଥ ଖୁଣ୍ଟିଆ

**ପୁରୀ,୨।୪ (ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ଆମେଚର ବଡି ବିଲ୍ଡର୍ସ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପୁରୀ ଟାଉନ୍ ହଲରେ 'ବୀର କଳିଙ୍ଗ ପୁତ୍ର ଅନୁଷ୍ଠିତ ହୋଇଯାଇଛି। ୨୭ ଜିଲାରୁ ୧୨୦ ପ୍ରତିଯୋଗୀ ଭାଗନେଇ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲେ। ୧୦ଟି ଓଜନ ବର୍ଗ ଏବଂ ମେନ୍ସ ଫିଜକ୍‌ର ୨ଟି ବର୍ଗରେ ପ୍ରତିଯୋଗିତା ହେବା ପରେ ଶୀର୍ଷ ଟାଇଟଲ ପାଇଁ ଲଢ଼େଇ ହୋଇଥିଲା। ବିଚାରକମାନେ ଭୁବନେଶ୍ୱରର ଜଗନ୍ନାଥ ଖୁଣ୍ଟିଆଙ୍କୁ ବିଜୟୀ ଘୋଷଣା କରିବା ସହ ଏକ ଲକ୍ଷ ଟଙ୍କା ନଗଦ ରାଶି, ଟ୍ରଫି, ପଦକ ପ୍ରଦାନ କରିଥିଲେ। ରନରଅପ୍ ରଶ୍ମିରଞ୍ଜନ ସାହୁଙ୍କୁ ୫୦ ହଜାର ଟଙ୍କା, ଟ୍ରଫି, ପଦକ ପ୍ରଦାନ କରିଥିଲେ। ମେନ୍ସ ଫିଜକ୍ ବର୍ଗରେ ପୁରୀର ନରହରି ସାହୁ ବିଜେତା ହୋଇ ନଗଦ ୩୦ ହଜାର ଟଙ୍କା ଓ ଟ୍ରଫି ହାସଲ କରିଥିଲେ।

# ୫ଜଣ ପାଇଲେ 'ସପ୍ତରଙ୍ଗ ସମ୍ମାନ'


ଅତିଥି ଓ ଅନ୍ୟମାନଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ।

**ଭୁବନେଶ୍ୱର,୨।୪ (ସୌମ୍ୟରଞ୍ଜନ ରାଉତ)**

'ମୃଦୁଗୁଞ୍ଜନ' ପକ୍ଷରୁ ୬ଷ୍ଠ 'ସପ୍ତରଙ୍ଗ ସମ୍ମାନ' ଉତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରୁ ଆୟୋଜିତ ଉତ୍ସବରେ ଶାସ୍ତ୍ରୀୟ, ଲୋକନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସନ୍ଧ୍ୟା ଅଧିବେଶନରେ ନୃତ୍ୟଶିଳ୍ପୀ ବାଣୀ ମାଧବ ଓଡ଼ିଶୀ ନୃତ୍ୟରେ ଗ୍ରୀଷ୍ମ ଓ ବର୍ଷାର ଭାବକୁ ଚମତ୍କାର ଭାବରେ ପରିବେଷଣ କରିଥିଲେ। ପରେ ସସ୍ମିତା ବେହେରା ଓ ମୋନାଲିସା ଦାସଙ୍କ ଯୁଗଳବନ୍ଦୀରେ 'ଜଗତ ଜନନୀ ଦେବୀ', ଅନୁଷ୍ଠାନର ଗୋଷ୍ଠୀ ନୃତ୍ୟ 'ଶିବ ଓମ୍' ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଦଳଗତ ନୃତ୍ୟ ପରିବେଷଣ ଲୋକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନ ପକ୍ଷରୁ ଦଳଗତ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା।

## ଶାସ୍ତ୍ରୀୟ, ଲୋକନୃତ୍ୟରେ ଦର୍ଶକ ବିଭୋର

ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ଓଡ଼ିଶୀ ନୃତ୍ୟ ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ମର୍ଦ୍ଦଳ ଶିଳ୍ପୀ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ଗୁରୁ ନିରଞ୍ଜନ ରାଉତ, ଗୁରୁ ବିଜୟ ଜେନା, ଅନୁଷ୍ଠାନର ଅଧ୍ୟକ୍ଷା ନମିତା କୁମାରୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଳା ଓ ସାଂସ୍କୃତିକ କ୍ଷେତ୍ରରେ ଅବଦାନ ପାଇଁ ମଞ୍ଚ ନାଟ୍ୟକାର ପ୍ରଦୀପ କୁମାର ବିଶ୍ୱାଳ, ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ କଣ୍ଠ ସଙ୍ଗୀତ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଛଉ ନୃତ୍ୟ ଗୁରୁ ସଦାଶିବ ପ୍ରଧାନ ଏବଂ ଓଡ଼ିଶୀ ନୃତ୍ୟ ବାଣୀ ମାଧବଙ୍କୁ 'ସପ୍ତରଙ୍ଗ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ନମିତା କୁମାରୀ ଷଡ଼ଙ୍ଗୀ ଓ ସମ୍ପାଦିକା ରାଜଶ୍ରୀ ମହାପାତ୍ର ପରିଚାଳନା କରିଥିଲେ। ବିଶ୍ୱଜିତ ବାଲିଆରସିଂହ ମଞ୍ଚ ପରିଚାଳନା କରିଥିଲେ।

# ଋଣ ପରିଶୋଧ ପାଇଁ ଘରୋଇ କଲେଜ ଆଗରେ ଦାଦାଗିରି

**ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)**

- ପରୀକ୍ଷା ବେଳେ ବାଜା ବଜାଇ ହୋହଲ୍ଲା
- ୮ଜଣଙ୍କୁ ଗିରଫ କଲା ପୋଲିସ

ଋଣ ପରିଶୋଧ କରିବା ପାଇଁ ଘରୋଇ କଲେଜ ଆଗରେ ବାଜା ବଜାଇବା ସହ ହୋହଲ୍ଲା କରିବା ନେଇ ଅଭିଯୋଗ ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରିଛି। ଚନ୍ଦ୍ରଶେଖର ଥାନା ପୋଲିସ ଗିରଫ ଅଭିଯୁକ୍ତଙ୍କୁ ରାତିରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ସୌଭାଗ୍ୟ ସହୁ, ଧର୍ମେନ୍ଦ୍ର ବୋଇତାଇ, ମନୋଜ କୁମାର ମିଶ୍ର, ନିଲୁ ନାୟକ, ଅର୍ଣ୍ଣପୂର୍ଣ୍ଣା ପଣ୍ଡା, ପୂଜା ବେହେରା, ପ୍ରତିମା ପରି ଓ ଜେନାମଣି ପ୍ରଧାନ।

ଘଟଣା ଅନୁଯାୟୀ, ଥାନା ନିକଟରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ଏକ ସଂସ୍ଥାରୁ ଋଣ ଆଣିଥିଲେ। ସଂସ୍ଥା କିଛି ଋଣ ପରିଶୋଧ କରିଥିବାବେଳେ ଆଉ କିଛି ବାକି ରହିଥିଲା। ହେଲେ ଗୁରୁବାର ଅଭିଯୁକ୍ତମାନେ ଶିକ୍ଷାନୁଷ୍ଠାନର ଭଡ଼ା ଘର ଓ ହଷ୍ଟେଲକୁ ଖାଲି କରାଇବାପାଇଁ ବେଆଇନ ଭାବେ ବିନା କୌଣସି କୋର୍ଟ ନୋଟିସ କିମ୍ବା ପୋଲିସ ପ୍ରଶାସନ ସହାୟତାରେ ବାଜା ବଜାଇ ଠେଙ୍ଗାଧରି ଆତଙ୍କ ସୃଷ୍ଟିକରିଥିଲେ। ପରୀକ୍ଷା ଚାଲିଥିବାବେଳେ ଶିକ୍ଷାନୁଷ୍ଠାନ ବାହାରେ ଏଭଳି ସ୍ଥିତି ଦେଖି ଛାତ୍ରୀଛାତ୍ରମାନେ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏହା ପରେ ଥାନାରେ ଅଭିଯୋଗ ହେବାରୁ ପୋଲିସ ପହଞ୍ଚି ୮ଜଣଙ୍କୁ ଗିରଫ କରିଥିଲା। ଅନ୍ୟ କେତେଜଣ ଘଟଣାସ୍ଥଳରୁ ଖସି ପଳାଇଥିଲେ।

# ଲିଫ୍ଟ ନ ଦେବାରୁ ଛୁରିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)**

ଲିଫ୍ଟ ନ ଦେବାରୁ ଛୁରିରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରପଦା ଭୋଇସାହିର ବିକୁ ଭୋଇ ଓରଫ ଢୋଲ। ବୁଧବାର ଅପରାହ୍ନ ପ୍ରାୟ ୨ଟା ୧୫ ମିନିଟ୍‌ରେ ବିଜୟ ଜେନାଙ୍କୁ ବାଇକ୍‌ରେ ବିକୁ ଲିଫ୍ଟ ପାଇଁ ଅନୁରୋଧ କରିଥିଲେ। ହେଲେ ବିଜୟଙ୍କ ଗାଡ଼ି ଖରାପ ଥିବାରୁ ସେ ଲିଫ୍ଟ ଦେବାକୁ ମନା କରି ଦେଇଥିଲେ। ଏହି ଘଟଣାର ୧୫ମିନିଟ୍ ପରେ ଆଜାଦ ନଗର ନିକଟରେ ବିଜୟ ତାଙ୍କ ଗାଡ଼ି ମରାମତି ପାଇଁ ଅପେକ୍ଷା କରିଥିବା ବେଳେ ଅଭିଯୁକ୍ତ ସେଠାକୁ ଆସିଥିଲେ। ବିଜୟ ବସିଥିବା ଚେୟାରରୁ ତାଙ୍କୁ ବିକୁ ଠେଲି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଏକ ଛୁରି ବାହାର କରି ଆକ୍ରମଣ ସହ ହତ୍ୟା ଧମକ ଦେଇଥିଲେ। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ବିଭିନ୍ନ ଥାନା ଅଧୀନରେ ଚୋରି, ଡକାୟତି ଭଳି ୮ଟି ମାମଲାରେ ଜଡିତ ଥିବା ଜଣାପଡ଼ିଛି।

# ୧୩ରେ କଟକ ବାଲିଯାତ୍ରା ପଡ଼ିଆରେ ଓଡ଼ିଆ ନବବର୍ଷ ସ୍ୱାଗତ ଉତ୍ସବ

**ଭୁବନେଶ୍ୱର,୨।୪ (ସୌମ୍ୟରଞ୍ଜନ ରାଉତ)**

ସମସ୍ତଙ୍କ ମନରେ ଓଡ଼ିଆ ଜାତୀୟତାବୋଧ ବୃଦ୍ଧି, ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା, ଚଳଣିର ପ୍ରସାର ଏବଂ ଓଡ଼ିଆ ତଥା ଓଡ଼ିଶା ପ୍ରୀତିକୁ ବ୍ୟାପକ କରିବା ପାଇଁ ଯୁବଛାତ୍ର ସମାଜ ଓଡିଶା ଓ ସ୍ୱପ୍ନ ଅନୁଷ୍ଠାନ ପକ୍ଷରୁ ରାଜ୍ୟବ୍ୟାପୀ ନିଆରା ଢଙ୍ଗରେ ଓଡ଼ିଆ ନବବର୍ଷ ପାଳନ କରାଯିବ। ଏନେଇ ଗୁରୁବାର ୟୁନିଟ୍-୩ସ୍ଥିତ ଉତ୍କଳ ସମ୍ବାଦିକ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪ ତାରିଖ ଓଡ଼ିଆ ନବବର୍ଷକୁ ସ୍ୱାଗତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଆ ନବବର୍ଷକୁ ସ୍ୱାଗତ କରିବା ପାଇଁ ଆସନ୍ତା ୧୩ ତାରିଖରେ କଟକ ବାଲିଯାତ୍ରା ତଳ ପଡ଼ିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ୧୪ ତାରିଖରେ ପ୍ରତ୍ୟେକ ଓଡ଼ିଆ ନିଜ ନୂଆବର୍ଷକୁ ଘରେ ଘରେ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ଛାତ୍ର ସମାଜର ପ୍ରତିଷ୍ଠାତା ଜିନେଶ ଦାସ, ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଅଦ୍ୱୈତ ପାତ୍ର, ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ବା ୟୁସିସିଆଇଏଲର ସେକ୍ରେଟାରି ସଞ୍ଜୀବ ମହାପାତ୍ର, ବୁନ୍ଦୁଇଲ୍ ହସ୍ପିଟାଲର ସିଇଓ ରଶ୍ମି ରଞ୍ଜନ ସେନା, ସ୍ୱାଭିମାନ ମଞ୍ଚର ସମ୍ପାଦକ ଇଂ. ଲଳିତ ପଟ୍ଟନାୟକ, ସିଟିଜେନ୍‌ସ ଫୋରମ ଅଧ୍ୟକ୍ଷ ଡା. ମଧୁସୂଦନ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ।

# ଯାତ୍ରୀସେବା, ପରିବହନରେ ଦକ୍ଷିଣ ପୂର୍ବ ରେଳପଥର ରେକର୍ଡ

**ଭୁବନେଶ୍ୱର,୨।୪ (ଅନୁରାଧା ମହାରଣା)**

ଦକ୍ଷିଣ ପୂର୍ବ ରେଳପଥ ଆର୍ଥିକ ବର୍ଷ ୨୦୨୫-୨୬ରେ ପରିବହନ, ଯାତ୍ରୀ ସେବା, ଆଧୁନିକୀକରଣ ଓ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମୋଟ ୨୧୦.୪୧ ମିଲିୟନ୍ ଟନ୍ ପରିବହନ କରିବା ସହିତ ୧୮୩୨.୪୪ କୋଟି ଟଙ୍କା ଆୟ କରିଛି। ଯାତ୍ରୀ ଟିକେଟ୍ ଆୟ ୨୯୬୧.୨୦ କୋଟି ଟଙ୍କା, ଟିକେଟ୍ ଚେକିଂ ଆୟ ୧୦୪.୦୫ କୋଟି ଟଙ୍କା ଏବଂ କ୍ୟାଟରିଂ ଆୟ ୧୮୪ କୋଟି ଟଙ୍କା ରହିଛି। ମୂଳ ଯାତ୍ରୀ ସଂଖ୍ୟା ୨୨୦.୩୬ ମିଲିୟନ୍ ପର୍ଯ୍ୟନ୍ତ ପହଞ୍ଚିଛି। ରେଲୱେ ଟେକ୍ନିକାଲ୍ ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ ମଧ୍ୟ ବଡ଼ ସଫଳତା ପାଇଛି। ପ୍ରଥମଥର ପାଇଁ ଇନ୍-ହାଉସ୍ ମେଡା ଲାଇନ୍ କନଭର୍ଟର୍ ମଡ୍ୟୁଲ୍ ମରାମତି କରି ପ୍ରତି ୟୁନିଟ୍ ପାଇଁ ପ୍ରାୟ ୯ ଲକ୍ଷ ଟଙ୍କା ସଞ୍ଚୟ କରାଯାଇଛି। ୪୧ଟି ଲୋକୋମୋଟିଭରେ କ୍ୟାବ୍ ଏସି ଫିଟ୍ କରାଯାଇଛି ଏବଂ ୨୩ଟିରେ ୱାଟରଲେସ୍ ୟୁରିନାଲ୍ ଓ ୬ଟିରେ କବଚ ସିଷ୍ଟମ୍ ଲଗାଯାଇଛି। ୧୦୧ଟି ନୂଆ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ କମିଶନ୍ କରାଯାଇଛି। ଫଳରେ ମୋଟ୍ ଇଲେକ୍ଟ୍ରିକ୍ ଲୋକୋ ହୋଲ୍ଡିଂ ୧୫୬୬ରେ ପହଞ୍ଚିଛି। କାନ୍ଦ୍ରା ଓ ଘାଟଶିଲାରେ ଦୁଇଟି ନୂଆ ରନିଂ ରୁମ୍ କମିଶନ୍ କରାଯାଇଛି। ୧୭୩ ଟିକେଏମ୍ ପୁରୁଣା ଓଏଚ୍‌ଇ ତାର ପୁନଃସ୍ଥାପନ କରାଯାଇଛି। ମନୋହରପୁର ଓ ଭଞ୍ଜପୁରରେ ଦୁଇଟି ନୂଆ ଟ୍ରାକ୍ସନ୍ ସବ୍-ଷ୍ଟେଶନ୍ କମିଶନ୍ ଓ ଚାର୍ଜ୍ କରାଯାଇଛି। ୯୯.୨୦୫ ଟିକେଏମ୍ ନୂଆ ଓଏଚ୍‌ଇ ଲାଇନ୍ ଏନର୍ଜାଇଜ୍ କରାଯାଇଛି। ଏହାସହିତ ୭.୧୮ ଏମ୍‌ଡବ୍ଲୁପି ରୁଫ୍‌ଟପ୍ ସୋଲାର୍ କାପାସିଟି କମିଶନ୍ କରାଯାଇଛି, ଯାହା ସବୁଜ ଶକ୍ତି ପ୍ରତି ରେଲୱେର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ୧୩୬୫ଟି ସ୍ପେଶାଲ୍ ଟ୍ରେନ୍ ଚଳାଣ କରାଯାଇଛି। ୯ଟି ଟ୍ରେନରେ ୧୬ଟି ରେକ୍ ଆଇସିଏଫ୍‌ରୁ ଏଲ୍‌ଏଚବିରେ ରୂପାନ୍ତରିତ ହୋଇଛି ଏବଂ ୪ଟି ଟ୍ରେନ୍ ଷ୍ଟାଣ୍ଡାର୍ଡାଇଜ୍ କରାଯାଇଛି। ୩୯ଟି ମେଲ୍ ଏକ୍ସପ୍ରେସ୍ ଟ୍ରେନର ଗତି ୧୧୦ରୁ ୧୩୦ କିମି ପ୍ରତିଘଣ୍ଟାକୁ ବୃଦ୍ଧି କରାଯାଇଛି। ଏହା ସହିତ ୫ଟି ନୂଆ ଟ୍ରେନ୍ ଯୋଡ଼ାଯାଇଛି। ଯାତ୍ରୀ ସଂଖ୍ୟା ବୃଦ୍ଧି ପାଇଁ ୨୯୬୪ଟି ଅସ୍ଥାୟୀ ଏବଂ ୭୪ଟି ସ୍ଥାୟୀ ଅଗମେଣ୍ଟେଶନ କରାଯାଇଛି। ଆର୍‌ଆର୍‌ବି, ଆର୍‌ଆର୍‌ସି ଏବଂ କମ୍ପାସନେଟ୍ ଗ୍ରାଉଣ୍ଡ ମାଧ୍ୟମରେ ମୋଟ୍ ୩୧୮୨ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ସୂଚନା ଦିଆଯାଇଛି।

# ଲେଡିଜ୍ ହଷ୍ଟେଲ ଉପରକୁ ବୋମାମାଡ଼

## ରାତି ଅଧରେ ଥରି ଉଠିଲା ପୋଷ୍ଟାଲ କଲୋନି

**ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)**

- ଜଣେ ଯୁବତୀ ଆହତ, ଘରର ଝରକା ଭାଙ୍ଗିଯାଇଛି
- ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବୋମାମାଡ଼ ହୋଇଛି

ଲକ୍ଷ୍ମୀସାଗର ଥାନା ପେଣ୍ଟାଗନ ହୋଟେଲ ପଛ ପୋଷ୍ଟ ଅଫିସ ନିକଟରେ ଥିବା ଏକ ଲେଡିଜ୍ ହଷ୍ଟେଲରେ ବୋମାମାଡ଼ ହୋଇଛି। ୨ଜଣ ଯୁବକ ଆସି ଘର ଉପରକୁ ବୋମାମାଡ଼ କରିଥିବା ସିସିଟିଭିରେ ଦେଖିବାକୁ ମିଳିଛି। ଦୁଇଟି ବୋମା ମାଡ଼ରେ ଥରିଉଠିଥିଲା ପୋଷ୍ଟାଲ କଲୋନି। ଏଥିରେ ହଷ୍ଟେଲରେ ଶୋଇଥିବା ଜଣେ ଯୁବତୀ ଆହତ ହୋଇଥିବାବେଳେ ତାଙ୍କ ଦେହରେ କାଚ ଗୁଣ୍ଡ ପଶିଯାଇଥିବା ଦେଖିବାକୁ ମିଳିଛି। ବୋମାମାଡ଼ ପରେ ଭୟରେ ହଷ୍ଟେଲରେ ଯୁବତୀମାନେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଘର ମାଲିକ ମହମ୍ମଦ ଓକିଲ୍ ଆସି ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଯାଞ୍ଚ କରିଥିଲେ। ଏନେଇ ମହମ୍ମଦ ଥାନାରେ ଏକ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ବୁଧବାର ରାତି ପ୍ରାୟ ସାଢେ ୧୨ଟାରେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ଘରଠାରୁ କିଛି ଦୂରରେ ରହିଥିଲେ। ଜଣେ ଅଧା ବାଟରେ ଛିଡ଼ା ହୋଇଥିବାବେଳେ ଆଉ ୨ଜଣ ଘର ନିକଟକୁ ଆସି ୨ଟି ବୋମା ଫିଙ୍ଗିଥିଲେ। ଘର ଭିତରେ ଦୁଇଟି ରୁମ୍‌ରେ ୫ଜଣ ଯୁବତୀ ଶୋଇଥିଲେ। ଏହି ବୋମା ଝରକା ଉପରେ ପଡ଼ିବା ପରେ ଝରକା କାଚ ଭାଙ୍ଗି ଯାଇ ହଷ୍ଟେଲ ଭିତରେ ଶୋଇଥିବା ଯୁବତୀଙ୍କ ଦେହରେ ବାଜିଥିଲା। ଏଥିସହ ବୋମା ମାଡ଼ରେ ଲାଇଟ୍ ଏବଂ ଫ୍ୟାନ୍ ବନ୍ଦ ହୋଇଯାଇଥିଲା। ଏନେଇ ପୋଲିସ କହିଛି, ଏହି ବୋମା ମାଡ଼ ପଛରେ ଜମିବାଡ଼ି ବିବାଦ ରହିଛି। ମହମ୍ମଦ ତାଙ୍କ ଘରକୁ ବ୍ୟାଙ୍କରେ ବନ୍ଧକ ରଖି ଋଣ ନେଇଥିଲେ। ଏହି ଋଣ ବଢ଼ି ଦେଢ କୋଟି ହୋଇଥିଲା। ବ୍ୟାଙ୍କ ଘରକୁ ନିଲାମ କରିବା ପାଇଁ ନୋଟିସ ଦେବା ପରେ ମହମ୍ମଦ ଏକ ଯୋଜନା କରିଥିଲେ। ସେ ରବୀନ୍ଦ୍ର ସାହୁ ନାମକ ଜଣେ ବ୍ୟବସାୟୀଙ୍କୁ ଭେଟିଥିଲେ। ସେ ତାଙ୍କୁ ଦେଢ଼ କୋଟି ଟଙ୍କା ଦେବା ପରେ ମହମ୍ମଦ ତାହାକୁ ବ୍ୟାଙ୍କକୁ ଦେଇ ଋଣ ଶୁଝିଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ମହମ୍ମଦ ଘରକୁ ରବୀନ୍ଦ୍ରଙ୍କ ନାମରେ କରି ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଏନେଇ ଥାନାରେ ରବୀନ୍ଦ୍ର ଅଭିଯୋଗ କରିବା ପରେ ୨୦୨୫ ଅଗଷ୍ଟ ୭ରେ ମହମ୍ମଦ ଏବଂ ତାଙ୍କ ସ୍ତ୍ରୀ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ବାହାରିବା ପରେ ମହମ୍ମଦ ଉକ୍ତ ଜମିକୁ ଅନ୍ୟକୁ ବିକ୍ରି ପାଇଁ ଉଦ୍ୟମ କରିଥିଲେ, ଯାହାକୁ ନେଇ ରବୀନ୍ଦ୍ର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଏଭଳି ବୋମା ମାଡ଼ ହୋଇଥିବା ଅନୁମାନ କରାଯାଉଛି। ତେବେ କିଏ ବୋମା ମାଡ଼ କରିଛନ୍ତି ସେ ନେଇ ତଦନ୍ତ ଚାଲିଥିବା ପୋଲସ କହିଛି।



ସିସିଟିଭି ଫୁଟେଜ୍‌ରେ ବୋମାମାଡ଼ ସମୟର ଦୃଶ୍ୟ।


**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka



**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | 30208200 | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

## ସଂକ୍ଷେପରେ

### ପ୍ରଫେସର ରବିନାରାୟଣ ଶତପଥୀ ଜଗଦ୍‌ଗୁରୁ କ୍ରିପାଳୁ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି



କଟକ,୨।୪(କାର୍ତ୍ତିକ ସାହୁ)

ଶିକ୍ଷାବିତ୍ ପ୍ରଫେସର ରବିନାରାୟଣ ଶତପଥୀ ଜଗଦ୍‌ଗୁରୁ କ୍ରିପାଳୁ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କଟକ ଜିଲା ଡମପଡ଼ାର ବାଆଁରାଠାରେ ଆଧ୍ୟାତ୍ମିକ ସନ୍ଥ ସ୍ୱାମୀ କ୍ରିପାଳୁଜୀ ମହାରାଜାଙ୍କ ନାମରେ ନାମିତ ନୂତନ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ବିଭିନ୍ନ ଉଚ୍ଚତର ଏବଂ ବୈଷୟିକ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ମଧୁସୂଦନ ମିଶ୍ର ଏବଂ ଅନୁଷ୍ଠାନର ଉପଦେଷ୍ଟା ବେଣୁଧର ଦାସ ପ୍ରମୁଖ ନୂତନ କୁଳପତି ପ୍ରଫେସର ଶତପଥୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି।

### ତୃଣମୂଳସ୍ତରରେ ଦଳକୁ ସୁଦୃଢ଼ କରିବାକୁ ସଂକଳ୍ପ

କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର (ଜିଲା) କଂଗ୍ରେସ କମିଟିର ନବନିଯୁକ୍ତ ସଭାପତି ତଥା ଆଇନଜୀବୀ ଶାନ୍ତାୟନ ମିଶ୍ରଙ୍କ ନେତୃତ୍ୱରେ ଗୁରୁବାର ସ୍ୱରାଜଆଶ୍ରମରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନିମଚୌଡ଼ିସ୍ଥିତ ନଗର କଂଗ୍ରେସ କାର୍ଯ୍ୟାଳୟରେ ସମସ୍ତ କର୍ମୀ ଏକଜୁଟ ହୋଇ ଆଗାମୀ ଦିନରେ କଟକବାସୀଙ୍କ ମୌଳିକ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ କରିବା ସହ କଂଗ୍ରେସ ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହି ଅବସରରେ ରାଜ୍ୟ କଂଗ୍ରେସ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, କର୍ପୋରେଟର ସନ୍ତୋଷ ଭୋଳ, ଜେ. କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ପିସିସି ବରିଷ୍ଠ ନେତା ବିଶ୍ୱଜିତ ଦାସ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଅମୃତା ଦାସ, ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### କଟକ ଜିଲା କଂଗ୍ରେସ ଉପସଭାପତି ହେଲେ ରାମଚନ୍ଦ୍ର ଗୋଚ୍ଛାୟତ

କଟକ ସଦର,୨।୪(ସୁଶାନ୍ତ କୁମାର ଜେନା)

କଟକ ଜିଲା କଂଗ୍ରେସ କମିଟି ଉପସଭାପତି ଭାବେ ରାମଚନ୍ଦ୍ର ଗୋଚ୍ଛାୟତ ମନୋନୀତ ହୋଇଛନ୍ତି। ଗୋଚ୍ଛାୟତ ପୂର୍ବରୁ କଟକ



ସଦର ବ୍ଲକ କଂଗ୍ରେସ ସଭାପତି ରହିବା ସହ ୨୦୨୪ ନିର୍ବାଚନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ମଧ୍ୟ ହୋଇଥିଲେ। ତାଙ୍କର କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଇ ଦଳର ହାଇକମାଣ୍ଡ ଗୋଚ୍ଛାୟତଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ତାଙ୍କର ଏହି ନିଯୁକ୍ତି ପାଇଁ ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ବରିଷ୍ଠ ନେତା ମାନସ ଚୌଧୁରୀ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

### ବିଦ୍ୟୁତ୍ କଟିଲେ କାର୍ଯ୍ୟ ବାଧାପ୍ରାପ୍ତ

**କଟକ ସଦର ବ୍ଲକ ସୋଲାର ସିଷ୍ଟମ ଫେଲ୍**

କଟକ ସଦର,୨।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ କାର୍ଯ୍ୟାଳୟରେ ବିଦ୍ୟୁତ୍ ସରବରାହ ବ୍ୟାଘାତ ଯୋଗୁ ଗୁରୁବାର ସମସ୍ତ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଏହି କାର୍ଯ୍ୟାଳୟରେ ବିଦ୍ୟୁତ୍ ଜେନେରେଟର ନାହିଁ। କିନ୍ତୁ ଏକ ବର୍ଷାହେବ ବ୍ଲକ ଛାତ ଉପରେ ସୋଲାର ପ୍ୟାନେଲ ଲାଗିଛି। ଆବଶ୍ୟକ ଯନ୍ତ୍ରପାତି ମଧ୍ୟ ଲାଗିଛି। ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇ ପାରି ନ ଥିବାରୁ ବିଦ୍ୟୁତ୍ ସଙ୍କଟ ଦୂର ହୋଇପାରୁନାହିଁ। ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ ହୋଇଥିଲେ ମଧ୍ୟ କାର୍ଯ୍ୟରେ ଲାଗିପାରି ନ ଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ସିଷ୍ଟମ କିଏ ଲଗାଉଛି ତାର ଖବର ମଧ୍ୟ ବିଡ଼ିଓଙ୍କଠାରୁ ଆରମ୍ଭ କରି ଯନ୍ତ୍ରୀମାନଙ୍କ ପାଖରେ ନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସୋଲାର ସିଷ୍ଟମ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହେଉଛି।

# ଜିଲାପାଳଙ୍କୁ ଗୁହାରି କଲେ ଦହିବରା ବ୍ୟବସାୟୀ

କଟକ,୨।୪(କାର୍ତ୍ତିକ ସାହୁ)

ପୁରୁଣା ରାଜଧାନୀ କଟକ ସହରର ପରିଚୟ ଦହିବରା ଆଳୁଦମ। କଟକର ଏହି ନିଆରା ପ୍ରସିଦ୍ଧ ଖାଦ୍ୟ ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବାରବାଟୀ ଷ୍ଟାଡିୟମ ନିର୍ମାଣ ବେଳେ ଶ୍ରମିକମାନଙ୍କ କ୍ଷୁଧା ମେଣ୍ଟାଇଥିଲା ଏହି ଦହିବରା ଆଳୁଦମ। ଦହିବରା ଆଳୁଦମର ଜନକ ରଘୁ ମଉସା ୧୯୬୨ଠାରୁ ବାରବାଟୀ ଷ୍ଟାଡିୟମ ସାମ୍ନାରେ ଦହିବରା ଆଳୁଦମ ବିକ୍ରି କରି ଏହାକୁ ଲୋକପ୍ରିୟ ଖାଦ୍ୟରୂପେ ପରିଚିତି ଆଣିପାରିଥିଲେ। ସେହିଦିନଠାରୁ ବାରବାଟୀ ଷ୍ଟାଡିୟମ ସାମ୍ନା ପଡ଼ିଆକୁ ଦହିବରା ପଡ଼ିଆ ଭାବେ ଦହିବରା ପ୍ରେମୀମାନେ ଗ୍ରହଣ କରିନେଇଛନ୍ତି। ଆଜି ବାରବାଟୀ ଫୁଡ କୋର୍ଟ ଦହିବରା ଆଳୁଦମର ଏକ ନୂତନ ପରିଚୟ ପାଇବାକୁ ଯାଉଛି। ହେଲେ ଦୁଃଖ ଓ ପରିତାପର ବିଷୟ ବାରବାଟୀ ଫୁଡ କୋର୍ଟରେ ଦହିବରା ବ୍ୟବସାୟୀମାନେ



ଜିଲାପାଳଙ୍କୁ ଦହିବରା ବ୍ୟବସାୟୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଜି ଉପେକ୍ଷିତ। ପାଶ୍ଚାତ୍ୟ ଖାଦ୍ୟ ଫାଷ୍ଟ ଫୁଡ ପାଇଁ ଫୁଡ କୋର୍ଟରେ ଘର ଯୋଗାଇ ଦିଆଯାଉଥିବା ବେଳେ କଟକର ପ୍ରସିଦ୍ଧ ଖାଦ୍ୟ ଦହିବରା ବ୍ୟବସାୟ ପାଇଁ କେବଳ ପିଣ୍ଡି ପ୍ରଦାନ କରାଯାଉଛି। ଏହା ଦହିବରା ବ୍ୟବସାୟୀମାନଙ୍କ ପାଇଁ ପର୍ଯ୍ୟାପ୍ତ ହୋଇପାରିବ ନାହିଁ। ସେହିପରି ଦୀର୍ଘଦିନ ଧରି ପଡ଼ିଆରେ ଦହିବରା ବ୍ୟବସାୟ କରିଆସୁଥିବା ବ୍ୟବସାୟୀଙ୍କୁ ବାଦ ଦିଆଯାଇ ବାହାର ବ୍ୟବସାୟୀଙ୍କୁ ପ୍ରାଧାନ୍ୟ ଦିଆଯାଇଅଛି। ଯାହା ସେମାନଙ୍କ ପାଇଁ ଅବିଚାର କରାଯାଇଥିବା ସଂଘ ମନେକରୁଛି। କଟକ ଦହିବରା ଆଳୁଦମକୁ ଜିଆଇ ଟ୍ୟାଗର ମାନ୍ୟତା ପାଇଁ ସଂଘ ନିରନ୍ତର ଚେଷ୍ଟା ଜାରି ରଖିଛି। କଟକ ବାରବାଟୀ ଫୁଡ୍ କୋର୍ଟ ଦହିବରାକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଆଉ ଏକ ମାଇଲଖୁଣ୍ଟ ହୋଇ ଠିଆ ହେବାକୁ ଯାଉଛି। ବିଭାଗ ପକ୍ଷରୁ ଠିକ ସର୍ଭେ କରି ବାଦ ପଡ଼ିଯାଇଥିବା ଦହିବରା ବ୍ୟବସାୟୀଙ୍କୁ ସାମିଲ କରିବା ସହିତ ଦହିବରା ବ୍ୟବସାୟୀଙ୍କୁ ଦୋକାନ ଘର ପ୍ରଦାନ କରିବାକୁ କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘ ପକ୍ଷରୁ କଟକ ଜିଲାପାଳ, କଟକ ମହାନଗର ନିଗମ କମିଶନର ଓ ମେୟରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘର ସଭାପତି ପ୍ରଦୀପ୍ତ କୁମାର ସାହୁ, ସାଧାରଣ ସମ୍ପାଦକ କେଦାରନାଥ ସାସମଲ, ଉପସଭାପତି ପ୍ରତାପ କୁମାର ବାରିକ, କାର୍ଯ୍ୟକାରୀ ସଭାପତି ବିଜନ ଦାସ, ଯୁଗ୍ମ ସମ୍ପାଦକ ହେମନ୍ତ ସାହୁ, ସହସମ୍ପାଦକ ଅଜୟ ବେହେରା ଓ କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ଦହିବରା ବ୍ୟବସାୟୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ଏସ୍‌ସିବିରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)

- **ପ୍ରଥମ ଦିନରେ ତାଲିମ ନେଲେ ସର୍ଜରି ବିଭାଗର ଡାକ୍ତର, ନର୍ସ, କର୍ମଚାରୀ**
- **୧୫ ଦିନରେ ୮୫ କୋଠାରେ ହେବ ମକ୍‌ଡ୍ରିଲ**

ଏସ୍‌ସିବି ସର୍ଜରି ବିଭାଗରେ ଅଗ୍ନିଶମ ବିଭାଗ ପକ୍ଷରୁ ଗୁରୁବାର ମକ୍‌ଡ୍ରିଲ କରାଯାଇଛି। ଏହାସହ ଅଗ୍ନିଶମ ବିଭାଗ ଏସ୍‌ସିବିର ପ୍ରତ୍ୟେକ ବିଭାଗ ସମେତ ୮୫ଟି କୋଠାରେ ଏଭଳି ମକ୍‌ଡ୍ରିଲ କରାଯିବ। ୧୫ ଦିନ ମଧ୍ୟରେ ସମସ୍ତ କୋଠାରେ ମକ୍‌ଡ୍ରିଲ ଶେଷ ହେବ ଏବଂ କିଛି ସମୟ ବାଦ୍ ପୁନର୍ବାର ଏହା ଆରମ୍ଭ କରାଯିବ। ପ୍ରାୟ ୪୫ ମିନିଟ୍ ଧରି ମକ୍‌ଡ୍ରିଲରେ ବିଭାଗ ପକ୍ଷରୁ ମେଡିକାଲର ସମସ୍ତ ଅଧିକାରୀ, ଡାକ୍ତର, ନର୍ସ, କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। ସେହିପରି ଏହି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ ମେଡିକାଲରେ ପହଞ୍ଚି ଅଧିକାରୀଙ୍କ ସହ ବିଭିନ୍ନ ଦିଗରେ ଆଲୋଚନା କରିଥିବା ସୂଚନା ମିଳିଛି। ପ୍ରକାଶଯୋଗ୍ୟ, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଏସ୍‌ସିବି ଟ୍ରମା କୋଠାର ପ୍ରଥମ ମହଲାରେ ଥିବା ଆଇସିୟୁ ଅଗ୍ନିକାଣ୍ଡରେ ୧୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଥିଲା। ଏସ୍‌ସିବିରେ ଏହି ଅଗ୍ନିକାଣ୍ଡ ଘଟଣା ପରେ ଏବେ ସମସ୍ତରରେ ତତ୍ପରତା ପ୍ରକାଶ ପାଇଛି। ମୁଖ୍ୟତଃ ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ବିଭାଗରେ ମକ୍‌ଡ୍ରିଲ କରାଯିବାକୁ ସ୍ଥିର କରାଯାଇଛି।

# ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଖୁର୍ଣ୍ଣୁଣୀ,୨।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁର୍ଣ୍ଣୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ରବି ନାରାୟଣ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜର ବାବୁଜୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସ୍ନାତକ କଲେଜ ଅଧ୍ୟକ୍ଷ ଡ. ଶଶୀଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ତଥା ସାମାଜିକ କର୍ମୀ ଭାଗୀରଥି କର ଯୋଗଦେଇଥିଲେ। କଲେଜ ପରିଚାଳନା କମିଟି ସଦସ୍ୟ ବିପିନ ବିହାରୀ ପ୍ରଧାନ, ନୃସିଂହ ଚରଣ ସାହୁ, ସାମାଜିକ କର୍ମୀ ଗୌରହରି ମହାନ୍ତି, ବିଧୁଭୂଷଣ ପାତ୍ର, ଢିଟେନ ଦେହୁରୀ, ମହେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ଅଧ୍ୟକ୍ଷ ଦାସଙ୍କ କଲେଜ ପ୍ରତି ଥିବା ଅବଦାନ ଓ ତ୍ୟାଗ ଉପରେ ଆଲୋକପାତ କରିଥିଲେ। ସଭାରେ ଚିତ୍ତରଞ୍ଜନ ଦାସ, ଅନିରୁଦ୍ଧ ପତ୍ରି, ଡ. ଶାଶ୍ୱତା ସାହୁ, ଡ. ମନୋରଞ୍ଜନ ମହାନ୍ତି, ଡ. ସାଗରିକା ରାଉତ, ଡ. ଯୁଗଜ୍ୟୋତି ସ୍ୱାଇଁ, ଗୋବର୍ଦ୍ଧନ ବେଉରା, ଓ ରାଜଲକ୍ଷ୍ମୀ ପଣ୍ଡା ପ୍ରମୁଖ ଅଧ୍ୟକ୍ଷ ଦାସଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ବଂଶୀଧର ବେହେରା, ଚିତ୍ତରଞ୍ଜନ ସାହୁ ଓ ଦଣ୍ଡଧର ଗଡ଼ପଲ୍ଲା ପରିଚାଳନା ଏବଂ ଅଧ୍ୟାପକ ଅମିତ ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ'



ପାରମ୍ପରିକ ପୋଷାକ ପରିଧାନ କରି ଆସିଥିବା ଜିଲାପାଳଙ୍କ ସହ ଅନ୍ୟ କର୍ମଚାରୀବୃନ୍ଦ।

କଟକ,୨।୪(କାର୍ତ୍ତିକ ସାହୁ)

ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପାରମ୍ପରିକ ପୋଷାକ ପରିଧାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲାପାଳ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରି କାର୍ଯ୍ୟାଳୟକୁ ଆସିଥିଲେ। ଆମ ପୋଷାକ ଆମ ପରିଚୟ ସ୍ଲୋଗାନକୁ ସମ୍ମାନ ଜଣାଇ ସେମାନେ ଖଦି, ସମ୍ବଲପୁରୀ, ସୋନପୁରୀ, କୋଟପାଡ, ମାଣିଆବନ୍ଧ, ନୂଆପାଟଣା, ବୋମକାଇ ଆଦି ସ୍ଥାନର ହସ୍ତତନ୍ତ ବୁଣା ପୋଷାକ ପରିଧାନ କରିଥିଲେ। ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ। ଓଡ଼ିଶା ହସ୍ତତନ୍ତ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଦୈନନ୍ଦିନ ଜୀବନରେ ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରି ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲାପାଳଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଏକତ୍ରିତ ହୋଇ ଫଟୋ ଉଠାଇଥିଲେ। ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଛି।

# ୫୫ ଏଲ୍‌ପିଜି ସିଲିଣ୍ଡର ଜବତ

କଟକ,୨।୪(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ୍ ଦଳ ଖାନନଗରସ୍ଥିତ ମାଝିସାହି ଅଞ୍ଚଳରେ ଗୁରୁବାର ଚଢ଼ାଉ କରି ୫୫ଟି ଏଲ୍‌ପିଜି ସିଲିଣ୍ଡର ଜବତ କରିଛି। ତନ୍ମଧ୍ୟରେ ୪୮ଟି ଘରୋଇ ଗ୍ୟାସ ସିଲିଣ୍ଡର, ୫ଟି ବ୍ୟବସାୟିକ ସିଲିଣ୍ଡର ଓ ୫କି.ଗ୍ରା ସିଲିଣ୍ଡର ୨ଟି ରହିଛି। ଏତେସଂଖ୍ୟକ ସିଲିଣ୍ଡର ରଖିଥିବା ବ୍ୟକ୍ତି ଜଣକ ହେଲେ ରଞ୍ଜନ କୁମାର ସାହୁ। ତାଙ୍କ ନାମରେ ସ୍ଥାନୀୟ ଥାନାରେ ମଧ୍ୟ ଏତଲା ଦାଏର କରାଯାଇଛି। ସୂଚନାଯୋଗ୍ୟ, ଜିଲାରେ ଏଲପିଜି ସିଲିଣ୍ଡର କଳାବଜାରକୁ ରୋକିବା ଓ ସାଧାରଣ ଲୋକଙ୍କୁ ରନ୍ଧନ ଗ୍ୟାସ ଉପଲବ୍ଧ କରାଇବା ନେଇ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥିନିମନ୍ତେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଏ ଦିଗରେ ତୀକ୍ଷ୍ଣ ନଜର ରଖିବା ସହ କଳାବଜାର କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

# ଶୁଦ୍ଧାନନ୍ଦ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବ୍ରାହ୍ମଣଝରିଲୋ,୨।୪

କଟକ ସଦର ଥାନା ଅନ୍ତର୍ଗତ ନଛିପୁରସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ଲକ୍ଷ୍ୟ ନିର୍ଦ୍ଧାରଣ କରି ନିଜ ଜୀବନରେ ଶିକ୍ଷା ଓ ନୀତିମୂଲ୍ୟକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ପ୍ରିନ୍ସିପାଲ ଡ. ବଂଶୀଧର ଦାଶ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଚେୟାରମ୍ୟାନ ଆତ୍ମାରାମ ସରସ୍ୱତୀ, ପ୍ରିନ୍ସିପାଲ ପ୍ରଣୟିନୀ ମହାପାତ୍ର ବିଦ୍ୟାଳୟର ଉନ୍ନତି ଓ ଆଗାମୀ ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ପାଦିକା ବ୍ରହ୍ମଚାରିଣୀ ମନୀଷା ଚୈତନ୍ୟ ମଧ୍ୟ ଛାତ୍ରୀଛାତ୍ରଙ୍କୁ ନୈତିକ ମୂଲ୍ୟବୋଧ ଓ ସଂସ୍କୃତିର ଗୁରୁତ୍ୱ ବିଷୟରେ ଅଲୋଚନା କରିଥିଲେ। ଅନୁଷ୍ଠାନର ମଞ୍ଚ ପରିଚାଳନା ଶିକ୍ଷୟିତ୍ରୀ ଜୟଶ୍ରୀ ବିଜୟଲକ୍ଷ୍ମୀ ଦକ୍ଷତାର ସହ କରିଥିଲେ। ଏହି ଅବସରରେ ପଢ଼ାଶୁଣା, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଡିଏ ଅନ୍ତର୍ଭୁକ୍ତ ପାଇଁ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯିବ

**୪ରେ ସ୍ୱତନ୍ତ୍ର ଗ୍ରାମସଭା**

କଟକ ସଦର,୨।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୭ଟି ରାଜସ୍ୱ ଗ୍ରାମକୁ ରାଜ୍ୟ ସରକାର କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ରେ ଅନ୍ତର୍ଭୁକ୍ତ କରିବାକୁ ଯାଉଛନ୍ତି। ଏହି ନୂତନ ନିଷ୍ପତ୍ତି ଉପରେ ସମ୍ପୃକ୍ତ ଗ୍ରାମର ଲୋକମାନଙ୍କ ଆପତ୍ତି ଅଭିଯୋଗ ଓ ପ୍ରସ୍ତାବ ଗ୍ରହଣ କରାଯିବ। ଏଥିପାଇଁ କଟକ ସଦର ବିଡିଓ ପ୍ରତୀକ ସାହୁ ନୋଟିସ ଜାରି କରି ୪ ତାରିଖରେ ଗ୍ରାମ ସଭା କରିବା ପାଇଁ ସ୍ଥାନୀୟ ସରପଞ୍ଚମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କରାଯାଇ ନ ଥିବା ଅଭିଯୋଗ ବ୍ଲକରେ ପହଞ୍ଚିବାରେ ଲାଗିଛି। ଆମଣ, ଉରାଳି, ଖଣ୍ଡେଇତା, ନିମେଇସାପୁର, ପରମହଂସ, ଫକୀରପଡ଼ା, କନ୍ଦରପୁର, ଆୟତପୁର ପଞ୍ଚାୟତ ଅନ୍ତର୍ଭୁକ୍ତ ଅଟେ। ନୋଟିସ ଜାରି କରାଯାଇ ନ ଥିବା ଉପରେ ଅନୁସନ୍ଧାନ କରାଯିବ ବୋଲି ବିଡିଓ ସାହୁ କହିଛନ୍ତି।

# ରାଜାବଗିଚା ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

କଟକ,୨।୪(କାର୍ତ୍ତିକ ସାହୁ)

ରାଜାବଗିଚାସ୍ଥିତ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଉଲ୍ଲାସିକା' ଗୁରୁବାର ସନ୍ଧ୍ୟାରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ଯୋଗଦେଇ କହିଲେ, ସାଧୁତା ଓ ସକାରାତ୍ମକ ଚିନ୍ତାଧାରା ହିଁ ଶ୍ରେଷ୍ଠ ନାଗରିକ ଗଢ଼ିବାରେ ସହାୟକ ହୋଇଥାଏ। ଡିଏଭି ଶିକ୍ଷାନୁଷ୍ଠାନର ଓଡ଼ିଶା ଜୋନ ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ. ସି. ଶତପଥୀ ଛାତ୍ରୀଛାତ୍ରଙ୍କୁ ସାଧୁତାର ମନ୍ତ୍ର ଶିଖାଇଥିଲେ। ଡିଏଭି ରାଜାବଗିଚା ଚେୟାରମ୍ୟାନ ପ୍ରଫେସର ଡ. କାଞ୍ଚନବାଳା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିଏଭି ରାଜାବଗିଚା ଅଧ୍ୟକ୍ଷା



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ସୁଜାତା ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲର ପତ୍ରିକା ଉନ୍ମୋଚିତ ହୋଇଥିଲା। ଆଶିଷ ପ୍ରଭା ମିଶ୍ର ଧନ୍ୟବାଦ ଦେଇଥିଲେ।

# ମଡ୍ୟୁଲାର ଓଟିରେ ଲାଗିଲା ୱାଶର, ଡ୍ରାୟର ସିଷ୍ଟମ

କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)

- **ଆଉ ରହିବନି ସଂକ୍ରମଣ ଭୟ**
- **ଶିଶୁଭବନରେ ପ୍ରଥମ**

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ(ଶିଶୁଭବନ)ର ମଡ୍ୟୁଲାର ଓଟିରେ ଲାଗିଲା ୱାଶର ଓ ଡ୍ରାୟର ସିଷ୍ଟମ। ୨ଟି ମେଶିନ ମଡ୍ୟୁଲାର ଓଟିରେ କାର୍ଯ୍ୟକାରୀ ହୋଇଛି। ଅସ୍ତ୍ରୋପଚାର ସମୟରେ ଏବେ ଆଉ ସଂକ୍ରମଣର ଭୟ ରହିବନାହିଁ। ଏପରିକି ଏହି ମେଶିନ ସାହାଯ୍ୟରେ ଅସ୍ତ୍ରୋପଚାର ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ହୋଇପାରିବ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମେଡିକାଲରେ ଅସ୍ତ୍ରୋପଚାର ସମୟରେ ବ୍ୟବହୃତ ହେବାକୁ ଥିବା କପଡ଼ା, ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ସାମଗ୍ରୀ ବାହାରୁ କିଣାଯାଇଥାଏ। ଏହାକୁ ବ୍ୟବହାର ପରେ ସାଧାରଣତଃ ହାତରେ ଧୁଆଯାଇଥାଏ। ଏହାଦ୍ୱାରା ସଂକ୍ରମଣର ଭୟ ଅଧିକ ରହିଥାଏ। ତେବେ ଏହାକୁ ନଜରରେ ରଖି ଏହି ଦୁଇଟି ମେଶିନ କ୍ରୟ କରାଯାଇଛି। ବ୍ୟବହୃତ ହେବାକୁ ଥିବା ସାମଗ୍ରୀକୁ ଏହି ୱାଶର ମେଶିନରେ ପକାଇଲେ ଏହା ତାକୁ ସଫା କରିବା ସହ ଡ୍ରାୟ ମେଶିନ ଯୋଗେ ସମସ୍ତ ସାମଗ୍ରୀ ଶୁଖାଯିବ। ଶିଶୁରୋଗୀଙ୍କୁ ମୁଖ୍ୟତଃ ସଂକ୍ରମଣରୁ ଦୂରେଇବା ଲକ୍ଷ୍ୟ ରଖି ଏହି ମେଶିନ କାର୍ଯ୍ୟ କରିବ। ଏହି ମେଶିନ ବ୍ୟବହାର ଦ୍ୱାରା ଅସ୍ତ୍ରୋପଚାରର ସମୟ କମିଯିବ। ତେବେ ଶିଶୁଭବନର ନୂତନ କୋଠା କାର୍ଯ୍ୟକାରୀ ହେବା ପରେ ଗତ ୩ ମାସ ପୂର୍ବେ ଏଠାରେ ମଡ୍ୟୁଲାର ଓଟି ସେବା ଆରମ୍ଭ କରାଯାଇଥିଲା। ଏହି ଓଟିରେ ଅତ୍ୟାଧୁନିକ ମେଶିନ ରହିଥିବାବେଳେ ଏଥିରେ ନୂଆକରି ୱାଶର ଓ ଡ୍ରାୟର ମେଶିନ ଯୋଡ଼ାଯାଇଥିବା ସୂଚନା ମିଳିଛି।


**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

**PR 376507 Urban Development and Housing(25-26)#D**

**Executive Officer,**
**Nagar Parishad, Dumka**



**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई०–पुनर्निविदा संख्या :– 03/RII/2023-24/RWD/EE/CHAIBASA    दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | *RWD/ CHAIBASA/ 05/2023-24* | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | *30208200* | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D



ଠିକ୍ ନିଷ୍ପତ୍ତି ନେବା ବିଷୟକୁ ମୁଁ ବିଶ୍ୱାସ କରେ ନାହିଁ, ବରଂ ନିଷ୍ପତ୍ତି ନେବା ପରେ ଏହାକୁ ଠିକ୍ କରିବାକୁ ଉଦ୍ୟମ କରେ।

– ରତନ୍ ଟାଟା



ବିଏସ୍ଇ ସେନ୍ସେକ୍ସ
୭୩,୩୧୯(+୧୮୬)



୧ ଡଲାର = ୯୨.୯୭ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୭.୬ ଡଲାର

# 'ବାଏ ବ୍ୟାକ୍ ଶେୟାର' ବ୍ୟବସ୍ଥା ଲାଗୁ କରିପାରେ ସେବି



**ମୁମ୍ବାଇ, ୨।୪**

ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ପୁଣିଥରେ ବାଏ ବ୍ୟାକ୍ ଶେୟାର ବ୍ୟବସ୍ଥା ଲାଗୁ କରିବ ବୋଲି ସୂଚନା ମିଳିଛି। ଏଥିପାଇଁ ଗୁରୁବାର ପ୍ରସ୍ତାବ ଦିଆଯିବା ସହ ସାମ୍ପ୍ରତିକ ସ୍ଥିତିରେ ଏହି ବ୍ୟବସ୍ଥାର ବିଭିନ୍ନ ଦିଗକୁ ତର୍ଜମା କରାଯାଉଛି। ବାଏ ବ୍ୟାକ୍ ବ୍ୟବସ୍ଥାରେ ସାଧାରଣତଃ ଷ୍ଟକ୍ ଏକ୍ସଚେଞ୍ଜ ମାଧ୍ୟମରେ ଯେକୌଣସି କମ୍ପାନୀ ଖୋଲା ବଜାରରୁ ନିଜର ବଳକା ଶେୟାର କିଣିବାକୁ ସୁଯୋଗ ମିଳିଥାଏ। ସାମ୍ପ୍ରତିକ ଟିକସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହାର ପୁନଃ ପ୍ରଚଳନ ପାଇଁ ସେବି ପ୍ରସ୍ତାବ ଦେଇଛି। ପୂର୍ବରୁ ଟିକସ ବ୍ୟବସ୍ଥାକୁ ନେଇ ୨୦୨୫, ଏପ୍ରିଲ ୧ରେ ଏହାକୁ ବନ୍ଦ କରିଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିବାରୁ ବାଏ ବ୍ୟାକ୍ ଶେୟାର ବ୍ୟବସ୍ଥା ଲାଗୁ କରାଗଲେ କମ୍ପାନୀଙ୍କୁ ସୁବିଧା ମିଳିପାରିବ ବୋଲି ସେବି କହିଛି।

## ସୁଧୁରୁଛି ଶେୟାର ବଜାର

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅସ୍ଥିର ରହିଆସିଥିବା ଭାରତୀୟ ଶେୟାର ବଜାରରେ ଗୁରୁବାର ସାମାନ୍ୟ ସୁଧାର ପରିଲକ୍ଷିତ ହୋଇଛି। କାରବାର ଆରମ୍ଭ ହେବା ମାତ୍ରେ ଏସୀୟ ବଜାର ପ୍ରଭାବରେ ମଧ୍ୟାହ୍ନ ସୁଦ୍ଧା ବିଏସ୍ଇ ସେନ୍ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ଦ୍ରୁତ ଅବନତି ଘଟିଥିଲେ ହେଁ ପରବର୍ତ୍ତୀ ସମୟରେ ସ୍ଥିତିରେ ସୁଧାର ଆସିଛି। ବୁଧବାର କାରବାର ତୁଳନାରେ ସେନ୍ସେକ୍ସରେ ୧୮୬ ପଏଣ୍ଟ ବୃଦ୍ଧି ଘଟିବା ସହ କାରବାର ଶେଷବେଳକୁ ଏହା ୭୩,୩୧୯ରେ ବନ୍ଦ ରହିଛି। ସେହିପରି ନିଫ୍ଟି ୩୩ ପଏଣ୍ଟ ବୃଦ୍ଧିରେ ଏହା ୨୨,୭୧୩ ପଏଣ୍ଟରେ ବନ୍ଦ ରହିଛି। ଗୁରୁବାର କାରବାରରେ ଆଇଟି କ୍ଷେତ୍ରର ଶେୟାର ଭଲ ପ୍ରଦର୍ଶନ କରିଛି। ଆସନ୍ତାକାଲି ଗୁଡ୍ ଫ୍ରାଇଡେ ଯୋଗୁ ଷ୍ଟକ୍ ମାର୍କେଟ ବନ୍ଦ ରହୁଥିବାରୁ ମଧ୍ୟାହ୍ନ ପରେ ବିଭିନ୍ନ କ୍ଷେତ୍ରର କାରବାର ପୂର୍ବ ତୁଳନାରେ ଉନ୍ନତ ରହିଥିବା କୁହାଯାଇଛି।

# ସଚେତନତା ହିଁ ଚିନ୍ତାଧାରା ବଦଳାଇବାର ବଡ଼ ମାଧ୍ୟମ



ଦୁର୍ଗା ପ୍ରିୟଦର୍ଶିନୀ

**'ଗୋମାୟା ପେଣ୍ଟ୍ସ'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଦୁର୍ଗା ପ୍ରିୟଦର୍ଶିନୀ ତାଙ୍କ ବ୍ୟବସାୟିକ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜଣେ ଗୃହିଣୀ ଭାବେ ସମାଜ ଓ ପରିବେଶ ପାଇଁ କିଛି କରିବାର ସ୍ୱପ୍ନ ଦେଖୁଥିଲେ। ୨୦୨୦ ମସିହାରେ ଡେଏରୀ ଫାର୍ମିଂ ବିଷୟରେ ଅନୁସନ୍ଧାନରୁ ଜାଣିପାରିଥିଲେ ଯେ ବଜାରରେ କ୍ଷୀରର ମୂଲ୍ୟ ଥିବାବେଳେ ଗୋବରକୁ ପ୍ରାୟତଃ ଅବହେଳା କରାଯାଉଛି, ଯଦିଓ ଏହାକୁ ନେଇ ଅନେକ ସମ୍ଭାବନା ରହିଛି। ସେହି ଚିନ୍ତାଧାରା ତାଙ୍କ ଜୀବନ ବଦଳାଇଦେଲା। ସେ ସ୍ଥିର କରିଥିଲେ ଯେ, ଲୋକେ ଯାହାକୁ ଆବର୍ଜନା ବୋଲି ବିବେଚନା କରନ୍ତି, ତାହାକୁ ଏକ ମୂଲ୍ୟବାନ୍ ପରିବେଶ ଅନୁକୂଳ ଉତ୍ପାଦରେ ରୂପାନ୍ତରିତ କରିବେ। ଏଥିପାଇଁ ସେ ଗୋମାୟା ପେଣ୍ଟ୍ସ ପ୍ରତିଷ୍ଠା କରିଥିଲେ। ଏହା କେବଳ ଏକ ରଙ୍ଗ କମ୍ପାନୀ ନୁହେଁ, ଏହା କୃଷକଙ୍କୁ ସମର୍ଥନ କରିବା, ପରିବେଶକୁ ସୁରକ୍ଷିତ ରଖିବାର ଏକ ମିଶନ। ଦୁର୍ଗାଙ୍କ ବ୍ୟବସାୟିକ ଯାତ୍ରା ସମ୍ପର୍କରେ ତାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର...**

**ପ୍ର– ପରିବେଶ ଅନୁକୂଳ ଗୋବର ପେଣ୍ଟ ତିଆରି କରିବାର ଚିନ୍ତାଧାରା ଆପଣଙ୍କୁ କେଉଁଠାରୁ ମିଳିଲା ଏବଂ ଏହି ଧାରଣା କିପରି ଏକ ବ୍ୟବସାୟର ରୂପ ନେଲା?**

ଉ– ଡେଏରୀ ଟ୍ରେନିଂ ସମୟରେ ମୁଁ ଦେଖିଲି ଯେ ବୟସ୍କ ଗାଈମାନେ କ୍ଷୀର ନ ଦେବା ଫଳରେ ଚାଷୀମାନଙ୍କ ରୋଜଗାର ପ୍ରଭାବିତ ହେଉଛି। ଗୋବର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲେ ମଧ୍ୟ ଏହାର କୌଣସି ବାଣିଜ୍ୟିକ ମୂଲ୍ୟ ପ୍ରାୟ ନ ଥିଲା। ଏହି ବର୍ଜ୍ୟକୁ ଏକ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦରେ କିପରି ପରିଣତ କରାଯାଇପାରିବ, ସେ ନେଇ ମନରେ ପ୍ରଶ୍ନ ଉଠିଥିଲା। ଚାଷୀ ଏବଂ ପରିବେଶ ଉଭୟକୁ ଲାଭଦାୟକ କରିବା ଉଦ୍ଦେଶ୍ୟରେ ଗୋବରର ପାରମ୍ପରିକ ବ୍ୟବହାର ଏବଂ ଆଧୁନିକ ପେଣ୍ଟ କେମିଷ୍ଟ୍ରି ଉପରେ ଗବେଷଣା କରି ଏକ ପରିବେଶ–ଅନୁକୂଳ ରଙ୍ଗ ବିକଶିତ କରିଥିଲୁ। ଏନେଇ ଅନେକ ପରୀକ୍ଷା, ବିଫଳତା ଏବଂ ସଂସ୍କାର ପରେ ଆମେ ସଫଳତା ପାଇଥିଲୁ। ଗୋମୟ ପେଣ୍ଟ୍ସ କେବଳ ରଙ୍ଗ ଉତ୍ପାଦନ କରେ ନାହିଁ, ବରଂ ଚାଷୀମାନଙ୍କଠାରୁ ଗୋବର କିଣି ଏକ ଗ୍ରାମୀଣ ଅର୍ଥନୈତିକ ଇକୋସିଷ୍ଟମ ମଧ୍ୟ ନିର୍ମାଣ କରିଛି, ଯାହାକି ସେମାନଙ୍କୁ ଅତିରିକ୍ତ ଆୟ ପ୍ରଦାନ କରୁଛି।

**ପ୍ର– ଗୋମୟ ପେଣ୍ଟ୍ସ ଅନ୍ୟ ସାଧାରଣ ଏବଂ ପରିବେଶ ଅନୁକୂଳ ପେଣ୍ଟ ବ୍ରାଣ୍ଡଠାରୁ କିପରି ଅଲଗା? ୧୫ ବର୍ଷ ପର୍ଯ୍ୟନ୍ତ ରହୁଥିବା ଏହି ଉତ୍ପାଦ ପାଇଁ କିପରି ଗବେଷଣା କରାଯାଇଛି?**

ଉ– ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ପ୍ରଯୁକ୍ତିର ମିଶ୍ରଣ ହେଉଛି ଆମର ସବୁଠାରୁ ବଡ଼ ଶକ୍ତି। ଗୋବରର ପ୍ରାକୃତିକ ଆଣ୍ଟି–ବ୍ୟାକ୍ଟେରିଆଲ ଏବଂ ଆଣ୍ଟି–ଫଙ୍ଗାଲ ଗୁଣ ବ୍ୟବହାର କରି କମ୍–ଭିଓସି (ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡ୍ସ) ଏବଂ ବିଷାକ୍ତ ଦ୍ରବ୍ୟମୁକ୍ତ ଫର୍ମୁଲେଶନ ପ୍ରସ୍ତୁତ କରିଛୁ। ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ହୋଇଥିବାରୁ ୧୫ ବର୍ଷ ପର୍ଯ୍ୟନ୍ତ ସ୍ଥାୟିତ୍ୱ ପ୍ରଦାନ କରେ। ଆମର ଗବେଷଣା ଓ ବିକାଶ କାର୍ଯ୍ୟରେ ବହୁତ ସମୟ ଲାଗିଥିଲା। ଆମେ ଏହାର ସ୍ଥିରତା, ମଜଭୁତ ଶକ୍ତି, ପାଣିପାଗ ପ୍ରତିରୋଧକ ଶକ୍ତି ଏବଂ ଜୀବାଣୁ ପ୍ରତିରୋଧ ଉପରେ କାମ କରିଥିଲୁ। ଏନେଇ ଅନେକଥର ବିଫଳ ହୋଇଥିଲୁ। ଲାବ୍ ଟେଷ୍ଟିଂ ଏବଂ ଫିଲ୍ଡ ଫିଡ୍‌ବ୍ୟାକ୍ ମାଧ୍ୟମରେ ଏହାକୁ ଆମେ କ୍ରମାଗତ ଭାବେ ଉନ୍ନତ କରିଛୁ।

**ପ୍ର– ସହରାଞ୍ଚଳ ବଜାରରେ ଗୋବର ଆଧାରିତ ରଙ୍ଗ ବିଷୟରେ ଗ୍ରାହକଙ୍କ ଆଶଙ୍କାକୁ କିପରି ଦୂର କରନ୍ତି?**

ଉ– ପ୍ରାରମ୍ଭରେ ଅନେକ ଗ୍ରାହକ ଗୋବର ରଙ୍ଗ ବିଷୟରେ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ଏହାର ଉତ୍କୃଷ୍ଟତା ଦେଖି ଧାରଣା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆମେ ପ୍ରତ୍ୟକ୍ଷ ପ୍ରଦର୍ଶନ, ସାମ୍ପଲ ବ୍ୟବହାର, ପ୍ରକ୍ରିୟାକରଣ ପ୍ରଯୁକ୍ତିର ବୈଜ୍ଞାନିକ ବ୍ୟାଖ୍ୟା, ଗ୍ରାହକ ପ୍ରଶଂସାପତ୍ର ଏବଂ ପ୍ରକୃତ ପ୍ରୋଜେକ୍ଟର ଉଦାହରଣ ମାଧ୍ୟମରେ ସନ୍ଦେହ ଦୂର କରୁ। କଞ୍ଚାମାଲ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ ହୋଇଛି ଏବଂ ସ୍ୱାସ୍ଥ୍ୟକର ବୋଲି ବୁଝିବା ପରେ ଗ୍ରାହକଙ୍କର ଆଶଙ୍କା ଦୂର ହୋଇଯାଏ। ବାସ୍ତବରେ ଶିଶୁ, ବୟସ୍କ ଲୋକ ଏବଂ ପରିବେଶ ପାଇଁ ସୁରକ୍ଷିତ ହୋଇଥିବାରୁ ସହରାଞ୍ଚଳ ଗ୍ରାହକ ଏହାକୁ ବେଶି ପସନ୍ଦ କରୁଛନ୍ତି। ସଚେତନତା ହିଁ ଲୋକଙ୍କ ଚିନ୍ତାଧାରା ବଦଳାଇବାର ବଡ଼ ମାଧ୍ୟମ।

**ପ୍ର– ଗୋମୟ ପେଣ୍ଟ୍ସର ଜାତୀୟ ସ୍ତରରେ ସମ୍ପ୍ରସାରଣ, ରପ୍ତାନି କିମ୍ବା ଉତ୍ପାଦ ବିବିଧତା ଭଳି କିଛି ଯୋଜନା ରହିଛି କି?**

ଉ– ସାରା ଭାରତରେ ବ୍ୟବସାୟ ସମ୍ପ୍ରସାରଣ ସହ ରପ୍ତାନି ବଜାରରେ ପ୍ରବେଶ କରିବା, ଅଧିକ ସ୍ଥାୟୀ ନିର୍ମାଣ ସାମଗ୍ରୀ ବିକାଶ କରିବା ଯୋଜନା ରହିଛି। ଆମର ଗବେଷଣା ଏବଂ ବିକାଶ କ୍ଷମତାକୁ ସୁଦୃଢ଼ କରିବା ମଧ୍ୟ ଲକ୍ଷ୍ୟ ରଖିଛୁ। ଆମେ ଚାହୁଁ ଗୋମୟ ପେଣ୍ଟ୍ସ ଏକ ପ୍ରତୀକ ହେଉ ଯେ, କିପରି ଗ୍ରାମୀଣ ନୂତନତ୍ୱ ଜାତୀୟ ସ୍ତରରେ ପ୍ରଭାବ ପକାଇପାରେ।

**ପ୍ର– ଯୁବୋଦ୍ୟୋଗୀଙ୍କୁ ଏହି କ୍ଷେତ୍ରରେ କ'ଣ ପରାମର୍ଶ ଦେବେ?**

ଉ– ଯୁବୋଦ୍ୟୋଗୀମାନଙ୍କୁ କହିବି ଯେ, କେବଳ ଲାଭ ଉପରେ ଧ୍ୟାନ ଦେଇ ଏକ ସ୍ପଷ୍ଟ ଉଦ୍ଦେଶ୍ୟ ସହିତ କାର୍ଯ୍ୟ ଆରମ୍ଭ କରନ୍ତୁ। ବିଫଳତାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ। ନିରନ୍ତର ଶିଖିବା ଜାରି ରଖିବା, ପ୍ରକୃତ ସମସ୍ୟା ସମାଧାନ ଉପରେ ଧ୍ୟାନ ଦେବା ଏବଂ ଏକ ଦୃଢ଼ ସମର୍ଥନ ଦଳ ଗଠନ କରିବା ଉଚିତ। ପ୍ରତିକୂଳ ପରିସ୍ଥିତିରେ ଆଦୌ ହାର୍ ମାନିବା ଉଚିତ ନୁହେଁ। ସଫଳତା ରାତାରାତି ଆସିବ ନାହିଁ– ଏହା ସ୍ଥିରତା, ଧୈର୍ଯ୍ୟ ଏବଂ ଆପଣଙ୍କ ଦୃଷ୍ଟିକୋଣ ପ୍ରତି ଗଭୀର ବିଶ୍ୱାସରୁ ଆସିଥାଏ।

ଧରିତ୍ରୀ | OrissaPOST BUSINESS EMINENCE AWARDS

# ଡଲାର–ଟଙ୍କା ବିନିମୟ ମୂଲ୍ୟରେ ସର୍ବାଧିକ ଉନ୍ନତି

## ୧୨ ବର୍ଷରେ ପ୍ରଥମ



**ନୂଆଦିଲ୍ଲୀ, ୨।୪**

ବିଭିନ୍ନ କାରଣକୁ ନେଇ ଭାରତୀୟ ଶେୟାର ବଜାର ଗତବର୍ଷଠାରୁ ଅସ୍ଥିର ରହିଆସିବା ସହ ଚଳିତ ବର୍ଷ ପ୍ରାରମ୍ଭରେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆହୁରି ପ୍ରଭାବିତ ରହିଛି। ବିଶେଷକରି ବିଦେଶୀ ନିବେଶକଙ୍କ ଦ୍ୱାରା ବିପୁଳ ମାତ୍ରାରେ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଶେୟାର ବଜାର ସ୍ଥିତି ଦୁର୍ବଳ ହୋଇଛି। ସେପଟେ ଯୁଦ୍ଧ ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଦ୍ୱାରା ଆମଦାନୀ କ୍ଷେତ୍ର ପ୍ରଭାବିତ ହେବା ସହ ଆମେରିକୀୟ ଡଲାର ଏବଂ ଭାରତୀୟ ଟଙ୍କା ବିନିମୟ ସ୍ଥିତି ମଧ୍ୟ ପ୍ରଭାବିତ ହୋଇଛି। ଏହାଦ୍ୱାରା ଗତ କିଛିଦିନ ହେଲା ଡଲାର ତୁଳନାରେ ଟଙ୍କା ମୂଲ୍ୟ ଲଗାତର ଅବମୂଲ୍ୟାୟନ ସହ ଏହାର ସର୍ବାଧିକ ମୂଲ୍ୟ ହ୍ରାସ ଘଟିଛି। ତେବେ ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଯେଭଳି ଉନ୍ନତି ଦେଖାଯାଇଛି ତାହା ୧୨ ବର୍ଷ ମଧ୍ୟରେ ସର୍ବାଧିକ। ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ପାଇବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ବଜାରରେ ଡଲାର ବିତରକଙ୍କ ଉପରେ ନିୟନ୍ତ୍ରଣ ପରେ ଟଙ୍କା ମୂଲ୍ୟରେ ଉନ୍ନତି ଘଟିଥିବା କୁହାଯାଇଛି। ଗତ ୨ ଦିନ ଶେୟାର ବଜାର ବନ୍ଦ ରହିଥିଲାବେଳେ ଗୁରୁବାର କାରବାର ଆରମ୍ଭ ହୋଇଥିଲା। ଏହାପରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୧.୮ ପ୍ରତିଶତ ବୃଦ୍ଧି ଘଟିବା ସହ ୧ ଡଲାର ମୂଲ୍ୟ ୯୩.୧୪୧୩ ରହିଛି ; ଯାହାକି ୨୦୧୩ ପରେ ପ୍ରଥମଥର ପାଇଁ ମୂଲ୍ୟାୟନ ବୃଦ୍ଧି ବୋଲି କୁହାଯାଇଛି। ଇରାନ୍–ଆମେରିକା ଯୁଦ୍ଧକୁ ନେଇ ଏବେ ବି ଉତ୍ତେଜନା ଲାଗି ରହିବା ସହ ମଧ୍ୟପ୍ରାଚ୍ୟ ସ୍ଥିତି ଅଶାନ୍ତ ରହିଛି। ଏହାକୁ ନେଇ ପାକିସ୍ତାନ ଟଙ୍କା ଏବଂ ଅନ୍ୟାନ୍ୟ ଆଞ୍ଚଳିକ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ହ୍ରାସ ପାଇଥିଲେ ହେଁ ଭାରତୀୟ ଟଙ୍କା ମୂଲ୍ୟରେ ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ଫେବୃଆରୀ ୨୮ରେ ଇରାନ୍ ଉପରେ ଆକ୍ରମଣ ହେବା ପରେ ଅନ୍ତର୍ଜାତୀୟ ତୈଳ ବଜାର ପ୍ରଭାବିତ ହେବା ସହ ବୈଶ୍ୱିକ ନିବେଶ କ୍ଷେତ୍ର ମଧ୍ୟ ପ୍ରଭାବିତ ହେବା ଆରମ୍ଭ ହୋଇଥିଲା। ଏହାପରଠୁ ଡଲାର ତୁଳନାରେ ଟଙ୍କା ମୂଲ୍ୟର କ୍ରମାଗତ ଅବମୂଲ୍ୟାୟନ ଘଟିଚାଲିଥିଲା। ଗତ ୨ ମାସ ମଧ୍ୟରେ ଡଲାର–ଟଙ୍କା ବିନିମୟ ମୂଲ୍ୟରେ ଅନ୍ୟୂନ ୪ ପ୍ରତିଶତ ହ୍ରାସ ଘଟିବା ସହ ୧ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ୯୪ ଅତିକ୍ରମ କରିଥିଲା।

## ଅପରିବର୍ତ୍ତିତ ରହିପାରେ ରେପୋ ହାର

**ମୁମ୍ବାଇ, ୨।୪**

ସାମ୍ପ୍ରତିକ ପୁଞ୍ଜିବଜାର ସ୍ଥିତି ଏବଂ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାର(ବ୍ୟାଙ୍କ ସୁଧ) ଅପରିବର୍ତ୍ତିତ ରଖିପାରନ୍ତି ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ସ୍ୱାଭାବିକ ହୋଇନାହିଁ। ଏହାବ୍ୟତୀତ ଘରୋଇ ସ୍ତରରେ ମୁଦ୍ରାସ୍ଫୀତିକୁ ନେଇ ମଧ୍ୟ ଚିନ୍ତା ରହିଛି। ତେଣୁ ଡଲାର ଉପରେ ନିୟନ୍ତ୍ରଣ ରଖିବା ସହ ଦେଶର ପୁଞ୍ଜିବଜାର ଧାରାରେ ଅବନତି ନ ଆଣିବାକୁ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ରେପୋ ହାର ଅପରିବର୍ତ୍ତିତ ରଖିବେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

# ଏନ୍‌ଏମ୍‌ଡିସି ଫାଇନାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଅନୁରାଗ କପିଳ



ଅନୁରାଗ କପିଳ

**ହାଇଦ୍ରାବାଦ, ୨।୪**

୧୯୯୮ ବ୍ୟାଚ୍‌ର ଆଇଆର୍‌ଏଏସ୍ ଅଧିକାରୀ ଅନୁରାଗ କପିଳ ଜାତୀୟ ଖଣିଜ ବିକାଶ ନିଗମ(ଏନ୍‌ଏମ୍‌ଡିସି)ର ଫାଇନାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରେଳବାଇ ସମେତ ବହୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଗତ ୨୬ ବର୍ଷ ଧରି କାର୍ଯ୍ୟକରି ଅନୁରାଗ ବିତ୍ତୀୟ ଏବଂ ରାଷ୍ଟ୍ରାୟତ୍ତ କ୍ଷେତ୍ର ପରିଚାଳନା ଦିଗରେ ଦୃଢ଼ ଅଭିଜ୍ଞତା ହାସଲ କରିଛନ୍ତି। ସେ ରେଳବାଇ ବିଭାଗରେ ବରିଷ୍ଠ ଡିଭିଜନାଲ ଫାଇନାନ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରିବା ସହ ଏଫ୍ଏ ଆଣ୍ଡ ସିଏଓ(ଟ୍ରାଫିକ୍), ଏଫ୍ଏ ଆଣ୍ଡ ସିଏଓ( ଫାଇନାନ୍ସ ଓ ଜେନେରାଲ) ସମେତ ଡେପୁଟି ଚିଫ୍ ଭିଜିଲାନ୍ସ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏନ୍‌ଏମ୍‌ଡିସିରେ ଯୋଗଦେବା ପୂର୍ବରୁ ସେ ରେଳବୋର୍ଡରେ ଫାଇନାନ୍ସ (ବ୍ୟୟ) ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ।

# ବେଦାନ୍ତ ଆଲୁମିନିୟମ ପାଳିଲା ଓଡ଼ିଶା ଦିବସ



**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳନ କରାଯାଇଛି। ଉତ୍ସବରେ ୩,୦୦୦ରୁ ଅଧିକ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟ ଏକାଠି ହୋଇଥିଲେ। ସଂଗୀତ, ନୃତ୍ୟ ଏବଂ ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତି ସମେତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଚିକିତ୍ସକ ଡା. ସଞ୍ଜୀବ କୁମାର ମିଶ୍ରଙ୍କୁ ଏହି ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଏବଂ ସାମୁଦାୟିକ ସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ, ଅଞ୍ଜଳି ଦତ୍ତ ଏବଂ ସଚିନ ରାଉତଙ୍କ ମନୋରମ ପ୍ରଦର୍ଶନ ପ୍ରଦର୍ଶିତ ହୋଇଥିଲା। ଦେବଦାସୀ ଅନୁଷ୍ଠାନ ଏବଂ ଏକ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଆମେ ରାଜ୍ୟର ପରିଚୟକୁ ପରିଭାଷିତ କରୁଥିବା ପରମ୍ପରାଗୁଡ଼ିକୁ ପାଳନକରି ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ସ୍ଥାୟୀ ସୁଯୋଗ ସୃଷ୍ଟିକରିବା ନିମନ୍ତେ ସମ୍ପ୍ରଦାୟଗୁଡ଼ିକ ସହିତ ସହଭାଗୀ ହେବାକୁ ପ୍ରତିବଦ୍ଧ।

# ଚାନ୍ଦି ଭଣ୍ଡାରର ଅକ୍ଷୟତୃତୀୟା ଅଫର ଘୋଷଣା




**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

ରୁପା ଅଳଙ୍କାର ଓ କଳାକୃତି ପାଇଁ ପ୍ରସିଦ୍ଧ ଚାନ୍ଦି ଭଣ୍ଡାର ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଘୋଷଣା କରାଯାଇଛି। ଗୁରୁବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ତଥା ପ୍ରତିଷ୍ଠାତା ଲିପ୍‌ସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ହଂସ ବିସ୍ତୃତ ସୂଚନା ଦେଇଛନ୍ତି। ଲିପ୍‌ସା କହିଛନ୍ତି, ଓଡ଼ିଆଙ୍କ ପର୍ବ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରୁପା ଗହଣା ଓ କଳାକୃତି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ଏହି ଅଫର ଏପ୍ରିଲ୍ ୧୯ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଚାନ୍ଦି ଭଣ୍ଡାରର ବ୍ୟବସାୟ ସମ୍ପ୍ରସାରଣ ନେଇ ଲିପ୍‌ସା କହିଛନ୍ତି, ଜାତୀୟ ବ୍ରାଣ୍ଡ ଭାବେ ଯାତ୍ରା ଆରମ୍ଭ କରିଥିବା ଚାନ୍ଦି ଭଣ୍ଡାର ରାଜ୍ୟ ବାହାରେ ରାୟପୁରରେ ୨ଟି ଷ୍ଟୋର ଖୋଲିଛି। ଅନ୍ୟପଟେ ରାଜ୍ୟର ବରଗଡ଼ରେ ୨୮ତମ ଷ୍ଟୋର ଖୋଲିବାକୁ ଯାଉଛି। ଗହଣା କଲେକ୍ସନ ସମ୍ପର୍କ ସୂଚନା ଦେଇ ମାଣିକ୍ କହିଛନ୍ତି, ମହିଳାମାନଙ୍କ ପାଇଁ ଜିରଖନ୍ ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ ଏବଂ ପାଉଁଜି ଆଦି ରହିଛି । ପୁରୁଷଙ୍କ ପାଇଁ ଆମୋଘ କଲେକ୍ସନ ଏବଂ ଶିଶୁମାନଙ୍କ ପାଇଁ ପ୍ରିମିୟମ କିଡସ୍ କଲେକ୍ସନ ରହିଛି। ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ୱାଇନ୍ ଗ୍ଲାସ୍,ବୋତଲ, ଚା' ସେଟ୍ ଓ ଉଡେନ୍ ସିଲ୍‌ଭର ୱାର୍କ ଟ୍ରେ ସହ ବହୁ କିଛି ରହିଛି।

# 'ଅରେଞ୍ଜ ଇକୋନୋମି'କୁ ପ୍ରୋତ୍ସାହନ

**୧୫,୦୦୦ ସ୍କୁଲ, ୫୦୦ କଲେଜରେ ହେବ କଣ୍ଟେଣ୍ଟ କ୍ରିଏଟର ଲାବ୍**

**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

'ଅରେଞ୍ଜ ଇକୋନୋମି' କ୍ଷେତ୍ର ଭାବେ ପରିଚିତ ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ ଏବଂ କମିକ୍ସ(ଏଭିଜିସି) କ୍ଷେତ୍ର ସମେତ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାର ବଜେଟରେ ବ୍ୟାପକ ଅର୍ଥ ବ୍ୟବସ୍ଥା କରିଛନ୍ତି। ଭାରତକୁ ବିଶ୍ୱସ୍ତରୀୟ କଣ୍ଟେଣ୍ଟ କ୍ରିଏସନ୍ ହବ୍ ଭାବରେ ପରିଚିତ କରାଇବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରାଯାଇଛି। ନିକଟରେ ସଂସଦରେ ପାରିତ ହୋଇଥିବା କେନ୍ଦ୍ରୀୟ ବଜେଟ ୨୦୨୬–୨୭ ଘୋଷଣା ଅନୁଯାୟୀ, ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଏବଂ ୫୦୦ କଲେଜରେ ଏଭିଜିସି କଣ୍ଟେଣ୍ଟ କ୍ରିଏଟର ଲାବ୍(ସିସିଏଲ୍ ) ପ୍ରତିଷ୍ଠା କରାଯିବ। ଏହି ପଦକ୍ଷେପ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଭିଜିସି – ଏକ୍ସଆର କ୍ଷେତ୍ର ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବରେ ଆଇଆଇସିଟି ଗଠନ କରାଯାଇଛି। ୨୦୨୫ ଜୁଲାଇରୁ ଏହା ମୁମ୍ବାଇର ଆଇଆଇସିଟି–ନ୍ୟାଶନାଲ ଫିଲ୍ମ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏଫ୍‌ଡିସି) ପରିସରରୁ କାର୍ଯ୍ୟ କରୁଛି। ଏହା ଅଧୀନରେ ବର୍ତ୍ତମାନ ୧୮ଟି ପାଠ୍ୟକ୍ରମ ଆରମ୍ଭ କରାଯାଇଛି, ଯେଉଁଥିରେ ୧୩୬ ଜଣ ଛାତ୍ର ନାମ ଲେଖାଇଛନ୍ତି ଏବଂ ୧୫ ଜଣ ଅଂଶଗ୍ରହଣକାରୀ 'ଟ୍ରେନ୍–ଦି–ଟ୍ରେନର' କାର୍ଯ୍ୟକ୍ରମ ସମାପ୍ତ କରିଛନ୍ତି। ମୁମ୍ବାଇର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି(ଆଇଆଇସିଟି)କୁ କଣ୍ଟେଣ୍ଟ କ୍ରିଏଟର ଲ୍ୟାବର ଯୋଜନା, ସମନ୍ୱୟ ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବରେ ନିଯୁକ୍ତ କରାଯାଇଛି।ଲୋକସଭାରେ କୃତି ଦେବୀ ଦେବବର୍ମନ ଏବଂ ଶ୍ରୀ ଏଟାଲା ରାଜେନ୍ଦ୍ରଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନଙ୍କ ଦ୍ୱାରା ଏକ ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି।

# ଓଡ଼ିଶାରେ ପ୍ରଥମ ପେଡିଆଟ୍ରିକ୍ କ୍ରିଟିକାଲ କେୟାର ସିଏମ୍ଇ ଆୟୋଜିତ

**ଭୁବନେଶ୍ୱର, ୨।୪**

ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରଥମ 'ପେଡିଆଟ୍ରିକ୍ କ୍ରିଟିକାଲ କେୟାର କଣ୍ଟିନୁଇଂ ମେଡିକାଲ ଏଜୁକେଶନ (ସିଏମ୍ଇ)' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଓଡ଼ିଶା ଶାଖା ଓ ପେଡିଆଟ୍ରିକ ଇଣ୍ଟେନ୍‌ସିଭ୍ କେୟାର ଚାପ୍ଟର ପକ୍ଷରୁ ଅଙ୍କୁରା ହସ୍ପିଟାଲ ଫର୍ ୱମେନ ଆଣ୍ଡ ଚିଲ୍‌ଡ୍ରେନ ସହଭାଗିତାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ, ସ୍ନାତକୋତ୍ତର ଛାତ୍ରୀଛାତ୍ର ଓ ରାଜ୍ୟର ବିଭିନ୍ନ ଭାଗର ପେଡିଆଟ୍ରିକ ଇଣ୍ଟେନ୍‌ସିଭ୍ କେୟାର ସହଯୋଗୀଙ୍କ ସମେତ ୧୦୦ରୁ ଅଧିକ ଡାକ୍ତର ଯୋଗ ଦେଇଛନ୍ତି । ଏହାଛଡ଼ା ରାଜ୍ୟ ଓ ଜାତୀୟସ୍ତରର ୩୦ରୁ ଅଧିକ ପ୍ରତିଷ୍ଠିତ ଅଧ୍ୟାପକଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ଉନ୍ନତ କରିଛି। ଉକ୍ତ ସିଏମ୍ଇରେ ସହଭାଗିତା କରି ଅଙ୍କୁରା ନିରବଚ୍ଛିନ୍ନ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଓଡ଼ିଶାକୁ ଅତ୍ୟାଧୁନିକ ଶିଶୁ ଚିକିତ୍ସା ପଦ୍ଧତି ଆଣିବା ଏବଂ ଏକ ସହଭାଗୀ ମେଡିକାଲ ଇକୋସିଷ୍ଟମ ଗଠନ କରିବାର ନିଜର ଦୃଷ୍ଟିକୋଣକୁ ସୁଦୃଢ଼ କରିବା ଜାରି ରଖିଛି । ଅଙ୍କୁରା ହସ୍ପିଟାଲ ଫର୍ ୱମେନ ଆଣ୍ଡ ଚିଲ୍‌ଡ୍ରେନ୍ ଭଳି ଅନୁଷ୍ଠାନଗୁଡ଼ିକ ସକ୍ରିୟ ଭାବେ ଏଭଳି ପ୍ରୟାସକୁ ପରିଚାଳନା କରୁଥିବା ବେଳେ ଶିଶୁ ସ୍ୱାସ୍ଥ୍ୟସେବା ଓ ଜରୁରିକାଳୀନ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠାଲାଭ କରିବାକୁ ଓଡ଼ିଶା ପ୍ରସ୍ତୁତ ରହିଥିବା କୁହାଯାଇଛି।

# ତ୍ରିଶୂଳିଆରେ କାନାରା ବ୍ୟାଙ୍କର ନୂଆ ଶାଖା



**ଭୁବନେଶ୍ୱର, ୨।୪**

କଟକ ଜିଲା ତ୍ରିଶୂଳିଆସ୍ଥିତ ପଦ୍ମନାଭନଗରରେ କାନାରା ବ୍ୟାଙ୍କର ଏକ ନୂଆ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ସୁମନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଶାଖାକୁ ମିଶାଇ କାନାରା ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ରାଜ୍ୟରେ ୨୮୭ରେ ପହଞ୍ଚିବା ସହ କଟକ କ୍ଷେତ୍ରର ଶାଖା ସଂଖ୍ୟା ୭୧ରେ ପହଞ୍ଚିଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଯୋଗଦେଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କ ଉପ ମହାପ୍ରବନ୍ଧକ ନେତ୍ରମୋହନ ପାତ୍ର, କଟକ ଅଗ୍ରଣୀ ଜିଲା ପ୍ରବନ୍ଧକ(ଏଲ୍‌ଡିଏମ୍) ସତ୍ୟରଞ୍ଜନ ମହାନ୍ତି, କଟକ କ୍ଷେତ୍ରୀୟ ମୁଖ୍ୟ ଟି. ଅକିଲା, କଟକ କ୍ଷେତ୍ର ଡିଭିଜନାଲ ମ୍ୟାନେଜର ଏସ୍.ସି.ମଲ୍ଲ ଏବଂ ନୂତନ ଶାଖା ପ୍ରବନ୍ଧକ ତାପସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦନ



@ ରଞ୍ଜିତା



@ ଶଙ୍କର



@ ଶଶିକାନ୍ତ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହସ୍ତତନ୍ତ ପୋଷାକ ପିନ୍ଧି ଓଡ଼ିଆ ପକ୍ଷ ପାଳିଲେ ରାଜ୍ୟବାସୀ

## 'ଆମ ପୋଷାକ ଆମ ପରିଚୟ'

ଭୁବନେଶ୍ୱର,୨।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଦିବସରେ ଓଡ଼ିଶାବାସୀ ପାରମ୍ପରିକ ପୋଷାକ ପରିଧାନ କରି 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ ହୋଇଛନ୍ତି। ହସ୍ତତନ୍ତ ଆମ ସାଂସ୍କୃତିକ ବିବିଧତା ଓ ଗୌରବମୟ ଐତିହ୍ୟର ପ୍ରତୀକ। ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ। ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭ କରି ଭୁବନେଶ୍ୱର ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ପାରମ୍ପରିକ ପୋଷାକ ପରିଧାନ କରି ବୟନ ଅସ୍ମିତାର ଏହି ମହାପର୍ବରେ ନିଜକୁ ସାମିଲ କରିଛନ୍ତି। ରାଜ୍ୟ ସରକାରଙ୍କ ଲୋକସେବା ଭବନ ଓ ବିଭିନ୍ନ ବିଭାଗର ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ହସ୍ତତନ୍ତ ଓ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ସେହିପରି ବିଭିନ୍ନ ଜିଲାରେ 'ଓଡ଼ିଶାର ହସ୍ତତନ୍ତ ଓ ବୟନ ଶିଳ୍ପ' ଶୀର୍ଷକକୁ ନେଇ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ହସ୍ତଶିଳ୍ପ ସାମଗ୍ରୀ ଏବଂ ପଟ୍ଟଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇ ଯୁବପିଢ଼ିଙ୍କୁ ଆମ ସମୃଦ୍ଧ ହସ୍ତତନ୍ତ, ବୟନଶିଳ୍ପ, ହସ୍ତଶିଳ୍ପ ଏବଂ ଚିତ୍ରକଳା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଓଡ଼ିଶାର ହସ୍ତତନ୍ତକୁ ଝୋଟି, ଚିତା, ମୁରୁଜ ଆଦିରେ ଖୁବ୍ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ବୁଣାକାର ଏବଂ ତନ୍ତୁବାୟ ସହଯୋଗ ସମିତିର ସଦସ୍ୟ ଓ ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଯୁବବର୍ଗ, ଛାତ୍ରୀଛାତ୍ର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାମାନେ ପାରମ୍ପରିକ ପୋଷାକ ପରିଧାନ କରି ସେଲ୍ଫି ଉଠାଇ ଓଡ଼ିଆ ପକ୍ଷ ୱେବ୍‌ସାଇଟ odiapakhya.comରେ ଅପ୍‌ଲୋଡ୍ କରିବା ସହ ନିଜର ଡିଜିଟାଲ ସାର୍ଟିଫିକେଟ କରିଥିଲେ। ପାରମ୍ପରିକ ପୋଷାକ ପରିଧାନ କରି ନିଜକୁ 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।



ହସ୍ତତନ୍ତ ପୋଷାକରେ ଲୋକ ସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ।

## ବୁଣାକାରଙ୍କ ଜୀବନଜୀବିକା ସଂଘର୍ଷକୁ ନେଇ ମେ'୧୪ରେ ମୁକ୍ତିଲାଭ କରିବ 'ମେହେରମୁଣ୍ଡା'

ଭୁବନେଶ୍ୱର,୨।୪(ସୌମ୍ୟରଞ୍ଜନ ରାଉତ)

ବୁଣାକାରଙ୍କ ରଙ୍ଗ ଓ ତନ୍ତ ସହ ମିଳନର ଏକ ଅଭୁତପୂର୍ବ ନିଦର୍ଶନର ନିଚ୍ଛକ ପ୍ରତିଫଳନକୁ ପରଦା ଉପରେ ପ୍ରଦର୍ଶନ କରିବ ଓଡ଼ିଆ ଚଳଚ୍ଚିତ୍ର 'ମେହେରମୁଣ୍ଡା'। ଓଡ଼ିଶା ଦିବସ ଅବସରରେ ଏହାର ଟିଜର ରିଲିଜ ହୋଇଛି। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଜ୍ୟୋତିରଞ୍ଜନ ନାୟକ, ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସମହାପାତ୍ର, ଅର୍ଲିନ ଅଙ୍କିତା ଏବଂ ଅନନ୍ୟା ଦିଗଜ ରହିଛନ୍ତି। ରାକେଶ କୁମାର ପାଢ଼ୀଙ୍କ ପ୍ରଯୋଜନାରେ ଚଳଚ୍ଚିତ୍ରଟି ଜିଆର୍ ରେକର୍ଡସ ବ୍ୟାନରରେ ନିର୍ମିତ ହୋଇଛି। ନିର୍ଦ୍ଦେଶନା ଭାର ନିକୁଞ୍ଜ ହୋତା ତୁଲାଇଥିବାବେଳେ ସିନେମାଟୋଗ୍ରାଫିରେ ଶ୍ରୀକାନ୍ତ ପଟ୍ଟନାୟକ ରହିଛନ୍ତି। ଏହାକୁ ସଙ୍ଗୀତମୟ କରିବାର ଏକ ସଫଳ ପ୍ରୟାସ କରିଛନ୍ତି ଅମିତ ଯୁବରାଜ। ଅନ୍ତର୍ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶା ହସ୍ତତନ୍ତ୍ର ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳଚ୍ଚିତ୍ରର ଫାଷ୍ଟ ଲୁକ୍ ଲୋକାର୍ପଣ କରିଥିଲେ। ଚଳଚ୍ଚିତ୍ର କାହାଣୀରେ ଭାରତର ୨୬ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା ଓ ସଂଘର୍ଷର କାହାଣୀକୁ ରୁପେଲି ପରଦା ଉପରକୁ ଆଣିବାକୁ ଚେଷ୍ଟା କରାଯାଇଛି। ଚଳଚ୍ଚିତ୍ରଟି ମେ ୧୪ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

# ନରେନ୍ଦ୍ର ପୁଷ୍କରିଣୀରୁ କଢ଼ାଗଲା ଚାପ ଡଙ୍ଗା

ପୁରୀ,୨।୪(ଅଜିତ୍ କୁମାର ମହାନ୍ତି)



ପବିତ୍ର ଅକ୍ଷୟତୃତୀୟାରେ ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବା ସହ ମହାପ୍ରଭୁଙ୍କ ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ଗୁରୁବାର ଅବସରରେ ନରେନ୍ଦ୍ର ପୁଷ୍କରିଣୀରୁ ଚାପଡଙ୍ଗା (ନନ୍ଦା ଓ ଭଦ୍ରା) ସହ ବୈଜୟନ୍ତୀ ଡଙ୍ଗାକୁ ପାଣି ମଧ୍ୟରୁ ଭୋଇ ସେବକମାନେ ବାହାର କରିଛନ୍ତି। ପାଣିରୁ କଢ଼ା ହୋଇଥିବା ଚାପଡଙ୍ଗା ସାହାଯ୍ୟରେ ଠାକୁରମାନେ ୨୧ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିବେ। ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଭାବେ ପରିଚିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେୟ, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠ ଅକ୍ଷୟତୃତୀୟା ଠାରୁ ଭଉଁରି ଯାତ୍ରା ପର୍ଯ୍ୟନ୍ତ ନନ୍ଦା ଓ ଭଦ୍ରା ଦୁଇ ଚାପ ଡଙ୍ଗାରେ ୨୧ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିବେ। ତେବେ ଚନ୍ଦନ ଯାତ୍ରା ପୂର୍ବରୁ ଚୈତ୍ର ପୂର୍ଣ୍ଣିମାରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଇ ସେବକ ପାଣି ମଧ୍ୟରୁ ଡଙ୍ଗା ବାହାର କରିବା କାର୍ଯ୍ୟ ସମ୍ପାଦନା କରିଥିଲେ। ଗୁରୁବାର ସକାଳ ୮ରୁ ଡଙ୍ଗାକଢ଼ା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ପ୍ରାୟ ୨୦ଜଣ ଭୋଇ ସେବକ ନିୟୋଜିତ ହୋଇଥିଲେ। ପୁଷ୍କରିଣୀରୁ ୫ଟି ଡଙ୍ଗା ବାହାର କରାଯାଇଛି। ଅପରପକ୍ଷରେ ପାଣିରୁ କଢ଼ାଯାଇଥିବା ଡଙ୍ଗାଗୁଡ଼ିକ ଖରାରେ ଶୁଖାଯିବା ପରେ ଯାଞ୍ଚ କରାଯାଇ ମରାମତି କରାଯିବ। ପରେ ଡଙ୍ଗାଗୁଡ଼ିକୁ ଯୋଡ଼ାଯାଇ ନନ୍ଦା, ଭଦ୍ରା ଚାପଡଙ୍ଗା ନିର୍ମାଣ କରାଯିବା ସହ ଗୋଟିଏ ବୈଜୟନ୍ତୀ ଡଙ୍ଗା ରହିବ। ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ଏଥିରେ ରଙ୍ଗ କାର୍ଯ୍ୟ କରାଯିବ ବୋଲି ନନ୍ଦିଘୋଷ ରଥର ମୁଖ୍ୟ ଭୋଇ ସେବକ କାର୍ତ୍ତିକ ଭୋଇ ସୂଚନା ଦେଇଛନ୍ତି।

# ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ପରଲୋକ

## 'ସତୀ'ପାଇଁ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୨।୪
(ସୌମ୍ୟରଞ୍ଜନ ରାଉତ)



ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦୁଇ ଜ୍ୱାଇଁ ସୁଧାଂଶୁ ଓ ପ୍ରିୟବ୍ରତ ମୁଖାଗ୍ନି ଦେଇଥିବାବେଳେ ପରିବାରବର୍ଗ, ସମ୍ପର୍କୀୟ, ଶୁଭେଚ୍ଛୁ ପ୍ରମୁଖ ଉପସ୍ଥିତ ଥିଲେ। ସଦାନନ୍ଦ ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ୍‌ର କୃପାସିନ୍ଧୁପୁର ଶାସନ ଗ୍ରାମରେ ୧୯୫୫ ମସିହା ୧୬ ଏପ୍ରିଲରେ ଜନ୍ମଗ୍ରହଣ କରିଥିଲେ। ୨୦୦୩ ମସିହାରେ ଗଳ୍ପ ପୁସ୍ତକ 'ସତୀ' ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। 'ଅନ୍ୟ ଜଣେ ସଦାନନ୍ଦଙ୍କ ମୃତ୍ୟୁ ପରେ' ହେଉଛି ତାଙ୍କର ଏକ ଲୋକପ୍ରିୟ ଗଳ୍ପ ସଂକଳନ। ଏହି ଶୀର୍ଷକରେ ସେ ଲେଖିଥିବା ଗଳ୍ପଟିରେ ମାତ୍ର ତିନୋଟି ଶବ୍ଦ ଅଛି ଏବଂ ଏହାକୁ ଓଡ଼ିଆ ଭାଷାର କ୍ଷୁଦ୍ରତମ ଗଳ୍ପ ବୋଲି ବିବେଚନା କରାଯାଏ। ସେହିପରି ତାଙ୍କର ଚର୍ଚ୍ଚିତ ଗଳ୍ପ ଭିତରେ 'ରଙ୍ଗନାଥ ଘଡ଼େଇ', 'ଝଡ଼ିପୋକର ପର', 'ଅନ୍ଧାରରେ ଦିନେ' ଏବଂ ତାଙ୍କର ଶେଷ ବହି 'ଦେଶାଚାର' ଥିଲା। ତାଙ୍କ ପରଲୋକରେ ସାରସ୍ୱତ ଜଗତରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ୩୪ ବର୍ଷ ଧରି ଚାକିରି କରିବା ପରେ ଅବସର ଗ୍ରହଣ କରିଥିଲେ। ଚାକିରି କାଳରୁ ଜୀବନର ଶେଷ ପର୍ଯ୍ୟନ୍ତ ସାରସ୍ୱତ ସାଧନା ଜାରି ରଖିଥିଲେ।

# ପୁଅକୁ ଶିଶୁ ମଙ୍ଗଳ ସମିତିକୁ ଟେକିଦେଲେ ବାପା

## ମା'ଙ୍କ ଦେହାନ୍ତ ପରେ ବେସାହାରା ହୋଇପଡ଼ିଥିଲେ ଶିଶୁପୁତ୍ର

କଟକ,୨।୪(କୁମାରଶ୍ରୀ)

ରାସ୍ତା କଡରେ ଜୀବନ କଟୁଥିଲା। ଓଳିଏ ଖାଇଲେ ଓଳିଏ ଉପାସ ରହୁଥିଲେ। ବେସାହାରା ଜୀବନ ଭିତରେ ସ୍ତ୍ରୀଙ୍କ ଜୀବନ ଚାଲିଗଲା। ଏଣୁ ଉପାୟ ନ ପାଇ ନିଜ ଅଢ଼େଇ ବର୍ଷର ଶିଶୁପୁତ୍ରକୁ ଜିଲା ଶିଶୁ ମଙ୍ଗଳ ସମିତି ହାତକୁ ଟେକି ଦେଇଛନ୍ତି ବାପା। ଗୁରୁବାର ଏହି ଘଟଣା ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି।

ଘଟଣାରୁ ପ୍ରକାଶ, ବାଦାମବାଡି ଫୁଟ୍ ଓଭରବ୍ରିଜ ତଳେ ରୁହନ୍ତି ସୁଧୀର ବେହେରା ଏବଂ ତାଙ୍କ ସ୍ତ୍ରୀ ରାଧା ସାହୁ। କିଛି ବର୍ଷ ହେବ ଉଭୟଙ୍କୁ ସେଠାରେ ଦେଖିବାକୁ ମିଳୁଥିଲା। ଗତମାସରେ ରାଧା ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ରାସ୍ତା କଡରେ କିଛି ଦିନ ପଡ଼ି ରହିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ମାସ ୧୩ ତାରିଖରେ ରାଧାଙ୍କ ମୃତ୍ୟୁ ଘଟିଥିଲା। ଉଭୟଙ୍କ ଏକ ଅଢ଼େଇ ବର୍ଷର ଶିଶୁପୁତ୍ର ଥିଲା। ତେବେ ରାଧାଙ୍କ ମୃତ୍ୟୁ ପରେ ଆର୍ଥିକ ଦୁରବସ୍ଥା ଯୋଗୁ ମୃତଦେହ ସତ୍କାର ପାଇଁ ସୁଧୀର ଅସହାୟତା ପ୍ରକାଶ କରିଥିଲେ। ସାମାଜିକ କର୍ମୀ ଅଭିମନ୍ୟୁ ଦାସଙ୍କ ସହଯୋଗରେ ଖାନନଗର ଶ୍ମଶାନରେ ଶେଷକୃତ୍ୟ ହୋଇଥିଲା। ହେଲେ ମା'ଙ୍କ ଦେହାନ୍ତ ପରେ ଶିଶୁପୁତ୍ରର ରକ୍ଷଣାବେକ୍ଷଣ ନେଇ ପ୍ରଶ୍ନ ଉଠିଥିଲା। ଦିନ ମଜୁରିଆ ଭାବେ କାମ କରୁଥିବା ସୁଧୀର ଶିଶୁପୁତ୍ରକୁ ପାଖରେ ରଖିବେ ବୋଲି ଜିଦ୍ ଧରି ବସିଥିଲେ। ଶିଶୁ ପୁତ୍ରର ଯତ୍ନ ନେବାରେ ସମସ୍ୟା ହେବ ବୋଲି ବୁଝାଇଲେ ମଧ୍ୟ ସୁଧୀର ଶୁଣି ନ ଥିଲେ। ହେଲେ ପୁଅର ଭବିଷ୍ୟତକୁ ଦେଖି ଗୁରୁବାର ସୁଧୀର ନିଜ ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହୋଇଥିଲେ। ସ୍ୱଇଚ୍ଛାରେ ନିଜ ପୁଅକୁ ଜିଲା ଶିଶୁ ମଙ୍ଗଳ ସମିତି ହାତକୁ ଟେକି ଦେଇଥିଲେ।




ବାପା ଶିଶୁପୁତ୍ରକୁ ଜିଲା ଶିଶୁ ମଙ୍ଗଳ ସମିତିକୁ ଦେଉଛନ୍ତି।

# ପିୟୁସି ଯାଞ୍ଚ ୩ ମାସ ସ୍ଥଗିତ ଦାବି

ଭୁବନେଶ୍ୱର,୨।୪
(ସୌମ୍ୟରଞ୍ଜନ ରାଉତ)

ଯୁଦ୍ଧ ପରିସ୍ଥିତି ଦୃଷ୍ଟିରୁ କେନ୍ଦ୍ର ସରକାର ଜୁନ୍ ୩୦ ଯାଏ ସବୁ କଞ୍ଚାମାଲ ଉପରୁ ସୀମା ଶୁଳ୍କ ଛାଡ଼ କରିଛନ୍ତି। ଏଥିସହ ଦରଦାମ ଓ ଗ୍ୟାସ୍ ସଙ୍କଟ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଦିନକୁଦିନ ଜନତାଙ୍କ ଅସନ୍ତୋଷ ବ୍ୟାପକ ହେଉଛି। ଏହି ସମୟରେ ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ (ପିୟୁସି) ଚେକିଂ ଜନ ଅସନ୍ତୋଷକୁ ଆହୁରି ବୃଦ୍ଧି କରିବ। ତେଣୁ ଲୋକଙ୍କ ସରକାର ଲୋକଙ୍କ ହିତ ପାଇଁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚକୁ ୩ ମାସ ସ୍ଥଗିତ ରଖିବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଏନେଇ ଗୁରୁବାର ପରିଷଦର ଆବହାକ ରବି ବେହେରା ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ଜନଗଣନା ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀଙ୍କ ବଦଳି ହେବନାହିଁ

ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)

ରାଜ୍ୟରେ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଏଥିଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ବିଭିନ୍ନ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ସବୁ ଜିଲାର ଜିଲାପାଳ ଏବଂ ମହାନଗର ନିଗମର କମିଶନର ତଥା ମୁଖ୍ୟ ଜନଗଣନା ଅଧିକାରୀଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ଏହି ଜନଗଣନା ୨ଟି ପର୍ଯ୍ୟାୟରେ ଡିଜିଟାଲ ମାଧ୍ୟମରେ ସମ୍ପନ୍ନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ଆସନ୍ତା ୧୬ ତାରିଖଠାରୁ ମେ ୧୫ ପର୍ଯ୍ୟନ୍ତ ୩୦ ଦିନ ଧରି ଅନୁଷ୍ଠିତ ହେବ। ଏହାସହ ସ୍ୱ-ଗଣନା କାର୍ଯ୍ୟକ୍ରମ ଗତ ୧ ତାରିଖରୁ ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀରେ କରାଯିବ। ଏହି କାର୍ଯ୍ୟର ସଫଳ ସମ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଜନଗଣନା ଅଧିକାରୀ ଓ କର୍ମଚାରୀମାନଙ୍କ ବଦଳି କରା ନ ଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବିଭାଗ, ଜିଲା ପ୍ରଶାସନ ଏବଂ ନଗର ନିଗମଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826
No.1793 / Jatani, Date- 31.03.2026

EXPRESSION OF INTEREST

No.13001/8/2627: Sealed quotations are invited from registered Architectural Firms/ Reputed Firms having valid Income Tax, GST Registration Certificates and Company Registered Certificate for "O & M of Park light & Open Space Development light in respect of Jatni Municipality" in two cover bid. The cover 1 will contains technical bids and the cover 2 will contains the price bid. After evaluation of technical bid the financial bid of qualified bidders will be opened. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.1000/- (Rupees One Thousand) and EMD of Rs.3,000/- (Rupees Three Thousand) in shape of Bank Draft/ Cheque/Card Transaction in favour of Executive Officer, Jatni Municipality payable at Jatni. The Quotation will be received on or before dt.15.4.26 at 3.00 pm and the bid will be opened at 4.00 pm in the presence of the bidders or their authorized representative. The details of quotation schedule available in office of undersigned or downloaded from www.khordha.nic.in/ www.jatnimunicipality.in. The undersigned reserves all rights to accept/ reject any or all EOI without assigning any reason thereof.

OIPR-13001/13041/1/26-27/0001 Sd./- Executive Officer, Jatni Municipality

ODISHA CONSTRUCTION CORPORATION LTD.
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar - 751010 (Odisha), Tel - 0674 : 2580107, E-mail : smppmcws@gmail.com
(GSTIN-21AAACO2571K2ZM)
Tender Call Notice No. OCC/CWS/PROC/LSIP-21/102/2025-26 dtd.31.03.2026
No.34001/1/2627

Type of work : Supply of Casting items for 25T Gantry Crane of Lower Suktel Irrigation Project.
Total No. of work : 01 (One)
Period of supply : 60 (Sixty) days

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/PROC/ LSIP-21/102/2025-26 dtd.31.03.2026 | Rs.7080/- (Non-refundable) | 02.04.2026 10.00 A.M. to 16.04.2026 1.00 P.M. | 02.04.2026 10.00 A.M. to 16.04.2026 3.30 P.M. |

Date of opening of the Tender : 16.04.2026 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).
Sd./- Senior Manager (Mech.)-I
OCC Ltd., Bhubaneswar
OIPR-34001/34163/1/26-27/0001

GOVERNMENT OF ODISHA No.44001/1/2627
SKILL DEVELOPMENT & TECHNICAL EDUCATION DEPARTMENT
No. SDTE-HTE-HTE-II-0034-2022/2022/SDTE, Bhubaneswar, Dated 02/04/26

ADVERTISEMENT

Subject : Selection of Chairman for the Board of Governors in (i) Indira Gandhi Institute of Technology, Sarang, (ii) Parala Maharaja Engineering College, Berhampur, (iii) Government College of Engineering, Keonjhar, (iv) Government College of Engineering, Kalahandi.

Applications are sought for from eminent persons for the post of Chairman of the Board of Governors in (i) Indira Gandhi Institute of Technology, Sarang, (ii) Parala Maharaja Engineering College, Berhampur, (iii) Government College of Engineering, Keonjhar and (iv) Government College of Engineering, Kalahandi.

The Board of Governors is the apex body to look after the administrative, financial, academic affairs etc., of the Institute. The Chairman of the Governing Body shall preferably be a technical person either entrepreneur or an industrialist or an educationist of repute who is interested in the development of technical education and has demonstrated an interest in promotion of quality education.

Eminent person with substantial experience in academics, governance and/or professional management with proven track record of dynamic, idea centric leadership in institution building, flair for innovations and global outlook in higher education, commensurate with the responsibility and prestige of position may submit their curriculum vitae to the Commissioner-cum-Secretary to Government, Skill Development &Technical Education Department, Kharavel Bhawan, Bhubaneswar, Odisha on or before 15.04.2026 through speed post as well as through e-mail (etet.od@nic.in). Applications received after such period shall not be entertained by any means.

The tenure period for the post of Chairman shall be for a period of three years from the date of issuance of the Notification by the Government. The age of applicant should not be more than 67 years as on 28.02.2026.

The Selection Committee, nominated for selection to the post of Chairman, shall reserve the right to consider persons of eminence outside the list of such applications. In accordance with the procedure evolved by the Committee, applications will be shortlisted based on the agreed parameters and the shortlisted applicants may be invited for interaction with the Committee.

Honorarium and allowances as admissible by the Government shall be paid by the concerned colleges.

Sd./- (Commissioner-cum-Secretary to Government) SD&TE Department
OIPR-44001/44001/1/26-27/0001

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବନ୍ଧୁକ ସହ ବନ୍ଧାହେଲେ କାହ୍ନା

ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)

ବନ୍ଧୁକ ରଖି ସୁନ୍ଦରପଦା ଅଞ୍ଚଳରେ ଭାଇଗିରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରପଦା ତଳସାହିର ଅମରେଶ ରାଉତ ଓରଫ କାହ୍ନା। ସେ ସୁନ୍ଦରପଦା ହାଟତୋଳା ପୋଖରୀ ନିକଟରେ ବୁଧବାର ଅପରାହ୍ନ ୨ଟାରେ ବସିଥିବାବେଳେ ଖବରପାଇ ପୋଲିସ ଅତର୍କିତ ଚଢ଼ାଉ କରି ମାଡ଼ି ବସିଥିଲା। କାହ୍ନାଙ୍କ ଅଣ୍ଟା ଯାଞ୍ଚ ପରେ ଦୁଇଟି ସେମି ଅଟୋମେଟିକ୍ ବନ୍ଧୁକ ସହ ୧୦ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ନେଇ ସନ୍ଦେହ କରାଯାଉଛି ବୋଲି ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏସିପି ମାନସ କୁମାର ସ୍ୱାଇଁ କହିଛନ୍ତି।

୨୦୨୧ରେ ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ଝରାଫୁଲ ହତ୍ୟା ମାମଲାରେ ଅଭିଯୁକ୍ତ କାହ୍ନା ଗିରଫ ହୋଇଥିଲେ। ଝରାଫୁଲଙ୍କୁ ରାଜଧାନୀରେ ଏକ ହୋଟେଲରେ ହତ୍ୟା କରି କୁଆଖିଆ ଥାନା ଅଞ୍ଚଳରେ



ଗିରଫ କାହ୍ନା ଏବଂ ଜବତ ବନ୍ଧୁକ, ଗୁଳି, ମୋବାଇଲ୍ ଓ ଟଙ୍କା।

- ଝରାଫୁଲ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ
- ସୁନ୍ଦରପଦାରେ ଭାଇଗିରି କରୁଥିଲେ
- ୨ ସେମି ଅଟୋମେଟିକ ପିସ୍ତଲ,୧୦ ରାଉଣ୍ଡ ଗୁଳି ଜବତ

କାହ୍ନା ଫିଙ୍ଗି ଦେଇଥିଲେ। କୁଆଖିଆ ପୋଲିସ ତଦନ୍ତ କରିବା ପରେ ଅଭିଯୁକ୍ତ କାହ୍ନାଙ୍କୁ ସୁନ୍ଦରପଦାରୁ ଗିରଫ କରିଥିଲା। ସେ ଜେଲରେ କିଛି ବର୍ଷ ରହିବା ପରେ ଜାମିନ୍‌ରେ ବାହାରିଥିଲେ। ତେବେ ସେ ଜେଲରେ ଥିବା ସମୟରେ କିଛି ଆନ୍ତଃରାଜ୍ୟ ବନ୍ଧୁକ ବେପାରୀଙ୍କ ସହ ସମ୍ପର୍କରେ ଆସିଥିଲେ। ଜେଲରୁ ବାହାରିବା ପରେ ସେ ଜମି ବିକ୍ରି ମାର୍କେଟିଂ କରୁଥିଲେ। ଏହାସହ ଜମି ପଜେଶନ୍ ଦେବାରେ ସେ ମଧ୍ୟସ୍ଥତା କରୁଥିଲେ। ସେଥିପାଇଁ ସେ ବନ୍ଧୁକ କିଣି ନିଜ ପାଖରେ ରଖିବା ସହ ଏହାକୁ ବିକ୍ରି କରୁଥିଲେ। ଜେଲରୁ ଫେରିଥିବାରୁ କାହ୍ନା ମଧ୍ୟ ଆଉ ପୋଲିସକୁ ଭୟ କରି ନ ଥିଲେ। ସୁନ୍ଦରପଦା ଅଞ୍ଚଳରେ ଅଣ୍ଟାରେ ବନ୍ଧୁକ ଖୋସି ଦାଦାଗିରି ଦେଖାଉଥିଲେ। ଏପରି କି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକମାନଙ୍କୁ ନେଇ ଏକ ଗ୍ୟାଙ୍ଗ୍ କରି ଭାଇଗିରି କରୁଥିଲେ। ଇତିମଧ୍ୟରେ କାହ୍ନାଙ୍କ ନିକଟରେ ୨ଟି ଚୋରା ବନ୍ଧୁକ ଥିବା ନେଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖବର ପାଇଥିଲା। ତାଙ୍କୁ ଧରିବା ପାଇଁ ପୋଲିସ ସୁନ୍ଦରପଦା ଅଞ୍ଚଳରେ ଜାଲ ବିଛାଇଥିଲେ। କାହ୍ନା ବୁଧବାର ଅପରାହ୍ନରେ ସୁନ୍ଦରପଦା ହାଟତୋଳା ପୋଖରୀ ନିକଟରେ ବସିଥିବାବେଳେ ସ୍ପେଶାଲ୍ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି କାହ୍ନା ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ତାଙ୍କ ଅଣ୍ଟାରେ ଖୋସା ହୋଇଥିବା ଦୁଇଟି ସେମି ଅଟୋମେଟିକ ପିସ୍ତଲ ସହ ୧୦ ରାଉଣ୍ଡ ଅଫୁଟା ଗୁଳି, ୨ଟି ମାଗାଜିନକୁ ଜବତ କରିଥିଲା। ଏହାସହ ଏକ ବାଇକ ମଧ୍ୟ ଜବତ ହୋଇଛି। ଏହି ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଠାବ କରାଯିବ ବୋଲି ପୋଲିସ କହିଛି। ଗତ ଦେଢ଼ ବର୍ଷରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୬ରୁ ଅଧିକ ବନ୍ଧୁକ ଜବତ କରିଥିବା ସୂଚନା ମିଳିଛି।

# କମ୍ପାନୀର ମ୍ୟାନେଜର ଲୁଟିଲେ ୪.୫୬କୋଟି

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁକଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)

ନୀଳଚକ୍ର ମେଟାଲ ପ୍ରୋସେସର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ମ୍ୟାନେଜର ସାଜି ନକଲି ବିଲ୍ ଏବଂ ଜିଏସ୍‌ଟି ଇନ୍‌ଭଏସ୍ ମାଧ୍ୟମରେ କମ୍ପାନୀର ମ୍ୟାନେଜର ପ୍ରଦୀପ କୁମାର ସାହୁ ୪.୫୬କୋଟି ଟଙ୍କା ଠକି ନେଇଛନ୍ତି। ଏନେଇ ଅଭିଯୋଗକାରୀ କୁମାର ଅଭିଜିତ ସାହୁ ଲକ୍ଷ୍ମୀସାଗର ଥାନାରେ ପ୍ରଥମେ ଅଭିଯୋଗ କରିଥିଲେ। ହେଲେ ସେଠାରୁ କିଛି ସୁଫଳ ନ ମିଳିବାରୁ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ତଦନ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ପରେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏକ ମାମଲା( ନଂ.୭/୨୬ ମାମଲା ରୁଜୁ କରିଛି। ଅଭିଯୁକ୍ତ ପ୍ରଦୀପଙ୍କ ବିରୋଧରେ ଆଇପିସି ଦଫା ୪୦୮, ୪୪୮, ୪୬୮,୫୦୬ ଲଗାଇ ତଦନ୍ତ କରାଯାଉଛି। ଇଓଡବ୍ଲ୍ୟୁ ଇନ୍ସପେକ୍ଟର ସୁବ୍ରତ ପଣ୍ଡା ଏହି ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି। ତଦନ୍ତ ଅଧିକାରୀ ସମସ୍ତ ଦସ୍ତାବିଜ୍ ଯାଞ୍ଚ କରିବା ସହ ଟଙ୍କା ଯାଇଥିବା ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି।

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ଆସିକା,୨।୪(ସୁରେନ୍ଦ୍ର ନାଥ ସାହୁ)

## ଛାତ୍ରୀଙ୍କ ଆତ୍ମାହୁତି ଘଟଣା

ଗଞ୍ଜାମ ଜିଲା ଆସିକା ବ୍ଲକ କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମରେ ଗତ ଶନିବାର ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଯୁକ୍ତ ୩ ଛାତ୍ରୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ଘଟିଥିଲା। ପ୍ରେମରେ ପ୍ରତାରଣାର ଶିକାର ହୋଇଥିବା ପୂର୍ବରୁ ଛାତ୍ରୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ପ୍ରକାରେ ପୋଲିସ ଗତ ଶନିବାର କୋଦଳା ନିକଟସ୍ଥ ଶାଳବଣି ଗ୍ରାମର କାହ୍ନୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଛାତ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ବାପା କୋଟିନଡ଼ା ଥାନାରେ ପୁଣି ଏକ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ କାହ୍ନୁ ଝିଅକୁ ପ୍ରତାରିତ କରିବା ସହ ଟେଲିଫୋନରେ ତାଙ୍କୁ କଟୁ ମନ୍ତବ୍ୟ ଦେବାରୁ ହତୋତ୍ସାହିତ ହୋଇ ଝିଅ ଜୀବନ ହାରିଲା ବୋଲି ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏଥିରେ ଅଭିଯୁକ୍ତଙ୍କ ଭାଇଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରାଯାଇଛି। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ଛାତ୍ରୀଙ୍କୁ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇ ଥିବା ଅଭିଯୋଗରେ ନଂ.୧୦୭/୨୬ରେ ଆଉ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ କାହ୍ନୁଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଚୌଦ୍ୱାର ଜେଲରୁ ଫେରାର ଅନ୍ୟତମ କଏଦୀ ରାଜା ଗିରଫ

କଟକ/ଚୌଦ୍ୱାର୨।୪
(କାର୍ତ୍ତିକ ସାହୁ/ଆଶୁତୋଷ ଦାସ)

## ପୂର୍ବରୁ ଗିରଫ ହୋଇଥିଲେ ମଧୁକାନ୍ତ ରାଣା

ଚୌଦ୍ୱାର ଜେଲ ପାଚେରି ଡେଇଁ ଫେରାର ହୋଇଥିବା ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ପୋଲିସର ସ୍ୱତନ୍ତ୍ର ଟିମ୍ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରିଛି। ଗିରଫ ରାଜାଙ୍କୁ ଓଡ଼ିଶା ଅଣାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି। ଚୌଦ୍ୱାର ଜେଲରୁ ଫେରାର ୨ ହାର୍ଡକୋର ଅପରାଧୀଙ୍କ ମଧ୍ୟରୁ ମଧୁକାନ୍ତ ରାଣାଙ୍କୁ କମିଶନରେଟ୍ ପୋଲିସ ଗତ ଫେବୃଆରୀ ୧୪ରେ ଉତ୍ତର ପ୍ରଦେଶର ବୃନ୍ଦାବନରୁ ଗିରଫ କରିଥିବା ବେଳେ ରାଜା ପୋଲିସ ଆଖିରୁ ଖସି


ରାଜା ସାହାଣୀ

ବୁଲୁଥିଲେ। ପୋଲିସ ବିଭିନ୍ନ ଆଡ଼େ ଜାଲ ବିଛାଇ ରାଜାଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ପ୍ରୟାସ କରିଆସୁଥିଲା।

ସୂଚନାଯୋଗ୍ୟ, ଚୌଦ୍ୱାର ଜେଲରେ ରହୁଥିବା ହାର୍ଡକୋର ଅପରାଧୀ ରାଜା ଓ ମଧୁକାନ୍ତ ଗତ ଅକ୍ଟୋବର ୨ ତାରିଖ ରାତିରେ ଜେଲର ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଗତ ଫେବୃଆରୀ ୧୪ରେ ତୀର୍ଥକ୍ଷେତ୍ର ବୃନ୍ଦାବନରୁ ମଧୁକାନ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ୬ ମାସ ପରେ ରାଜାଙ୍କୁ ଧରିଛି। ଉଭୟ ଅପରାଧୀ କର୍ଣ୍ଣାଟକ, ବିହାର, ଓଡ଼ିଶା ଆଦି ପୋଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ରହିଥିଲେ। ଜେଲରୁ ଫେରାର ହେବାପରେ ରାଜା ଓ ତାଙ୍କ ସହଯୋଗୀମାନେ ମହୀଶୂରରେ ଏକ ଗହଣା ଦୋକାନ ଲୁଟ କରିଥିଲେ ବୋଲି ଜଣାଯାଇଛି। ରାଜାଙ୍କୁ ଧରିବାକୁ ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ କଟକ କମିଶନରେଟ ପୋଲିସ୍ ଟିମ୍ ଚଢ଼ାଉ କରିଥିଲା। ଏଥିସହ ବିଶେଷ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଉତ୍ତରାଖଣ୍ଡ ପୋଲିସ ସହଯୋଗରେ ରାଜାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜାନୁଆରୀରେ ଯାଜପୁର ଜିଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନ ଡକାୟତି ମାମଲାରେ ମଧୁକାନ୍ତ ଓ ରାଜା ଗିରଫ ହୋଇ ଚୌଦ୍ୱାର ଜେଲରେ ରହୁଥିଲେ।

# ସମ୍ବଲପୁର କୋର୍ଟକୁ ପୁଣି ବୋମା ଧମକ


ଜିଲାଜଜ୍‌ଙ୍କ କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରୁଛନ୍ତି।

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

## କୋର୍ଟ ପରିସର ଯାଞ୍ଚ କଲେ ବୋମା ନିଷ୍କ୍ରିୟକାରୀ ଦଳ

ସମ୍ବଲପୁର ଜିଲାଜଜ୍‌ଙ୍କ କୋର୍ଟକୁ ପୁଣି ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି। କୋର୍ଟ ରେଜିଷ୍ଟ୍ରାରଙ୍କ ନିକଟକୁ ଧମକପୂର୍ଣ୍ଣ ଇ-ମେଲ୍ ବାର୍ତ୍ତା ମିଳିବା ଜଣାପଡ଼ିବା ପରେ ପୋଲିସ ପ୍ରଶାସନ ତତ୍ପର ହୋଇଥିଲା। ପୋଲିସ ସୁରକ୍ଷା ବାହିନୀ, ଦମକଳ ବାହିନୀ ସହ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଜିଲାଜଜ୍‌ଙ୍କ କୋର୍ଟ ପରିସର ସହିତ ସିଭିଲ କୋର୍ଟ, ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଦି ସମଗ୍ର ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ତେବେ ୩ ଘଣ୍ଟାର ଯାଞ୍ଚ ପରେ ମଧ୍ୟ କୋର୍ଟ ପରିସର ବା ଆଖପାଖ ଅଞ୍ଚଳରୁ ସେଭଳି କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିଲା। ଆଜିକୁ ମିଶାଇ ଗତ ୪ମାସ ମଧ୍ୟରେ ୩ଥର ଏଭଳି ଧମକ ମିଶି ସାଣିଲାଣି। ଏଥିପୂର୍ବରୁ ଗତ ଜାନୁଆରୀ ୮, ମାର୍ଚ୍ଚ ୧ରେ ଧମକପୂର୍ଣ୍ଣ ମେଲ୍ ବାର୍ତ୍ତା ଆସିଥିଲା।


# Classified Everyday 0674-2580101, 9692975378




**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH-16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-3




Four bed-ed working women hostel with attached toilet/ bathroom available on Janpath Saheed Nagar, Bhubaneswar. Contact: N.K. Mohanty, 7609861226, 7077703443. D-17




All types of physiotherapy and massage contact 9556924059 / 7656969134. D-06

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open spa positively health benefits (Expert therapist). Kalpana - 8984846329. D-76957

**AFFIDAVIT**

By virtue of an affidavit sworn before Notary, Bhubaneswar, Dated- 30.03.2016, I, Rama Soren, Address: At- G.G.P, Kimbhiria Basti, Pandara Near Jagannath Temple, Rasulgarh, Bhubaneswar, Dist.- Khorda, Odisha, PIN- 751025 declare that I have changed the name of my daughter from Barsha Soren to Sita Soren. Henceforth, she shall be known as Sita Soren for all purposes.
Rama Soren
D-11

By virtue of an affidavit dtd.- 23.03.2026 sworn before Executive Magistrate, Bhadrak, I, Prabhuparameswar Malik, S/o.- Prakash Chandra Malik, Vill.- Jahata, P.O.- Jalanga, P.S.- Bhadrak (R), Dist.- Bhadrak, Odisha, PIN- 756181 declare that I have changed my name from Prabhu Prameswar Malik to Prabhuparameswar Malik. Henceforth, I shall be known as Prabhuparameswar Malik for all future purposes. D-16

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ମନେ ପଡ଼ନ୍ତି

**୧୯ତମ ଶ୍ରାଦ୍ଧବାର୍ଷିକୀ**
୦୩।୦୪।୨୦୨୬ (ଶୁକ୍ରବାର)



**✓ଡା. କ୍ଷୀରୋଦ କୁମାର ରଥ**
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୧୦

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ ଇଂ ଲଲାଟେନ୍ଦୁ ପଟ୍ଟନାୟକ**
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଲୁହ ହୋଇ ସବୁବେଳେ ଆମମାନଙ୍କ ଆଖିରୁ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ଲୀନ ହୋଇ ଯାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ଶୋକାକୁଳ ପରିବାର ଏବଂ ବନ୍ଧୁବର୍ଗ
ଧ-୩୦୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ**
(ପୂର୍ବତନ ରାଜ୍ୟ ସୂଚନା କମିଶନର )
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଲୁହ ହୋଇ ସବୁବେଳେ ଆମମାନଙ୍କ ଆଖିରୁ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ଲୀନ ହୋଇ ଯାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ଶୋକାକୁଳ ପରିବାର ଏବଂ ବନ୍ଧୁବର୍ଗ
ଧ-୩୦୩

**୧୯ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶରଦଶଶୀ ନାୟକ**
ଗୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
:ଶୋକସନ୍ତପ୍ତ:
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ, ଚୌଧୁରୀ ସାହି, ବାଲେଶ୍ୱର।
ଧ-୦୯

**ଶ୍ରଦ୍ଧାଞ୍ଜଳି**



**✓ ବିମ୍ବାଧର ମିଶ୍ର**
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
୨୫ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ ବୋହୂ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଟୁ,ଡୁଡୁଲ, ନାତୁଣୀ-ଗୁଗୁଲ, ନନ୍ଦୁ
ଧ-୭୫୮୬୮

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ୪ଶହ ପ୍ରତିଶତରୁ ଉର୍ଦ୍ଧ୍ୱ ଆୟ ବହିର୍ଭୂତ ସମ୍ପତ୍ତି ଠାବ

## ଗିରଫ ଓପିଏଚ୍‌ଡବ୍ଲ୍ୟୁସି ଡିଏମ୍‌ଙ୍କୁ କୋର୍ଟରେ ହାଜର କଲା ଭିଜିଲାନ୍ସ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ(ଓପିଏଚ୍‌ଡବ୍ଲ୍ୟୁସି)ର ଡେପୁଟି ମ୍ୟାନେଜର(ଡିଏମ୍) ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଗିରଫ କରିଛି। ସମ୍ବଲପୁର ଦୁର୍ନୀତି ନିବାରଣ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ତାଙ୍କ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଦୀର୍ଘଦିନରୁ ଭୋଳଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇ ଆସୁଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ଗତ ମଙ୍ଗଳବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେ ବିପୁଳ ଅର୍ଥରାଶି ସହିତ ଭୁବନେଶ୍ୱର ଯାଉଥିବାବେଳେ ସମ୍ବଲପୁର ରେଳ ଷ୍ଟେଶନ ନିକଟରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକ ରଖି ଯାଞ୍ଚ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ମିଳିଥିବା ୫ ଲକ୍ଷ ୧୮ ହଜାର ଟଙ୍କା କେଉଁଠାରୁ ଆଣିଥିଲେ ସେ ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଉକ୍ତ ଟଙ୍କାକୁ ଜବତ କରି ଭିଜିଲାନ୍ସ ଦଳ ତାଙ୍କୁ ଅଟକ ରଖି ପଚାରଉଚରା କରିଥିଲା। ଏହାସହ ସମ୍ବଲପୁର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ତାଙ୍କର ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ବାସଭବନ, ସାକ୍ଷୀପଡ଼ା ଭଡ଼ାଘର, ଅଫିସ ଏବଂ ଗଞ୍ଜାମ ଜିଲାର ପୈତୃକ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଦଳ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ତାଙ୍କ ପାଖରୁ ସମୁଦାୟ ୪୮ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଏବଂ ପ୍ରାୟ ଏକ କିଲୋ ୧୪୦ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଛି। ସେଥିରେ ତାଙ୍କ ପୈତୃକ ଘରୁ ୩୪ ଭରିର ସୁନାଗହଣା, ସୁନା ବିସ୍କୁଟ ଓ ମୁଦ୍ରାକୁ ଜବତ କରାଯାଇଥିଲା। ଏହା ବ୍ୟତୀତ ଭୁବନେଶ୍ୱର ଓ ବ୍ରହ୍ମପୁର ଭଳି ସହରରେ ତାଙ୍କର ୨୯ଟି ବହୁମୂଲ୍ୟ ପ୍ଲଟ୍ ଏବଂ ଅନେକ ତିନିତାଲା ଅଟ୍ଟାଳିକା ଆଦି ସ୍ଥାବର ସମ୍ପତ୍ତିକୁ ମଧ୍ୟ ଠାବ କରାଯାଇଛି। ଖାଲି ସେତିକି ନୁହେଁ, ତାଙ୍କର ବ୍ୟାଙ୍କ ଜମା, ଇନ୍‌ସ୍ୟୁରାନ୍ସ ଏବଂ ପୋଷ୍ଟାଲ ନିବେଶକୁ ମିଶାଇ ମୋଟ୍ ପ୍ରାୟ ୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତିକୁ ମଧ୍ୟ ଠାବ କରାଯାଇଛି, ଯାହା ତାଙ୍କର ପ୍ରକୃତ ଆୟ ତୁଳନାରେ ପ୍ରାୟ ୪୦୦ ପ୍ରତିଶତ ଅଧିକ। ତାଙ୍କର ସମ୍ପତ୍ତିର ପରିମାଣ ବୃଦ୍ଧି ପାଇବାର ମଧ୍ୟ ସମ୍ଭାବନା ରହିଛି ବୋଲି ସେ କହିଥିଲେ। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନରେ ଏକ ମାମଲା(ନଂ. ୩/୨୦୨୬)ରୁଜୁ କରି ଗୁରୁବାର ସମ୍ବଲପୁର ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ପରେ ତାଙ୍କୁ ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

# ସୁଇମିଂ ସେନ୍‌ସେସନ ଅଞ୍ଜଳି

**ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ଚର୍ଚ୍ଚାରେ ରହିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମର ଅଞ୍ଜଳି ମୁଣ୍ଡା। ସମ୍ପ୍ରତି 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'ରେ ଟ୍ରେନିଂ ନେଉଥିବା ଅଞ୍ଜଳି ଭାରତୀୟ ସନ୍ତରଣର ପାୱାର ହାଉସଭାବେ ପରିଚିତ କର୍ନାଟକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦେଇଥିଲେ କଡ଼ା ଟକ୍କର। ରାଜ୍ୟର ଏହି ସୁଇମିଂ ସେନ୍‌ସେସନଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...** —ତପନ କୁମାର ସ୍ୱାଇଁ

## ଗୌରବ ବଢ଼ାଉଛି 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରି ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମର ଅଞ୍ଜଳି ମୁଣ୍ଡା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସେସ (କିସ୍)ରେ ଅଧ୍ୟୟନରତ ଅଞ୍ଜଳି ଗୋଟିଏ କିମ୍ବା ଦୁଇଟି ନୁହେଁ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ରାତାରାତି ତାରକା ପାଲଟି ଯାଇଛନ୍ତି। ସଭିଙ୍କ ମୁହଁରେ ଏବେ ତାଙ୍କ ପ୍ରଶଂସା। ଟ୍ରାଇବାଲ ଗେମ୍ସର ସୁଇମିଂ ପୁଲ୍‌ରେ ଏକପ୍ରକାର ରାଜୁତି କରିଥିଲେ ଅଞ୍ଜଳି। ଭାରତୀୟ ସୁଇମିଂର ପାୱାର ହାଉସଭାବେ ପରିଚିତ କର୍ନାଟକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେ ଦେଇଥିଲେ କଡ଼ା ଟକ୍କର। ୨୦୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଜିତି ନିଜ ବହୁମୁଖୀ ପ୍ରତିଭା ଏବଂ ସହନଶକ୍ତି ପ୍ରତିପାଦନ କରିଥିଲେ। ଏହା ବ୍ୟତୀତ ସେ ୪x୧୦୦ ମିଟର ମିଡ୍‌ଲେ ରିଲେ ଦଳର ସଦସ୍ୟାଭାବେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଦଳରେ ଅଞ୍ଜଳିଙ୍କ ସହିତ ତାଙ୍କ କିଟ୍-କିସ୍ ସାଥୀ ଅଞ୍ଜଳି ମଲିକ, ରିତିକା ମିଞ୍ଜ ଓ ରୂପାଲି ହେମ୍ବ୍ରମ ସଦସ୍ୟା ଥିଲେ।



୫ ସ୍ୱର୍ଣ୍ଣ ପଦକ ସହ ଅଞ୍ଜଳି ମୁଣ୍ଡା

ଏମାନେ ସମସ୍ତେ 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ଟ୍ରେନିଂ ନେଇ ରାଜ୍ୟର ଗୌରବ ବଢ଼ାଇଛନ୍ତି। ଏହି ସଫଳତା ଯୋଗୁ ଅଞ୍ଜଳି ପ୍ରତିଯୋଗିତାର ଅନ୍ୟତମ ସଫଳ ଆଥଲେଟ୍‌ର ମାନ୍ୟତା ପାଇଥିଲେ।

୧୫ ବର୍ଷୀୟା ଅଞ୍ଜଳି ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାର ପ୍ରଥମ ମହିଳା ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ। ଏହା ପୂର୍ବରୁ ସେ ଅସ୍ମିତା ଲିଗ୍‌ରେ ପଦକ ଜିତି ପ୍ରତିଭା ଦେଖାଇଥିଲେ। କ୍ରୀଡ଼ା ଶିକ୍ଷକଙ୍କ ସହ ଭାବ ବିନିମୟ ଅବସରରେ ସନ୍ତରଣ କରିବାକୁ ଇଚ୍ଛା କରିଥିଲେ ଅଞ୍ଜଳି। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଅଞ୍ଜଳି ଜଣେ ଭ୍ୟାନ୍ ଡ୍ରାଇଭରଙ୍କ ଝିଅ ଏବଂ କିସ୍‌ରେ ସମ୍ପ୍ରତି ତାଲିମପ୍ରାପ୍ତ। ଛୋଟବେଳେ ଯେତେବେଳେ ଜଣେ କ୍ରୀଡ଼ା ଶିକ୍ଷକ ରୁଟିନ କ୍ଲାସ୍ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କ୍ରୀଡ଼ାରୁ ମନ ପସନ୍ଦର ଖେଳ ବାଛିବାକୁ କହିଥିଲେ, ସେତେବେଳେ ୧୧ ବର୍ଷୀୟା ଅଞ୍ଜଳି ଚୁପଚାପ୍ ହାତ ଉପରକୁ ଉଠାଇ ସନ୍ତରଣକୁ ପସନ୍ଦ କରିଥିଲେ। କାରଣ ଏହି କ୍ରୀଡ଼ା ସହିତ ସେ ପୂର୍ବରୁ ଅଭ୍ୟସ୍ତ ଥିଲେ।

ଅଞ୍ଜଳି ଭୁବନେଶ୍ୱରରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଥିବା ଯାଜପୁର ଜିଲାର ଗହିରାଗାଡ଼ିଆ ଗ୍ରାମର ବାସିନ୍ଦା। ପହଁରିବାକୁ ଏକ ମଜାଦାର ଇଭେଣ୍ଟ ଭାବେ ସେ ନେଇଥିଲେ, ଯେଉଁଥିରେ କି ପାଣିରେ ଅଧିକାଂଶ ସମୟ ବିତାଇବାକୁ ପଡ଼େ। ମାତ୍ର କେବେ କୌଣସି ସଂଗଠିତ ତାଲିମ ପାଇ ନ ଥିଲେ। ଚାରି ଭଉଣୀଭାଇଙ୍କ ମଧ୍ୟରୁ ସବୁଠାରୁ ସାନ ଅଞ୍ଜଳିଙ୍କ ବାପା ଏକ କାରଖାନାରେ ଭ୍ୟାନ୍ ଡ୍ରାଇଭର ଭାବରେ କାର୍ଯ୍ୟ କରନ୍ତି। ୧୦ ବର୍ଷର ହୋଇଥିବା ବେଳେ ସେ କିସ୍‌କୁ ଅଧ୍ୟୟନ ପାଇଁ ଆସିଥିଲେ, ଯେଉଁଠାରେ ରାଜ୍ୟର ବିଭିନ୍ନ ସ୍ଥାନର ଆଦିବାସୀ ପିଲାମାନେ ମାଗଣା ଶିକ୍ଷା ଏବଂ ରହିବା ସୁବିଧା ପାଇଥାନ୍ତି।

କ୍ୟାରିୟରର ଆରମ୍ଭରେ ସେ ବଡ଼ ଭଉଣୀଙ୍କଠାରୁ ପ୍ରେରଣା ପାଇଥିଲେ। ତାଙ୍କ ଭଉଣୀ ଜଣେ ତୀରନ୍ଦାଜ। ମାତ୍ର ଅଞ୍ଜଳି ଚୟନ ସୁଯୋଗ ପାଇବାମାତ୍ରେ ନିଜ ପ୍ରିୟ ଖେଳ ସୁଇମିଂକୁ ବାଛିଥିଲେ ଏବଂ ଆତ୍ମବିଶ୍ୱାସର ସହ ଏଥିରେ ମନୋନିବେଶ କରିଥିଲେ। ଆତ୍ମବିଶ୍ୱାସକୁ ଦୃଢ଼ କରିବା ପାଇଁ ଯଦିଓ ସମୟ ଲାଗିଥିଲା ତେବେ ଗୋଟିଏ ବର୍ଷ ପରେ ଏକ ସ୍ଥାନୀୟ କ୍ଲବ୍ ଟୁର୍ନାମେଣ୍ଟରେ ରୌପ୍ୟ ପଦକ ଜିତିବା ପରଠାରୁ ଆଉ କେବେ ପଛକୁ ଫେରି ଚାହିଁ ନାହାନ୍ତି।

"କ୍ୟାରିୟରର ଆରମ୍ଭରେ ପ୍ରଥମେ ରୌପ୍ୟ ପଦକ ହାସଲ କରିଥିବାରୁ ଏହା ମୋ ପାଇଁ ବହୁତ ସ୍ୱତନ୍ତ୍ର। ଏହା ମୋତେ ଆତ୍ମବିଶ୍ୱାସ ଦେଇଥିଲା ଯେ ମୁଁ ଏହି ଖେଳରେ ଭଲ କରିପାରିବି। ଟ୍ରେନିଂ ସେସନ ସମୟରେ ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ କୋଚ୍‌ମାନଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି" ବୋଲି ୧୫ ବର୍ଷୀୟା ଅଞ୍ଜଳି ପ୍ରକାଶ କରିଛନ୍ତି। ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ପ୍ରଥମ ଦିବସରେ ହିଁ ଅଞ୍ଜଳି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ସେ ଯଦି ୨:୩୯:୦୨ ସେକେଣ୍ଡ ସମୟ ନେଇ ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣରେ ସ୍ୱର୍ଣ୍ଣ ଜିତି ନ ଥାନ୍ତେ ତେବେ ଭାରତର ସୁଇମିଂ ପାୱାର ହାଉସ କର୍ନାଟକ ପ୍ରଥମ ଦିନରେ ସମସ୍ତ ୬ଟି ଯାକ ସ୍ୱର୍ଣ୍ଣ ପଦକ ଜିତି ଯାଇଥାନ୍ତା।

କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟଦ୍ୱାରା ଆରମ୍ଭ କରାଯାଇଥିବା ଅସ୍ମିତା ଲିଗ୍‌ରୁ ହିଁ ତାଙ୍କ ଆତ୍ମବିଶ୍ୱାସ ବଢ଼ିଥିଲା ବୋଲି ଅଞ୍ଜଳି ଜୋର୍‌ଦେଇ କହିଛନ୍ତି। ଅସ୍ମିତା ଲିଗ୍ ମହିଳା କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ସୁଯୋଗ ସୃଷ୍ଟି କରୁଛି। "୨୦୨୪ ରେ, ମୁଁ ସମ୍ବଲପୁରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍‌ରେ ୨ଟି ରୌପ୍ୟ ପଦକ ଜିତିଥିଲି। ଅନ୍ୟ ଦୁଇଟି ଇଭେଣ୍ଟରେ ମୁଁ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲି। ଏହି ପ୍ରଦର୍ଶନ ମୋର ଆତ୍ମବିଶ୍ୱାସକୁ ବଢ଼ାଇ ଦେଇଥିଲା। ଆଗାମୀ ଟୁର୍ନାମେଣ୍ଟ ଗୁଡ଼ିକରେ ମୁଁ ଆହୁରି ଭଲ କରିପାରିବି ବୋଲି ବିଶ୍ୱାସ ଦୃଢ଼ ହୋଇଥିଲା" ବୋଲି ଅଞ୍ଜଳି କହିଛନ୍ତି। ଗୁଆହାଟୀରେ ମାର୍ଚ୍ଚ ୨୧ ଏବଂ ୨୨ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପୂର୍ବାଞ୍ଚଳ ଅସ୍ମିତା (୧୫ ଓ ୧୮ ବର୍ଷରୁ କମ୍) ସୁଇମିଂ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସେ ୨ଟି ରୌପ୍ୟ ପଦକ ଜିତିଥିଲେ। ଏହି ଫର୍ମକୁ ସେ ବଜାୟ ରଖି ଛତିଶଗଡ଼ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚମକ ଦେଖାଇଥିଲେ।

ଏପରି ଐତିହାସିକ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶାର ଏହି ସନ୍ତରଣ ପ୍ରତିଭା ଆହୁରି ଭଲ ପ୍ରଦର୍ଶନ କରି ପାରିଥାନ୍ତେ ବୋଲି ସ୍ୱୀକାର କରିଛନ୍ତି। ସେ ନିଜ ବ୍ୟକ୍ତିଗତ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିଲେ, ଯାହାକି ସମ୍ଭବ ହୋଇ ନ ଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦିଗ୍‌ଦର୍ଶନରେ ଏହି ଅନୁଷ୍ଠାନରେ ପାଠପଢ଼ା ସହ କ୍ରୀଡ଼ାରେ ଉତ୍କର୍ଷ ହାସଲ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉଛି। ଏଠାରୁ ଅନେକ କ୍ରୀଡ଼ାବିତ୍ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିସାରିଛନ୍ତି। ଅଞ୍ଜଳି ମୁଣ୍ଡା ହେଉଛନ୍ତି ଏହାର ଏକ ସଦ୍ୟତମ ଉଦାହରଣ।



ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କିସ୍ ମଧ୍ୟରେ ସହଭାଗୀତା ଚୁକ୍ତି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ, ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ମୁଖ୍ୟ ନେହା ସାଲଦାନହା, ସୁଇମିଂ ଏକାଡେମୀର ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ରୁବେନ ଏଲ୍ସ ଏବଂ ଅନ୍ୟମାନେ।

## 'ସୁଇମିଂକୁ ଜୀବନ ରକ୍ଷାକାରୀ କାର୍ଯ୍ୟକଳାପଭାବେ ନିଆଯାଇଛି'



କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ

କିଟ୍ ଓ କିସ୍‌ରେ ସମୁଦାୟ ୧୫ଟି ସୁଇମିଂ ପୁଲ୍ ରହିଛି। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ୮୦୦ ଆଦିବାସୀ ପିଲା ଟ୍ରେନିଂ ନେଉଛନ୍ତି। ସେମାନଙ୍କୁ ଟ୍ରେନିଂ ଦେବାପାଇଁ ୫୨ କୋଚ୍/ଟ୍ରେନର ନିଯୁକ୍ତ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୁଇମିଂକୁ ଜୀବନ ରକ୍ଷାକାରୀ କାର୍ଯ୍ୟକଳାପ (life-saving activities) ଭାବେ ବିବେଚନା କରନ୍ତି। ତେଣୁ କିଟ୍ ଓ କିସ୍‌ର ସମସ୍ତ ଆଥଲେଟ୍‌ଙ୍କ ପାଇଁ ସୁଇମିଂ ଓ ଯୋଗକୁ ବାଧ୍ୟତାମୂଳକ କରାଯାଇଛି। କାରଣ ଆବଶ୍ୟକ ପଡ଼ିଲେ ସେମାନେ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନ ମଧ୍ୟ ରକ୍ଷା କରିପାରିବେ। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ବିଗ୍‌ନରଙ୍କଠାରୁ ଆରମ୍ଭ କରି ତାରକା ସୁଇମରଙ୍କୁ ଉଚ୍ଚସ୍ତରର ପ୍ରଶିକ୍ଷଣ ଦିଆଯାଉଛି। ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ରୁବେନ ଏଲ୍ସ କୋଚିଂ ଟିମ୍‌ର ନେତୃତ୍ୱ ନେଉଛନ୍ତି। ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ସୁଇମିଂ ଇଭେଣ୍ଟ ଓପନ ଥିଲା। ଏଥିରେ ସିନିୟର ସୁଇମରମାନେ ମଧ୍ୟ ଭାଗ ନେଇଥିଲେ। ସେମାନଙ୍କୁ ଟକ୍କର ଦେଇ ଏତେ ଛୋଟ ବୟସରୁ ଅଞ୍ଜଳି ଏକାକୀ ୫ ସ୍ୱର୍ଣ୍ଣ ପଦକ ହାସଲକରି ପାରିଛନ୍ତି। ଟ୍ରାଇବାଲ ଗେମ୍ସରେ କିଟ୍ ଓ କିସ୍‌ର ସୁଇମରମାନେ ମୋଟ ୭ ପଦକ ହାସଲ କରି ରାଜ୍ୟର ଗୌରବ ବଢ଼ାଇଛନ୍ତି। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ କେଉଁଭଳି ପ୍ରଶିକ୍ଷଣ ଦିଆଯାଉଛି ତାହା ଏଥିରୁ ଅନୁମେୟ" ବୋଲି କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। ଏଠାକାର ସୁଇମିଂ ଏକାଡେମୀ କୋଚିଂ ଟିମ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଆରମ୍ଭ କରି ଦେଶ ଓ ବିଦେଶର ଅନ୍ୟ ନାମୀଦାମୀ କୋଚ୍ ରହିଛନ୍ତି ବୋଲି ଗଗନେନ୍ଦୁ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ତୃଣମୂଳ ସ୍ତରରୁ ଆରମ୍ଭ କରି ପ୍ରତିଦ୍ୱନ୍ଦ୍ୱିତା ପର୍ଯ୍ୟନ୍ତ ସୁଇମିଂର ବିକାଶ ଲାଗି ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କିସ୍ ମଧ୍ୟରେ ୧୨ ବର୍ଷପାଇଁ ସହଭାଗୀତା ଚୁକ୍ତି ହୋଇଥିଲା। ଏହି ଅବସରରେ ଅଚ୍ୟୁତ ସାମନ୍ତଙ୍କ ସହ ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ, ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ (ଜିଏଏଫ୍) ମୁଖ୍ୟ ନେହା ସାଲଦାନହା, ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀର ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ପ୍ରମୁଖ ଉପସ୍ଥିତ ଥିଲେ।

# ନିକି ପ୍ରଧାନଙ୍କ ମାଇଲଖୁଣ୍ଟ



**ଭାରତୀୟ ମହିଳା ହକିର ଜଣେ ପରିଚିତ ଚେହେରା ହେଲେ ନିକି ପ୍ରଧାନ। ଝାଡ଼ଖଣ୍ଡର ପ୍ରଥମ ମହିଳା ହକି ଖେଳାଳିଭାବେ ଭାରତ ପକ୍ଷରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଥିବା ନିକି ନିକଟରେ କ୍ୟାରିୟରର ୨୦୦ତମ ମ୍ୟାଚ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି...**



ନିକି ପ୍ରଧାନ

ହାଇଦ୍ରାବାଦରେ ମାର୍ଚ୍ଚ ୧୧ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ବିଶ୍ୱକପ କ୍ୱାଲିଫାୟର୍ସର ୱେଲ୍ସ ବିପକ୍ଷ ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ପୂରଣ କରିଛନ୍ତି ଭାରତର ମହିଳା ହକି ତାରକା ନିକି ପ୍ରଧାନ। ଭାରତର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର ଭାବେ ବିବେଚିତ ହେଉଥିବାରୁ ସେ ଏପରି ଏକ ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସକ୍ଷମ ହୋଇଛନ୍ତି। ଫଳରେ ଜିଏମ୍‌ସି ବାଲାଯୋଗୀ ହକି ଗ୍ରାଉଣ୍ଡ (କାଜିବାଓଲି ହକି କମ୍ପ୍ଲେକ୍ସ) ତାଙ୍କ ଲାଗି ସ୍ମରଣୀୟ ହୋଇଛି। ତାଙ୍କର ଏହି ମାଇଲଖୁଣ୍ଟ ମ୍ୟାଚରେ ଭାରତ ୪-୧ ଗୋଲରେ ୱେଲ୍ସକୁ ପରାସ୍ତ କରିଥିଲା। ନଭନୀତ କୌର ୩ଟି ଗୋଲ ଦେଇ ହ୍ୟାଟ୍ରିକ୍ କରିଥିବା ବେଳେ ସାକ୍ଷୀ ରାଣା ଅନ୍ୟତମ ଗୋଲଟି ସ୍କୋର କରିଥିଲେ।

ବିହାରର ରାଞ୍ଚିସ୍ଥିତ ହେସେଲ (ଏବେ ଝାଡ଼ଖଣ୍ଡର ଖୁଣ୍ଟି)ରେ ୧୯୯୩ ଡିସେମ୍ବର ୮ରେ ଜନ୍ମଗ୍ରହଣ କରିଥିବା ନିକି ୨୦୧୬ରୁ ଭାରତୀୟ ଦଳ ପକ୍ଷରୁ ଖେଳି ଆସୁଛନ୍ତି। ଏହି ବର୍ଷ ଭାରତର ଦକ୍ଷିଣ ଆଫ୍ରିକା ଟୁର୍‌ଥିଲା ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ। ସେବେଠାରୁ ସେ ଭାରତୀୟ ରକ୍ଷଣଭାଗର ଜଣେ ନିର୍ଭରଯୋଗ୍ୟ ଖେଳାଳି ରହିଆସିଛନ୍ତି। ସମ୍ପ୍ରତି ସେ ଝାଡ଼ଖଣ୍ଡରୁ ପ୍ରତିନିଧିତ୍ୱ କରୁଛନ୍ତି। ଝାଡ଼ଖଣ୍ଡ ପକ୍ଷରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବାରେ ସେ ପ୍ରଥମ ମହିଳା ଖେଳାଳି। ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳି ସେ ଏହି କୃତିତ୍ୱର ଅଧିକାରୀ ହୋଇଥିଲେ। ଏହା ପରେ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ଦଳର ସଦସ୍ୟା ଥିଲେ।

୩୨ ବର୍ଷୀୟା ନିକି ଭାରତୀୟ ଦଳର ଅନେକ ସ୍ମରଣୀୟ ସଫଳତାର ଅଂଶୀଦାର ରହିଛନ୍ତି। ୨୦୧୭ ମହିଳା ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୮ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୨୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୨୫ ମହିଳା ଏସିଆ କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏହା ବ୍ୟତୀତ ସେ ୨୦୨୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୮ ମହିଳା ହକି ବିଶ୍ୱକପ ଆଦି ଗ୍ଲୋବାଲ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଜାକର୍ତ୍ତାର ପାଲେମବାଙ୍ଗରେ ଅନୁଷ୍ଠିତ ୨୦୧୮ ଏସିଆନ ଗେମ୍ସରେ ଐତିହାସିକ ରୌପ୍ୟ ଏବଂ ୨୦୧୯ରେ ହିରୋଶିମାରେ ଆୟୋଜିତ ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ଆମେରିକାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଭାରତର ସଫଳ ଅଭିଯାନରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଭାରତ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନରେ ତାଙ୍କ ଭୂମିକା ଅନବଦ୍ୟ ରହିଥିଲା। ୨୦୨୨ରେ ସ୍ପେନ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳରେ ମଧ୍ୟ ସେ ସାମିଲ ଥିଲେ।

## ଅଯୋଗ୍ୟପଣ

ଫିଫା ୱାର୍ଲଡ କପ ଲାଗି ଚାଲିଥିବା
ଯୋଗ୍ୟତା ପର୍ଯ୍ୟାୟ ଶେଷ
ମଣ୍ଟେରିଠି ବଲିଭିଆକୁ ହରାଇ
ଅଠଚାଳିଶ ତମ ଦେଶ
ଇରାକ ମୁହଁରେ ହସ
ୱାର୍ଲଡ କପରୁ ବାଦ ପଡି ତିନିଥର
ଇଟାଲୀ ଖୋଜଇ ଦୋଷ।

ମେକ୍ସିକୋ, କାନାଡ଼ା ସହ ଆୟୋଜକ
ରହିଅଛି ଆମେରିକା
ଆସନ୍ତା ଜୁନ ଏଗାରରେ ହେବ
ଫିଫା ବିଶ୍ୱ କପ ପକ୍କା
ଇଣ୍ଡିଆ ନାଁ ନାହିଁ ଦେଖା
କ୍ରିକେଟ ପାଗଳ ଦେଶେ ଫୁଟବଲ
ସ୍ୱାସ୍ଥ୍ୟ ଢିଲା ଅଛି ଲେଖା।




ଚେକ୍ ରିପବ୍ଲିକ୍, ସ୍ୱିଡେନ, ସ୍ପେନ
ଉରୁଗୁଏ, ସ୍କଟ ଲାଣ୍ଡ
ଇକ୍ୱେଡର, କଙ୍ଗୋ, ଆଇଭରି କୋଷ୍ଟ
ବଡ଼ ସହ ଛୋଟ ମୁଣ୍ଡ
ଅଯୋଗ୍ୟ ପଣରେ ଷଣ୍ଢ
ଟିମ ଇଣ୍ଡିଆ କନ୍ଥରାରେ ଶୁଏ
ଦର୍ଶକ ପାଆନ୍ତି ଦଣ୍ଡ।

—ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ Bhubaneswar, Friday, April 3/ 2026

# ହାଇଦ୍ରାବାଦର ବଡ଼ ବିଜୟ

କୋଲକାତା,୨।୪

ହେନରିଚ୍ କ୍ଲାସେନଙ୍କ ଅର୍ଦ୍ଧଶତକ ଓ ନୀତୀଶ କୁମାର ରେଡ୍ଡୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ସନରାଇଜର୍ସ ହାଇଦ୍ରାବାଦ୍(ଏସ୍‌ଆର୍‌ଏଚ୍) ୬୫ ରନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ହାଇଦ୍ରାବାଦ୍ ପକ୍ଷରୁ ପ୍ରଦତ୍ତ ୨୨୭ ରନ ଟାର୍ଗେଟର ପିଛା କରି କୋଲକାତା ୧୬ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ହାଇଦ୍ରାବାଦ୍‌ର ପ୍ରଥମ ବିଜୟ ହୋଇଥିବାବେଳେ କୋଲକାତାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ସନରାଇଜର୍ସଙ୍କୁ ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ୫.୪ ଓଭରରେ ୮୨ ରନର ବିସ୍ଫୋରକ ଆରମ୍ଭ ଦେଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ହେଡ୍ (୨୧ ବଲ, ୪୬ ରନ, ୬ ଚୌକା ଓ ୩ ଛକା), ଅଭିଷେକ (୨୧ ବଲ, ୪୮ ରନ, ୪ ଲେଖାଏ ଚୌକା ଓ ଛକା), ଅଧିନାୟକ ଇଶାନ କିଶନ (୧୪ ରନ, ୩ ଚୌକା) ଓ ଅନିକେତ ବର୍ମା (୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ହେନରିଚ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ ପଞ୍ଚମ ଉଇକେଟରେ ୫୩ ବଲରେ ୮୨ ରନ ଯୋଡ଼ିଥିଲେ। ଫଳରେ ସନରାଇଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ କରିଥିଲା। କ୍ଲାସେନ ୩୫ ବଲରେ ୫୨ (୪ ଚୌକା ଓ ୧ ଛକା) ଓ ନୀତୀଶ ୨୪ ବଲରେ ୩୯ (୪ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। କୋଲକାତା ପାଇଁ ବ୍ଲେସିଂ ମୁଜରାବାନୀ ୪ ଓ ବୈଭବ ୨ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିବା କୋଲକାତା ୧୬ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅଙ୍ଗକ୍ରିଶ ରଘୁବଂଶୀ (୨୯ ବଲ, ୫୨ ରନ, ୬ ଚୌକା ଓ ୨ ଛକା) ଓ ରିଙ୍କୁ ସିଂ (୨୫ ବଲ, ୩୫ ରନ, ୪ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିନ୍ ଆଲେନ ୭ ବଲରେ ୨୮ (୪ ଚୌକା ଓ ୨ ଛକା) ରନ କରିଥିଲେ। ବିଜୟୀ ଦଳ ପାଇଁ ଜୟଦେବ ଉନାଡକଟ ୩ ଉଇକେଟ ନେଇଥିବା ବେଳେ ନୀତୀଶ କୁମାର ଓ ଇଶାନ ମାଲିଙ୍ଗା ୨ ଲେଖାଏ ଉଇକେଟ ହାତେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
**(ଆଜିର ମ୍ୟାଚ)**
**ସିଏସ୍‌କେ ବନାମ ପଞ୍ଜାବ କିଙ୍ଗ୍ସ**
**ସ୍ଥାନ: ଚେନ୍ନାଇ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୨୬/୮ (ଅଭିଷେକ ଶର୍ମା-୪୮, ଟ୍ରାଭିସ ହେଡ-୪୬, ହେନରିଚ୍ କ୍ଲାସେନ-୫୨, ନୀତୀଶ କୁମାର ରେଡ୍ଡୀ-୩୯, ବ୍ଲେସିଂ ମୁଜରାବାନୀ-୪/୪୧, ବୈଭବ ଆରୋରା-୨/୪୭)। କୋଲକାତା ନାଇଟ୍ ରାଇଡର୍ସ: ୧୬ ଓଭରରେ ୧୬୧/ଅଲଆଉଟ୍ (ଅଙ୍ଗକ୍ରିଶ ରଘୁବଂଶୀ-୫୨, ରିଙ୍କୁ ସିଂ-୩୫, ଫିନ ଆଲେନ-୨୮, ଜୟଦେବ ଉନାଡକଟ-୩/୨୧, ନୀତୀଶ କୁମାର ରେଡ୍ଡୀ-୨/୧୭, ଇଶାନ ମଲିଙ୍ଗା-୨/୧୪ )।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ହେନରିଚ୍ କ୍ଲାସେନ।

# ସେମିଫାଇନାଲରେ ରେଡ୍ ଷ୍ଟାର

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

**ରାମକୃଷ୍ଣ ମହାପାତ୍ର ସ୍ମାରକୀ**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ରେଡ୍ ଷ୍ଟାର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରେଡ ଷ୍ଟାର ଦଳ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୧୮୩ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ପି. ନାୟକ ସର୍ବାଧିକ ୫୪ ଓ ସାଇ ବିଶ୍ୱେସ ୪୩ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସୋହମ ପଟ୍ଟନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ପୂରା ୩୦ ଓଭର ଖେଳିଥିଲେ ମଧ୍ୟ ୯ ଉଇକେଟ ହରାଇ ୧୫୫ ରନ ମଧ୍ୟରେ ସୀମିତ ରହିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ଘୋଷାଲ ଅପରାଜିତ ୫୭ ଓ ଆଭାନ୍ ମିଶ୍ର ୩୩ ରନ ସଂଗ୍ରହ କରିଥିଲେ। ବିଜୟୀ ଦଳ ପକ୍ଷରୁ ଏସ.କେ. ସାଲିକ ମହମ୍ମଦ ୬ ଓଭରରେ ୨୬ ରନ ବ୍ୟୟ କରି ବହୁମୂଲ୍ୟ ୩ଟି ଉଇକେଟ ଅକ୍ତିଆର କରିଥିଲେ। ତାଙ୍କର ଉଚ୍ଚକୋଟୀର ବୋଲିଂକୁ ମୁଖ୍ୟ ଅତିଥି ବିଧାୟକ ତଥା ଓଡ଼ିଆ ସିନେମା ଜଗତର ପ୍ରତିଷ୍ଠିତ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉଚ୍ଚ ପ୍ରଶଂସା କରିଥିଲେ। ଅମ୍ପାୟର ଅଜୟ କୁମାର ନାୟକ ଏବଂ ଶାଶ୍ୱତୀ ଶତପଥୀ (ପ୍ରଥମ ଓଡ଼ିଆ ମହିଳା କ୍ରିକେଟ୍ ଅମ୍ପାୟର) ମ୍ୟାଚ ପରିଚାଳନା କରିଥିଲେ। ତପନ କୁମାର ପାଢ଼ୀ ଅତିଥିଙ୍କୁ ସ୍ୱାଗତ କରିଥଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ଭାଗୀରଥି ଜେନା, ପ୍ରସନ୍ନ ନାୟକ, ସୂର୍ଯ୍ୟ ତ୍ରିପାଠୀ, କାମାକ୍ଷା ତ୍ରିପାଠୀ ଓ ସହସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।



ଅତିଥି ପ୍ଲେୟର୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରୁଛନ୍ତି।

# ମହାରାଷ୍ଟ୍ର ବାଳକ ତାମିଲନାଡୁ ବାଳିକା ଚାମ୍ପିୟନ

ଆଠଗଡ, ୨।୪(ସତ୍ୟ ପ୍ରସାଦ ରଥ)

**ଜାତୀୟ ଜୁନିୟର ଖୋଖୋ ଚାମ୍ପିୟନଶିପ୍**

**ଓଡ଼ିଶା ବାଳକ ୩ୟ, ବାଳିକା ୪ର୍ଥ**

ଖୋ-ଖୋ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ଖୋ-ଖୋ ଆସୋସିଏଶନ ପକ୍ଷରୁ ୩ ଦିନ ଧରି ଆଠଗଡ଼ ମହୋତ୍ସବ ପଡ଼ିଆରେ ଚାଲିଥିବା ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପର ବାଳକ ବିଭାଗରେ ମହାରାଷ୍ଟ୍ର ଏବଂ ବାଳିକା ବିଭାଗରେ ତାମିଲନାଡୁ ଚାମ୍ପିୟନ ହୋଇଛି। ବାଳକ ବିଭାଗର ସଂଘର୍ଷପୂର୍ଣ୍ଣ ଫାଇନାଲରେ ମହାରାଷ୍ଟ୍ର ପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣାଟକକୁ ୨୮-୨୭ ପଏଣ୍ଟରେ ପରାସ୍ତ କରିଥିଲା। ଆୟୋଜକ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳିକା ବିଭାଗରେ ପଶ୍ଚିମବଙ୍ଗକୁ ୯-୭ ପଏଣ୍ଟରେ ହରାଇ ଦେଇଥିଲା ତାମିଲନାଡୁ। ଆୟୋଜକ ଓଡ଼ିଶା ଚତୁର୍ଥ ହୋଇଥିଲା। ବାଳିକା ବିଭାଗରେ ଶ୍ରେଷ୍ଠ ଆକ୍ରମଣକାରୀ ପଶ୍ଚିମବଙ୍ଗର ଦୀୟାର୍ତ୍ତ ରାୟ, ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଭାବେ ତାମିଲନାଡୁର ହରାଇସାହି ଶ୍ରେଷ୍ଠ ଅଲରାଉଣ୍ଡର ଭାବରେ ତାମିଲନାଡୁର ମୁଖାସି ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବ ଅବସରରେ ସକାଳେ ସମସ୍ତ ରାଜ୍ୟର ଖେଳାଳିମାନେ ଏକ ଭବ୍ୟ ଶୋଭାଯାତ୍ରାରେ ଆଠଗଡ଼ ସହର ପରିକ୍ରମା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଖୋଖୋ ଓଡ଼ିଶାର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଖୋଖୋ ଇଣ୍ଡିଆ ସଭାପତି ବିନୋଦ କୁମାର ସିଂ, ସମ୍ପାଦକ ସୁରେଶ ଶର୍ମା, କଟକ ଜିଲା ଭାଜପା ସଭାପତି ରାମ ନାରାୟଣ ମହାନ୍ତି, ଡାକ୍ତର ଶାନ୍ତିଭୂଷଣ ପଣ୍ଡା, ଆଠଗଡ଼ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଖୋଖୋ ଓଡ଼ିଶାର ଉପ-ସଭାପତି ବିକ୍ରମ ବିକାଶ ରାୟସାମନ୍ତ, ସମ୍ପାଦକ ମନୋରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଚତୁର୍ଥ ସ୍ଥାନ ଅଧିକାର କରିଥିବା ଓଡ଼ିଶା ବାଳିକା ଦଳ ଟ୍ରଫି ସହ।

# ଓଡ଼ିଶା ତୀରନ୍ଦାଜଙ୍କୁ ୪ ପଦକ



କୋଚ୍‌ଙ୍କ ସହ ଓଡ଼ିଶାର ପଦକ ବିଜେତା ତୀରନ୍ଦାଜ।

କଟକ,୨।୪(କୁମାରଶ୍ରୀ)

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

ରାୟପୁର ଠାରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଓଡ଼ିଶା ତୀରନ୍ଦାଜକୁ ଦୃଷ୍ଟାନ୍ତମୂଳକ ସଫଳତା ମିଳିଛି। ପ୍ରତିଯୋଗିତାରେ ଓଡ଼ିଆ ପ୍ରତିଯୋଗୀମାନେ ମୋଟ୍ ୪ଟି ପଦକ ଜିତିଥିବା ବେଳେ ଏଥିରେ ୨ଟି ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ରହିଛି। ସିଙ୍ଗଲ୍ସ କମ୍ପାଉଣ୍ଡ ରାଉଣ୍ଡରେ କେଶବ ବାନାରା ରୌପ୍ୟ ଓ ସାଗର ରାଇତା ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି କମ୍ପାଉଣ୍ଡ ପୁରୁଷ ଦଳଗତ ଇଭେଣ୍ଟରେ ଓଡ଼ିଶା ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା। ଦଳରେ ଦିବ୍ୟରଞ୍ଜନ ମୁଣ୍ଡା, କେଶବ ଏବଂ ସାଗର ପ୍ରତିନିଧିତ୍ୱ କରୁଥିଲେ। ରିକର୍ଭ ରାଉଣ୍ଡ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଅର୍ଜୁନ ଖାରା ଏବଂ ମମିତା ଓରାମ ରାଜ୍ୟ ପାଇଁ ରୌପ୍ୟ ପଦକ ଜିତିଛନ୍ତି। ପଦକ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଶୁଭେଚ୍ଛା ଜଣାଇଛନ୍ତି।

## ଓଡ଼ିଶାକୁ ଉଭୟ ପୁରୁଷ ଓ ମହିଳା ହକିରେ ସ୍ୱର୍ଣ୍ଣ

ରାୟପୁର, ୨।୪

ଚଳିତ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬ରେ ଓଡ଼ିଶା ଉଭୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସ୍ଥାନୀୟ ବଲ୍ଲଭଭାଇ ପଟେଲ ଇଣ୍ଟରନ୍ୟାଶନାଲ ହକି ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ ଓଡ଼ିଶା ୪-୧ ଗୋଲ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଦଳ ଏକ ରୋମାଞ୍ଚକ ଫାଇନାଲରେ ୧-୦ ଗୋଲ୍‌ରେ ମିଜୋରାମକୁ ହରାଇ ଦେଇଛି। ଝାଡ଼ଖଣ୍ଡ ମହିଳା ବିଭାଗରେ ବ୍ରୋଞ୍ଜ ପାଇଥିବାବେଳେ ପୁରୁଷ ବିଭାଗରେ ଛତିଶଗଡ଼କୁ ବ୍ରୋଞ୍ଜ ମିଳିଛି। ଓଡ଼ିଶାର ମହିଳା ଓ ପୁରୁଷ ହକି ଦଳର ଉଲ୍ଲେଖନୀୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଖେଳାଳିମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଭାନ୍ ଡର୍ ଡୁସେନଙ୍କ ଅବସର

କେପ ଟାଉନ,୨।୪

ଦକ୍ଷିଣ ଆଫ୍ରିକାର ଟପ୍ ଅର୍ଡର ବ୍ୟାଟର ରାସି ଭାନ ଡର ଡୁସେନ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଘରୋଇ କ୍ରିକେଟ ଓ ଫ୍ରାଞ୍ଚାଇଜ କ୍ରିକେଟରେ ଖେଳିବା ଜାରି ରଖିବେ। ଗତ ୭ ମାସ ହେଲା ସେ ଜାତୀୟ ଦଳ ପାଇଁ ଖେଳି ନ ଥିବା ବେଳେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ପକ୍ଷରୁ ତାଙ୍କ ହାଇବ୍ରିଡ୍ ସେଣ୍ଟ୍ରାଲ କଣ୍ଟ୍ରାକ୍ଟକୁ ନବୀକରଣ କରା ନ ଯିବାରୁ ୩୭ ବର୍ଷୀୟ ବ୍ୟାଟର ଅବସର ନେଇଛନ୍ତି। ସେ ଦକ୍ଷିଣ ଆଫ୍ରିକୀୟ କ୍ରିକେଟରଙ୍କର ପରବର୍ତ୍ତୀ ପିଢ଼ିକୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରତିବଦ୍ଧ ବୋଲି ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ଭାନ ଡର ଡୁସେନ ଅନ୍ତର୍ଜାତୀୟ ସ୍ତରରେ ୨୦୧୮ ଅକ୍ଟୋବରରୁ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଦ. ଆଫ୍ରିକା ପାଇଁ ୧୮ ଟେଷ୍ଟ, ୭୧ ଦିନିକିଆ ଓ ୫୭ ଟି୨୦ ଖେଳି ଯଥାକ୍ରମେ ୯୦୫, ୨୬୫୭ ଓ ୧୪୦୬ ରନ କରିଥିଲେ। ଦିନିକିଆରେ ଦ. ଆଫ୍ରିକୀୟ ବ୍ୟାଟରଙ୍କ ମଧ୍ୟରେ ତାଙ୍କ ଆଭରେଜ ଦ୍ୱିତୀୟ ସର୍ବାଧିକ। କେବଳ ଏବି ଡି’ ଭିଲିୟର୍ସଙ୍କ ଆଭରେଜ ତାଙ୍କଠାରୁ ଭଲ ଥିଲା। ସେ ଦିନିକିଆରେ ୬ ଶତକ ଓ ୧୭ ଅର୍ଦ୍ଧଶତକ ହାସଲ କରିଥିଲେ। ୨୦୧୯ରେ ସେ ଖେଳିଥିବା ପ୍ରଥମ ୯ ମ୍ୟାଚ୍‌ରେ ତାଙ୍କର ୫ ଶତକ ଥିଲା। ସେ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ୨ ଶତକ କରିବା ସହ ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ରନ କରିଥିଲେ।




# ୫ରୁ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା

ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)

ରାଜ୍ୟ ବାହୁକୁସ୍ତି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଅଲ ଓଡ଼ିଶା ୪୬ତମ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଚଳିତ ମାସ ୫ ତାରିଖରେ ଅନୁଷ୍ଠିତ ହେବ। ବିଭିନ୍ନ ବୟସ ଯଥା ଜୁନିୟର, ସିନିୟର, ମାଷ୍ଟର ଓ ଦିବ୍ୟାଙ୍ଗ ଏବଂ ବିଭିନ୍ନ ଓଜନ ବର୍ଗରେ ଏହି ପ୍ରତିଯୋଗିତା ମହିଳା ଓ ପୁରୁଷ ବିଭାଗରେ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତାରେ ବାମହାତୀ ପ୍ରତିଯୋଗୀଙ୍କ ପାଇଁ ବାମ ହାତରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଆଗ୍ରହୀ ପ୍ରତିଯୋଗୀମାନେ ୫ ତାରିଖ ସକାଳ ୬ରୁ ୯ଟା ମଧ୍ୟରେ ଉତ୍କଳ କରାଟେ ସ୍କୁଲଠାରେ ନାମ ପଞ୍ଜୀକରଣ କରିପାରିବେ। ଏହି ରାଜ୍ୟ ପ୍ରତିଯୋଗିତାରୁ ଯେଉଁମାନେ ପ୍ରଥମ ସ୍ଥାନ ହାସଲ କରିବେ ସେମାନେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇପାରିବେ।

# ରାଇଜିଂ ଷ୍ଟୁଡେଣ୍ଟ୍ସ-ବିଶ୍ୱଭାରତୀ ଫାଇନାଲ

କଟକ,୨।୪(କୁମାରଶ୍ରୀ)

**ଓସିଏ କ୍ଲବ ଲିଗ୍**

ରାଇଜିଂ ଷ୍ଟୁଡେଣ୍ଟ୍ସ ଏବଂ ବିଶ୍ୱଭାରତୀ କ୍ଲବ ମଧ୍ୟରେ ଓସିଏ କ୍ଲବ ଲିଗ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ଉଭୟ ଦଳ ଟାଇଟଲ୍ ନିମନ୍ତେ ଲଢ଼େଇ କରିବେ। ଏଥି ସହିତ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଲିଗ୍ ଉଦ୍‌ଯାପିତ ହେବ। ଓସିଏ ସହ ଅନୁବନ୍ଧିତ ସମସ୍ତ କ୍ଲବକୁ ନେଇ ୧୯ବର୍ଷ ପରେ ଏଭଳି ଲିଗ୍ ଆୟୋଜନ କରାଯାଇଛି।

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟସ ଏବଂ ୟୁନିୟନ ସ୍ପୋର୍ଟିଂ ସାମ୍ନାସାମ୍ନି ହୋଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ରାଇଜିଂ ୮ ଉଇକେଟ ବିନିମୟରେ ୪୬୧ରନ ସଂଗ୍ରହ କରିଥିଲା। ଦୁଇ ତାରକା ବ୍ୟାଟର ଶୁଭ୍ରାଂଶୁ ସେନାପତି(୧୪୯ରନ) ଏବଂ ଗୋବିନ୍ଦ ପୋଦ୍ଦାର(୧୧୯ରନ) ଶତକ ହାସଲ କରିଥିଲେ। ୪୬୨ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ୟୁନିୟନ ସ୍ପୋର୍ଟିଂ ୩୧୬ରନରେ ଅଲଆଉଟ ହୋଇଥିଲା। କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୬୭ରନ କରିଥିଲେ। ଶତକୀୟ ପାଳି ଖେଳିବା ସହ ୩ ଉଇକେଟ ସଫଳତା ପାଇଥିବା ଗୋବିନ୍ଦ ପ୍ଲେୟାର ଅଫ ଦି ମ୍ୟାଚ ସାବ୍ୟସ୍ତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱଭାରତୀ କ୍ଲବ ୨ ଉଇକେଟରେ ଜୁଭେନାଇଲ କ୍ଲବକୁ ହରାଇଥିଲା। ରାମଚନ୍ଦ୍ର ବେହେରାଙ୍କ ୧୦୧ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ୍ ସମସ୍ତ ଉଇକେଟ ବିନିମୟରେ ୨୩୬ରନ କରିଥିଲା। ଅଭିଷେକ ଯାଦବ ୪ଟି ଏବଂ ଗୌରବ କୁମାରଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୪୬.୨ ଓଭରରେ ୮ ଉଇକେଟ ହରାଇ ବିଶ୍ୱଭାରତୀ ଦଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗୌରବ ମ୍ୟାଚ୍ ବିଜୟୀ ୫୧ରନର ଅପରାଜିତ ପାଳି ଖେଳି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।







ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଥମ ମ୍ୟାଚ୍‌ର ଗୋବିନ୍ଦ ପୋଦାର ଓ ଦ୍ୱିତୀୟ ମ୍ୟାଚ୍‌ର ଗୌରବ କୁମାର।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ